

ପୁଣି ଏକାଠି ମୋନା-ଅମିର

▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-32 •BHUBANESWAR •SATURDAY •27 JULY 2024 •PAGE-16 •₹ 6.00

•ବର୍ଷ-୪୨ •ସଂଖ୍ୟା-୩୨ •ଭୁବନେଶ୍ୱର •ଶନିବାର •୨୭ ଜୁଲାଇ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


**୩୩ ତମ ଅଲିମ୍ପିକ୍ କ୍ରୀଡ଼ା ଉଦ୍‌ଘାଟିତ**

# ଝଲସିଲା ପ୍ୟାରିସ୍

■ **ପ୍ୟାରିସ୍, ୨୬।୭ (ଏଜେନ୍ସି):** ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି ବିଶ୍ୱର ସର୍ବବୃହତ କ୍ରୀଡ଼ା ପ୍ରତିଯୋଗିତା ଗ୍ରୀଷ୍ମକାଳୀନ ୩୩ତମ ଅଲିମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତା। ପ୍ୟାରିସ୍‌ର ବିଶ୍ୱବିଖ୍ୟାତ ଏଫିଲ ଟାୱାର ନିକଟରେ ଥିବା ସିନ ନଦୀ ଉପରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଅଲିମ୍ପିକ୍ସର ଉଦଘାଟନୀ ଉତ୍ସବ ପ୍ରଥମଥର ଷ୍ଟାଡିୟମ୍‌ରେ ଆୟୋଜିତ ନ ହୋଇ ନଦୀ ଉପରେ ଆୟୋଜିତ ହୋଇଥିବାରୁ ଏହା ଖୁବ୍ ରୋମାଞ୍ଚକ ହୋଇଥିଲା। ଏହି ଉତ୍ସବକୁ ନଦୀର ଦୁଇ କୂଳରେ ଉପସ୍ଥିତ ସର୍ବାଧିକ ୬ ଲକ୍ଷ ଦର୍ଶକ ଉପସ୍ଥିତ ବୋଲି ରିପୋର୍ଟରେ କୁହାଯାଇଛି। ଏଭଳି ଏକ କ୍ରୀଡ଼ା ମହାକୁମ୍ଭରେ ୧୦,୦୦୦ରୁ ଅଧିକ ପ୍ରତିଯୋଗୀ ନୌକାରେ ପରେଡ କରିବା ମଧ୍ୟ ରୋମାଞ୍ଚ ଭରିଦେଇଛି। ଏହାକୁ ମଧ୍ୟ ଭାସମାନ ଉଦ୍‌ଘାଟନୀ ଉତ୍ସବ ଆଖ୍ୟା ଦିଆଯାଉଛି। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ାବିତ୍, ଡଜନ ଡଜନ ପ୍ରଭାବଶାଳୀ ବିଶ୍ୱ ନେତୃବୃନ୍ଦ, ୩,୦୦୦ରୁ ଅଧିକ କଳାକାର, ୪୫,୦୦୦ ସ୍ୱେଚ୍ଛାସେବୀଙ୍କ ▶ପୃଷ୍ଠା-୯



**ଅଲିମ୍ପିକ୍ସ ପୂର୍ବରୁ ଫ୍ରାନ୍ସରେ ହିଂସା**

# ରେଳ ଲାଇନରେ ଭଙ୍ଗାରୁଜା, ଅଗ୍ନିକାଣ୍ଡ

**ଯୋଜନାବଦ୍ଧ ଷଡ଼ଯନ୍ତ୍ର କହିଲେ ପ୍ରଧାନମନ୍ତ୍ରୀ**

■ **ପ୍ୟାରିସ, ୨୬।୭ (ଏଜେନ୍ସି):** ଅଲମ୍ପିକ ଉଦ୍‌ଘାଟନୀ ସମାରୋହ ଆରମ୍ଭ ହେବାର ପ୍ରାୟ ୧୦ ଘଣ୍ଟା ପୂର୍ବରୁ ଶୁକ୍ରବାର ସକାଳ ୫ଟା ୧୫ରେ ଫ୍ରାନ୍ସ ଟ୍ରେନ୍ ନେଟ୍‌ୱର୍କ ଉପରେ ଆକ୍ରମଣ ହୋଇଛି। ଅନେକ ରେଲଧାରଣା ଭାଙ୍ଗି ଦିଆଯାଇଛି। ବିଦ୍ୟୁତ ତାର ମଧ୍ୟ ଜାଳି ଦିଆଯାଇଥିବା ସୂଚନା ମିଳିଛି। ଏଥିଯୋଗୁଁ ଟ୍ରେନ୍ ଚଳାଚଳ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଯାତ୍ରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅନେକ ଷ୍ଟେସନରେ ଯାତ୍ରୀ ଅଟକି ରହିଛନ୍ତି। ଏହା ଦ୍ୱାରା ୨.୫ ଲକ୍ଷ ଯାତ୍ରୀ ପ୍ରଭାବିତ ହୋଇଛନ୍ତି। ୮ ଲକ୍ଷ ଲୋକଙ୍କ ଉପରେ ଏହାର ପ୍ରଭାବ ପଡ଼ିଛି। ଏହି ଆକ୍ରମଣ କିଏ ଏବଂ କାହିଁକି କରିଛି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଫ୍ରାନ୍ସର ନ୍ୟାସନାଲ ରେଲୱେ କମ୍ପାନୀ ଏସଏନସିଏଫ୍‌ର ସୂଚନା ଅନୁଯାୟୀ ଆକ୍ରମଣର ଅଧ ଘଣ୍ଟା ଭିତରେ ପ୍ୟାରିସ୍‌କୁ ଯାଆସ କରୁଥିବା ଅନେକ ଟ୍ରେନକୁ ବାତିଲ କରିଦିଆଯାଇଛି। ଅନେକ ଟ୍ରେନ୍ ୯୦ ମିନିଟରୁ ଅଧିକ ବିଳମ୍ବରେ ଚାଲୁଛି। ସପ୍ତାହେ ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ଉପରେ ଏହାର ପ୍ରଭାବ ରହିବ ବୋଲି କୁହାଯାଇଛି। ଫ୍ରାନ୍ସର ପଶ୍ଚିମ, ଉତ୍ତର ଏବଂ ପୂର୍ବରେ ଥିବା ରେଳ ଲାଇନ ଅଧିକ ପ୍ରଭାବିତ ହୋଇଛି। ଏହା ଦ୍ୱାରା ପଡୋଶୀ ଦେଶ ବେଲଜିୟମ ଏବଂ ଲଣ୍ଡନ ଯାଉଥିବା ଟ୍ରେନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ନିଜ ଯାତ୍ରାକୁ ବାତିଲ କରିବା ପାଇଁ ▶ପୃଷ୍ଠା-୯

# ଆଉ କେତେଦିନ ଆଳୁ ଯନ୍ତ୍ରଣା ?

## ଦୁଇ ଦିନ ଭିତରେ ସ୍ୱାଭାବିକ ହେବ ସ୍ଥିତି: ମନ୍ତ୍ରୀ

**ଗୋଦାମ ବୁଲି ସ୍ଥିତି ପରଖିଲେ ମନ୍ତ୍ରୀ**

**ମାତ୍ର ୭ଦିନ ପାଇଁ ମହଜୁଦ୍ ଅଛି ଆଳୁ**

**୩୨ରୁ ଅଧିକ ଟଙ୍କାରେ ବିକିଲେ କାର୍ଯ୍ୟାନୁଷ୍ଠାନ**



■ **ଭୁବନେଶ୍ୱର, ୨୬।୭ (ସମିସ):** ଗତ କିଛି ଦିନ ଧରି ସମଗ୍ର ରାଜ୍ୟରେ କଞ୍ଚା ପରିବା ଦର ଉପରମୁହାଁ ରହିଛି। ପନିପରିବାର ମାତ୍ରାଧିକ ଦରବୃଦ୍ଧି ସାଧାରଣ ଖାଉଟିଙ୍କ ଚିନ୍ତା ବଢ଼ାଇ ଦେଇଛି। ଆମ ରାଜ୍ୟରେ ଚାହିଦା ଅନୁସାରେ ପନିପରିବା ଉତ୍ପାଦନ ହେଉ ନଥିବାରୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ପନିପରିବା ଦର ଉପରେ ସରକାରଙ୍କ କୌଣସି ନିୟନ୍ତ୍ରଣ ନାହିଁ ବୋଲି ବିଭାଗୀୟ ମନ୍ତ୍ରୀ କହିବା ପରେ ଗରିବଙ୍କଠାରୁ ନିମ୍ନ ମଧ୍ୟବିତ୍ତ ପର୍ଯ୍ୟନ୍ତ ସମସ୍ତଙ୍କ ସାହାରା ପାଲଟିଥିଲା ଆଳୁ। ପରିବା କମ୍ ହେଉ ପଛେ; ଆଳୁକୁ ବ୍ୟବହାର କରି ଯେନତେନ ପ୍ରକାରେଣ ପରିବାର ଚଳି ଯାଉଥିଲା। ମାତ୍ର ଏବେ ହଠାତ୍ ବଜାରରେ ଆଳୁର ତିରୋଟାଭାବ ଓ ଦରବୃଦ୍ଧି ଖାଉଟିଙ୍କ ହଂସା ଉଡ଼ାଇ ଦେଇଛି। ମୁଖ୍ୟତଃ ପଶ୍ଚିମବଙ୍ଗରୁ ଆଳୁ ଆସିପାରୁ ନ ଥିବା ଯୋଗୁଁ ରାଜ୍ୟରେ ଏହି ସମସ୍ୟା ସୃଷ୍ଟି ହୋଇଛି। ଆଳୁର ଅଭାବ ବଢୁଥିବା ଯୋଗୁଁ ଖାଉଟିଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ଓ ସରକାରଙ୍କ ଚିନ୍ତା ବଢ଼ିଯାଇଛି।

ବଜାରରେ ଆଳୁର ଦର ବୃଦ୍ଧି ସମସ୍ୟା ପରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶୁକ୍ରବାର ଭୁବନେଶ୍ୱରସ୍ଥିତ ଆଇଗିଣିଆ ଆଳୁ ଗୋଦାମକୁ ଯାଇ ସ୍ଥିତି ପରଖିଛନ୍ତି। ମନ୍ତ୍ରୀ କହିଛନ୍ତି, ଏବେ ଯେତିକି ଆଳୁ ମହଜୁଦ ଅଛି, ତା' ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ରାଜ୍ୟରେ ଆଳୁ ଚାହିଦାକୁ ପୂରଣ କରିପାରିବ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ଅଧିକାରୀଙ୍କ ସହ ଖାଦ୍ୟ ଯୋଗାଣ ବିଭାଗ ଅଧିକାରୀ ଫୋନ୍ ଯୋଗେ ବାର୍ତ୍ତାଳାପ କରିଛନ୍ତି। ଆଳୁ ସମସ୍ୟାର ▶ପୃଷ୍ଠା-୯

## ମମତାଙ୍କ ହସ୍ତକ୍ଷେପ ଲୋଡ଼ିଲେ ନବୀନ

■ **ଭୁବନେଶ୍ୱର, ୨୬।୭ (ସମିସ):** ଓଡ଼ିଶାରେ ଆଳୁ ସଂକଟ ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଓଡ଼ିଶାକୁ ଆଳୁ ଯୋଗାଣରେ ଉପୁଜିଥିବା ସମସ୍ୟା ସମାଧାନ ପାଇଁ ନବୀନ ପଟ୍ଟନାୟକ ମମତାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ନବୀନ ନିଜ ଚିଠିରେ ଦର୍ଶାଇଛନ୍ତି ଯେ ଓଡ଼ିଶାବାସୀଙ୍କ ପାଇଁ ଆଳୁ ଏକ ଅତ୍ୟାବଶ୍ୟକ ସାମଗ୍ରୀ। ମାତ୍ର ବର୍ଷା ଯୋଗୁଁ ଓଡ଼ିଶା ବଜାରରେ ଆଳୁ ଯୋଗାଣରେ ଅଭାବ ପରିଲକ୍ଷିତ ହୋଇଛି। ଏହାଦ୍ୱାରା ରାଜ୍ୟରେ ଆଳୁ ଦର ବୃଦ୍ଧି ଘଟିଥିବା ଯୋଗୁଁ ସାଧାରଣ ଲୋକ ପ୍ରଭାବିତ ହେଉଛନ୍ତି। ଅନ୍ୟପଟେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଆଳୁ ବୋଝେଇ ▶ପୃଷ୍ଠା-୯



SHRI NAVEEN PATNAIK
Leader of Opposition
Odisha Legislative Assembly
Odisha, Bhubaneswar

Dear Mamata Di,

As you know, potatoes are an essential item for our people. Due to the rains, there has been a short supply of potatoes in Odisha market, resulting in an artificial price rise adding to the sufferings of the common person.

I understand from the media that long queues of trucks (more than 50) loaded with potatoes are waiting at the West Bengal Odisha border.

On earlier similar occasions, your noble gesture has earned the love and affection of our people. People of Odisha and West Bengal have strong cultural bonds and we are all devotees of Mahaprabhu Sri Jagannath.

I request you to kindly intervene in the matter and ensure smooth supply of potatoes to Odisha.

Looking forward to your support in the interest of the people of Odisha.

With regards

Yours Sincerely,

(Naveen Patnaik)

Ms. Mamata Banerjee,
Hon'ble Chief Minister, West Bengal

**ନିଟ୍-ୟୁଜି ସଂଶୋଧିତ ଫଳାଫଳ ଜାରି**

## ଟପ୍ପର ସଂଖ୍ୟା ୬୧ରୁ ୧୭କୁ ହ୍ରାସ

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶୁକ୍ରବାର ନିଟ୍ ୟୁଜି-୨୦୨୪ର ସଂଶୋଧିତ ଫଳାଫଳ ଜାରି କରିଛି। ନୂଆ ଫଳାଫଳରେ ୪.୨ ଲକ୍ଷ ଛାତ୍ରଛାତ୍ରୀଙ୍କ ର୍‌ୟାଙ୍କ ବଦଳି ଯାଇଛି। ଟପ୍ପରଙ୍କ ସଂଖ୍ୟା ମଧ୍ୟ ୬୧ରୁ ୧୭କୁ ହ୍ରାସ ପାଇଛି। ଏହି ପରୀକ୍ଷାରେ ୧୩ ଲକ୍ଷ ୧୫ ହଜାର ୮୫୩ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଜୁନ୍ ୪ରେ ଘୋଷଣା କରାଯାଇଥିବା ଫଳାଫଳଠାରୁ ଏହି ସଂଖ୍ୟା ହ୍ରାସ ପାଇଛି। ସେତେବେଳେ ୧୩ ଲକ୍ଷ ୧୬ ହଜାର ୨୬୮ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଥିଲେ। ଫିଜିକ୍ସ (ପଦାର୍ଥ ବିଜ୍ଞାନ) ର ଏକ ପ୍ରଶ୍ନ ଯୋଗୁଁ ଏପରି ହୋଇଥିଲା। ପରୀକ୍ଷାରେ ଏହି ପ୍ରଶ୍ନ ପାଇଁ ଦିଆଯାଇଥିବା ୨ଟି ବିକଳ୍ପ ଠିକ୍ ଥିଲା। କିନ୍ତୁ ସୁପ୍ରିମକୋର୍ଟ ଏକ କମିଟି ବନାଇ ଗୋଟିଏ ବିକଳ୍ପ ଚୟନ କରିବାକୁ କହିଥିଲେ। ଏହା ସହିତ ଏନ୍‌ଟିଏକୁ ସଂଶୋଧିତ ଫଳାଫଳ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ୬୭ ଜଣ ଟପ୍ପର ଥିବାବେଳେ ଗ୍ରେସ୍ ମାର୍କ ବିବାଦ ଯୋଗୁଁ ଏହି ସଂଖ୍ୟା ହ୍ରାସ ପାଇଥିଲା। ସୂଚନାଯୋଗ୍ୟ ଯେ ମେ' ୫ ତାରିଖରେ ନିଟ୍-ୟୁଜି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪, ୦୬, ୦୭୯ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ। ନୂଆ ଫଳାଫଳରେ ଦିଲ୍ଲୀର ମୃଦୁଲ ମାନ୍ୟା ଆନନ୍ଦ ପ୍ରଥମ ସ୍ଥାନରେ ଅଛନ୍ତି। ତାଙ୍କ ପଛକୁ ଉତ୍ତର ପ୍ରଦେଶର ଆୟୁଷ ନୌଗରେୟା, ବିହାରର ମାଜିନ ମନ୍‌ସୁର, ରାଜସ୍ଥାନର ପ୍ରାଚିତା, ସୌରଭ, ଦିଲ୍ଲୀର ଦିବ୍ୟାଂଶ ପ୍ରମୁଖ ରହିଛନ୍ତି।




**ବଦଳିଲା ୪.୨ ଲକ୍ଷ ଆଶାୟୀଙ୍କ ର୍‌ୟାଙ୍କ**

**ବିଧାନସଭାରେ ପାରିତ ବିଲ୍ ଅଟକାଇବା ମାମଲା**

## କେରଳ, ପଶ୍ଚିମବଙ୍ଗ ରାଜ୍ୟପାଳ, କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନୋଟିସ



**ଅନୁମୋଦନ ସମୟସୀମା ଧାର୍ଯ୍ୟ ଲାଗି ନିବେଦନ**

■ **ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ରାଜ୍ୟ ବିଧାନସଭାରେ ପାରିତ ବିଲ୍‌କୁ ଅଟକାଇବା ମାମଲାରେ ସୁପ୍ରିମକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହାକୁ ନେଇ କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନ ଏବଂ ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କ ସଚିବ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରାଳୟକୁ ଭାରତର ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡଙ୍କ ଖଣ୍ଡପୀଠ ନୋଟିସ ଜାରି କରିଛନ୍ତି। ତିନି ସପ୍ତାହ ଭିତରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ରାଜ୍ୟପାଳ ୮ଟି ବିଲ୍ ଏବଂ କେରଳ ରାଜ୍ୟପାଳ ୭ଟି ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରି ▶ପୃଷ୍ଠା-୯

**ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ**

## ୩ ଦିନ ବର୍ଷା

**୨୭ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

**୩୦ ତାରିଖରୁ ପୁଣି ବଢ଼ିବ ବର୍ଷା ପ୍ରଭାବ**

■ **ଭୁବନେଶ୍ୱର, ୨୬।୭ (ସମିସ):** ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ବାଂଲାଦେଶ ଓ ଗାଙ୍ଗେୟ ଉପତ୍ୟକାରେ ସକ୍ରିୟ ହୋଇଛି। ଏହାର ପ୍ରଭାବରେ ଶନିବାର ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ପରବର୍ତ୍ତୀ ୩ ଦିନ ପ୍ରବଳ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର। ଶନିବାର ଢେଙ୍କାନାଳ, କଟକ, ସୋନପୁର, ବରଗଡ଼, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ ଓ ନୟାଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରେଫସର ସୁରେନ୍ଦ୍ରନାଥ ପଶୁପାଳକ ▶ପୃଷ୍ଠା-୯

## ୟୁନିଫର୍ମ ସେବାରେ ଅଗ୍ନିବୀରଙ୍କୁ ନିଯୁକ୍ତି

**୧୦ ପ୍ରତିଶତ ସଂରକ୍ଷଣ, ବୟସ ସୀମା ୫ ବର୍ଷ ପର୍ଯ୍ୟନ୍ତ କରାଯିବ କୋହଳ**

**ସେନାବାହିନୀରେ ଭର୍ତ୍ତି ହୋଇନଥିଲେ ମିଳିବ ନିଯୁକ୍ତି**

■ **ଭୁବନେଶ୍ୱର, ୨୬।୭ (ସମିସ):** ନିଜ ନୂଆଦିଲ୍ଲୀ ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଛନ୍ତି। ରାଜ୍ୟ ସରକାର ଓଡ଼ିଶାର ୟୁନିଫର୍ମ ସେବାରେ ଅଗ୍ନିବୀରମାନଙ୍କୁ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାର ଯେଉଁ ଅଗ୍ନିବୀରମାନେ ସେନାବାହିନୀରେ ଭର୍ତ୍ତି ହୋଇ ନଥିବେ, ସେମାନଙ୍କ ପାଇଁ ରାଜ୍ୟର ସବୁ ୟୁନିଫର୍ମ ସେବାରେ ନିଯୁକ୍ତି ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ ଦିଆଯିବ। ସେମାନଙ୍କ ପାଇଁ ବୟସ ସୀମା ମଧ୍ୟ ୫ ବର୍ଷ କୋହଳ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଭାରତୀୟ ସେନାରେ ଯୋଗ ଦେଇଥିବା ସବୁ ସୈନିକ ମାନେ ଆମର ଗର୍ବ ଓ ଗୌରବ। ଆମର ଅଗ୍ନିବୀରମାନେ ମଧ୍ୟ ସେନାବାହିନୀରେ ଦକ୍ଷ ପ୍ରଶିକ୍ଷଣ ପାଇ ବିଭିନ୍ନ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ ▶ପୃଷ୍ଠା-୯

## ୩ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୨୬।୭ (ସମିସ):** ଆଜିଠୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଶନିବାର ଦିଲ୍ଲୀଠାରେ ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ଯୋଗ ଦେବେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମଧ୍ୟ ନୀତି ଆୟୋଗ ବୈଠକରେ ଯୋଗ ଦେବେ। ପରବର୍ତ୍ତୀ ସମୟରେ ବିଜେପିର ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ରହିଛି। ଏହାସହ ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଭେଟିପାରନ୍ତି ବୋଲି ଜଣାପଡ଼ିଛି।

**ବିପିସିଏଲ ସିଟି ଗ୍ୟାସ ଷ୍ଟେସନକୁ ନେଇ ବଢୁଛି ଅସନ୍ତୋଷ**

## ସ୍ଥାନୀୟ ନିଯୁକ୍ତି ଧୂଆଁବାଣ; ଆନ୍ଦୋଳନ ପାଇଁ ସଜବାଜ

■ **ବ୍ୟାସନଗର, ୨୬।୭ (ସମିସ):** କୋରେଇ ବ୍ଲକ ବ୍ୟାସନଗର ତହସିଲର ବଡ଼ବିରୁହାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ଛୋଟରାୟପୁରରେ ବିପିସିଏଲ୍ ସିଟି ଗ୍ୟାସ ଷ୍ଟେସନ ସ୍ଥାପନ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ। ଏଥିସହ ବିପିସିଏଲ୍ ପକ୍ଷରୁ କୌଣସି ସ୍ଥାନୀୟ ନିଯୁକ୍ତି ନ ଥିବାରୁ ଏ ଅଞ୍ଚଳର ଲୋକେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ସଂସ୍ଥା ଭାରତ ଗ୍ୟାସ ରିସୋର୍ସେସ ଲିମିଟେଡର ସହରାଞ୍ଚଳରେ ଗ୍ୟାସ ବିତରଣ କେନ୍ଦ୍ର ପାଇଁ ପ୍ରସ୍ତାବ ରହିଥିଲା। ଛୋଟରାୟପୁର ମୌଜା ଖାତା ନଂ୫୬୯, ପ୍ଲଟ ନଂ-୨୨୦୦ରୁ ଏ ୧୨.୭୮ ଡିସିମିଲ ଗୋଚର ଜମିର କିସମ ପରିବର୍ତ୍ତନ କରାଯିବା ନିମନ୍ତେ ସ୍ଥାନୀୟ ଗ୍ରାମବାସୀଙ୍କୁ ନୋଟିସ ଜାରି କରାଯାଇଥିଲା। ନୋଟିସ ଜାରି ପରେ ସ୍ଥାନୀୟ ଅଞ୍ଚଳର ଲୋକେ ଏହାକୁ ତୀବ୍ର ବିରୋଧ କରିଥିଲେ। ଏହି ଜମି ଗ୍ରାମର ଏକମାତ୍ର ଗୋଚର ଜମି ହୋଇଥିବାରୁ ଏଠାରେ ପ୍ରକଳ୍ପ କରାଗଲେ ଗ୍ରାମରେ ଚାରଣ ଭୂମି ସମସ୍ୟା ଦେଖାଯିବ ବୋଲି ଅଭିଯୋଗ କରିଥିଲେ। ୨୦୨୦ ଫେବୃଆରୀ ୫ ତାରିଖରେ ଏହି ଗୋଚର ଜମିରେ ପ୍ରକଳ୍ପ ନ କରିବାକୁ ସ୍ଥାନୀୟ ▶ପୃଷ୍ଠା-୯




**'ସୁଭଦ୍ରା' ପ୍ରତାରଣା**

## ବଞ୍ଚିତ ହେବେ ରାଜ୍ୟର ୮ ୫ଲକ୍ଷ ମହିଳା

- ବଜେଟ୍‌ରେ ୨୦ ଲକ୍ଷ ମହିଳାଙ୍କ ପାଇଁ ୧୦ ହଜାର କୋଟି ବରାଦ
- ସାମିଲ ହେବେ ବାର୍ଷିକ ଦେଢ଼ ଲକ୍ଷ ଟଙ୍କାରୁ କମ୍ ଆୟକାରୀ ମହିଳା
- କେବଳ ୨୧ରୁ ୫୯ ବର୍ଷ ବର୍ଗର ମହିଳାଙ୍କୁ ମିଳିବ ସୁଭଦ୍ରା ରାଶି
- ପାଞ୍ଚ ବର୍ଷ ମଧ୍ୟରେ ଖର୍ଚ୍ଚ ପାଇଁ ୫୦ ହଜାର ଟଙ୍କାର ଭାଉଚର
- ମୋବାଇଲ ଓ ଟିଭି ରିଚାର୍ଜ, ଗ୍ୟାସ କ୍ରୟ ଆଦିରେ ବ୍ୟୟ ହେବ
- ବିଧବା, ପରିତ୍ୟକ୍ତା, ବିବାହ ବିଚ୍ଛେଦ ହୋଇଥିବା ମହିଳାଙ୍କୁ ଭାଉଚର

■ **ଭୁବନେଶ୍ୱର, ୨୬।୭ (ସମିସ):** ରାଜ୍ୟର ପ୍ରତ୍ୟେକ ପରିବାରର ଜଣେ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ସହାୟତା ଦିଆଯିବ । ନିର୍ବାଚନ ପୂର୍ବରୁ ବିଜେପିର ଘୋଷଣାପତ୍ରରେ ଏହା ପ୍ରକାଶିତ ହୋଇଥିଲା। ବିଜେପିର ଜାତୀୟ ଓ ରାଜ୍ୟ ନେତାମାନେ ବିଭିନ୍ନ ସ୍ଥାନରେ ନିର୍ବାଚନୀ ସମାବେଶରେ ଏହା ଘୋଷଣା କରିଥିଲେ । ରାଜ୍ୟରେ ସରକାର ଗଠନର ପ୍ରଥମ ଦିନ ଅର୍ଥାତ୍ ଜୁନ୍ ୧୨ ତାରିଖ ସନ୍ଧ୍ୟାରେ ଅନୁଷଠିତ ପ୍ରଥମ କ୍ୟାବିନେଟରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ସହ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନରେ ରାଜଧାନୀରେ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇ ମହିଳାମାନଙ୍କୁ ସୁଭଦ୍ରା ଭାଉଚର ବଣ୍ଟନ କରାଯିବ ବୋଲି ମଧ୍ୟ ସରକାର ଘୋଷଣା କଲେ। ମାତ୍ର ବଜେଟ୍‌ରେ ଏହି ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କା ବ୍ୟୟବରାଦ ହେବା ପରେ ଏହାର କାର୍ଯ୍ୟକାରିତାକୁ ନେଇ ଉଠିଛି ପ୍ରଶ୍ନ । ବଜେଟରେ ଆବଣ୍ଟିତ ରାଶିରେ ରାଜ୍ୟର ସର୍ବାଧିକ ୨୦ ଲକ୍ଷ ମହିଳା ଉପକୃତ ହୋଇପାରିବାର ବ୍ୟବସ୍ଥା ଥିବାରୁ ଅବଶିଷ୍ଟ ୮୦ଲକ୍ଷ ମହିଳା ଏଥିରୁ ବଞ୍ଚିତ ହେବା ସ୍ପଷ୍ଟ ହୋଇ ଯାଇଛି । ଯଦିଓ ଏହି ଯୋଜନାର ମୋଡ଼ାଲିଟି ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ, ତଥାପି ପ୍ରସ୍ତୁତ କରାଯାଇଥିବା ସର୍ତ୍ତ ଓ ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ନିର୍ବାଚନ ସମୟରେ ବିଜେପିର ଘୋଷଣାପତ୍ରରେ ସ୍ଥାନୀତ ହୋଇଥିବା 'ସୁଭଦ୍ରା' ଏବେ ପ୍ରତାରଣାର ଗ୍ୟାରେଣ୍ଟିରେ ପରିଣତ ହେବାକୁ ଯାଉଛି। ▶ପୃଷ୍ଠା-୯

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com



ଆଜି ବାହୁଡ଼ିଥିଲେ

# ମହାକାଶ ବିଜ୍ଞାନର ମହାନାୟକ



ଦେଶର ଏକାଦଶ ରାଷ୍ଟ୍ରପତି ତଥା ମିସାଇଲମ୍ୟାନ୍ ଭାବେ ପରିଚିତ ଡକ୍ଟର ଏପିଜେ ଅବଦୁଲ କଲାମ ବୈଜ୍ଞାନିକ ଭାବେ ଯେତିକି ନାଁ ଅର୍ଜିଥିଲେ, ଭାରତର ରାଷ୍ଟ୍ରପତି ଭାବରେ ମଧ୍ୟ ଦେଶ ବିଦେଶରେ ତାଙ୍କର ସେତିକି ଖ୍ୟାତି ରହିଥିଲା। ଆଜି ସେହି ମହାନ୍ ବ୍ୟକ୍ତିଙ୍କ ଶ୍ରାଦ୍ଧବାର୍ଷିକୀ। ଭାରତରେ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସଫଳତାର ଶିଖରରେ ପହଞ୍ଚାଇବାରେ କଲାମଙ୍କ ଯୋଗଦାନ ଅତୁଳନୀୟ। ୧୯୯୮ ଐତିହାସିକ ପୋଖରାନ୍ ଆଣବିକ ବୋମା ପରୀକ୍ଷଣରେ ସେ ଥିଲେ ମୁଖ୍ୟ ପୁରୋଧା। ତାଙ୍କ ତତ୍ତ୍ୱାବଧାନରେ ନିର୍ମାଣ ହୋଇଥିଲା ଭାରତର ପ୍ରଥମ ସାଟେଲାଇଟ୍ ଲଞ୍ଚର ଭେଇକିଲ ଏସଏଲଭି -୩। ଦେଶକୁ ସେ ଭେଟିଦେଇଥିଲେ ଅଗ୍ନି, ତ୍ରିଶୂଳ, ପୃଥ୍ୱୀ, ବ୍ରହ୍ମୋସ୍ ପରି କ୍ଷେପଣାସ୍ତ୍ର। ବିଜ୍ଞାନ, ଅନୁସନ୍ଧାନ କ୍ଷେତ୍ରରେ ଅବଦୁଲ କଲାମଙ୍କ ଯୋଗଦାନ ପାଇଁ ତାଙ୍କୁ 'ମିସାଇଲ ମ୍ୟାନ୍' ବୋଲି କୁହାଯାଏ। ଅବଦୁଲ କଲାମ ପ୍ରଚଣ୍ଡ ମେଧାର ଅଧିକାରୀ ହୋଇଥିଲେ ମଧ୍ୟ ତାଙ୍କ ନମ୍ର, ସରଳ ବ୍ୟକ୍ତିତ୍ୱ ପାଇଁ ପ୍ରତିଟି ମଣିଷର ହୃଦୟରେ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ସେ ଥିଲେ ଜଣେ ନିର୍ବିବାଦୀୟ ରାଷ୍ଟ୍ରନାୟକ, ଲୋକଙ୍କର ରାଷ୍ଟ୍ରପତି, ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିବିଶେଷ। ବିଶେଷ କଥାଟି ହେଲା, ଯୁବପିଢ଼ିଙ୍କ ପାଇଁ ସେ ଥିଲେ ପ୍ରେରଣାର ନିର୍ଝରିଣୀ।

୧୯୩୧, ଅକ୍ଟୋବର ୧୫ରେ ମାନ୍ଦ୍ରାସ ଅନ୍ତର୍ଗତ ରାମେଶ୍ୱରରେ ଜନ୍ମଗ୍ରହଣ କରିଥିଲେ କଲାମ୍। ତାଙ୍କର ପରିବାରର ଆର୍ଥିକ ପରିସ୍ଥିତି ସେ ସମୟରେ ବହୁତ ଖରାପ ଥିଲା। ତେଣୁ ସେ ପିଲାଟି ବେଳୁ ନିଜକୁ ବିଭିନ୍ନ କାମରେ ନିୟୋଜିତ କରିଥିଲେ। ଏମିତିକି ସେ ଘର ଘର ବୁଲି ଖବରକାଗଜ ମଧ୍ୟ ବିକୁଥିଲେ। ସଂଘର୍ଷମୟ ଜୀବନକୁ ପଛରେ ପକାଇ ପିଲାବେଳୁ ସେ ସଫଳତା ପରେ ସଫଳତା ହାସଲ କରି ଚାଲିଥିଲେ। ସେ ତିରୁଚିଲାପଲ୍ଲୀର ସେଣ୍ଟ ଜୋସେଫ୍ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ୧୯୬୦ରେ ମାନ୍ଦ୍ରାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ମହାକାଶ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସେ ଡିଆରଡିଓରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ପରେ ସେ ବିଖ୍ୟାତ ବୈଜ୍ଞାନିକ ବିକ୍ରମ ସରାଭାଇଙ୍କ ଅଧୀନରେ କାର୍ଯ୍ୟ କରିବାର ସୁଯୋଗ ପାଇଥିଲେ। ୧୯୬୯ରେ ସେ ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ ବା ଇସ୍ରୋକୁ ବଦଳି ହୋଇ ଯାଇଥିଲେ। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ଅଗ୍ନି, ତ୍ରିଶୂଳ, ପୃଥ୍ୱୀ, ଆକାଶ, ଓ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ଭାରତର ଏକାଦଶ ରାଷ୍ଟ୍ରପତି ଥିଲେ। ରାଷ୍ଟ୍ରପତି ହେବା ପରେ ମଧ୍ୟ ସେହିଭଳି ସାଧାରଣ ଜୀବନଯାପନ କରୁଥିଲେ କଲାମ। ସଭାସମିତିରେ ଚାକଚକ୍ୟ ଆସନ ଅଳଙ୍କୃତ କରିବା ତ ଦୂରର କଥା, କହାରିଠାରୁ ଫୁଲତୋଡ଼ାଟିଏ ଗ୍ରହଣ କରିବାକୁ ସେ କୁଣ୍ଠା ପ୍ରକାଶ କରୁଥିଲେ। କଲାମ ତାଙ୍କ ଜୀବନ କାଳରେ ଅନେକ ପୁସ୍ତକ ମଧ୍ୟ ଲେଖିଛନ୍ତି। ତାଙ୍କ ଆତ୍ମଜୀବନୀ 'ୱିଙ୍ଗସ୍ ଅଫ୍ ଫାୟାର୍', 'ଇଣ୍ଡିଆ ୨୦୨୦- ଏ ଭିଜନ୍ ଫର୍ ଦ ନ୍ୟୁ ମିଲେନିୟମ୍, 'ଇଗ୍‌ନାଇଟେଡ୍ ମାଇଣ୍ଡସ୍' ଆଦି ପୁସ୍ତକ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ୧୯୮୧ରେ ଭାରତ ସରକାର ତାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ। ୧୯୯୦ରେ ତାଙ୍କୁ ପ୍ରଦାନ କରାଯାଇଥିଲା ପଦ୍ମ ବିଭୂଷଣ। ୪୦ ଗୋଟି ବିଶ୍ୱବିଦ୍ୟାଳୟରୁ ସେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଥିଲେ। ୨୭ ଜୁଲାଇ ୨୦୧୫ ମେଘାଳୟ ଶିଲଂରେ ଏକ ସଭାରେ ଭାଷଣ ଦେଉଥିବା ସମୟରେ ହୃଦ୍‌ଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଥିଲା।

## ଆଜିର ଇତିହାସ

- ୧୭୧୩- ରୁଷ୍ ଓ ତୁର୍କୀ ଶାନ୍ତି ସନ୍ଧିରେ ସ୍ୱାକ୍ଷର କଲେ।
- ୧୮୯୭- ବାଲ୍ ଗଙ୍ଗାଧର ତିଳକଙ୍କୁ ପ୍ରଥମ ଥର ପାଇଁ ଗିରଫ କରାଗଲା।
- ୧୯୩୯- କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳର ସ୍ଥାପନା।
- ୧୯୮୭- ପ୍ରଥମ ଥର ପାଇଁ ଟାଇଟାନିକ୍ ଜାହାଜର ଧ୍ୱଂସାବଶେଷ ଠାବ କରାଗଲା।
- ୧୯୯୪- ଯଶପାଲ ରାଣା ସୁଟିଂ ଚାମ୍ପିୟନ୍‌ସିପ୍‌ରେ ସ୍ୱର୍ଣ୍ଣପଦକ ଜିତିଲେ।
- ୨୦୦୨- ୟୁକ୍ରେନ୍‌ରେ ଏକ ବିମାନ ଦୁର୍ଘଟଣାରେ ୨୦୦ ଲୋକଙ୍କ ପ୍ରାଣହାନି।

# ବିଶ୍ୱର ସବୁଠୁ ବିପଜ୍ଜନକ ଖାଦ୍ୟ



ସାଧାରଣତଃ ସ୍ଥାନ ଅନୁସାରେ ଖାଦ୍ୟ ଭିନ୍ନ ଭିନ୍ନ ରହିଥାଏ। କିଛି ଖାଦ୍ୟ ଏପରି ରହିଛି, ଯାହା ପାଟିକୁ ସ୍ୱାଦିଷ୍ଟ ଲାଗିପାରେ କିନ୍ତୁ, ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ। ତେବେ ଏପରି ଏକ ଡିସ୍ ହେଉଛି, 'କୋଇ ପ୍ଲା'। ଏହା ବିଶ୍ୱର ସବୁଠୁ ବିପଜ୍ଜନକ ଖାଦ୍ୟ ଭାବେ ଜଣାଯାଏ। ଥାଇଲାଣ୍ଡରେ ପ୍ରସ୍ତୁତ କରାଯାଉଥିବା ଏହି ଡିସ୍‌କୁ ଖାଇବା ଅର୍ଥ, ମୃତ୍ୟୁକୁ ନିମନ୍ତ୍ରଣ କରିବା ସଙ୍ଗେ ସମାନ। ଏହା ଥାଇ ଲୋକଙ୍କର ଏକ ପାରମ୍ପରିକ ବ୍ୟଞ୍ଜନ। କିନ୍ତୁ ଏହି ଡିସ୍ ଖାଇ ପ୍ରତିବର୍ଷ ଏଠାରେ ୨୦ ହଜାର ଲୋକଙ୍କର ମୃତ୍ୟୁ ହେଉଛି। ତେବେ ଏହା ସାଲାଡ୍ ଭଳି ପ୍ରସ୍ତୁତ କରାଯାଏ। କଞ୍ଚାମାଛ, ଲେମ୍ବୁରସ, ଜଡ଼ିବୁଟି ଓ ମସଲା ଦେଇ ଏହାକୁ ପ୍ରସ୍ତୁତ କରାଯାଏ। ତେବେ ଏହି ସାଲାଡ୍‌ରେ ବ୍ୟବହୃତ ମାଛ ମନୁଷ୍ୟ ଜୀବନ ପାଇଁ ବିପଦର କାରଣ ସାଜିଥାଏ। ସାଲାଡ୍‌ରେ ବ୍ୟବହୃତ କଞ୍ଚାମାଛଗୁଡ଼ିକରେ ଏକ ପରଜୀବୀ କୃମି ଥାଏ ଯାହା ଯକୃତ୍ କର୍କଟ ରୋଗ ସୃଷ୍ଟି କରିଥାଏ। ଏହି ଶସ୍ତା ସୁସ୍ୱାଦୁ ବ୍ୟଞ୍ଜନଟି ଥାଇଲାଣ୍ଡ ଉତ୍ତରପୂର୍ବାଞ୍ଚଳରେ ରହୁଥିବା ଗରିବ ଲୋକମାନଙ୍କର ପ୍ରିୟ ଖାଦ୍ୟ ହୋଇଥିବାରୁ ସେମାନେ ଏହାକୁ ଖାଇ ଅଜାଣତରେ ଜୀବନ ହରାଉଛନ୍ତି। ଥାଇଲାଣ୍ଡ ମେକଙ୍ଗ ଅଞ୍ଚଳରେ ମିଳୁଥିବା ମଧୁରଜଳରେ ମିଳୁଥିବା ମାଛଗୁଡ଼ିକରେ ଏହି ଚେପ୍‌ଟା କୃମି ଦେଖାଯାଇଥାନ୍ତି। ଥରେ ଏହା ମନୁଷ୍ୟ ଶରୀରକୁ ପ୍ରବେଶକରି ପିତ୍ତଗ୍ରନ୍ଥିରେ ଲାଖିଗଲେ, ତାହାକୁ ଆଉ ବର୍ଷ ବର୍ଷ ଧରି ଠାବ କରିବା କଷ୍ଟକର ହୋଇପଡ଼େ। ତେବେ ଏହି ଖାଦ୍ୟ ଖାଉଥିବା ଲୋକମାନେ ଏଭଳି ସରଳ ଭାବରେ ମୃତ୍ୟୁମୁଖରେ ପଡ଼ିଥା'ନ୍ତି ଯେ ସେମାନଙ୍କ ଠାରେ କର୍କଟ ହୋଇଥିବା କଥାକୁ କେହି ସନ୍ଦେହ କରି ନ ଥା'ନ୍ତି। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଚେତାବନୀ ପରେ ଏଠାକାର ଲୋକେ ମାଛକୁ ଭାଜି ଖାଇବା ଆରମ୍ଭ କରିଛନ୍ତି।

# କୁକୁରଙ୍କ ପାଇଁ ଭେଣ୍ଡିଂ ମେସିନ



## ପ୍ଲାଷ୍ଟିକ୍ ବୋତଲ ବଦଳରେ ମିଳେ କୁକୁର ଖାଦ୍ୟ

ସାଧାରଣତଃ ଲୋକଙ୍କ ପାଇଁ ଭେଣ୍ଡିଂ ମେସିନରୁ ଚା', କଫି, ସ୍ନାକ୍ସ ଆଦି ଖାଦ୍ୟର ବ୍ୟବସ୍ଥା ଥିବା କଥା ସମସ୍ତେ ଜାଣନ୍ତି। ଏହି କ୍ରମରେ ବୁଲା କୁକୁରଙ୍କ ପାଇଁ ବି ଭେଣ୍ଡିଂ ମେସିନ୍ ଅଛି। ଯେଉଁଥିରୁ କୁକୁରଙ୍କୁ ଖାଦ୍ୟପାନୀୟ ମିଳିଥାଏ। ତୁର୍କୀର ଇସ୍ତାନବୁଲ ସହର ଅନେକ ସ୍ଥାନରେ 'ଡଗ୍ ଫୁଡ୍ ଭେଣ୍ଡିଂ ମେସିନ୍' ଅଛି। ଏହି ଭେଣ୍ଡିଂ ମେସିନ୍ ଏକପ୍ରକାର ସ୍ମାର୍ଟ ରିସାଇକେଲିଂ ବକ୍ସ। ଏହି ମେସିନ୍‌ର ଉଦ୍ଦେଶ୍ୟ ରିସାଇକେଲିଂକୁ ପ୍ରୋତ୍ସାହିତ କରିବା ଓ ବୁଲା ପ୍ରାଣୀଙ୍କୁ ଖାଦ୍ୟ ଯୋଗାଇବା। ବୁଲା କୁକୁରଙ୍କ ପାଇଁ ଏଥିରେ ପାଣି ଓ ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଅବଶ୍ୟ ମେସିନ୍‌ର ଅନ୍ୟ ଏକ ବିଶେଷତ୍ୱ ହେଉଛି, ରିସାଇକଲ ପ୍ଲାଷ୍ଟିକ୍ ବୋତଲ ଦେବା ଦ୍ୱାରା ମେସିନ୍‌ରୁ କୁକୁର ଖାଦ୍ୟ ମିଳିଥାଏ। ଇସ୍ତାନବୁଲରେ ଏହି ମେସିନ୍‌କୁ ୨୦୧୪ ମସିହାରେ ନିର୍ମାଣ କରାଯାଇଥିଲା। ତୁର୍କୀ ସ୍ଥିତ ଏକ କମ୍ପାନି ହେଉଛି ଉକ୍ତ ମେସିନ୍‌ର ନିର୍ମାତା। ତେବେ ଏହି ମେସିନ୍‌ରେ ଏକ ପାଣି ପାତ୍ରକୁ ସଂଯୋଗ କରାଯାଇଛି। ମେସିନ୍‌ରେ ପ୍ଲାଷ୍ଟିକ୍ ବୋତଲ ପକାଇବା ପୂର୍ବରୁ ପାଣିକୁ ଏହି ପାତ୍ରରେ ଢ଼ାଳିବା ସୁବିଧା କରାଯାଇଛି। ସେହିପରି ଏହି ରିସାଇକଲ ବୋତଲ କୁକୁର ଖାଦ୍ୟ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ଦିଗରେ ସାହାଯ୍ୟ କରିବ। ଅନ୍ୟପଟେ ଏବେ ଏହି ମେସିନ୍ ପେଟିଏମ୍‌ର ପ୍ରତିଷ୍ଠାତା ବିଜୟ ଶେଖର ଶର୍ମାଙ୍କ ଦୃଷ୍ଟିଆକର୍ଷଣ କରିଛି। ସେ ସାମାଜିକ ଗଣମାଧ୍ୟମରେ ଏହାର ଫଟୋ ସେୟାର୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ମେସିନ୍‌ର ପରିକଳ୍ପନା ତାଙ୍କୁ ଏତେ ବେଶି ପସନ୍ଦ ଆସିଛି ଯେ, ସେ ଏଥିରେ ଅର୍ଥ ନିବେଶ କରିବାକୁ ଇଚ୍ଛୁକ ଥିବା କହିଛନ୍ତି। ଅନ୍ୟପଟେ ଏହି ମେସିନ୍ ପରିବେଶ ସୁରକ୍ଷା ଦିଗରେ ସାହାଯ୍ୟ କରିବା ସହ ପ୍ରାଣୀ ଖାଦ୍ୟ ଯୋଗାଇବାର ଏକ ସୁନ୍ଦର ମାଧ୍ୟମ ହୋଇଛି।

# ପୁଣି ଏକାଠି ମୋନା-ଅମିର୍



'ଜସି ଜେସି କୋଇ ନହିଁ' ସିରିଏଲ୍‌ରୁ ଘରେ ଘରେ ଲୋକପ୍ରିୟ ହୋଇଥିବା ଅଭିନେତ୍ରୀ ମୋନା ସିଂହ ବଡ଼ ପରଦାରେ ମଧ୍ୟ ତାଙ୍କ ଅଭିନୟର ଯାଦୁ ଦେଖାଇଛନ୍ତି। ନିକଟରେ ମୋନାଙ୍କ ଅଭିନୀତ 'ମୁଞ୍ଜ୍ୟା' ମୁକ୍ତିଲାଭ କରିଥିଲା। ଏଥିରେ ମୋନାଙ୍କ ଅଭିନୟ ଦର୍ଶକଙ୍କୁ ଛୁଇଁ ପାରିଛି। ତେବେ ମୋନା ଏବେ ଅମିର୍ ଖାନ୍‌ଙ୍କ ସହ ଏକ ଫିଲ୍ମରେ ନଜର ଆସିବେ। ଏହି ଫିଲ୍ମ ମାଧ୍ୟମରେ ମୋନା ଓ ଅମିର୍ ତୃତୀୟ ଥର ପାଇଁ ଏକାଠି ସ୍କ୍ରିନ୍ ସେୟାର୍ କରିବେ। ଅମିର୍‌ଙ୍କ ଅଭିନୀତ ବ୍ଲକ୍‌ବଷ୍ଟର ଫିଲ୍ମ 'ଥ୍ରି ଇଡିଅଟସ୍'ରେ ମୋନା, କରିନା କପୁରଙ୍କ ବଡ଼ ଭଉଣୀ ଭୂମିକାରେ ଅଭିନୟ କରିଥିଲେ। ଏହାପରେ ସେ ଅମିର୍‌ଙ୍କ ସହ 'ଲାଲ୍ ସିଂହ ଚଢ୍ଢା' ଫିଲ୍ମରେ କାମ କରିଥିଲେ। ଏବେ ପୁଣି ଥରେ ମୋନା ଓ ଅମିର୍‌ଙ୍କୁ ଦର୍ଶକେ ଏକାଠି ଦେଖିବାକୁ ପାଇବେ। ଏହି ଫିଲ୍ମ ଅମିର୍‌ଙ୍କ ପ୍ରଡକ୍ସନ୍ ହାଉସ୍ ନିର୍ମାଣ କରୁଛି। ଫିଲ୍ମର ଟାଇଟଲ୍ ରହିଛି 'ହ୍ୟାପି ପଟେଲ ଖତରନାକ ଜାସୁସ୍'। ମୋନା ଏହି ଫିଲ୍ମର ସୁଟିଂ ମଧ୍ୟ ଇତିମଧ୍ୟରେ ସାରିଛନ୍ତି। ଏଥିରେ ସେ ଜଣେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ଅଭିନୟ କରିବେ। ଅମିର୍ ଏଥିରେ ଡନ୍ ଭୂମିକାରେ ଦେଖାଯିବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ବୀର ଦାସ ଏବଂ କବି ଶାସ୍ତ୍ରୀ ରହିଛନ୍ତି।

# ପର୍ସରେ ରଖନ୍ତୁନି ଏହି ଜିନିଷ

## ହୋଇପାରେ ଧନହାନି

**ବାସ୍ତୁ ଶାସ୍ତ୍ର ଅନୁସାରେ ସକାରାତ୍ମକ ଶକ୍ତି ଯୋଗୁ ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ଅନ୍ୟପକ୍ଷରେ ନକାରାତ୍ମକ ଶକ୍ତି ଯୋଗୁ ଘରେ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ଘରକୁ ଅର୍ଥ ଆସୁଥିଲେ ମଧ୍ୟ ଯଦି ଘରେ ଆର୍ଥିକ ଅନଟନ ଦେଖାଯାଉଛି ତେବେ ଏହାର କାରଣ ବାସ୍ତୁଦୋଷ ହୋଇପାରେ। ଏହାକୁ ବିଚାରକୁ ନେଲେ, କିଛି ଜିନିଷକୁ ପର୍ସରେ ରଖିବା ଅନୁଚିତ।**

- ଟଙ୍କା- ପଇସାକୁ ମା' ଲକ୍ଷ୍ମୀଙ୍କ ପ୍ରତୀକ ହିସାବରେ ଗଣାଯାଏ। ପର୍ସରେ କେବେ ଟଙ୍କାକୁ ମୋଡ଼ି କିମ୍ବା ଦଳିମକଚି ରଖିବା ଅନୁଚିତ। ଏହାଦ୍ୱାରା ମା' ଲକ୍ଷ୍ମୀଙ୍କର ଅପମାନ ହୋଇଥାଏ ବୋଲି କୁହାଯାଏ।
- ସେହିଭଳି ପର୍ସରେ ଧାତୁନିର୍ମିତ କୌଣସି ଧାରୁଆ ଜିନିଷ ରଖନ୍ତୁ ନାହିଁ। ପର୍ସରେ ସେଫ୍ଟିପିନ୍, ଛୁରି ଆଦି ରଖିବା ଦ୍ୱାରା ମା' ଲକ୍ଷ୍ମୀ ରୁଷ୍ଟ ହୋଇଥାନ୍ତି। ଏଥିଯୋଗୁ ଘରେ ଅଭାବ ଅନଟନ ଲାଗି ରୁହେ ବୋଲି କୁହାଯାଏ।



- ପର୍ସକୁ କେବେ ଖାଲି ରଖିବା ଅନୁଚିତ। ଏହା ଅଶୁଭ ବୋଲି କୁହାଯାଏ। ଏଥିଯୋଗୁ ଧନର ଅଭାବ ଦେଖାଯାଏ।
- ପୁରୁଣା ବିଲ୍ କିମ୍ବା ରସିଦ୍ ପର୍ସ ମଧ୍ୟରେ ରଖନ୍ତୁ ନାହିଁ। ପର୍ସରେ କାଗଜ ଅଧିକ ରହିଲେ ରାହୁ ଦୋଷ ସୃଷ୍ଟି ହୋଇଥାଏ। ଏହାମଧ୍ୟ ଧନହାନିର କାରଣ ହୋଇପାରେ। ସବୁବେଳେ ପର୍ସରୁ ପୁରୁଣା ଜିନିଷ ହଟେଇ ଦେବାକୁ ଚେଷ୍ଟା କରନ୍ତୁ।
- ସେହିଭଳି କୌଣସି ମୃତ ବ୍ୟକ୍ତିଙ୍କ ଫଟୋ ପର୍ସରେ ରଖନ୍ତୁ ନାହିଁ। ଠାକୁରଙ୍କ ଫଟୋ ମଧ୍ୟ ପର୍ସରେ ରଖିବା ଅନୁଚିତ। କାରଣ ପର୍ସରେ ଆମେ ଅନେକ ଜିନିଷ ରଖିଥାଉ। ସେହି ଦୃଷ୍ଟିରୁ ଦେବଦେବୀଙ୍କ ଫଟୋ ନ ରଖିବା ଭଲ।

# ଇନ୍ଦ୍ରଦେବ ପ୍ରସନ୍ନ ହେଲେ ଗଧକୁ ଗୋଲାପଜାମୁ



ଆମ ଦେଶରେ ବିଭିନ୍ନ ଭାଗରେ ଆଶାନୁରୂପ ବର୍ଷା ହେଉନାହିଁ। କିଛି ସ୍ଥାନରେ ଖୁବ୍ କମ୍ ବର୍ଷା ହୋଇଥିବାବେଳେ ଆଉ କିଛି ଅଞ୍ଚଳରେ ଆଦୌ ବର୍ଷା ହୋଇନାହିଁ କହିଲେ ଚଳେ। ଏବେ ମଧ୍ୟପ୍ରଦେଶର, ମନ୍ଦସୌର ଜିଲ୍ଲାରେ କମ୍ ବର୍ଷା ହେବା କାରଣରୁ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଏହି ଅଞ୍ଚଳରେ ଭଲ ବର୍ଷା କିପରି ହେବ ସେ ନେଇ ସ୍ଥାନୀୟ ବାସିନ୍ଦା ଏବଂ ଚାଷୀଙ୍କ ଦ୍ୱାରା ଏକ ଅଜବ ପରମ୍ପରା ପାଳନ କରାଯାଇଛି। ଭଲ ବର୍ଷା ପାଇଁ ଇନ୍ଦ୍ରଦେବଙ୍କୁ ପ୍ରସନ୍ନ କରିବାକୁ ଭିନ୍ନ ଭିନ୍ନ ରୀତିନୀତି ପାଳନ କରାଯାଏ, ହେଲେ ମନ୍ଦସୌରର ଏହି ପରମ୍ପରା ବେଶ୍ ଭିନ୍ନ। ଏଠାରେ ବର୍ଷା ପାଇଁ ଦେବରାଜ ଇନ୍ଦ୍ରଙ୍କୁ ପ୍ରସନ୍ନ କରାଇବା ପାଇଁ ଲୋକେ ସୂର୍ଯ୍ୟାସ୍ତ ପରେ ଶ୍ମଶାନଘାଟରେ ପାରମ୍ପରିକ ଧୋତି, ଗାମୁଛା ପିନ୍ଧି ଗଧ ଦ୍ୱାରା ହଳ କରାଇଥାନ୍ତି। ହଳ ପରେ ଜମିରେ ବିରି ଏବଂ ଲୁଣ ଛିଞ୍ଚିଥାନ୍ତି। ଏସବୁ ପ୍ରକ୍ରିୟା ପୂର୍ବରୁ ଗ୍ରାମବାସୀ ପୂଜାର୍ଚ୍ଚନା କରିଥାନ୍ତି। ଯଦିଓ ଆଜିର ବିଜ୍ଞାନ ଯୁଗରେ ଏସବୁ ଲୋକଙ୍କ ପାଇଁ ଅନ୍ଧବିଶ୍ୱାସର ରୂପ ନେଇଛି, ହେଲେ ଏହି ଅଞ୍ଚଳର ଲୋକ ଆଜି ବି ଏହି ପୁରୁଣା ଢାଞ୍ଚାରେ ଗଧ ଦ୍ୱାରା ବର୍ଷା ହେବା ପାଇଁ ପ୍ରାର୍ଥନା କରୁଛନ୍ତି। ଏପରି କରିବା ଦ୍ୱାରା ବର୍ଷା ଶୀଘ୍ର ହୋଇଥାଏ ବୋଲି ସ୍ଥାନୀୟ ଲୋକେ ମତ ଦିଅନ୍ତି। ଗଧ ଦ୍ୱାରା ହଳ କରିବା ପରେ ପରେ ଯଦି ତୁରନ୍ତ ବର୍ଷା ହୋଇଥାଏ, ସ୍ଥାନୀୟ ଲୋକେ ଗଧକୁ ଗୋଲାପଜାମୁ ଖୁଆଇଥାନ୍ତି। ମନ୍ଦସୌରର ଶ୍ମଶାନ ଘାଟରେ ଚନ୍ଦ୍ରପୁରା ଅଞ୍ଚଳର ବାସିନ୍ଦାମାନେ ଦୀର୍ଘ ବର୍ଷ ହେବ ଏହି ପରମ୍ପରା ପାଳନ କରିଆସୁଛନ୍ତି। ଚଳିତବର୍ଷ ମଧ୍ୟ ସେମାନେ ଏପରି କରିଛନ୍ତି। ଏହା ସେମାନଙ୍କ ପୂର୍ବପୁରୁଷ ଆରମ୍ଭ କରିଥିବା କଥା ଲୋକେ କୁହନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ଆଜିର ବିଜ୍ଞାନ ଯୁଗରେ ମଣିଷ ଚନ୍ଦ୍ରପୃଷ୍ଠରେ ପହଞ୍ଚିଛି ସତ, ହେଲେ ବର୍ଷା ପାଇଁ ଆମେ ଭଗବାନଙ୍କ ଉପରେ ନିର୍ଭରଶୀଳ। ଯଦିଓ ପାଣିପାଗ ବୈଜ୍ଞାନିକ ବର୍ଷା ହେବା ପୂର୍ବାନୁମାନ କରି ପାରନ୍ତି, ହେଲେ ଏହା ସବୁବେଳେ ସତ ହୁଏନି। ତେଣୁ ଏପରି ସ୍ଥିତିରେ ଆମ ପୂର୍ବପୁରୁଷ ଦ୍ୱାରା କରାଯାଇଆସୁଥିବା ପରମ୍ପରାକୁ ପାଳନ କରିଥାଉ। ଗଧ ହଳ କରିବା ପୂର୍ବରୁ ପ୍ରଥମେ ଶ୍ମଶାନଘାଟକୁ ଗଙ୍ଗାଜଳ ଛିଞ୍ଚାଯାଇ ପବିତ୍ର କରାଯାଇଥାଏ। ଏହା ପରେ ସମସ୍ତ କାର୍ଯ୍ୟ କରାଯାଇଥାଏ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟି ଗଠିତ

ଭୁବନେଶ୍ୱର, ୨୬।୭ (ସମିସ): ବିଧାନସଭା କାର୍ଯ୍ୟର ସୁପରିଚାଳନା ପାଇଁ ରାଜ୍ୟ ସରକାର ବିଧାନସଭା କାର୍ଯ୍ୟ ପରାମର୍ଶଦାତା କମିଟି ଗଠନ କରିଛନ୍ତି। ବାଚସ୍ପତି ସୁରମା ପାଢ଼ୀ ଏହାର ଅଧ୍ୟକ୍ଷ ରହିଥିବା ବେଳେ ଉପମୁଖ୍ୟମନ୍ତ୍ରୀ କେଭି ସିଂଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ରାମଚନ୍ଦ୍ର କାଡାମ ଓ ଜୟନାରାୟଣ ମିଶ୍ର ଏଥିରେ ସ୍ଥାନ ପାଇଛନ୍ତି। ଆଜି ଅପରାହ୍ନରେ ବାଚସ୍ପତି ସୁରମା ପାଢ଼ୀ ଏ ସମ୍ପର୍କରେ ଗୃହରେ ସୂଚନା ଦେଇଥିଲେ। ବିଧାନସଭାର ସମସ୍ତ କାର୍ଯ୍ୟ କିପରି ସମ୍ପାଦିତ ହେବ ଏବଂ ତାହାର ସୁପରିଚାଳନା ଦିଗରେ ଏହି କମିଟି କାର୍ଯ୍ୟ କରିବ।

■ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

## କେନ୍ଦୁଝର ଓ ସୋନପୁରରେ ଖୋଲିବ ଇଏସ୍ଆଇ ହସ୍ପିଟାଲ

ଭୁବନେଶ୍ୱର, ୨୬।୭ (ସମିସ): ରାଜ୍ୟରେ ଦୁଇଟି ନୂଆ ଇଏସ୍ଆଇ ଡାକ୍ତରଖାନା ପ୍ରତିଷ୍ଠା ହେବ। କେନ୍ଦୁଝର ଓ ସୋନପୁର ଜିଲ୍ଲାରେ ଏହି ଡାକ୍ତରଖାନା ପ୍ରତିଷ୍ଠା ହେବ। ଆଜି ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହା ଦ୍ୱାରା ଉକ୍ତ ଜିଲ୍ଲାର ଶ୍ରମିକ ଶ୍ରେଣୀର ବ୍ୟକ୍ତି ଓ ତାଙ୍କ ପରିବାର ସଦସ୍ୟ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ୫ ବର୍ଷରେ ବନ୍ଦ ହୋଇଛି ୫୯ଟି ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ

ଭୁବନେଶ୍ୱର, ୨୬।୭ (ସମିସ): ରାଜ୍ୟରେ ବିଗତ ୫ ବର୍ଷ ମଧ୍ୟରେ ସମୁଦାୟ ୫ଟି ବ୍ଲକଗ୍ରାଣ୍ଟ ତଥା ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟକୁ ବନ୍ଦ କରାଯାଇଛି। ଛାତ୍ରଛାତ୍ରୀଙ୍କ କମ୍ ଉପସ୍ଥାନ ଥିବାରୁ ଅଗୁଡିକ ବନ୍ଦ କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ୫୪ଟି ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟକୁ ସମସ୍ତ ଶିକ୍ଷକଙ୍କ ଅବସର ଓ କମ୍ ଉପସ୍ଥାନ ପାଇଁ ବନ୍ଦ କରାଯାଇଛି। ଅର୍ଥାତ ସମୁଦାୟ ୫୯ଟି ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟକୁ ବନ୍ଦ କରାଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ପ୍ରକାଶ କରିଛନ୍ତି। ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ମନ୍ତ୍ରୀ ଆହୁରି କହିଛନ୍ତି, ବ୍ଲକ ଗ୍ରାଣ୍ଟ ବିଦ୍ୟାଳୟକୁ ପୁନଃ ଖୋଲିବା ପାଇଁ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ନାହିଁ। ସେହିପରି ବନ୍ଦ ହୋଇଥିବା ନୂତନ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ବିଦ୍ୟାଳୟରେ ପଢ଼ାଇବାକୁ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି।

■ ନିର୍ଦ୍ଦେଶ ଦେଲେ କୃଷି ବିଭାଗ ପ୍ରମୁଖ ସଚିବ

## ଓଡିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କର

ଭୁବନେଶ୍ୱର, ୨୬।୭ (ସମିସ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ନିର୍ଦ୍ଦେଶାଳୟ ଏବଂ ସମସ୍ତ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ଓଡିଆ ଭାଷାରେ ସମ୍ପାଦନ କରାଯିବ। ଏ ନେଇ ବିଭାଗର ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ସ୍ତରରେ ଓଡିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ ସୁଗମ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେବା ପରିପ୍ରେକ୍ଷୀରେ ପ୍ରମୁଖ ସଚିବ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ୧୯୫୪ ମସିହାରୁ ଓଡିଆ ଭାଷାକୁ ସରକାରୀ ଭାଷା ଭାବରେ ବ୍ୟବହାର କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଓଡିଆ ଭାଷାର ପ୍ରଚାର, ପ୍ରସାର ଓ ଜନସାଧାରଣଙ୍କ ସୁବିଧା ନିମନ୍ତେ ସମସ୍ତ ସରକାରୀ କାର୍ଯ୍ୟ ଓଡିଆ ଭାଷାରେ ସମ୍ପାଦନ କରିବା ପାଇଁ ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରାଯାଇଥାଏ।

# ରଥଯାତ୍ରା 'ମହାବିଭ୍ରାଟ': ବିରୋଧୀ କମ୍ପାଇଲେ ବିଧାନସଭା



- ଶୃଙ୍ଖଳିତ ରଥଯାତ୍ରା ଆୟୋଜନରେ ସରକାର ବିଫଳ: ବିଜେଡି
- ଏପରି ମହାବିଭ୍ରାଟ ଅତୀତରେ କେବେ ହୋଇନାହିଁ: କଂଗ୍ରେସ
- ରଥଯାତ୍ରା ସଫଳ, ସବୁ ମହାପ୍ରଭୁଙ୍କ ଇଚ୍ଛାରେ ଘଟିଛି : ଶାସକ

ଭୁବନେଶ୍ୱର, ୨୬।୭(ସମିସ): ରଥଯାତ୍ରା ମହାବିଭ୍ରାଟକୁ ନେଇ ଶୁକ୍ରବାର କମ୍ପିଛି ବିଧାନସଭା। ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କୁ କାଠଗଡ଼ାକୁ ଟାଣିଛନ୍ତି। ଏପରି ବିଭ୍ରାଟ ପୂର୍ବରୁ କେବେ ହୋଇ ନ ଥିଲା ଅଭିଯୋଗ କରିବା ସହ ଜଗନ୍ନାଥଙ୍କ ଲୀଳା କରି ଖସିଯିବାକୁ ସରକାରଙ୍କ ଉଦ୍ୟମକୁ କଟୁ ସମାଲୋଚନା କରିଛନ୍ତି। ଦଳାଚକଟାରେ ଜଣେ ଶ୍ରଦ୍ଧାଳୁଙ୍କ ମୃତ୍ୟୁ, ପହଣ୍ଡି ବେଳେ ବଡ଼ଠାକୁର ମୁହଁମାଡ଼ି ପଡ଼ିବା, ମହାପ୍ରସାଦ ଫିଙ୍ଗାଯିବା, ନୀତିକାନ୍ତିରେ ବିଭ୍ରାଟ ଘଟିବା ଓ ସୂର୍ଯ୍ୟାସ୍ତ ପରେ ଆଲୁଅ ଲଗାଇ ରାତି ୯ଟା ପର୍ଯ୍ୟନ୍ତ ରଥ ଟଣାଯିବା ଘଟଣାକୁ ନେଇ ବିରୋଧୀ ବିଧାନସଭା କମ୍ପମାନ କରିଛନ୍ତି। ଅନ୍ୟପକ୍ଷରେ ରଥଯାତ୍ରା ସଫଳତାର ସହ ଶେଷ ହୋଇଛି ବୋଲି ସରକାରୀ ଦଳ ସଦସ୍ୟ ଉତ୍ତର ରଖିଛନ୍ତି।

ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ରଥଯାତ୍ରାରେ ପ୍ରଭୁ ବଳଭଦ୍ରଙ୍କ ସହ ଅଘଟଣ, ମହାବିଭ୍ରାଟ ଘଟିଛି। ମହାବିଭ୍ରାଟ ପରେ ମନ୍ତ୍ରୀ ଏହା ପ୍ରଭୁଙ୍କ ଲୀଳା କହି ଖସିଯିବାକୁ ଉଦ୍ୟମ କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ ଓ ଏପରି ବିଭ୍ରାଟ ଅତୀତରେ କେବେ ଘଟିନଥିଲା। ରାଜ୍ୟରେ ନୂଆ ସରକାର ଆସୁଆସୁ ଘଟିଥିବା ଏହି ଘଟଣା ସରକାରଙ୍କ ପାଇଁ ସତର୍କ ଘଣ୍ଟି ବୋଲି ଶ୍ରୀ କାଡ଼ାମ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ ମନ୍ତ୍ରୀ କହିଲେ ଏହା ଜଗନ୍ନାଥଙ୍କ ଲୀଳା; ମାତ୍ର ସୁପରିଚାଳନା ପାଇଁ ପ୍ରଭୁ ଆମକୁ ଦାୟିତ୍ୱ ଦେଇଥିଲେ। ଯାହାକୁ ଆମେ ସଠିକ୍ ଭାବେ ତୁଲାଇପାରିଲେ ନାହିଁ। ମହାପ୍ରଭୁଙ୍କୁ ଯେଉଁ ଭୋଗ ଲାଗିବା କଥା, ତାହା ପ୍ରଭୁଙ୍କୁ ଦିଆଗଲା ନାହିଁ। ରଥଟଣା ୫ଟାରେ ନିର୍ଘଣ୍ଟ ହୋଇଥିବା ବେଳେ ତରବରିଆ ଭାବେ ସମସ୍ତ ନୀତିକାନ୍ତି ସାରିଦିଆ ଗଲା। ପହଣ୍ଡି ବିଜେରେ ବଡ଼ଠାକୁର ମୁହଁ ମାଡ଼ି ତଳେ ପଡ଼ିଗଲେ। ଯାହା ସାରା ବିଶ୍ୱବାସୀଙ୍କୁ ମର୍ମାହତ କଲା। ଏହା ବିଭ୍ରାଟ ନୁହେଁ ବରଂ ମହାବିଭ୍ରାଟ ବୋଲି ଶ୍ରୀ ଦାସ କହିଛନ୍ତି।

ଆଲୋଚନାରେ ଭାଗ ବିଜେଡି ବିଧାୟକ ଡ. ବ୍ୟୋମକେଶ ରାୟ କହିଛନ୍ତି ଯେ ଚଳିତ ରଥଯାତ୍ରାର ବହୁ ବିଶେଷତ୍ୱ ଥିବାବେଳେ ଏହାର ସୁପରିଚାଳନା ସରକାରଙ୍କ ଦାୟିତ୍ୱ ଥିଲା। ମାତ୍ର ରଥଯାତ୍ରାରେ ଅନେକ ଅଘଟଣ ଘଟିଗଲା। ବଡ଼ଠାକୁରଙ୍କ ପହଣ୍ଡି ଅଘଟଣ, ଦଳାଚକଟାରେ ଜଣଙ୍କର ମୃତ୍ୟୁ, ଲାଠିଚାର୍ଜ ଆଦି ପୂରା ଘୋଷଯାତ୍ରା ସମୟରେ ହେଲା। ମାତ୍ର ବିଜେପି ପାର୍ଟି ଅଫିସ ପ୍ରେସ ରିଲିଜ ଜାରି କରି କହିଲା ରଥଯାତ୍ରା ସୁରୁଖୁରୁରେ ସମ୍ପାଦିତ ହେଲା। ରଥଯାତ୍ରା କଣ ବିଜେପି କରିଥିଲା କି ବୋଲି ଶ୍ରୀ ରାୟ ପ୍ରଶ୍ନ କରିଥିଲେ। ସେହିପରି ବଡ଼ଠାକୁରଙ୍କ ପହଣ୍ଡି ବିଜେ ଅଘଟଣ ବେଳେ ସରକାର, ପ୍ରଶାସନର କୌଣସି ବରିଷ୍ଠ ଅଧିକାରୀ ସେଠାରେ ଉପସ୍ଥିତ ନ ଥିଲେ। ଏପରିକି ରଥଯାତ୍ରା ଦିନ ଆଇନମନ୍ତ୍ରୀ ନିଜେ ବିଳମ୍ବରେ ପୁରୀକୁ ଯାଇଥିଲେ। ଏହାପରେ ବି ଆଇନମନ୍ତ୍ରୀ ରଥଯାତ ଶୃଙ୍ଖଳିତ ଭାବେ ହୋଇଛି ବୋଲି କହିବା କେବଳ ପ୍ରହସନ ବୋଲି ସେ ମତବ୍ୟକ୍ତ କରିଥିଲେ। ଦଳର ଅନ୍ୟତମ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ କହିଥିଲେ ଯେ ରଥଯାତ୍ରାରେ ବେଳେ ନୀତିକାନ୍ତି ସଠିକ୍ ଭାବେ ହୋଇନଥିଲା। ସରକାର କେବଳ ନିର୍ଦ୍ଦେଶ ଦେଇ ବସିପଡ଼ିଥିଲେ। ସେଥିପାଇଁ ଅଘଟଣ ଘଟିଲା। ଅଣସେବାୟତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କଥା କୁହାଯାଇଥିଲା। ମାତ୍ର ବୋଧେ ମନ୍ତ୍ରୀଙ୍କ ସମ୍ପର୍କୀୟ ହୋଇଥିବା କାରଣରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ରଥଯାତ୍ରା ଆୟୋଜନରେ ସରାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଥିଲେ।

ଅପରପକ୍ଷରେ ଧ୍ୟାନ ଆକର୍ଷଣକାରୀ ନୋଟିସ୍ ଆଣି ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ ଯେ ଶୃଙ୍ଖଳିତ ରଥଯାତ୍ରା ପାଇଁ ରାଜ୍ୟ ସରକାର, ଶ୍ରୀମନ୍ଦିର ପ୍ରଶାସନକୁ ଧନ୍ୟବାଦ ଜଣାଉଛି। ଯେଉଁମାନେ ଅଘଟଣ କଥା କହୁଛନ୍ତି ସେମାନଙ୍କ ସମୟରେ ବ୍ରହ୍ମବିଭ୍ରାଟ ହୋଇଥିଲା। ରତ୍ନଭଣ୍ଡାର ଚାବି ମଧ୍ୟ ସମସ୍ତଙ୍କ ମନରେ ଶଙ୍କା ସୃଷ୍ଟି କରିଛି। ସେମାନେ ଅର୍ପଣ ରଥ ନାମରେ ଜଗନ୍ନାଥଙ୍କୁ ନେଇ ରାଜନୀତି କରିଥିଲେ ବୋଲି ଶ୍ରୀ ତ୍ରିପାଠୀ ଅଭିଯୋଗ କରିଥିଲେ। ସେହିପରି ଦଳର ଅନ୍ୟତମ ବିଧାୟକ ଆଶ୍ରିତ ପଟ୍ଟନାୟକ କହିଥିଲେ ଯେ ଚଳିତ ରଥଯାତ୍ରା ବିଭିନ୍ନ ଦୃଷ୍ଟିକୋଣରୁ ବିରଳ ଥିଲା। ୧୯୭୧ ମସିହା ପରେ ଗୋଟିଏ ଦିନରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଏବଂ ରଥଯାତ୍ରା ପଡ଼ିଥିଲା। ଯାହାକୁ ସରକାର ସଫଳତାର ସହ ଆୟୋଜନ କରିଛନ୍ତି। ସେହିପରି ଦଳର ଅନ୍ୟତମ ବିଧାୟକ ଓମ ପ୍ରକାଶ ମିଶ୍ର ଓ ସନାତନ ବିଜୁଳି ସରକାର ସଫଳତାର ସହ ରଥଯାତ୍ରା ପରିଚାଳନା କରିଥିବା ଓ ସବୁ ଜଗନ୍ନାଥଙ୍କ ଇଚ୍ଛାରେ ହୋଇଛି ବୋଲି ଯୁକ୍ତି ବାଢ଼ିଥିଲେ।

**ମୋହନ ସରକାରଙ୍କ ବଜେଟକୁ ବିଜେଡିର ତୀବ୍ର ସମାଲୋଚନା**

# ରାଜ୍ୟର ଲକ୍ଷ ଲକ୍ଷ ହିତାଧିକାରୀଙ୍କ ସହ ଚଞ୍ଚକତା

ଭୁବନେଶ୍ୱର, ୨୬।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିବା ବଜେଟ ଏକ ଦୂରଦୃଷ୍ଟିବିହୀନ, ମହିଳା, ଚାଷୀ, ଯୁବ ବିରୋଧୀ ବଜେଟ। ଏ ବଜେଟ ସମ୍ପୂର୍ଣ୍ଣ ଦିଶାହୀନ। ବଜେଟରେ ଲଲିପପ୍ ଧରାଇ ଲୋକଙ୍କ ସହ ଚଞ୍ଚକତା କରାଯାଇଛି। ପେନ୍‌ସନ୍ ବୃଦ୍ଧି ହେଉ ଅବା ସୁଭଦ୍ରା ଯୋଜନା ସବୁଥିରେ ଲକ୍ଷ ଲକ୍ଷ ହିତାଧିକାରୀ ବାଦ୍ ପଡ଼ିବେ। ନିର୍ବାଚନ ବେଳେ ବିଜେପି ପକ୍ଷରୁ ଯାହା ପ୍ରତିଶ୍ରୁତି ଦିଆଯାଇଥିଲା, ତାହାର ସିଂହଭାଗ ବଜେଟରେ ପ୍ରତିଫଳିତ ହୋଇ ନାହିଁ। ଏହା କେବଳ ନବୀନ ସରକାର ସମସ୍ତ ଯୋଜନାକୁ ନାଁ ପରିବର୍ତ୍ତନ କରାଯାଇଥିବା ବଜେଟ ବୋଲି ଶଙ୍ଖ ଭବନଠାରେ ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜେଡି ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର।

ଲେଖାଶ୍ରୀ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ରାଜ୍ୟ ଆର୍ଥିକ ଶୃଙ୍ଖଳା କ୍ଷେତ୍ରରେ ବିଭିନ୍ନ ଦିଗରେ ଶିଖର ଛୁଇଁଥିଲା। ରାଜ୍ୟର ବିତ୍ତୀୟ ନିଅଣ୍ଟ ୩ ପ୍ରତିଶତରୁ କମ୍ ଥିଲା ବେଳେ ୨୬ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ରାଜ୍ୟ ହୋଇପାରିଥିଲା। ମୁଣ୍ଡପିଛା ଋଣ ଭାର କ୍ଷେତ୍ରରେ ଓଡ଼ିଶା ଦେଶରେ ସର୍ବନିମ୍ନ ସ୍ଥାନରେ ରହିଥିଲା। ଋଣ ଓ ଜିଏସ୍‌ଡିପି ହାର ମାତ୍ର ୧୩ ପ୍ରତିଶତରେ ସୀମିତ ରହିଥିଲା, ଯାହା ଦେଶରେ ସର୍ବନିମ୍ନ। ଓଡ଼ିଶାର ଅର୍ଥନୀତିକୁ ୧ ଟ୍ରିଲିୟନ ଡଲାର ଛୁଇଁବା ପୂର୍ବର ନବୀନ ପଟ୍ଟନାୟକ ସରକାରଙ୍କ ଲକ୍ଷ୍ୟ ଥିଲା। କିନ୍ତୁ ଗତକାଲିର ବଜେଟ ଦିଶାହୀନ ହୋଇଥିଲା ବେଳେ ରାଜ୍ୟର ବିକାଶରେ ବ୍ରେକ୍ ଲାଗିଲା ବୋଲି ସେ କହିଥିଲେ। ଅସ୍ମିତା କଥା କହି ସରକାରକୁ ଆସିଥିବା ବିଜେପି ଏବେ ଅସ୍ମିତା ଭବନ କରିବା ପାଇଁ ୨୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଅସ୍ମିତା ଏକ ବସ୍ତୁ ନୁହେଁ; ଯାହାକୁ ଏକ ଭବନ ଭିତରେ ସ୍ଥାପନ କରି ପ୍ରଦର୍ଶିତ କରାଯାଇପାରିବ। ଏହା ପ୍ରତିଟି ଓଡିଆର ହୃଦୟରେ ଜାଗ୍ରତ କରିବାକୁ ହେବ ଏବଂ ପରବର୍ତ୍ତୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାକୁ ହେବ।



- ସମ୍ପୂର୍ଣ୍ଣ ଦିଶାହୀନ ଓ ମହିଳା, ଯୁବ, ଚାଷୀ ବିରୋଧୀ ବଜେଟ
- ନବୀନଙ୍କ ଯୋଜନାର ନାମ ବଦଳାଇବାରେ ବଜେଟ ଶେଷ
- ସୁଭଦ୍ରା ଯୋଜନାରୁ ବଞ୍ଚିତ ହେବେ ରାଜ୍ୟର ୮୦ଲକ୍ଷ ମହିଳା
- ରାଜ୍ୟର ମାତ୍ର ୧୦ ପ୍ରତିଶତ ବୟସ୍କ ପାଇବେ ବର୍ଦ୍ଧିତ ଭତ୍ତା

ତେଣୁ ଅସ୍ମିତା ରକ୍ଷା କରିବା ନାଁରେ ଭବନ ତିଆରି କରିବା କେବଳ କିଛି କଣ୍ଟ୍ରାକ୍ଟରଙ୍କୁ ପୋଷିବା ସଙ୍ଗେ ସମାନ ବୋଲି ଲେଖାଶ୍ରୀ କହିଛନ୍ତି।

ନିର୍ବାଚନ ବେଳେ ବଡ଼ ବଡ଼ କଥା କହୁଥିବା ବିଜେପି ସରକାର ସାମାଜିକ ସୁରକ୍ଷା ଯୋଜନା ବା ଭତ୍ତା କ୍ଷେତ୍ରରେ ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇଛନ୍ତି। ରାଜ୍ୟର ସବୁ ବରିଷ୍ଠ ନାଗରିକଙ୍କୁ ୩୦୦୦ ଟଙ୍କା ଭତ୍ତା ଦିଆଯିବ ବୋଲି ବିଜେପି ନିର୍ବାଚନ ପ୍ରଚାରବେଳେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଦିନରେ ତାରା ଦେଖାଇଲା ଭଳି, କେବଳ ୮୦ ବର୍ଷରୁ ଅଧିକ ବୟସର ଲୋକ ଓ ୮୦ ପ୍ରତିଶ୍ରୁତିରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ଭତ୍ତା ୩୫୦୦ ଟଙ୍କା କରି ବିଜେପି ସରକାର ଅତି ଚତୁରତାର ସହ ଖସିଯିବାକୁ ଚେଷ୍ଟା କରିଛନ୍ତି। ଏଥିରେ କିଛି ହାତଗଣତି ହିତାଧିକାରୀ ଲାଭବାନ ହେବେ ସିନା; ପ୍ରାୟ ୯୦ ଭାଗ ହିତାଧିକାରୀ ରାଜ୍ୟସରକାରଙ୍କ ଚଞ୍ଚକତାର ଶିକାର ହୋଇଛନ୍ତି। ସେହିପରି ରାଜ୍ୟର ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ବିଜେପି ପକ୍ଷରୁ ନିର୍ବାଚନ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବଜେଟରେ ସେମାନେ ଏଥିପାଇଁ ମାତ୍ର ୧୦ ହଜାର କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ପ୍ରତି ମହିଳାଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଗଲେ, ୧୦ ହଜାର କୋଟି ଟଙ୍କା ହିସାବରେ ରାଜ୍ୟରେ ମାତ୍ର ୨୦ ଲକ୍ଷ ମହିଳା ଏଥିରେ ଅନ୍ତର୍ଭୁକ୍ତ ହୋଇପାରିବେ। କିନ୍ତୁ ରାଜ୍ୟର ପ୍ରାୟ ୮୦ ଲକ୍ଷ ମହିଳା ଏହି ଯୋଜନାରୁ ବଞ୍ଚିତ ହେବେ ବୋଲି ଡ. ସାମନ୍ତସିଂହାର ଦର୍ଶାଇଛନ୍ତି।

ଲେଖାଶ୍ରୀ ଆହୁରି କହଛନ୍ତି ଯେ ବିଭିନ୍ନ ନିର୍ବାଚନୀ ସଭାରେ ବିଜେପିର ବରିଷ୍ଠ ନେତାମାନେ ରାଜ୍ୟବାସୀଙ୍କୁ ୩୦୦ ୟୁନିଟ୍ ବିଜୁଳି ମାଗଣା ଦେବେ ବୋଲି ଘୋଷଣା କରିଥିଲେ। ଏହି ବଜେଟରେ ସେ ସମ୍ପର୍କରେ କିଛି ନ ଥିବାରୁ ରାଜ୍ୟର ବିଜୁଳି ଉପଭୋକ୍ତା ନିରାଶ ହୋଇଛନ୍ତି। ସେହିପରି ବେକାରୀ ସମସ୍ୟା, ମହିଳା ସୁରକ୍ଷା, ଆଇନଶୃଙ୍ଖଳା, ଦରଦାମ ବୃଦ୍ଧି ଓ ଶିଳ୍ପର ଅଭିବୃଦ୍ଧି ଇତ୍ୟାଦି ପ୍ରସଙ୍ଗରେ ବଜେଟ ସମ୍ପୂର୍ଣ୍ଣ ନିରବ ରହିଛି ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି ରାଜ୍ୟରେ କ୍ଷମତା ହାସଲ କରିଥିଲା ବେଳେ ଗତକାଲିର ବଜେଟ ମଧ୍ୟ ମିଥ୍ୟାରୁ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟର ସମୁଦାୟ ବଜେଟ ପରିମାଣ ୨ ଲକ୍ଷ ୬୫ ହଜାର କୋଟି ବୋଲି ଘୋଷଣା କରିବା ସହ ଏହା ପୂର୍ବ ବର୍ଷ ବଜେଟ ପରିମାଣଠାରୁ ୧୫ ପ୍ରତିଶତ ଅଧିକ ବୋଲି କହିଥିଲେ, ଯାହା ସମ୍ପୂର୍ଣ୍ଣ ଭୁଲ୍। ଗତ ବର୍ଷର ସମୁଦାୟ ବଜେଟ ପରିମାଣ ୨ ଲକ୍ଷ ୫୮ ହଜାର କୋଟି ରହିଥିଲା, ତେଣୁ ଏବର୍ଷର ବଜେଟ ପରିମାଣ ପୂର୍ବ ବର୍ଷର ବଜେଟ ଠାରୁ ମାତ୍ର ୨.୭୧୩ ପ୍ରତିଶତ। ସେହିପରି କୃଷକ ସମୃଦ୍ଧ ଯୋଜନାରେ ୩ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା ଧାନର ସର୍ବନିମ୍ନ ମୂଲ୍ୟରେ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ବୋନସ ଦେବା ପାଇଁ ଖର୍ଚ୍ଚ ହେବ। ରାଜ୍ୟର ସମସ୍ତ ଧାନ କିଣା ପାଇଁ ୮୦୦ ଟଙ୍କା ବୋନସ ପ୍ରଦାନ କଲେ ପ୍ରାୟ ୭ ହଜାର କୋଟିର ଆବଶ୍ୟକ ଥିବା ବେଳେ ମାତ୍ର ୩ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବାରୁ ଏହା କେତେଦୂର ସଫଳ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସେ ଆହୁରି ମଧ୍ୟ କହିଛନ୍ତି, ବିଜେପି ସରକାର କେନ୍ଦ୍ରରେ ୨୦୧୪ରେ କ୍ଷମତାକୁ ଆସିବା ପରେ ଦେଶର ସମୁଦାୟ ଋଣ ୨ଶହ ୫ ଲକ୍ଷ କୋଟି ବୃଦ୍ଧି ପାଇଛି। ସେହି ନ୍ୟାୟରେ ରାଜ୍ୟ ସରକାର ମଧ୍ୟ ରାଜ୍ୟର ଋଣ ଭାର ବୃଦ୍ଧି କରିବା ପାଇଁ ବଜେଟରେ ଯଥାସାଧ୍ୟ ଉଦ୍ୟମ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନବୀନ ସରକାରଙ୍କ ୨୪ ବର୍ଷର ଶାସନ କାଳରେ ୭୮ ହଜାର କୋଟି ଟଙ୍କା ଋଣ ହୋଇଥିଲା ବେଳେ ରାଜ୍ୟ ସରକାର ଏହି ବର୍ଷ ପ୍ରାୟ ୪୩ ହଜାର ୪ଶହ ୯୫ କୋଟି ଋଣ କରିବା ପାଇଁ ଆକଳନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।

**ଆମ ଓଡ଼ିଶା, ନବୀନ ଓଡ଼ିଶାର କାର୍ଯ୍ୟକାରିତାକୁ ନେଇ ଗଣେଶ୍ୱରଙ୍କ ସମାଲୋଚନା**

## ତୁରନ୍ତ ମଞ୍ଜୁର ପାଇଥିବା ପ୍ରକଳ୍ପ କାର୍ଯ୍ୟକାରୀ ହେଉ

ଭୁବନେଶ୍ୱର, ୨୬।୭(ସମିସ): ରାଜ୍ୟରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ କାର୍ଯ୍ୟକାରିତାକୁ ନେଇ ଶୁକ୍ରବାର ଗୃହରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ବିଧାୟକ ଗଣେଶ୍ୱର ବେହେରା।



**"ନାମ ପରିବର୍ତ୍ତନ କରିଦେଲେ ଗୋଲାପ, ଦୁଦୁରା ହୋଇଯିବ ନାହିଁ"**

ବିଧାନସଭାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ବେହେରା କହିଲେ ଯେ ରାଜ୍ୟର ସମସ୍ତ ୩୧୪ ବ୍ଲକରେ ବିକାଶ କାର୍ଯ୍ୟ ଠପ୍ ହୋଇଯାଇଛି। ବିଦାୟୀ ସରକାର ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଦେଇଥିଲେ। ମାତ୍ର ସରକାର ପରିବର୍ତ୍ତନ ପରେ ଏହାକୁ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯାଉ ନାହିଁ। ଯେଉଁଠି ପ୍ରକଳ୍ପ କାର୍ଯ୍ୟାଦେଶ ଦିଆଯାଇଛି, ସେଠାରେ କାମ କରାଯାଉ ନାହିଁ। ସେହିପରି ଯେଉଁଠାରେ ପ୍ରକଳ୍ପ ନିର୍ମାଣ ସରିଛି, ସେଠାରେ ବିଲ୍ ପ୍ରଦାନ କରାଯାଉ ନାହିଁ ବୋଲି ଶ୍ରୀ ବେହେରା ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ନାଁ ପରିବର୍ତ୍ତନ କରିଦେଲେ ଗୋଲାପ, ଦୁଦୁରା ହୋଇଯିବ ନାହିଁ। ତେଣୁ ମଞ୍ଜୁର ହୋଇଥିବା ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ ହେଉ। ସେହିପରି କାର୍ଯ୍ୟ ସରିଥିବା ପ୍ରକଳ୍ପର ବିଲ୍ ତୁରନ୍ତ ପୈଠ କରିବାକୁ ଆପଣ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ।

# ମହାପ୍ରଭୁଙ୍କ ସମ୍ପତ୍ତିକୁ ବି ଛାଡ଼ିଲେନି

## ବ୍ୟାଙ୍କରେ ବନ୍ଧା ପଡ଼ିଛି ୬ ଏକର ଅମୃତମଣୋହୀ ସମ୍ପତ୍ତି

**ଟଙ୍କା ନେଇ ଛୁ' ମାରିଲେ ଠକ**

**ନିଲାମ ପ୍ରକ୍ରିୟା ଆରମ୍ଭ କରିଛି ବ୍ୟାଙ୍କ**

ପୁରୀ, ୨୬।୭ (ସମିସ): ବ୍ୟାଙ୍କରେ ବନ୍ଧା ପଡ଼ିଛି ମହାପ୍ରଭୁଙ୍କ ଅମୃତମଣୋହୀ ସମ୍ପତ୍ତି। ମାଟିଆପଡ଼ା ମୌଜାରେ ଥିବା ମହାପ୍ରଭୁଙ୍କ ୬ ଏକରରୁ ଊର୍ଦ୍ଧ୍ୱ ଜମିକୁ ବନ୍ଧକ ରଖି ଟଙ୍କା ନେବା ପରେ ଧରାଛୁଆଁ ଦେଉନାହାନ୍ତି ଚଞ୍ଚକତାକାରୀ। ଏଣେ, ବାରମ୍ବାର ନୋଟିସ୍ ପଠାଇ ହାଲିଆ ହେବା ପରେ ଏବେ ବ୍ୟାଙ୍କ ଏହି ସମ୍ପତ୍ତିର ନିଲାମ ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ଏହି ଘଟଣା ପ୍ରଘଟ ହେବା ପରେ ଏବେ ଜଗନ୍ନାଥପ୍ରେମୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମ୍ପୃକ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯେତେବେଳେ ଜମି ବନ୍ଧକ ରଖିଲା, ସେତେବେଳେ କାଗଜପତ୍ର ଉପଯୁକ୍ତ ଭାବେ ଯାଞ୍ଚ କରିଥିଲା ନା ନାହିଁ? ଯଦି କରିଥିଲା, ତେବେ ଆର୍‌ବିଆଇ ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରି କିପରି ମହାପ୍ରଭୁଙ୍କ ସମ୍ପତ୍ତିକୁ ବନ୍ଧକ ରଖିପାରିଲା, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ସେହିପରି ଠାକୁରଙ୍କ ସମ୍ପତ୍ତି ବନ୍ଧକ ରଖିବାକୁ କିଛି ବ୍ୟକ୍ତି କିପରି ସାହସ ଜୁଟାଇଲେ। ଏସବୁକୁ ଦେଖିବା ପରେ ନିଶ୍ଚିତ ଏହା ପଛରେ ବଡ଼ ଷଡ଼୍‌ଯନ୍ତ୍ର ଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଅପରପକ୍ଷେ, ମହାପ୍ରଭୁଙ୍କ ଖାଲି ଏହି ୬ ଏକର ସମ୍ପତ୍ତି ବନ୍ଧକ ରହିଛି ନା ଆହୁରି କେତେ ସମ୍ପତ୍ତିକୁ ବିକି ଭାଙ୍ଗି ଖାଇବାକୁ ଚେଷ୍ଟା କରାଯାଇଛି, ସେ ନେଇ ବି ପ୍ରଶ୍ନ ଉଠିଛି।

ଜମି ମାଫିଆଙ୍କ ଟାର୍ଗେଟ୍‌ରେ ମହାପ୍ରଭୁଙ୍କ ଜମି ରହିଥିବା ବିଭିନ୍ନ ସମୟରେ ନଜରକୁ ଆସିଛି। ସରକାରୀ ଅଥବା ବ୍ୟକ୍ତିଗତ ଜମିକୁ ଜବରଦଖଲ କଲେ ବିରୋଧର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। କିନ୍ତୁ ମହାପ୍ରଭୁଙ୍କ ଜମି ହାତେଇଲେ, ଧରପଗଡ଼ ହେବାର ସମ୍ଭାବନା ପ୍ରାୟତଃ ନାହିଁ। ଏମିତି ଭାବନା ରଖିଥିବା କିଛି ମାଫିଆ, ଅସାଧୁ ବ୍ୟକ୍ତିମାନେ ଜଗନ୍ନାଥଙ୍କ ଜମିକୁ ଜବରଦଖଲ କରୁଛନ୍ତି। ପରବର୍ତ୍ତୀ ସମୟରେ କେହିକେହି ଏହାକୁ ଅନ୍ୟକୁ ବିକ୍ରି କରୁଥିବା ବେଳେ ଆଉ କେହି ନିଜ ନାମରେ ରେକର୍ଡ କରାଇବାକୁ ଉଦ୍ୟମ ମଧ୍ୟ କରୁଛନ୍ତି। କିନ୍ତୁ ମହାପ୍ରଭୁଙ୍କ ଅମୃତମଣୋହୀ ସମ୍ପତ୍ତି ବନ୍ଧକ ରଖାଯିବ ଭଳି ଚଞ୍ଚକତା ହୋଇଛି ଖୋଦ୍ ପୁରୀରେ। କିଛି ବ୍ୟକ୍ତି ଏଭଳି ଚଞ୍ଚକତା କରିଛନ୍ତି।

ମିଳିଥିବା ଅଭିଯୋଗ ଅନୁଯାୟୀ, ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ଗାଇଡଲାଇନ୍‌କୁ ଉଲ୍ଲଂଘନ କରି ଠାକୁରଙ୍କ ସମ୍ପତ୍ତିକୁ ବନ୍ଧକ ରଖିଛି। ମାଟିଆପଡ଼ା ମୌଜାରେ ଥିବା ମହାପ୍ରଭୁଙ୍କର ୬ ଏକରରୁ ଊର୍ଦ୍ଧ୍ୱ ଜମିକୁ ବନ୍ଧକ ରଖାଯାଇଛି। ୨୦୦୬ ମସିହାରେ ବ୍ୟାଙ୍କ ଏହାକୁ ବନ୍ଧକ ରଖି ଟଙ୍କା ଦେଇଛି। ହେଲେ ସମ୍ପୃକ୍ତ ବ୍ୟକ୍ତି ଋଣ ଶୁଝୁ ନଥିବାରୁ ବ୍ୟାଙ୍କ ନୋଟିସ୍ କରିଥିଲା। କିନ୍ତୁ କିଛି ଉତ୍ତର ନ ପାଇବାରୁ ଏହି ଜମିକୁ ନିଲାମ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବା ଅଭିଯୋଗକାରୀ କହିଛନ୍ତି।

ଅନ୍ୟପକ୍ଷରେ ଏଭଳି ଚଞ୍ଚକତା ଜଣାପଡ଼ିବା ପରେ କିଛି ବ୍ୟକ୍ତି ଶ୍ରୀମନ୍ଦିର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ଦିର ପ୍ରଶାସନ ମହାପ୍ରଭୁଙ୍କ ଅମୃତମଣୋହୀ ସମ୍ପତ୍ତିର ସୁରକ୍ଷା ପାଇଁ ୨୦୧୯ ମସିହା ଜୁନ୍ ମାସରେ କୁମ୍ଭାରପଡ଼ା ଥାନାକୁ ଚିଠି କରିଥିଲା। ହେଲେ କୌଣସି ପଦକ୍ଷେପ କିମ୍ବା ଖୋଳତାଡ଼ ନହେବାରୁ ଏବେ ଠାକୁରଙ୍କ ସମ୍ପତ୍ତିକୁ ନିଲାମ କରିବାକୁ ଯାଉଛି ବ୍ୟାଙ୍କ। ଭାତହାଣ୍ଡିରୁ ଗୋଟିଏ ଭାତ ଚିପିଲା ଭଳି ଏହି ଦୁର୍ନୀତିର ଚେର ବହୁତ ଲମ୍ବା। ଅନେକ ବଡ଼ବଡ଼ିଆ ବାବୁ ଏଥିରେ ସାମିଲ ଅଛନ୍ତି। ତୁରନ୍ତ ଦୋଷୀଙ୍କୁ ଗିରଫ କରାଯିବା ସହ ମହାପ୍ରଭୁଙ୍କର ଅମୃତମଣୋହୀ ସମ୍ପତ୍ତିର ସୁରକ୍ଷା ଦାବି କରିଛନ୍ତି ଜଗନ୍ନାଥପ୍ରେମୀ।

ଏ ସମ୍ପର୍କରେ ସମ୍ପୃକ୍ତ ବ୍ୟାଙ୍କର ମ୍ୟାନେଜରଙ୍କୁ ପଚାରିବାରେ ମହାପ୍ରଭୁଙ୍କ ସମ୍ପତ୍ତି କେହି ବନ୍ଧକ ରଖିପାରିବେ ନାହିଁ। ଯଦି ବ୍ୟାଙ୍କରେ ବନ୍ଧକ ରଖି ଟଙ୍କା ଦିଆଯାଇଥିବ ତାହା ସମ୍ପୂର୍ଣ୍ଣ ଭୁଲ୍। ଠାକୁରଙ୍କ ଜମି ବନ୍ଧକ ରଖି ଯଦି କେହି ଋଣ ଦେଇଥିବେ ଏବଂ ସେ ଦୋଷୀ ବୋଲି ପ୍ରମାଣିତ ହୁଅନ୍ତି ତାଙ୍କ ଚାକିରି ଯିବ। କିନ୍ତୁ କୌଣସି ବ୍ୟକ୍ତିଙ୍କ ଋଣ ସମ୍ପର୍କରେ ବାହାରେ କହିହେବ ନାହିଁ ବୋଲି ସ୍ପଷ୍ଟ କରିଥିଲେ।



**ଯାଜ୍ଞସେନୀ ଯାତ୍ରା ରଙ୍ଗମଞ୍ଚରେ ଅଘଟଣ**

## ନାଚ ଶିଖାଉ ଶିଖାଉ ଟଳିପଡ଼ିଲେ ନୃତ୍ୟଗୁରୁ

ବ୍ୟାସନଗର, ୨୬।୭ (ସମିସ): ନୃତ୍ୟ ଶିଖାଉଥିବା ବେଳେ ଷ୍ଟେଜ୍ ଉପରେ ଟଳିପଡ଼ିଲେ ନୃତ୍ୟଗୁରୁ। ଯାଜପୁର ଜିଲ୍ଲା ଷଠିପୁରଠାରେ ଯାତ୍ରା ପରିବେଷଣ ନିମନ୍ତେ ଆଖଡ଼ାଶାଳରେ ଯାତ୍ରା ଅଭ୍ୟାସ କରୁଥିବା ଯାଜ୍ଞସେନୀ ଯାତ୍ରା ପାର୍ଟିର ରଙ୍ଗମଞ୍ଚରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ନୃତ୍ୟଗୁରୁ ପୀତବାସ ନାୟକ। ଏ ଘଟଣା ପଦାକୁ ଆସିବା ପରେ କଳାକାର ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ପ୍ରତିଦିନ ଭଳି ଶୁକ୍ରବାର ସକାଳେ ପୀତବାସ ଯାଜ୍ଞସେନୀ ଯାତ୍ରା ପାର୍ଟିର ନାଟକ 'ଆଖିର ଦୋଷ ନାଁ ଲୁହର ଦୋଷ' ନାଟକ ପାଇଁ କଳାକାରଙ୍କୁ ନାଚ ଶିଖାଉଥିଲେ। ଏହି ସମୟରେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ



ଷ୍ଟେଜ୍ ଉପରେ ଅଚେତ ହୋଇ ପଡ଼ିଯାଇଥିଲେ। ନିର୍ଦ୍ଦେଶକ ତଥା ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ସାଥି କଳାକାରଙ୍କ ସହାୟତାରେ ପୀତବାସଙ୍କୁ ପାଣିକୋଇଲି ମେଡିକାଲ ଓ ପରେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୀତବାସଙ୍କ ମୃତ୍ୟୁକୁ ନେଇ ସମଗ୍ର ଯାତ୍ରା କଳାକାରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଶୁକ୍ରବାରର ଘଟଣାକୁ ନେଇ ବରିଷ୍ଠ ଅଭିନେତା ଓ ଯାତ୍ରା ନିର୍ଦ୍ଦେଶକ ଶ୍ରୀ ମହାନ୍ତି ଦୁଃଖ ପ୍ରକାଶ କରିଛନ୍ତି।

ଜଙ୍ଗଲ ଉଜାଡୁଛନ୍ତି କେନ୍ଦ୍ର ସରକାର

# ଛତିଶଗଡ଼ରୁ ୨ ଲକ୍ଷ, ନିକୋବରରୁ ୧୦ ଲକ୍ଷ ଗଛ କଟାଯିବ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି)



ଜଳବାୟୁ ପରିବର୍ତ୍ତନ ଦିନକୁ ଦିନ ଘାତକ ହେବାରେ ଲାଗିଛି। ଏହାର ପ୍ରଭାବରେ ପରିବେଶ ସନ୍ତୁଳନ ହରାଉଛି। ପ୍ରଦୂଷଣ, ମାତ୍ରାଧିକ ଜଙ୍ଗଲ ହାନି ଆଦି ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଋତୁ ଚକ୍ରରେ ପରିବର୍ତ୍ତନ ହୋଇ ଚାଲିଛି। ଅଦିନରେ ବର୍ଷା, ବନ୍ୟା, ବାତ୍ୟା, ମରୁଡ଼ି ଆଦି ହେଉଛି। ଏଥିଯୋଗୁଁ ଅନେକ ଲୋକ ଅକାଳରେ ପ୍ରାଣ ହରାଉଛନ୍ତି। ଏଭଳି ସ୍ଥିତି ଲାଗି ରହିଥିବାବେଳେ ଭାରତ ସରକାର ୧୨ ଲକ୍ଷରୁ ଅଧିକ ଗଛ କାଟିବାକୁ ନିଷ୍ପତ୍ତି ନେଇଛନ୍ତି। ୨୩ କୋଇଲା ବ୍ଲକ୍ ଚିହ୍ନଟ କରାଯାଇଥିବା ଛତିଶଗଡ଼ର ହସଦେଓ ଆରାଣ୍ଡ ଜଙ୍ଗଲରେ ୨ ଲକ୍ଷ ୭୩ ହଜାର ୭୫୭ଟି ଓ ଗ୍ରେଟ୍ ନିକୋବରରେ ଏକ ଟାଉନସିପ୍, ବିମାନବନ୍ଦର, ପାଓ୍ବାର ପ୍ଲାଣ୍ଟ ଓ ଅନ୍ୟ ବିବିଧ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ପାଇଁ ପ୍ରାୟ ୧୦ଲକ୍ଷ ଗଛ କଟାଯିବ। ଆମ୍ ଆଦମୀ ପାର୍ଟି(ଆପ୍) ସାଂସଦ ସନ୍ଦୀପ କୁମାର ପାଠକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଗୁରୁବାର ରାଜ୍ୟସଭାରେ ଏହି ସୂଚନା ଦେଇଥିଲେ। ସେ କହିଥିଲେ ଯେ ହସଦେଓ ଆରାଣ୍ଡ ଜଙ୍ଗଲରେ ଚିହ୍ନଟ ୨୩ କୋଇଲା ବ୍ଲକ୍ ମଧ୍ୟରୁ ୨ଟି ବ୍ଲକ୍‌ରେ ଖନନ କାର୍ଯ୍ୟ ଆରମ୍ଭ ହେଲାଣି। ଆଉ ଏକ ବ୍ଲକ୍‌ର ଖନନ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। କୋଇଲା ବ୍ଲକ୍ ମିଳିଥିବା ଏହି ଜଙ୍ଗଲରୁ ମୋଟ ୨ଲକ୍ଷ ୭୩ହଜାର ୭୫୭ଟି ଗଛ କଟାଯିବ। ୨୦୨୩ ଶେଷ ସୁଦ୍ଧା ସେଥିରୁ ୯୪ ହଜାର ୪୬୦ ଗଛ କଟା ସରିଲାଣି। ଛତିଶଗଡ଼ର ହସଦେଓ ଆରାଣ୍ଡ ଜଙ୍ଗଲ ହେଉଛି ମଧ୍ୟ ଭାରତର ସବୁଠାରୁ ଘଞ୍ଚ ଓ ବୃହତ ଜଙ୍ଗଲ। ଏହି ଜଙ୍ଗଲ ୧ଲକ୍ଷ ୭୦ ହଜାର ହେକ୍ଟର ପରିମିତ ଭୂମିରେ ରହିଛି। ପ୍ରତି ହେକ୍ଟର ଜଙ୍ଗଲରେ ହାରାହାରି ୪୦୦ଟି ବଡ଼ ଶାଳ ଗଛ ରହିଛି। ଅନେକ ଶାଳ ଗଛ ୨୦୦ ବର୍ଷର ପୁରୁଣା। ତେବେ ଜଙ୍ଗଲ କ୍ଷୟର ଭରଣା ପାଇଁ ୫୩ ଲକ୍ଷ ୪୦ ହଜାର ୫୮୬ ଚାରା ରୋପଣ ହୋଇଛି। ସେଥିରୁ ୪୦ଲକ୍ଷ ୯୩ହଜାର ୩୯୫ଟି ଚାରା ବଞ୍ଚିଛି ଓ ବଞ୍ଚିରହିବା ଆଶା କରାଯାଉଛି।

ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ପରିବେଶ ବିଭାଗ ରାଷ୍ଟ୍ରମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ସିଂହ ରାଜ୍ୟସଭାରେ ଜଣାଇଥିଲେ ଯେ ଗ୍ରେଟ୍ ନିକୋବର ଦ୍ୱୀପରେ ୧୩୦.୭୫ ବର୍ଗ କିଲୋମିଟର ଜଙ୍ଗଲ ଜମିର କିସମ ବଦଳାଇ ଏକ ଟାଉନ୍‌ସିପ୍, ଏକ ବିମାନବନ୍ଦର, ଗୋଟିଏ ପାଓ୍ବାର୍ ପ୍ଲାଣ୍ଟ ଓ ଅନ୍ୟ ବିବିଧ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ନିମନ୍ତେ କେନ୍ଦ୍ର ସରକାର ଷ୍ଟେଜ୍ ୧ ଜଙ୍ଗଲ କ୍ଲିୟରାନ୍ସ ଅନୁମୋଦନ ଦେଇଛନ୍ତି। ସେଥିପାଇଁ ପ୍ରାୟ ୯ ଲକ୍ଷ ୬୪ ହଜାର ଗଛ କଟାଯିବ। କିସମ ବଦଳା ଯାଇଥିବା ୧୩୦.୭୫ ବର୍ଗ କିମି ଜଙ୍ଗଲ ଜମିରୁ ୫୦% ଅର୍ଥାତ ୬୫.୯୯ ବର୍ଗ କିମି ଜମିରେ ସବୁଜ ଉନ୍ନୟନ ହେବ, କୌଣସି ଗଛ କଟାଯିବ ନାହିଁ। ବିକଶିତ ହେବାକୁ ଥିବା ଭୂମିର ୧୫% ରହିବ ସବୁଜ ଓ ଖୋଲା ଜାଗା। ସେଠାରୁ ମଧ୍ୟ କୌଣସି ଗଛ କଟାଯିବ ନାହିଁ ବୋଲି ମନ୍ତ୍ରୀ ସଫେଇ ଦେଇଛନ୍ତି। ଜଙ୍ଗଲ କ୍ଷତି ଭରଣା ପାଇଁ ଦରକାର ମୁତାବକ ବୃକ୍ଷରୋପଣ କରାଯିବା ବନ୍ଦୋବସ୍ତ ହୋଇଛି। ତଥାପି ଗ୍ରେଟ୍ ନିକୋବରରେ ୯ ଲକ୍ଷ୬୪ ହଜାର ଗଛ କଟାଯିବ। ଏଥିପାଇଁ ଗ୍ରେଟ୍ ନିକୋବର ଦ୍ୱୀପର ବେଳାଭୂମିରେ ପ୍ରତିବର୍ଷ ବିରଳ ଲେଦରବ୍ୟାକ୍ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରଭାବିତ ହେବନାହିଁ ବୋଲି ମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ସିଂହ ଜଣାଇଛନ୍ତି। ଅନ୍ୟପକ୍ଷରେ ପରିବେଶ ପ୍ରେମୀ ଏହି ନିଷ୍ପତ୍ତିକୁ ବିରୋଧ କରୁଛନ୍ତି। ପୂର୍ବରୁ ହସଦେଓ ଜଙ୍ଗଲ କାଟିବା ସମୟରେ ଘୋର ବିରୋଧ କରାଯାଇଥିଲା। କିନ୍ତୁ ପ୍ରଶାସନ କଡ଼ା ସୁରକ୍ଷା ବଳୟରେ ଆଦିବାସୀଙ୍କୁ ଗୃହବନ୍ଦୀ କରି କମ୍ପାନୀକୁ ଗଛ କାଟିବା ପାଇଁ ସହଯୋଗ ଦେଇଥିଲା। ଏଥିଯୋଗୁଁ ଏକ ବିରାଟ ବଡ଼ ଜଙ୍ଗଲ, ଅନେକ ଝରଣା, ଲକ୍ଷ ଲକ୍ଷ ହାତୀ, ବାଘ ଆଦି ଜୀବଜନ୍ତୁଙ୍କ ବସା ଉଜୁଡ଼ି ଗଲା। ଏହାକୁ ନେଇ କଂଗ୍ରେସ ବିଜେପିକୁ ତୀବ୍ର ସମାଲୋଚନା କରିଥିଲା। ବିଜେପି ସରକାର ଉଦ୍ୟୋଗପତିଙ୍କ ପାଇଁ ଜଙ୍ଗଲ ନଷ୍ଟ କରୁଥିବା ଅଭିଯୋଗ କରାଯାଇଥିଲା। ଏହାକୁ ନେଇ ଆନ୍ଦୋଳନ କରୁଥିବା ଆଦିବାସୀମାନଙ୍କୁ କୋର୍ଟରୁ ମଧ୍ୟ ନ୍ୟାୟ ମିଳି ପାରି ନ ଥିଲା।

ମାନହାନୀ ମାମଲା

## କୋର୍ଟରେ ହାଜର ହେଲେ ରାହୁଲ

ସୁଲତାନପୁର, ୨୬।୭ (ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ତାଙ୍କ ବିରୋଧରେ ଥିବା ଏକ ମାନହାନୀ ମକଦ୍ଦମାରେ ସୁଲତାନପୁର ସ୍ୱତନ୍ତ୍ର ମାଜିଷ୍ଟ୍ରେଟ୍ ଶୁଭମ ବର୍ମାଙ୍କ ଏମ୍‌ପି/ଏମଏଲଏ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ବୟାନ ରେକର୍ଡ କରିଛନ୍ତି। ସେ ନିଜକୁ ନିର୍ଦ୍ଦୋଷ କହିଛନ୍ତି। ତାଙ୍କ ବିରୋଧରେ ରାଜନୈତିକ ଷଡ଼ଯନ୍ତ୍ର ହୋଇଛି। ତାଙ୍କର ଏବଂ କଂଗ୍ରେସର ଛବି ଖରାପ କରିବା ପାଇଁ ଅଭିଯୋଗ ଲଗାଯାଇଥିବା ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ ବେଙ୍ଗାଲୁରୁରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ବିଜେପିର ତତ୍କାଳୀନ ସଭାପତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ୍ କରି କହିଥିଲେ ଯେ ବିଜେପି ସଚ୍ଚୋଟ ଓ ସ୍ୱଚ୍ଛ ରାଜନୀତି କରୁଥିବା ଦାବି କରୁଛି, କିନ୍ତୁ ଜଣେ ହତ୍ୟା ଅଭିଯୁକ୍ତଙ୍କୁ ପାର୍ଟିର ସଭାପତି କରିଛି। ରାହୁଲଙ୍କ ମନ୍ତବ୍ୟ ଶାହଙ୍କ ସାମାଜିକ ପ୍ରତିଷ୍ଠାକୁ ହାନୀ ପହଞ୍ଚାଇଥିବା ଦର୍ଶାଇ ବିଜେପି ନେତା ବିଜୟ ମିଶ୍ର ୨୦୧୮ ଅଗଷ୍ଟ ୪ରେ ରାହୁଲଙ୍କ ବିରୋଧରେ ଏହି ମାନହାନୀ ମକଦ୍ଦମା ଦାଏର କରିଥିଲେ। ମକଦ୍ଦମାରେ ରାହୁଲଙ୍କ ବିରୋଧରେ ଆଇପିସିର ଧାରା ୪୯୯ ଓ ୫୦୦ ଲଗାଯାଇଛି। ଏହି ମାନହାନୀ ମାମଲାରେ ରାହୁଲ ଗତ ଫେବୃଆରୀ ୨୦ରେ ଜାମିନ ପାଇଛନ୍ତି। ରାହୁଲ କିନ୍ତୁ ଜାମିନ ପାଇବା ପରେ ମକଦ୍ଦମାର ବିଚାର ପାଇଁ ଧାର୍ଯ୍ୟ ତାରିଖରେ ଆଉ ଅଦାଲତ ଯାଇନଥିଲେ। ଏଥିପାଇଁ କୋର୍ଟ ପରବର୍ତ୍ତୀ ତାରିଖରେ ହାଜର ହେବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ।



ରାହୁଲ ଗାନ୍ଧୀ ଜଣେ ମୋଚୀଙ୍କୁ ଭେଟି ଜୋତା ସିଲେଇ କରିବା ସହିତ ଆଲୋଚନା କରୁଛନ୍ତି।

## ଆଇସିୟୁରେ ଶିଶୁଙ୍କୁ ମିଳିବ ମା' କ୍ଷୀର

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): ଆଇସିୟୁରେ ଥିବା ନବଜାତ ଶିଶୁଙ୍କୁ ମା' କ୍ଷୀର ଯୋଗାଇବା ଓ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଯତ୍ନର ବ୍ୟବସ୍ଥା କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଦେଶରେ ୧୦୨ଟି କମ୍ପ୍ରିହେନସିଭ୍ ଲାକ୍ଟେସନ୍ ମ୍ୟାନେଜମେଣ୍ଟ ସେଣ୍ଟର(ସିଏଲଏମସି) ଓ ଲାକ୍ଟେସନ ମ୍ୟାନେଜମେଣ୍ଟ ୟୁନିଟ୍(ଏଲଏମୟୁ) ପ୍ରତିଷ୍ଠା କରିଛନ୍ତି। ମା' କ୍ଷୀର ପାଇ ଅସୁସ୍ଥ, ସମୟ ପୂର୍ବରୁ ଜନ୍ମ ନେଇଥିବା ଶିଶୁ, ଜନ୍ମ ବେଳେ କମ୍ ଓଜନର ଶିଶୁଙ୍କୁ ଆଇସିୟୁରେ ରଖି ମା' କ୍ଷୀର ପାଇବାର ବ୍ୟବସ୍ଥା କରାଗଲେ ସେମାନେ ଆବଶ୍ୟକ ପୁଷ୍ଟି ପାଇ ସୁସ୍ଥ ରହିପାରି ବଢ଼ିବେ। ମା' କ୍ଷୀର ପାଇଲେ ପ୍ରାପ୍ତବୟସ୍କ ହେବା ବେଳେ ସେମାନେ ରକ୍ତହୀନତା, ଡାଏରିଆ, ଆସ୍ଥାମା, ଏଲର୍ଜି ଓ ଡାଏବେଟିସ୍ ଆଦି ବ୍ୟାଧିରେ ଆକ୍ରାନ୍ତ ହେବା ସମ୍ଭାବନା କମିବ। ଆଇସିୟୁରେ ଥିବା ଦୁର୍ବଳ ଶିଶୁପାଇଁ ମା' କ୍ଷୀର ଜୀବନ ରକ୍ଷାକାରୀ ସାବ୍ୟସ୍ତ ହୋଇଥାଏ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଏହା ଜଣାଇଛନ୍ତି। ଏବେ ଦେଶରେ ୫୨ଟି ସିଏଲଏମସି ଓ ୫୦ଟି ଏଲଏମୟୁ କାର୍ଯ୍ୟକ୍ଷମ ରହିଛି।

## ରାଷ୍ଟ୍ରପତି ପ୍ରାର୍ଥୀ ପାଇଁ କମଳାଙ୍କୁ ଓବାମାଙ୍କ ସମର୍ଥନ

ୱାଶିଂଟନ, ୨୬।୭ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ତାଙ୍କ ପତ୍ନୀ ମିସେଲ ଓବାମା ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଭାରତୀୟ ବଂଶୋଦ୍ଭବ କମଳା ହ୍ୟାରିସଙ୍କୁ ସମର୍ଥନ କରିଛନ୍ତି। ଉଭୟେ ଶୁକ୍ରବାର ଫୋନ କରି କମଳାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାକୁ ନେଇ କମଳା ଖୁସି ପ୍ରକଟ କରିଛନ୍ତି ଏବଂ ଦମ୍ପତିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଓବାମା ଏ ସମ୍ବନ୍ଧିତ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ଏଥିରେ ସେ ବିଜୟୀ ହେବା ପାଇଁ ସବୁ ପ୍ରକାର ସହାୟତା ଦେବେ ବୋଲି କହୁଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଜୋ ବାଇଡେନ ଦୌଡ଼ରୁ ଓହରିବାର ୪୮ ଘଣ୍ଟା ଭିତରେ ସେ ଡେମୋକ୍ରାଟ ଦଳର ସଦସ୍ୟଙ୍କୁ ନିଜ ସପକ୍ଷରେ ଆଣିବାରେ ସଫଳ ହୋଇଥିଲେ ବୋଲି ଜଣାପଡ଼ିଛି।



## ଗାଡ଼ିରେ ଆବର୍ଜନା ବ୍ୟାଗ୍ ରଖିବା ବାଧ୍ୟତାମୂଳକ

ଡେରାଡୁନ୍, ୨୬।୭ (ଏଜେନ୍ସି): ଉତ୍ତରାଖଣ୍ଡ ସରକାର ବାହାର ରାଜ୍ୟରୁ ଉତ୍ତରାଖଣ୍ଡକୁ ପ୍ରବେଶ କରୁଥିବା ପ୍ରତ୍ୟେକ ଗାଡ଼ିରେ ଆବର୍ଜନା ବ୍ୟାଗ୍ ତଥା ଡଷ୍ଟବିନ୍ ରଖିବା ବାଧ୍ୟତାମୂଳକ କରିଛନ୍ତି । ରାଜ୍ୟର ସମସ୍ତ ପ୍ରବେଶ ପଥରେ ଉତ୍ତରାଖଣ୍ଡ ପରିବହନ ବିଭାଗ ବାହାର ରାଜ୍ୟରୁ ଆସୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରି ଏହା ସୁନିଶ୍ଚିତ କରିବ। ପଡ଼ୋଶୀ ରାଜ୍ୟ ହରିୟାଣା, ଉତ୍ତରପ୍ରଦେଶ, ଦିଲ୍ଲୀ, ହିମାଚଳ ପ୍ରଦେଶ, ପଞ୍ଜାବ, ଚଣ୍ଡିଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶର ପରିବହନ ବଭାଗର କାର୍ଯ୍ୟକର୍ତ୍ତାଙ୍କୁ ଏ ସମ୍ପର୍କରେ ଜଣାଇଦିଆଯାଇଛି ଓ ସହଯୋଗ ଲୋଡ଼ାଯାଇଛି। ଏହା ନ ଥିଲେ ଜରିମାନା ଦେବାକୁ ପଡ଼ିବ। ରାଜ୍ୟରେ ଚଳପ୍ରଚଳ କରିବାକୁ ଆବଶ୍ୟକ ଟ୍ରିପ୍ କାର୍ଡ ମଧ୍ୟ ଦିଆଯିବ ନାହିଁ।

କାର୍ଗିଲ ବିଜୟ ଦିବସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମନ୍ତବ୍ୟ

## ଅସଫଳ ପାକିସ୍ତାନ ଇତିହାସରୁ କିଛି ଶିଖିନି



ଦ୍ରାସ(ଲଦାଖ), ୨୬।୭ (ଏଜେନ୍ସି): କାର୍ଗିଲ ବିଜୟର ୨୫ତମ ବର୍ଷିକୀ ତଥା ରଜତ ଜୟନ୍ତୀରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍(ସିଡିଏସ୍) ଅନୀଲ ଚୌହାନ ଓ ସେନାର ତିନି ବାହିନୀର ମୁଖ୍ୟଙ୍କୁ ସଙ୍ଗରେ ନେଇ ଦ୍ରାସ ପହଞ୍ଚି ସକାଳ ୯ଟା ୩୦ ମିନିଟରେ ଏଠାକାର କାର୍ଗିଲ ଯୁଦ୍ଧ ସ୍ମାରକୀରେ ସହିଦ ସୈନିକଙ୍କ ସମ୍ମାନାର୍ଥେ ପୁଷ୍ପମାଲ୍ୟାର୍ପଣ କରିବା ପରେ ଉପସ୍ଥିତ ସମାବେଶକୁ ସମ୍ବୋଧନ କରି କହିଛନ୍ତି, ଭାରତକୁ କ୍ଷତାକ୍ତ କରିବା ପାଇଁ ପାକିସ୍ତାନ ବାରମ୍ବାର ଘୃଣିତ ଉଦ୍ୟମ କରିଛି କିନ୍ତୁ ସର୍ବଦା ଅସଫଳ ହୋଇ ଆତଙ୍କବାଦ ଓ ଛଦ୍ମ ବା ପରୋକ୍ଷ ଯୁଦ୍ଧର ସାହାରା ନେଇଛି। ଅତୀତର ଭୁଲରୁ, ଇତିହାସରୁ ପାକିସ୍ତାନ କିଛି ଶିକ୍ଷା ଲାଭ କରିନାହିଁ। କାର୍ଗିଲ ଯୁଦ୍ଧ ସ୍ମାରକୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ସେ ଏପରି ଏକ ସ୍ଥାନରୁ କହୁଛନ୍ତି ଯେଉଁଠାରୁ ତାଙ୍କ ସ୍ୱର ଆତଙ୍କୀଙ୍କ ମାଲିକ ବା ପୃଷ୍ଠପୋଷକମାନେ ସ୍ପଷ୍ଟ ଶୁଣିପାରିବେ। ଭାରତର ସେନା ତା'ର ସମସ୍ତ ଶକ୍ତିର ଉପଯୋଗରେ ଆତଙ୍କବାଦକୁ ଦମନ କରି ଉନ୍ମୂଳନ କରିବ ଓ ଶତ୍ରୁକୁ ଉଚିତ୍ ଜବାବ ଦିଆଯିବ। ୧୯୯୯ କାର୍ଗିଲ ଯୁଦ୍ଧରେ ଦେଶମାତୃକାକୁ ରକ୍ଷା କରିବା ପାଇଁ ଯେଉଁ ସୈନିକମାନେ ଚରମ ତ୍ୟାଗ ସ୍ୱୀକାର ପୂର୍ବକ ପ୍ରାଣବଳି ଦେଇଛନ୍ତି ସେମାନେ ବାସ୍ତବିକ ଅମର ସହିଦ, କୃତଜ୍ଞ ଦେଶ ସେମାନଙ୍କ ଅପୂର୍ବ ବୀରତ୍ୱ ଓ ଅସାମାନ୍ୟ ଶୌର୍ଯ୍ୟକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। କାର୍ଗିଲ ବିଜୟ ଦିବସର ରଜତ ଜୟନ୍ତୀରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସେନାର ତିନି ବାହିନୀର ଉପମୁଖ୍ୟମାନେ ଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀରେ କାର୍ଗିଲ ସହିଦଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି।

### ସିଙ୍କୁ ଲା ସୁଡ଼ଙ୍ଗ ନିର୍ମାଣର ଶୁଭାରମ୍ଭ କଲେ ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲଦାଖର ଦ୍ରାସସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକୀରେ ୧୯୯୯ କାର୍ଗିଲ ସହିଦଙ୍କୁ ପୁଷ୍ପମାଲ୍ୟାର୍ପଣ ପୂର୍ବକ ସମ୍ମାନ ଜଣାଇବା ପରେ ରିମୋର୍ଟ କଣ୍ଟ୍ରୋଲରେ ପ୍ରଥମ ବିସ୍ଫୋରଣ ଘଟାଇ ସିଙ୍କୁ ଲା ଦ୍ୱୈତ ମାର୍ଗ ସୁଡ଼ଙ୍ଗ ନିର୍ମାଣର ଶୁଭାରମ୍ଭ କରିଛନ୍ତି। ଏହି ସୁଡ଼ଙ୍ଗ ହିମାଚଳ ପ୍ରଦେଶର ମନାଲିକୁ ଭାୟା ନିମ୍ମୁ-ପଦମ-ଦାର୍ଚ୍ଛା ଆକ୍ସିସରେ ଲଦାଖର ଲେହ ସହ ଯୋଡ଼ିବ। ଫଳରେ ଲେହକୁ ସବୁଦିନିଆ ବିକଳ୍ପ ସଡ଼କ ସଂଯୋଗ ସମ୍ଭବପର ହେବ ଓ ମନାଲି-ଲେହ ଦୂରତା ପ୍ରାୟ ୬୦ କିଲୋମିଟର କମିବ। ସମୁଦ୍ର ପତ୍ତନଠାରୁ ୧୫୮୦୦ ଫୁଟ ଉଚ୍ଚତାରେ ଖନନ କରାଯାଉଥିବା ଏହି ୪.୧ କିଲୋମିଟର ଲମ୍ବର ସୁଡ଼ଙ୍ଗର ନିର୍ମାଣ ୪ବର୍ଷରେ ସମାପ୍ତ ହେବ। ନିର୍ମାଣ ସରିଲେ ଏହି ସୁଡ଼ଙ୍ଗ ହେବ ବିଶ୍ୱର ଉଚ୍ଚତମ ସୁଡ଼ଙ୍ଗ। ସୁଡ଼ଙ୍ଗ କାର୍ଯ୍ୟ ସରିଲେ ଲଦାଖକୁ ପୂର୍ବାପେକ୍ଷା କମ୍ ସମୟରେ ଏବଂ ସହଜରେ ସେନା ଓ ସାମରିକ ଉପକରଣ, ସରଞ୍ଜାମ ଆଦି ପ୍ରେରଣ ସମ୍ଭବ ହେବ। ବର୍ତ୍ତମାନ ସମୁଦ୍ର ପତ୍ତନଠାରୁ ୧୫୫୯୦ ଫୁଟ ଉଚ୍ଚରେ ଥିବା ଚୀନର ମିଳା ସୁଡ଼ଙ୍ଗ ହେଉଛି ବିଶ୍ୱର ଉଚ୍ଚତମ ସୁଡ଼ଙ୍ଗ।

## ବିଶ୍ୱ ଐତିହ୍ୟ ତାଲିକାରେ ମୋଇଦମ



ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଆସାମର 'ମୋଇଦମ' ଶୁକ୍ରବାର ୟୁନେସ୍କୋର ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇଛି। ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଜାରି ବିଶ୍ୱ ଐତିହ୍ୟ ପରିଷଦର ୪୬ତମ ଅଧିବେଶନରେ ଏହି ଘୋଷଣା କରାଯାଇଛି। ଏଠାରେ ଅହୋମ ରାଜବଂଶର କବରସ୍ଥଳ (ମାଉଣ୍ଡ ବୁରିୟାଲ ସିଷ୍ଟମ) ରହିଛି। ଏହା ଭାରତର ୪୩ତମ ବିଶ୍ୱ ଐତିହ୍ୟସ୍ଥଳ ହୋଇଛି। ପ୍ରଥମଥର ପାଇଁ ଉତ୍ତର ପୂର୍ବର ଏକ ସାଂସ୍କୃତିକ ସ୍ଥଳକୁ ଏହି ତାଲିକାରେ ସାମିଲ କରାଯାଇଛି। ମୋଇଦମ ଅହମୋ ରାଜା, ରାଣୀ ଏବଂ ଧନୀଙ୍କ ଶ୍ରେଣୀଙ୍କ କବରସ୍ଥଳ ଥିଲା। ମୋଇଦମର ଅର୍ଥ ମୃତକଙ୍କ ଆତ୍ମାକୁ କବର ଦେବା।

## ୨ ରାଜ୍ୟର ସଭାପତି ବଦଳାଇଲା ବିଜେପି

ପାଟନା, ୨୬।୭(ଏଜେନ୍ସି): ବିଜେପି ବିହାର ଶାଖା ସଭାପତି ଭାବେ ୩ଥର ବିହାର ବିଧାନ ପରିଷଦକୁ ଏମ୍‌ଏଲସି ଭାବେ ନିର୍ବାଚିତ ହୋଇଥିବା ଦିଲ୍ଲୀପ ଜୟସ୍ୱାଲଙ୍କୁ ନିଯୁକ୍ତି ମିଳିଛି। ସେ ୨୦୨୩ରୁ ଏହି ପଦରେ ଥିବା ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ସ୍ଥାନ ନେଇଛନ୍ତି। ଦିଲ୍ଲୀପ ବର୍ତ୍ତମାନ ବିହାରର ରାଜସ୍ୱ ଓ ଭୂସଂସ୍କାର ମନ୍ତ୍ରୀ ଅଛନ୍ତି। ସେ କିଷନଗଞ୍ଜରେ ଥିବା ମାତା ଗୁଜରି ସ୍ମାରକୀ ମେଡିକାଲ କଲେଜର ପରିଚାଳନା ନିର୍ଦ୍ଦେଶକ ଅଛନ୍ତି। ଆସନ୍ତା ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବ। ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ତୁଙ୍ଗ ନେତୃତ୍ୱ ଦିଲ୍ଲୀପଙ୍କୁ ରାଜ୍ୟ ଶାଖା ସଭାପତି କରିଥିବା କୁହାଯାଉଛି। ଅନ୍ୟପକ୍ଷରେ ମଦନ ରାଥୋଡଙ୍କୁ ରାଜସ୍ଥାନ ବିଜେପି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି।

● ମମତାଙ୍କୁ ହାଇକୋର୍ଟଙ୍କ ପରାମର୍ଶ

## ଆଇନଗତ ସୀମାରେ ରହି ମନ୍ତବ୍ୟ ଦିଅ



କୋଲକାତା, ୨୬।୭ (ଏଜେନ୍ସି): ପଶ୍ଚିମବଙ୍ଗ ରାଜ୍ୟପାଳ ସିଭି ଆନନ୍ଦ ବୋଷ ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ବିବାଦ ବଢ଼ିବାରେ ଲାଗିଛି। ରାଜ୍ୟପାଳଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦେଇଥିବା ବିବାଦୀୟ ମନ୍ତବ୍ୟ ମାମଲାର ଶୁଣାଣି କଲକତା ହାଇକୋର୍ଟରେ ହୋଇଛି। ଜଷ୍ଟିସ ଆଇଟି ମୁଖାର୍ଜୀଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଶୁକ୍ରବାର ଆଇନଗତ ସୀମାରେ ରହି ମନ୍ତବ୍ୟ ଦେବାକୁ ମୁଖ୍ୟମନ୍ତ୍ରୀ ଏବଂ ଟିଏମସି ନେତାଙ୍କୁ ପରାମର୍ଶ ଦେଇଛନ୍ତି। ଯେପରି ଏହା ଅପମାନଜନକ ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ କହିଛନ୍ତି। କୌଣସି ବ୍ୟକ୍ତି ପାଇଁ ତା'ର ସମ୍ମାନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହାକୁ ରକ୍ଷା କରିବା ପାଇଁ ଆଇନ ଶକ୍ତି ଯୋଗାଇ ଥାଏ। ସେହିପରି ଭାରତର ପ୍ରତ୍ୟେକ ନାଗରିକଙ୍କୁ ଅଭିବ୍ୟକ୍ତିରେ ମଧ୍ୟ ସ୍ୱାଧୀନତା ମିଳିଛି। ଏହାକୁ କ୍ଷୁର୍ଣ୍ଣ କରାଯାଇପାରିବ ନାହିଁ। ମାତ୍ର ଏଥିରେ କିଛି କଟକଣା ରହିଛି। ପ୍ରତ୍ୟେକ ଲୋକଙ୍କୁ ସତ ଜାଣିବାର ଏବଂ ଏହାକୁ ସାମ୍ନାକୁ ଆଣିବାର ଅଧିକାର ରହିଛି।

## 'ନିତି' ଆୟୋଗ ବୈଠକରେ ସାମିଲ ହେବେ ମମତା

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିତି ଆୟୋଗ ବୈଠକରେ ସାମିଲ ହେବେ ବୋଲି ସୂଚନା ମିଳିଛି। ଏଥିପାଇଁ ଦିଦି ଶୁକ୍ରବାର ଦିଲ୍ଲୀ ଗସ୍ତରେ ପହଞ୍ଚିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶନିବାର ହେବାକୁ ଥିବା ନିତି ଆୟୋଗ ବୈଠକରେ ସେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ସାମିଲ ହୋଇ ଅନ୍ୟମାନଙ୍କ ଦାବି ଉପସ୍ଥାପନ କରିବେ ବୋଲି କହିଛନ୍ତି। ଏହା ପୂର୍ବରୁ ଦିଦି ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବାସଭବନକୁ ଯାଇ ତାଙ୍କ ମାତାପିତା ଏବଂ ପତ୍ନୀ ସୁନିତା କେଜ୍ରିୱାଲଙ୍କୁ ଭେଟିଛନ୍ତି।

ୟୁପି ସରକାରଙ୍କୁ ଆଶ୍ୱସ୍ତି ଦେଲେନି ସୁପ୍ରିମକୋର୍ଟ

# କାଉଡ଼ିଆଙ୍କ ମାର୍ଗରେ ନାମଲେଖା କଟକଣା ବଜାୟ

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଉତ୍ତର ପ୍ରଦେଶର କାଉଡ଼ିଆଙ୍କ ମାର୍ଗରେ ନାମ ଲେଖିବା ମାମଲାରେ ଉତ୍ତର ପ୍ରଦେଶ ସରକାର (ୟୁପି) ଙ୍କୁ ସୁପ୍ରିମକୋର୍ଟରୁ କୌଣସି ଆଶ୍ୱସ୍ତି ମିଳିପାରି ନାହିଁ। ଏହା ଉପରେ ଅନ୍ତରୀଣ କଟକଣା ବଳବତ୍ତର ରହିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏହି ମାମଲାରେ ୟୁପି ସରକାର ଜବାବ ଦାଖଲ କରିବା ପରେ କୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଉତ୍ତରାଖଣ୍ଡ ଏବଂ ମଧ୍ୟପ୍ରଦେଶ ସରକାରଙ୍କୁ ମଧ୍ୟ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ଶୁଣାଣି ସମୟରେ ୟୁପି ସରକାରଙ୍କ ଓକିଲ ମୁକୁଲ ରୋହତଗୀ କହିଛନ୍ତି ଯେ କେନ୍ଦ୍ର ଆଇନ ଅନୁଯାୟୀ ଏହି ନିର୍ଦ୍ଦେଶ ଦିଆଯାଇଛି। ଏହା ଉପରେ କୋର୍ଟ କହିଥିଲେ ଯେ ତାହେଲେ ନିୟମକୁ ସବୁଠି କାର୍ଯ୍ୟକାରୀ କରାଯାଉ। ଓକିଲ ଜବାବ ଦେଇ କହିଥିଲେ ଯେ କାଉଡ଼ିଆ କେବଳ ତିନି ରାଜ୍ୟ ଦେଇ ଯାଇଥାନ୍ତି। ଏହା କେବଳ ଖାଦ୍ୟପଦାର୍ଥ ପାଇଁ ନୁହେଁ। କେନ୍ଦ୍ର ଆଇନରେ ଥିବା ନିୟମ ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଉଛି। ଏହା ସତ୍ତ୍ୱେ ସୁପ୍ରିମକୋର୍ଟ କଟକଣା ଲଗାଇ ଦେଇଛନ୍ତି। ମାତ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟକୁ କ୍ଷମତା ଦିଆଯାଇଛି। କାଉଡ଼ିଆମାନେ ମଧ୍ୟ ଆବେଦନ ଦାଖଲ କରି ଏହାକୁ ସମର୍ଥନ କରୁଛନ୍ତି। ଖାଦ୍ୟରେ କ'ଣ ମିଶିଛି ତାହା ଜାଣିବା ଉଚିତ। ମୁଜଫରନଗର ପୁଲିସ ପକ୍ଷରୁ ଏହି ନିର୍ଦ୍ଦେଶକୁ ବାଧ୍ୟତାମୂଳକ କରାଯାଇ ନ ଥିବା ଆବେଦନରେ କୁହାଯାଇଛି। ୟୁପି ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଜଣାଯାଇଛି ଯେ ପ୍ରତି ବର୍ଷ ୪.୦୮ କୋଟି କାଉଡ଼ିଆ ଏହି ଯାତ୍ରାରେ ଭାଗ ନେଉଛନ୍ତି। କାଉଡ଼ିଆଙ୍କ ଖାଇବାପିଇବା ସାମଗ୍ରୀକୁ ନେଇ ଦ୍ୱନ୍ଦ୍ୱରେ ଥାଆନ୍ତି। ପିଆଜ-ରସୁଣ ବ୍ୟବହାରକୁ ନେଇ ମଧ୍ୟ ଝଗଡ଼ା ହୋଇଥାଏ। ଏହାକୁ ନେଇ କାଉଡ଼ିଆ ଅଭିଯୋଗ କରୁଛନ୍ତି। ଧାର୍ମିକ ଭାବନା ପ୍ରତି ଆଘାତ ନ ଲାଗିବା ଏବଂ ଶାନ୍ତିପୂର୍ଣ୍ଣ ଯାତ୍ରା ପାଇଁ ଏହି ଆଦେଶ ଦିଆଯାଇଛି। ଏଥିରେ ଧର୍ମ ପ୍ରତି ଭେଦଭାବ କରାଯାଇ ନାହିଁ। ଏହା ବିରୋଧରେ ଦାଖଲ ଆବେଦନକୁ ସରକାର ବିରୋଧ କରିଛନ୍ତି। କାଉଡ଼ିଆଙ୍କ ସମସ୍ୟା ଦୂର କରିବାକୁ, ଆଇନବ୍ୟବସ୍ଥା ବଜାୟ ରଖିବା ପାଇଁ ପୁଲିସ ଏହି ପଦକ୍ଷେପ ନେଇଛି। ଆମିଷ ଭୋଜନ ଉପରେ କଟକଣା ଲଗାଯାଇଛି। ଆଉ କାହାକୁ ନିଷିଦ୍ଧ କରାଯାଇ ନାହିଁ।



### ଧର୍ମ ପରିବର୍ତ୍ତନ ପ୍ରମାଣପତ୍ରରେ ନାମ ବଦଳିବା ଜରୁରୀ: ହାଇକୋର୍ଟ

ତିରୁଅନନ୍ତପୁରମ: ଧର୍ମ ପରିବର୍ତ୍ତନ ପରେ ଶିକ୍ଷାଗତ ପ୍ରମାଣପତ୍ରରେ ନାମ ବଦଳାଇବା ଜରୁରୀ। ସ୍କୁଲ୍ ପ୍ରମାଣପତ୍ରରେ ଏ ନେଇ କୌଣସି ନିୟମ ନ ଥିବା କହି ଏହାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। କୌଣସି ବ୍ୟକ୍ତିଙ୍କୁ ଜନ୍ମର ଆଧାରରେ ଗୋଟିଏ ଧର୍ମରେ ବାନ୍ଧିଦେବା ଏହାର ଅର୍ଥ ନୁହେଁ ବୋଲି କେରଳ ହାଇକୋର୍ଟ କହିଛନ୍ତି। ଧର୍ମ ପରିବର୍ତ୍ତନ କରି ହିନ୍ଦୁରୁ ଖ୍ରୀଷ୍ଟିଆନ ହୋଇଥିବା ଦମ୍ପତିଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଶୁକ୍ରବାର ଏହି ଟିପ୍ପଣୀ ଦେଇଛନ୍ତି। ୨୦୧୭ରେ ଧର୍ମ ପରିବର୍ତ୍ତନ କରିବା ପରେ ଉଭୟେ ସ୍କୁଲ୍ ପ୍ରମାଣପତ୍ରରେ ନାମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ। ଶିକ୍ଷା ଅଧିକାରୀ ନିୟମ ନ ଥିବା କହି ଦାବି ଖାରଜ କରିଦେଇଥିଲେ। ସେ ଏହା ବିରୋଧରେ ହାଇକୋର୍ଟ ଯାଇଥିଲେ। କୋର୍ଟ କହିଛନ୍ତି ଯେ ସମ୍ବିଧାନର ଧାରା ୨୫ (୧)ରେ କୌଣସି ବ୍ୟକ୍ତିଙ୍କୁ ନିଜ ପସନ୍ଦ ଅନୁଯାୟୀ ଧର୍ମ ଚୟନ କରିବାର ଅଧିକାର ମିଳିଛି। ଯଦି କୌଣସି ବ୍ୟକ୍ତି ଏହି ସ୍ୱାଧୀନତାକୁ ବ୍ୟବହାର କରି ଅନ୍ୟ ଧର୍ମ ଆପଣାଏ ତେବେ ସେ ପ୍ରମାଣପତ୍ରରେ ଆବଶ୍ୟକୀୟ ସୁଧାର କରିବା ଜରୁରୀ।

### 'ସମ୍ବିଧାନ ହତ୍ୟା ଦିବସ' ବିରୋଧୀ ଆବେଦନ ହାଇକୋର୍ଟରେ ଖାରଜ

ନୂଆଦିଲ୍ଲୀ: ପ୍ରତି ବର୍ଷ ଜୁନ୍ ୨୫କୁ 'ସମ୍ବିଧାନ ହତ୍ୟା ଦିବସ' ଭାବେ ପାଳନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ବିରୋଧରେ ଦାଖଲ ଆବେଦନକୁ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଆବେଦନରେ କୁହାଯାଇଥିଲା ଯେ ୧୯୭୫ରେ ଲଗା ଯାଇଥିବା ଜରୁରୀକାଳୀନ ସ୍ଥିତିକୁ ଧାରା ୩୫୨ ଅଧିନରେ କାର୍ଯ୍ୟକାରୀ କରାଯାଇଥିଲା। ତେଣୁ ଏହାକୁ ସମ୍ବିଧାନ ହତ୍ୟା ଦିବସ କହିହେବ ନାହିଁ ବୋଲି ଦାବି କରାଯାଇଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟର ମୁଖ୍ୟ ବିଚାରପତି ମନମୋହନ ଏବଂ ଜଷ୍ଟିସ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ କହିଥିଲେ ଯେ କେନ୍ଦ୍ରର ନିଷ୍ପତ୍ତି ଜରୁରୀକାଳୀନ ସ୍ଥିତି ଘୋଷଣା ବିରୋଧୀ ନୁହେଁ, ବରଂ କ୍ଷମତା ଏବଂ ସାମ୍ବିଧାନିକ ନିୟମର ଅପବ୍ୟବହାର ବିରୋଧୀ। ଏହା ଦ୍ୱାରା ସମ୍ବିଧାନର ହତାଦର ହେଉନାହିଁ।

### ଆସାମ ଡିଟେନ୍‌ସନ କେନ୍ଦ୍ରର ଦୁରବସ୍ଥା ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ: ଯେଉଁ ବିଦେଶୀଙ୍କ ନାଗରିକତା ଅସ୍ପଷ୍ଟ, ଯେଉଁମାନେ ବେଆଇନ ଭାବେ ବିନା ବୈଧ ଦଲିଲରେ ଭାରତକୁ ଅନୁପ୍ରବେଶ କରିଛନ୍ତି ଓ ସେମାନଙ୍କୁ ତାଙ୍କ ଦେଶକୁ ପଠାଇ ଦିଆଯିବା ପାଇଁ ସ୍ଥିର କରାଯାଇଛି, ସେମାନଙ୍କୁ ଅଟକ (ଡିଟେନସନ ସେଣ୍ଟର) କେନ୍ଦ୍ରରେ ରଖାଯାଇଥାଏ। ଆସାମରେ ଗୋଲପାରା ଜିଲ୍ଲାର ମାଟିଆଠାରେ ଥିବା ଏପରି ବିଦେଶୀ ଅଟକ କେନ୍ଦ୍ରର ଦୁରବସ୍ଥା ସୁପ୍ରିମକୋର୍ଟଙ୍କ ନଜରକୁ ଆସିଛି। ଅଟକ କେନ୍ଦ୍ରରେ ପାଣିର ସୁବିଧା ନାହିଁ, ପରିମଳ ବ୍ୟବସ୍ଥା ଦୟନୀୟ, ଟଏଲେଟ୍ କାମ କରୁନଥିବା, ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା ନଥିବା ଆଦି ବିଷୟରେ ଆସାମ ଲିଗାଲ ସର୍ଭିସେସ୍ ଅଥରିଟିଙ୍କ ରିପୋର୍ଟରୁ ଜାଣି ବିଚାରପତି ଅଭୟ ଓକା ଓ ବିଚାରପତି ଏଜି ମାସିହଙ୍କ ସୁପ୍ରିମକୋର୍ଟ ଖଣ୍ଡପୀଠ କ୍ଷୁବ୍ଧ ହୋଇଛନ୍ତି। ଆସାମ ଲିଗାଲ ସର୍ଭିସେସ୍ ଅଥରିଟିଙ୍କୁ ଖଣ୍ଡପୀଠ କହିଛନ୍ତି, ପୁଣି ଥରେ ସେହି ଅଟକ କେନ୍ଦ୍ରକୁ ଯାଇ ଯାଞ୍ଚ କରି ଦେଖନ୍ତୁ ସେଠାରେ ଅଟକ ବିଦେଶୀଙ୍କୁ କେଉଁ ପ୍ରକାରର ଖାଦ୍ୟ ମିଳୁଛି, ଖାଦ୍ୟର ପରିମାଣ ଓ ମାନ କ'ଣ ଅଛି ଏବଂ ରୋଷେଇ ଘରର ପରିଚ୍ଛନ୍ନତା ଅଛି କି ନାହିଁ। ତିନି ସପ୍ତାହ ମଧ୍ୟରେ ଯାଞ୍ଚ ରିପୋର୍ଟ ଦେବାକୁ ଆସାମ ଲିଗାଲ ସର୍ଭିସେସ୍ ଅଥରିଟିଙ୍କୁ ଖଣ୍ଡପୀଠ କହିଛନ୍ତି।



## ଯାଜପୁରରେ ଖୋଲିବ ଭିଜିଲାନ୍ସ କୋର୍ଟ

**ଯାଜପୁର, ୨୬ ।୭ (ସମିସ):** ଯାଜପୁର ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହେବାକୁ ଯାଉଛି । ଯାଜପୁରରେ ଭିଜିଲାନ୍ସ ଅଦାଲତ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି । ଏ ସଂକ୍ରାନ୍ତରେ ଆଇନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି (୧୦୫୬୨) ପ୍ରକାଶ ପାଇଛି । ଯାଜପୁରରେ କୌଣସି ଭିଜିଲାନ୍ସ କୋର୍ଟ ନ ଥିବାରୁ ଏହି ମାମଲା କଟକ କୋର୍ଟରେ ବିଚାର ହେଉଥିଲା । ଦୀର୍ଘଦିନ ଧରି ଯାଜପୁର ଜିଲ୍ଲାବାସୀ ଏହି କୋର୍ଟ ଖୋଲିବା ପାଇଁ ପୂର୍ବ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି ।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କେବେ ହେବ କାର୍ଯ୍ୟକ୍ଷମ



**ଯାଜପୁର, ୨୬ ।୭ (ସମିସ):** ଯାଜପୁର ତହସିଲ ଅଧୀନରେ ଥିବା କଳସପୁର ମଣ୍ଡଳ ରାଜସ୍ୱ ନିରୀକ୍ଷକଙ୍କ ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ପ୍ରାୟ ଦୁଇବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଥିଲା । ଠିକାଦାର ଜଣକ କେବଳ ଘରର ଛାତ ପକାଇବା ସହ ଇଟା କାନ୍ଥକୁ ପ୍ଲାଷ୍ଟର କରି ସମ୍ପୂର୍ଣ୍ଣ ବିଲ୍ ଉଠାଇ ନେଇଛନ୍ତି । ଉକ୍ତ ଗୃହର ଝରକା, କବାଟ, ମେଜିଆ, ବିଦ୍ୟୁତ୍ ୱାରିଂ, ପାଣି ପାଇପ୍, ଘରର ରଙ୍ଗ ଆଦି ନ ହୋଇ ଏକ ବର୍ଷରୁ ଅଧିକ ଦିନ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିବା ଫଳରେ ଏବେ ଭୂତକୋଠି ହୋଇ ରହିଥିବା ଦେଖିବାକୁ ମିଳିଛି । ଅପରପକ୍ଷେ ରାଜସ୍ୱ ବିଭାଗର ସମ୍ପୂର୍ଣ୍ଣ କାର୍ଯ୍ୟ ନିରୀକ୍ଷକଙ୍କ ବାସଗୃହରେ ଚାଲିଛି । ଫଳରେ ରାଜସ୍ୱ ବିଭାଗର କାର୍ଯ୍ୟ ସୁଚାରୁରୂପେ ହୋଇପାରୁନାହିଁ । ଲୋକଙ୍କୁ ଖରା ବର୍ଷାରେ ବାହାରେ ଘଣ୍ଟା ଘଣ୍ଟା ଧରି ଠିଆ ହେବାକୁ ପଡୁଛି । ଯାଜପୁର ଜିଲ୍ଲାପାଳ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଦୀର୍ଘ ଦିନରୁ ପଡ଼ିରହିଥିବା କୋଠା ଘରକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା



**ଯାଜପୁର ଟାଉନ, ୨୬ ।୭ (ସମିସ):** ଯାଜପୁର ସହରର ନହରପଦା ଗ୍ରାମରେ ସମାଜସେବୀ ପାଣ୍ଡବ ସାହୁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶିକ୍ଷାବିତ ବିଶ୍ୱମ୍ଭର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ପୂର୍ବତନ ସାଂସଦ ଅଞ୍ଜଳ ଦାସ, ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ ନନ୍ଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଣ୍ଡବ ସାହୁଙ୍କୁ ଗୋଟିଏ ଅନୁଷ୍ଠାନ ବୋଲି ମତବ୍ୟକ୍ତ କରିଥିଲେ । ଏ ଅବସରରେ ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର, ବିରଜା ଜ୍ୟୋତି, ବରିଷ୍ଠ ନାଗରିକ ମଞ୍ଚ, ଗୀତା ଜାଗରଣ ପରିଷଦ, ଆହ୍ୱାନ ରଙ୍ଗମଞ୍ଚ, ବିରଜା ସେବା ସମିତି, ଅନ୍ୱେଷଣ ଥିଏଟର, ବରାହ ସେବା ସମିତି ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାହୁଙ୍କ ଉଦ୍ଦେଶ୍ୟରେ ସ୍ମୃତିପାଠ କରାଯାଇଥିଲା । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ବିନୋଦ ବିହାରୀ ନାୟକ, ବିରଜା ମନ୍ଦିରର ପୁରୋଧା ଜ୍ଞାନ ରଞ୍ଜନ ପତି, ପ୍ରତୀମା କର, ଅଧିକାରୀ ନବକିଶୋର ଦାସଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ, ପରିବାରବର୍ଗ ଯୋଗଦେଇ ଶ୍ରୀ ସାହୁଙ୍କ ସ୍ମୃତିଚାରଣ କରିଥିଲେ । ଏ ଅବସରରେ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା ।

### ମା’ ବିରଜା ପ୍ରକଳ୍ପର କଣ୍ଠରୋଧ ପାଇଁ ଷଡ଼ଯନ୍ତ୍ର !

# ଦୁର୍ଗାପୂଜା ପୂର୍ବରୁ ପ୍ରକଳ୍ପ ଶେଷ ହେବା ନେଇ ସନ୍ଦେହ

**ଯାଜପୁର, ୨୬ ।୭ (ସମିସ)**



ମନ୍ଦିରବେଢ଼ାର ଅର୍ଦ୍ଧଭଗ୍ନ ପ୍ରକଳ୍ପ ନିର୍ମାଣ ହୋଇପାରୁନି



ଯାଜପୁରବାସୀଙ୍କ ସ୍ୱପ୍ନର ପ୍ରକଳ୍ପ ଅଧାରେ ଅଟକିଛି

ଯାଜପୁରର କ୍ଷେତ୍ରେଶ୍ୱରୀ ମା’ ବିରଜାଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପ ପାଇଁ ସରକାର ୪ ବର୍ଷ ତଳୁ ନୀଳନକ୍ସା ଆଙ୍କିଛନ୍ତି । ଯାଜପୁର ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ଜ୍ଞାତସାରରେ ବିରଜା ଆଧ୍ୟାତ୍ମିକ ପ୍ରକଳ୍ପମାଳା ଆରମ୍ଭ ହୋଇଥିଲା । ସରକାରଙ୍କ ଲକ୍ଷ୍ୟଥିଲା ୨୦୨୪ ଦୁର୍ଗାପୂଜା ପୂର୍ବରୁ ମନ୍ଦିର ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଜିଲ୍ଲା ପ୍ରଶାସନର ଅମନଯୋଗୀ ମନୋଭାବ ଯୋଗୁ ବିରଜା ମନ୍ଦିରର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ୨୫ ପ୍ରତିଶତ ସମ୍ପୂର୍ଣ୍ଣ ହୋଇପାରି ନ ଥିବା ଦେଖିବାକୁ ମିଳୁଛି । ମନ୍ଦିର ମଧ୍ୟରେ ବହୁ ଐତିହ୍ୟର ରୂପାନ୍ତରଣ ପାଇଁ ଭଙ୍ଗାଯାଇଥିଲେ ବି ଏହାକୁ ଗଢ଼ାଯାଇପାରିନାହିଁ । ମନ୍ଦିର ବେଢ଼ା ମଧ୍ୟରେ କୁଢ଼ କୁଢ଼ ପଥର ଓ ନିର୍ମାଣ ସାମଗ୍ରୀ ଗଦା ହୋଇପଡ଼ିଛି । ନିର୍ମାଣକାରୀ ସଂସ୍ଥା ନିର୍ବାଚନ ପରେ ଅପ୍ରତ୍ୟାଶିତ ଭାବେ ଉଭାନ ହୋଇଗଲେଣି । କାର୍ଯ୍ୟକ୍ରମର ନିଷ୍ପାଦକ ଜିଲ୍ଲା ପ୍ରଶାସନ ଓ ନିର୍ମାଣକାରୀ ସଂସ୍ଥା ବିରଜା ପରିକ୍ରମା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ନାଁ ଧରୁ ନ ଥିବାର ଦେଖିବାକୁ ମିଳିଛି ।

ମା’ ବିରଜାଙ୍କ ଶ୍ରଦ୍ଧାଳୁ ଓ ଯାଜପୁରବାସୀ ଜିଲ୍ଲା ପ୍ରଶାସନର ନିଦାବିଷ୍ଟ ନୀତିକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ଯାଜପୁର ମହାବିକାଶକୁ ସହିପାରୁ ନ ଥିବା କେତେକ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଯୋଗୁ ବିରଜା ପ୍ରକଳ୍ପ ନିର୍ମାଣରେ ପ୍ରଶାସନ ନିଦାବିଷ୍ଟ ସାଜିଛି ବୋଲି ଯାଜପୁରବାସୀ ଅଭିଯୋଗ କରୁଛନ୍ତି । ଖୋଦ୍ ଜିଲ୍ଲାପାଳ ବହୁବାର ମନ୍ଦିର ଦର୍ଶନରେ ଯାଉଥିବାବେଳେ ମନ୍ଦିର ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ତ୍ୱରିତ କରିବା ପାଇଁ ଆଗ୍ରହ ପ୍ରକାଶ କରି ନ ଥିବା ଲକ୍ଷ୍ୟ କରାଯାଉଛି । ମନ୍ଦିର ନାଭିକେନ୍ଦ୍ର ପ୍ରକଳ୍ପ, ମନ୍ଦିର ବେଢ଼ା ପ୍ରକଳ୍ପ ଓ ଚତୁଃପାର୍ଶ୍ୱର ପରିକ୍ରମା ପ୍ରକଳ୍ପର କାର୍ଯ୍ୟକୁ ଆଗାମୀ ଦୁର୍ଗାପୂଜା ପୂର୍ବରୁ ସମ୍ପୂର୍ଣ୍ଣ ନ କଲେ, ମା’ ବିରଜାଙ୍କ ପାର୍ବଣ ପୂଜାନୀତିରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି ।

ମା’ ବିରଜାଙ୍କ ଆଧ୍ୟାତ୍ମିକ ପର୍ଯ୍ୟଟନ ପ୍ରକଳ୍ପକୁ ୩ଟି ପର୍ଯ୍ୟାୟରେ ସମ୍ପାଦନ କରାଯିବାକୁ ସରକାର ଲକ୍ଷ୍ୟ ରଖିଥିଲେ । ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୮ କୋଟି, ଦ୍ୱିତୀୟ ପର୍ଯ୍ୟାୟରେ ୧୦ କୋଟି ୫୦ ଲକ୍ଷ ଟଙ୍କା ଓ ତୃତୀୟ ପର୍ଯ୍ୟାୟରେ ୧୫ କୋଟି ଟଙ୍କା ସରକାର ଅନୁଦାନ ମଞ୍ଜୁର କରିଛନ୍ତି । ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ନଜରରେ ଭାରତ ସରକାରଙ୍କ ଦ୍ୱାରା ଅନୁବନ୍ଧିତ ନିର୍ମାଣକାରୀ ସଂସ୍ଥା ବିରଜା ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ନେଇଛନ୍ତି । ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ ଓ ୨ୟ ପର୍ଯ୍ୟାୟ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୫୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇପାରିନାହିଁ । ତୃତୀୟ ପର୍ଯ୍ୟାୟ ପ୍ରକଳ୍ପ ପାଇଁ ବର୍ଷକ ତଳୁ ଅନୁଦାନ ମଞ୍ଜୁର ହୋଇଥିବା ସ୍ଥଳେ ଏ ଯାବତ୍ ଏହାର ଟେଣ୍ଡର ଆହ୍ୱାନ କରାଯାଇ ପାରୁ ନ ଥିବା ଦେଖିବାକୁ ମିଳୁଛି ।

### ମା’ ବିରଜା ପରିକ୍ରମା ପ୍ରକଳ୍ପ ଜମିକୁ ଜବରଦଖଲ ପାଇଁ ମସୁଧା

ମା’ ବିରଜାଙ୍କ ଚତୁଃପାର୍ଶ୍ୱର ପରିକ୍ରମା ପ୍ରକଳ୍ପ ପାଇଁ ସରକାର ଜମି ଅଧିଗ୍ରହଣ କରିସାରିଛନ୍ତି । ଦକ୍ଷିଣ ପାର୍ଶ୍ୱ ପରିକ୍ରମା ପ୍ରକଳ୍ପ ପାଇଁ ସରକାର ୪ ଏକରରୁ ଅଧିକ ଜମି ଅଧିଗ୍ରହଣ କରିସାରିଛନ୍ତି । ଏହି ଜମିକୁ କେତେକ ବ୍ୟକ୍ତି ବିଶେଷ ଯୋଜନାବଦ୍ଧ ଭାବେ ଜବରଦଖଲ କରିବାକୁ ମସୁଧା କରୁଥିବା ଜଣାପଡ଼ିଛି । ଅଗ୍ନେଶ୍ୱର ହାଟ ଜମିକୁ ଜିଲ୍ଲା ପ୍ରଶାସନ ମନ୍ଦିର ପ୍ରକଳ୍ପ ପାଇଁ ଅଧିଗ୍ରହଣ କରିଥିବାବେଳେ ଏହା ବଦଳରେ ସନ୍ଥମାଧବ ମୌଜାରେ ଅନୁରୂପ ଜମିକୁ ଜିଲ୍ଲା ପ୍ରଶାସନ ହାଟ ପାଇଁ ବରାଦ କରିଛନ୍ତି । ସମ୍ପୃକ୍ତ ହାଟର ଭୂମିରୂପର ବିକାଶ କରାଯିବା ସହ ବ୍ୟବସାୟୀଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଏବେ ସନ୍ଥମାଧବ ମୌଜାରେ ହାଟ ଚାଲିଛି । ମା’ ବିରଜାଙ୍କ ପ୍ରକଳ୍ପ ପାଇଁ ଅଗ୍ନେଶ୍ୱର ହାଟ ଜମିକୁ ଜିଲ୍ଲା ପ୍ରଶାସନ ଅଧିଗ୍ରହଣ କରିବା ପରେ ସମତଳ କରିସାରିଛି । ଏଥିସହ ୩୦ ପ୍ରତିଶତ ଜମି ଉପରେ ପ୍ରକଳ୍ପ ନିର୍ମାଣ ପାଇଁ କାର୍ଯ୍ୟାରମ୍ଭ ହୋଇଛି । ସମ୍ପୃକ୍ତ ପ୍ରକଳ୍ପ ପାଇଁ ଯଥେଷ୍ଟ ଅନୁଦାନ ବରାଦ ହୋଇଥିବାବେଳେ ଜିଲ୍ଲା ପ୍ରଶାସନ ପ୍ରକଳ୍ପ ନିର୍ମାଣ ପାଇଁ ନିର୍ମାଣକାରୀ ସଂସ୍ଥାଙ୍କ ସହ ଜାଣିଶୁଣି ଆଲୋଚନା ନ କରିବା ଘଟଣା ଯାଜପୁରବାସୀଙ୍କୁ ଆନ୍ଦୋଳିତ କରୁଛି । ମା’ ବିରଜାଙ୍କ ପ୍ରକଳ୍ପ ପାଇଁ ଉତ୍ସର୍ଗୀକୃତ ଓ ଅଧିଗୃହୀତ ବିରଜା ହାଟର ଜମିକୁ କେତେକ ବ୍ୟକ୍ତି ଜବରଦଖଲ କରିବାକୁ ଯୋଜନାବଦ୍ଧ ଷଡ଼ଯନ୍ତ୍ର କରୁଥିବାର ଅଭିଯୋଗ ହେଉଛି । ଏଭଳି ଷଡ଼ଯନ୍ତ୍ରକୁ ଯାଜପୁରବାସୀ ତୀବ୍ର ବିରୋଧ କରିବା ସହ ସମ୍ପୃକ୍ତ ଜମି ଉପରେ ନିର୍ଦ୍ଧାରିତ ପ୍ରକଳ୍ପ ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଆଗେଇ ଆସିବାକୁ ସାଧାରଣରେ ଦାବି ହେଉଛି ।

## ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କଲେ ଜିଲ୍ଲାପାଳ

**ବ୍ୟାସନଗର, ୨୬ ।୭ (ସମିସ)**



ଶୁକ୍ରବାର ଯାଜପୁର ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଯାଜପୁର ଜିଲ୍ଲା ବ୍ୟାସନଗର ପୌର ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ବ୍ୟାସନଗର ପୌର ପରିଷଦସ୍ଥ ଦଳା ଛକରେ ଥିବା ବ୍ୟାସଦେବ ଟାଉନ ହଲ, ସନ୍ତରା ଛକରେ ଥିବା ବ୍ୟାସଦେବ ସଂସ୍କୃତି ଭବନ, ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ, କାଚହୁଡି ବାୟୋ ମାଇନିଂ ପାର୍କ, କୋରେଇ ବ୍ଲକ ତେନ୍ତୁଲିଖୁଣ୍ଟାଠାରେ ନିର୍ମାଣାଧୀନ ଆଇଟି କଲେଜ, ରାଜୀବ ଗାନ୍ଧୀ ଷ୍ଟାଡ଼ିୟମ୍, ନୂଆଗଡ଼ ଓ ଚୋରଦାରେ ନବନିର୍ମିତ ଭେଣ୍ଡିଂ ଜୋନ ପରିଦର୍ଶନ କରିବା ସହିତ ନୂଆଗଡ଼ ଗୋଲେଇ ଛକରେ ହେବାକୁ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ସ୍ଥାନ ଦେଖିଥିଲେ । ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ଲଙ୍କେଶ୍ୱର ଅମାତ, ବ୍ୟାସନଗର ତହସିଲଦାର ଦେବାଶିଷ ରାଉତ, ବ୍ୟାସନଗର ପୌର ପରିଷଦର ନିର୍ବାହୀ ଅଧିକାରୀ ତରୁଣ କୁମାର ମହାପାତ୍ର, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷର ବିଭିନ୍ନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ ।

## ସିରିଜ୍ ଲୁଟ୍ ଘଟଣାରେ ଜଣେ ଗିରଫ; ମୁଖ୍ୟ ଫେରାର୍



**ସୁକିନ୍ଦା, ୨୬।୭ (ସମିସ):** ଗତ ରବିବାର ରାତିରେ ସୁକିନ୍ଦାରେ ଏକାକଳୀନ ପାଞ୍ଚଟି ଦୋକାନରୁ ଲୁଟ୍ ଘଟଣାରେ ପୁଲିସ ଜାମୁପଶି ଗ୍ରାମର କେଶବ ଦାସଙ୍କ ପୁଅ ରାଜେନ୍ଦ୍ର ଦାସ ଓରଫ୍ ରାଜୁକୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି । ରବିବାର ରାତିରେ ସୁକିନ୍ଦା ଛକରେ ଥିବା ପାଞ୍ଚଟି ଦୋକାନରୁ ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ସୁକିନ୍ଦା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ଅଭିଯୁକ୍ତ ରାଜୁକୁ ଗିରଫ କରି ଚୋରି ସମ୍ପର୍କରେ ସବିଶେଷ ତଥ୍ୟ ନେବା ପରେ ୨୭୮/୨୦୨୪ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ପ୍ରୟାସ ଜାରି ରଖିଛି । ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନାମରେ ଅନେକ ଥାନାରେ ମାମଲା ଥିବା ପୁଲିସ ଜାଣିବାକୁ ପାଇଛି ।

### ଅସରାଏ ବର୍ଷାରେ ଯାଜପୁର ସହର ଜଳାର୍ଣ୍ଣବ

# କୋର୍ଟ ପରିସରରେ ଆଣ୍ଠୁଏ ପାଣି

**ଯାଜପୁର, ୨୬ ।୭ (ସମିସ)**





ଆଜି ସକାଳୁ ଯାଜପୁର ସହରରେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ମୁଷଳ ଧାରାରେ ବର୍ଷା ହୋଇଥିଲା । ଏହି ବର୍ଷା ଫଳରେ ପୂରା ଯାଜପୁର ସହର ଜଳାର୍ଣ୍ଣବ ହୋଇଯାଇଥିଲା । କୋର୍ଟ ପରିସରରେ ଆଣ୍ଠୁଏ ପାଣି ଜମି ରହିଥିବାବେଳେ ଡେଲି ମାର୍କେଟରେ ଖାଉଟି ଓ ବ୍ୟବସାୟୀ ହନ୍ତସନ୍ତ ହୋଇଥିଲେ । ତଳିଆ ଅଞ୍ଚଳରେ ବର୍ଷା ଜଳ ପ୍ରବେଶ କରିବା ସହିତ ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିଲା । ଫଳରେ ଯାତାୟାତ ନେଇ ନାନା ସମସ୍ୟା ଦେଖିବାକୁ ମିଳିଥିଲା । ବିଶେଷକରି ସହରର ଗାନ୍ଧୀ ଛକ, ମେଡିକାଲ ଛକ, ମାର୍କେଟ ଛକ, ସାନବଜାର, ବଡ ବଜାର, ଗରିଆପୁର, ନାରାୟଣୀ ଛକ ସମେତ ବିଭିନ୍ନ ଛକ ବଜାରରେ ବର୍ଷା ଜଳ ଜମି ରହିଥିଲା । ଏହି ଅଞ୍ଚଳରେ ଥିବା ସରକାରୀ ଅଫିସଠାରୁ ଆରମ୍ଭ କରି ବେସରକାରୀ ଅଫିସ, ବ୍ୟବସାୟ ପ୍ରତିଷ୍ଠାନକୁ ଯିବା ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏଭଳି ସମସ୍ୟା ପ୍ରତ୍ୟେକ ବର୍ଷା ଦିନରେ ହେଉଥିଲେ ମଧ୍ୟ ଏହାର କୌଣସି ପ୍ରତିକାର କରାଯାଉନାହିଁ । ଜଳ ନିଷ୍କାସନ ସମସ୍ୟା ଦେଖାଦେଉଥିବାରୁ ରାସ୍ତା ଉପରେ ୩ରୁ ୫ ଫୁଟ ଉଚ୍ଚର ପାଣି ଜମି ରହୁଛି ।

ନିର୍ବାଚନ ପୂର୍ବରୁ ସହରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଜାରି ରହିଥିଲା । କିନ୍ତୁ ନିର୍ବାଚନ ପରେ ଉକ୍ତ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହେବା ଫଳରେ ଏଭଳି ସମସ୍ୟା ଦେଖାଦେଉଥିବା କୁହାଯାଉଛି । ଦୀର୍ଘବର୍ଷ ଧରି ଯାଜପୁର ସହରର ଡ୍ରେନେଜ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯାଇ ନ ଥିବାରୁ ଏହି ସମସ୍ୟା ପ୍ରତ୍ୟେକ ବର୍ଷା ଦିନରେ ଦେଖିବାକୁ ମିଳୁଛି । ଯାଜପୁର ଜିଲ୍ଲା କୋର୍ଟ ଓ ଯାଜପୁର ପୌରପାଳିକା ଅଫିସ ସମ୍ମୁଖରେ ସବୁଠାରୁ ଅଧିକ ପାଣି ଜମି ରହିଥିବା ଦେଖିବାକୁ ମିଳିଥିଲା । ଫଳରେ ବାଧ ହୋଇ ଲୋକେ ପାଣିରେ ପଶି ଯାତାୟାତ କରିଥିଲେ । ସେହିପରି ଯାଜପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ଚାଲିଥିବା ଡେଲିମାର୍କେଟରେ ବର୍ଷା ପାଣି ଜମିବା ଫଳରେ ଖାଉଟି ଓ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହି ମାର୍କେଟରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମିବା ଫଳରେ କୌଣସି ଖାଉଟି ବଜାରକୁ ଯାଇପାରି ନ ଥିଲେ । ଏପରିକି ଏହି ମାର୍କେଟ ଦେଇ ପ୍ରତିଦିନ ଗାଡ଼ି ଚଳାଚଳ କରାଯାଉଥିଲେ ହେଁ ପରିବା କିଣିବା ପାଇଁ ଲୋକେ ନାନା ସମସ୍ୟା ଭୋଗିଥିଲେ । ସେହିପରି ସାମ୍ନା ପଡ଼ିଆରେ ଚାଲିଥିବା ଆମିଷ ମାର୍କେଟରେ ଖାଉଟି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହାର ପ୍ରତିବାଦରେ ସ୍ଥାନୀୟ ବ୍ୟବସାୟୀ କିଛି ସମୟ ପାଇଁ ରାସ୍ତାରୋକ କରିଥିଲେ । ଖବର ପାଇ ସ୍ଥାନୀୟ ପୁଲିସ ପହଞ୍ଚି ବ୍ୟବସାୟୀଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ତେଣୁ ସହରର ଡ୍ରେନେଜ ବ୍ୟବସ୍ଥାକୁ ସୁଦୃଢ଼ କରା ନ ଗଲେ ଆଗକୁ ଅଧିକ ସମସ୍ୟା ଦେଖାଦେବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

**ଡେଲି ମାର୍କେଟରେ ଖାଉଟି ଓ ବ୍ୟବସାୟୀ ହନ୍ତସନ୍ତ**

## ଶାଳିଜଙ୍ଗା ଅଙ୍ଗନବାଡ଼ି ଗୃହ ଲୋକାର୍ପିତ

**ଦାନଗଦି, ୨୬।୭ (ସମିସ):** ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍) ଓ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପକ୍ଷରୁ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ସାଲିଜଙ୍ଗା ପଞ୍ଚାୟତର କୁଲାପିଟା ଗ୍ରାମର ବାସିନ୍ଦାଙ୍କୁ ଉନ୍ନତ ଶିକ୍ଷା ଭିତ୍ତିଭୂମି ଯୋଗାଇଦେବା ଉଦ୍ଦେଶ୍ୟରେ ଶୁକ୍ରବାର ନୂତନ ଅଙ୍ଗନବାଡ଼ି ଗୃହ ଲୋକାର୍ପିତ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ନୀଳାଚଳ ଇସ୍ପାତ ନିଗମର ଏମ୍‌ଡି ତଥା ସିଇଓ ସୁଧୀର ମେହେଡା, ଯାଜପୁର ଜିଲ୍ଲା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ନନ୍ଦିନୀପ୍ରଭା ଲେଙ୍କା, ଶାଳିଜଙ୍ଗା ସରପଞ୍ଚ ବିଜୟଲକ୍ଷ୍ମୀ ଦାସ, କୁଲାପିଟା ୱାର୍ଡ ମେମ୍ବର ଲଙ୍କା ବୁଦୁଲି, ଟିଏସ୍‌ଏଫ ମୁଖ୍ୟ ଆଲେନ୍ ଜୋସେଫଙ୍କ ସମେତ ସ୍ଥାନୀୟ ଅଞ୍ଚଳର କମ୍ୟୁନିଟି ସଦସ୍ୟ ଓ ଟିଏସ୍‌ଏଫର ଅଧିକାରୀ ଉପସ୍ଥିତ ଥିଲେ ।

ନୀଳାଚଳ ଇସ୍ପାତ ନିଗମ ଅନୁଦାନରେ ନିର୍ମିତ ଏହି ନୂତନ ଅଙ୍ଗନବାଡି ଘର ନିକଟବର୍ତ୍ତୀ ଅଞ୍ଚଳର ୧୪୫ଟି ଅନୁସୂଚିତ ଜନଜାତି ପରିବାରର ୨୪ ଜଣ ପିଲାଙ୍କ ଶିକ୍ଷାଗତ ଆବଶ୍ୟକତା ପୂରଣ କରିବ । ଅସ୍ଥାୟୀ ପୁରୁଣା ଅଙ୍ଗନବାଡି ଘର ଆଜବେଷ୍ଟସ୍ ଛାତ ଥିବାରୁ ବର୍ଷାଦିନେ ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ବର୍ତ୍ତମାନ ପିଲାଙ୍କୁ ସେହି ସମସ୍ୟା ଭୋଗିବାକୁ ପଡ଼ିବ ନାହିଁ । ନୂଆ ଅଙ୍ଗନବାଡ଼ି ଘର ନିର୍ମାଣ ବ୍ୟତୀତ ଟିଏସଏଫର ପବ୍ଲିକ ହେଲ୍‌ଥ ଟିମ୍ ସାଲିଜଙ୍ଗା ପଞ୍ଚାୟତ ଅଧୀନରେ ଥିବା ୩ଟି ଗାଁ ଭୁବନାଡାହି, ଛୋଟ କୁଲାପିଟା ଓ ବଡ଼କୁଲାପିଟାର ୨୯ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରୁଛନ୍ତି ।



# ଦାମୋଦରପୁର ପ୍ରାଥମିକ ବିଦ୍ୟାଳୟ ଭୂତକୋଠି

ପା ି କାଇଲି, ୨୬।୭ (ସମିସ)



କୋରେଇ ଶିକ୍ଷାମଣ୍ଡଳ ଅଧୀନସ୍ଥ ପଥରପଦା ପଞ୍ଚାୟତର ଦାମୋଦରପୁର ପ୍ରାଥମିକ ବିଦ୍ୟାଳୟ ଦୀର୍ଘ ଚାରିବର୍ଷରୁ ଊର୍ଦ୍ଧ୍ୱ ହେବ ବନ୍ଦ ହୋଇ ପଡ଼ି ରହି ଭୂତକୋଠିରେ ପରିଣତ ହେଲାଣି। ପୂର୍ବ ସରକାର ଯେଉଁ ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନ କମ୍ ଥିଲା, ସେ ବିଦ୍ୟାଳୟକୁ ବନ୍ଦ କରିବା ସହିତ ଉକ୍ତ ପିଲାଙ୍କୁ ନିକଟସ୍ଥ ବିଦ୍ୟାଳୟରେ ମିଶାଇବାକୁ ନିଷ୍ପତ୍ତି ନେଇଥିଲେ। ଏ ନିଷ୍ପତ୍ତି ଅନୁସାରେ ପଞ୍ଚାୟତର ସୀମାରେଖାରେ ଅବସ୍ଥିତ ଦାମୋଦରପୁର ପ୍ରାଥମିକ ବିଦ୍ୟାଳୟ ବଳି ପଡ଼ିଥିଲା। ଉକ୍ତ ବିଦ୍ୟାଳୟ ଅଧ୍ୟୟନରତ ଛୋଟ ପିଲା ଗାଡ଼ିରେ ପ୍ରତିଦିନ ଦୁଇ କିମି ବାଟ ଯାଇ ନିକଟସ୍ଥ ଚାନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

୨୦୦୪ରେ ନିର୍ମିତ ଉକ୍ତ ବିଦ୍ୟାଳୟ ଉପରେ ଦାମୋଦରପୁର ଗ୍ରାମର ପିଲା ନିର୍ଭର କରୁଥିଲେ। ଫଳରେ କିଛିବର୍ଷ ପୂର୍ବେ ଏହି ବିଦ୍ୟାଳୟ ଅଞ୍ଚଳ ପିଲାଙ୍କ ଘୋ ଘାରେ ଉଚ୍ଛୁଳି ପଡୁଥିବାବେଳେ ବର୍ତ୍ତମାନ ତାହା ଭୂତକୋଠିରେ ପରିଣତ ହୋଇଛି। ଏଥିସହିତ ବ୍ୟବହାର ନ ହେବା କାରଣରୁ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଯିବା ସହିତ ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଯଦି ସରକାରଙ୍କ ନିଷ୍ପତ୍ତି ଅନୁସାରେ ଉକ୍ତ ବିଦ୍ୟାଳୟ ବନ୍ଦ ହୋଇଗଲା, ତେବେ ଉକ୍ତ ବିଦ୍ୟାଳୟରେ ଗ୍ରାମର ଆବଶ୍ୟକତା ଅନୁଯାୟୀ ଏକ ଅଙ୍ଗନବାଡ଼ି ଘର ଚାଲୁ କରିଥିଲେ ହୁଏତ ବିଦ୍ୟାଳୟର ରକ୍ଷଣାବେକ୍ଷଣ ହୋଇପାରିବା ସହିତ ଭୂତକୋଠିରେ ପରିଣତ ହୋଇ ନ ଥାନ୍ତା ବୋଲି ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି। ଉକ୍ତ ବିଦ୍ୟାଳୟକୁ ପୁନଶ୍ଚ ଚାଲୁ କରିବା, ନଚେତ୍ ଅଙ୍ଗନବାଡ଼ି ଗୃହ ଆରମ୍ଭ କରିବା ଲାଗି ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି।

# ରିଜର୍ଭ ବାଟାଲିୟନ ପକ୍ଷରୁ କାର୍‌ଗିଲ୍ ବିଜୟ ଦିବସ ପାଳିତ

**ସୁକିନ୍ଦା, ୨୬।୭ (ସମିସ):** ସୁକିନ୍ଦାସ୍ଥ ଥାର୍ଡ଼ ଇଣ୍ଡିଆନ ରିଜର୍ଭ ବାଟାଲିୟନ ପକ୍ଷରୁ ଶୁକ୍ରବାର ଅପରାହ୍ନରେ କାରଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଆଜି ଦିନରେ ଭାରତୀୟ ଯବାନଙ୍କ ଦ୍ୱାରା କାରଗିଲ୍ ବିଜୟ ହୋଇଥିଲା। ଏହି ବିଜୟ ପାଇଁ ଅନେକ ଯବାନଙ୍କୁ ଦେଶ ପାଇଁ ବଳିଦାନ ଦେବାକୁ ପଡ଼ିଥିଲା। ଯବାନଙ୍କ ବଳିଦାନକୁ ସମ୍ମାନ ଜଣାଇବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଏହି ଦିବସକୁ ବିଜୟ ଦିବସ ଭାବେ ପାଳନ କରାଯାଇଥାଏ। ସୁକିନ୍ଦାସ୍ଥ ବାଟାଲିୟନ ପ୍ରବେଶ ପଥରେ ନିର୍ମିତ କାରଗିଲ୍ ଯୁଦ୍ଧ କଳାକୃତି ସମ୍ମୁଖରେ ଯବାନଙ୍କ ଦ୍ୱାରା ଦୁର୍ଗପତି ଲୋଚନ ପଶାୟତଙ୍କ ଉପସ୍ଥିତିରେ ବିଜୟ ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସହାୟକ ଦୁର୍ଗପତି ରମେଶ ଖଟୁଆ, ଦିଲ୍ଲୀପ ସ୍ୱାଇଁ, ନରେଶ ବେହେରା, ବାରିସା ସୋରେନ, ଇନ୍ସପେକ୍ଟର ବି.ଡି. ଜେନା, କେ. ଖଟୁଆ, ଏସଆଇଏ ନାୟକ, ବି. ବେହେରା, ଏଏସଆଇ ଏମ.କେ. ସାହୁଙ୍କ ସମେତ ସମସ୍ତ ଯବାନ ଉପସ୍ଥିତ ରହି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସଲାମ୍ ଜଣାଇ ସହିଦ ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ।



## ଝୁମ୍ପୁରୀ ବଜାରରେ ନୂତନ ବ୍ୟାଙ୍କ ଶାଖା ଉଦ୍‌ଘାଟିତ



**ଦଶରଥପୁର, ୨୬।୭ (ସମିସ):** ଦଶରଥପୁର ବ୍ଲକର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଝୁମ୍ପୁରୀ ବଜାରରେ ଇଣ୍ଡିୟାନ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଛି। ଦଶରଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ଶାଖା କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବା ସହ ଏହି ଶାଖା ଦଶରଥପୁର ଅଞ୍ଚଳର ଉପଭୋକ୍ତାଙ୍କୁ ଉନ୍ନତମାନର ବ୍ୟାଙ୍କ ସେବା ଯୋଗାଇ ଦେବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଅତିଥି ଭାବେ ଏଜିଏମ୍ ଅଜିତ କୁମାର ପାତ୍ର, ସମ୍ମାନିତ ଅତିଥି ଶାଖା ପରିଚାଳକ ଅଜିତ କୁମାର ସାହୁ, ସହପରିଚାଳକ ସତ୍ୟଜିତ ସାମଲ, ବିଭୁଦତ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶରଥପୁର ସରପଞ୍ଚ ନିନାରାଣୀ ବେହେରା, ଯାଜପୁର ଟାଉନ ଶାଖା ପରିଚାଳକ ସବ୍ୟସାଚୀ ବାହୁବଳେନ୍ଦ୍ର, ପ୍ରୀତିପୁର ଶାଖା ପରିଚାଳକ ଅତୀଶ କୁମାର କାନ୍ତ, ମାନସ ପଣ୍ଡା, ବରିଷ୍ଠ ସମାଜସେବୀ ଦେବେନ୍ଦ୍ର ପଣ୍ଡା, ସାମ୍ବାଦିକ କୌଶିକ କୁମାର ଦାସ, ଯତୀନ୍ଦ୍ର କର, ବ୍ୟାଙ୍କ କର୍ମଚାରୀ ଗାୟତ୍ରୀ ଧଳ, ପ୍ରେମ ପ୍ରକାଶ ସାହୁ, ଦେବେନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ଶିକ୍ଷକଙ୍କ ଆଭିମୁଖୀକରଣ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ଯାଜପୁର, ୨୬।୭ (ସମିସ):** ଯାଜପୁର ଜିଲ୍ଲା ସଦର ମହକୁମାସ୍ଥ ଇନଡୋର ଷ୍ଟାଡିୟମ୍‌ରେ ଚାଲିଥିବା ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଆଭିମୁଖୀକରଣ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ନିବେଦିତା ପାଣି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଆଭିମୁଖୀକରଣ କାର୍ଯ୍ୟକ୍ରମରେ ସଫ୍ଟବଲ, ଫୁଟବଲ, ଆଥଲେଟିକ୍ସ ବିଷୟରେ ନୂତନ ନିୟମ ଓ କୌଶଳ ବିଷୟରେ ସମସ୍ତଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀରମୋହନ ଟୁଡ୍ଡୁ, ରାଜେନ୍ଦ୍ର କୁମାର ଦାସ ଓ କୈଳାସ ଚନ୍ଦ୍ର ମହାପାତ୍ର ଆଥଲେଟିକ୍ସ ଓ ଫୁଟବଲ ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସଫ୍ଟବଲରେ ସ୍ୱାତୀ ସୁଚରିତା ପତି ଓ ରୂପଶ୍ରୀ ଲେଙ୍କାଙ୍କ ଦ୍ୱାରା ନୂତନ ନିୟମ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନିଜ ବିଦ୍ୟାଳୟରେ କ୍ରୀଡ଼ାର କିପରି ଉନ୍ନତି କରାଯାଇପାରିବ, ସେଥିପ୍ରତି ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ କ୍ରୀଡ଼ା କିପରି ଗ୍ରାମାଞ୍ଚଳରେ ପ୍ରଚାର ପ୍ରସାର କରିହେବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶଙ୍କର୍ଷଣ ବେହେରା, ରାଜେଶ ସେଠୀ, ବିନୋଦ ଦଳାଇ, ତପସ୍ୱିନୀ ଦାଶ, ସ୍ୱାତୀ ସୁଚରିତା ପତି, ସୋନାଲି ସାହୁ, ରୂପଶ୍ରୀ ଲେଙ୍କା, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଅରୁଣ ଜେନା ପ୍ରମୁଖ ପରିଚାଳନା କରିଥିଲେ। ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଶ୍ରୀରାମଙ୍କ ମାନବୀୟ ଲୀଳା’ ପୁସ୍ତକ ଉନ୍ମୋଚିତ



**ଦଶରଥପୁର, ୨୬।୭ (ସମିସ):** ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ବଡ଼ଦୋଗଡ଼ା ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅଧିକାରୀ ନବକିଶୋର ଦାସଙ୍କ ରଚିତ ‘ଶ୍ରୀରାମଙ୍କ ମାନବୀୟ ଲୀଳା’ ପୁସ୍ତକ ଉନ୍ମୋଚନ ଓ ଜିଲ୍ଲାସ୍ତରୀୟ ବୈଷ୍ଣବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ପୁସ୍ତକ ବିଞ୍ଝାରପୁର ଥାନା ନରୁଆ ମଠର ଗୋସ୍ୱାମୀ ଗୋପାଳ ଚରଣ ଦାଶ ଭକ୍ତିଭୂଷଣଙ୍କ କରକମଳରେ ଲୋକାର୍ପିତ ହୋଇଛି। ଏ ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ବୈଷ୍ଣବଙ୍କୁ ପୁଷ୍ପ, ଚନ୍ଦନ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଚଣ୍ଡିଖୋଲ ଧନଘର ଖୋଲ ଶ୍ରୀଜଗନ୍ନାଥ ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଦୀପକ କୁମାର ମିଶ୍ର ଯୋଗଦେଇ ପୁସ୍ତକର ଅନ୍ତର୍ନିହିତ ଭାବନା କିପରି ଜଗନ୍ନାଥଙ୍କ ମାନବୀୟ ଲୀଳା ସହିତ ଜଡ଼ିତ ତାହାର ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା କୃଷି ଓ ପ୍ରାଣୀ ବିଜ୍ଞାନ ବୈଷୟିକ ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଡା. ଜୟକୃଷ୍ଣ ଦାସ ଯୋଗଦେଇ ପୁସ୍ତକର ସମାଜ ଉପରେ ପ୍ରଭାବ ଓ ମାର୍ଗଦର୍ଶନ ସମ୍ପର୍କରେ ଆଲୋଚନା କରିବା ସହିତ ବୈଷ୍ଣବ ଧର୍ମର ଚାରି ସମ୍ପ୍ରଦାୟ ସମ୍ପର୍କରେ ବିଶଦ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ହୃଷିକେଶ ପତି ଯୋଗଦେଇ ଲେଖକଙ୍କ ଅନବଦ୍ୟ ସୃଷ୍ଟିର ଦ୍ୱାଦଶ କଳିକା ଭାବେ ଶ୍ରୀରାମଙ୍କ ମାନବୀୟ ଲୀଳା ପୁସ୍ତକ ଏକ ଚମତ୍କାର ବାର୍ତ୍ତା ସମାଜକୁ ପ୍ରଦାନ କରିବ ବୋଲି ପ୍ରକାଶ କରିଥିଲେ।

ବିଶିଷ୍ଟ ସାରସ୍ୱତ ସାଧକ ଜଗନ୍ନାଥ ଧଳ, ବିଶିଷ୍ଟ ସମାଜସେବୀ ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ବରିଷ୍ଠ ଚିକିତ୍ସକ ଡା. ନନ୍ଦକିଶୋର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଷ୍ଣବଶ୍ରୀ ସମ୍ମାନ ନରୁଆ ମଠାଧିଶ ଭକ୍ତିଭୂଷଣ ଗୋସ୍ୱାମୀ ଗୋପାଳ ଚରଣ ଦାଶଙ୍କୁ ପ୍ରଦାନ କରାଯାଇଥିଲା। ଜଗତସିଂହପୁର ବୈଷ୍ଣବ ପ୍ରଚାରକ ଅମୀୟ ଦାସ ସମସ୍ତ ବୈଷ୍ଣବ ସମ୍ପ୍ରଦାୟର ଭକ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ତପନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବାର୍ତ୍ତା ସମ୍ପାଦକ ମୀନକେତନ ସାହୁ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିବା ସହିତ ସମ୍ବର୍ଦ୍ଧନା ପତ୍ର ପାଠ କରିଥିଲେ। ଏହି ଉତ୍ସବରେ ଗଦାଧର ଦାସ, ପଣ୍ଡିତ ରାଧାକାନ୍ତ ପଣ୍ଡା, ନିର୍ମଳାବାଳା ମିଶ୍ର, ରବି ଶତପଥୀ, ଡା. ଶୁଭ୍ରା ରାଉତରାୟ, କବି ରାମଚନ୍ଦ୍ର ଦାସ, ଶ୍ରୀକାନ୍ତ ଦାସ, ସଚିକାନ୍ତ ଦାସ, ମୁକ୍ତିକାନ୍ତ ଦାସ, ଜ୍ଞାନ ଦାସ, ଆଲୋକ ଦାସ, ଚନ୍ଦ୍ରମଣି ଦାସ, ଅନ୍ନପୂର୍ଣ୍ଣା ଦାସ, ରେଣୁବାଳା ଦାସ, ପ୍ରିୟାଂଶୁ ଦାସ, ଇଚ୍ଛାମୟୀ ଧଳ, ବୃନ୍ଦାବନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବୀ ଭାସ୍କର ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ପରୀକ୍ଷଣ ଶିବିର




**କୁଆଖିଆ, ୨୬।୭ (ସମିସ):** ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ଯୋଗାଇବା ପାଇଁ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଶିବରରେ ୨୮ଟି ପଞ୍ଚାୟତରୁ ଶତାଧିକ ଦିବ୍ୟାଙ୍ଗ ବ୍ୟକ୍ତି ଯୋଗଦେଇ ସେମାନଙ୍କ କାଗଜପତ୍ର ଯାଞ୍ଚ କରିବା ସହ ଆବଶ୍ୟକ ପରାମର୍ଶ ଗ୍ରହଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମିନତୀ ରାଉତ, ସହାୟିକା ପ୍ରଣତୀ ଲେଙ୍କା ଯୋଗଦେଇ ହିତାଧିକାରୀଙ୍କ କାଗଜପତ୍ରକୁ ଯାଞ୍ଚ କରିବା ସହ ନାମ ପଞ୍ଜୀକରଣ କରାଇଥିଲେ। ପଞ୍ଜିକୃତ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକଲ, ହୁଇଲଚେୟାର, କ୍ରଚେସ୍, ୱାକିଂ ଷ୍ଟିକ୍, ରୋଲେଟର, ସିପି ଚେୟାର, ଟିଏଲଏମ କିଟ୍, ବିଟିଇ ହିୟରିଂ ଏଡ୍, ବ୍ରେଲି କେନ, ବ୍ରେଲି କିଟ୍, ବ୍ରେଲି ସଲ୍ଟ, ପିଲାଙ୍କୁ ସ୍ମାର୍ଟ ଫୋନ୍, ସ୍ମାର୍ଟ କେନ୍ ଆଦି ଉପକରଣ ପ୍ରଦାନ କରାଯିବା ନେଇ ଶିବିରରେ ଯୋଗଦେଇଥିବା ଦିବ୍ୟାଙ୍ଗଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ବହୁ ହିତାଧିକାରୀ ୟୁଡିଆଡି ଦିବ୍ୟାଙ୍ଗ ପ୍ରମାଣପତ୍ର ହାସଲ କରି ନ ଥିବାରୁ ସେମାନଙ୍କୁ ଶିବିରରୁ ସହାୟତା ପ୍ରଦାନ କରାଯାଇପାରି ନ ଥିଲା। ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ର ସହ ଯୋଗାଯୋଗ କରି ୟୁଡିଆଇଡି ପ୍ରମାଣପତ୍ର ହାସଲ କରିବାକୁ ପରାମର୍ଶ ଦିଆଯାଇଥିଲା। ଆଗାମୀ ଦିବସରେ ଡାକ୍ତରୀ ଦଳ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଆବଶ୍ୟକ ସାମଗ୍ରୀ ବ୍ୟବହାର ପାଇଁ ସୁପାରିଶ କରାଯିବ। ଉକ୍ତ ସୁପାରିଶ ମୁତାବକ ଦିବ୍ୟାଙ୍ଗଙ୍କୁ ଉପକରଣ ପ୍ରଦାନ କରାଯିବ।

## ଆଳୁ ଦର ବୃଦ୍ଧିକୁ ନେଇ ଖାଉଟି ଅସନ୍ତୋଷ

**ଜାରକା, ୨୬।୭ (ସମିସ):** ରାଜ୍ୟରେ ଏବେ ଆଳୁ ଦର ବେଲଗାମ ହୋଇଛି। ଏହାର ସିଧା ପ୍ରଭାବ ଖାଉଟିଙ୍କ ଉପରେ ପଡ଼ିଛି। ନିର୍ବାଚନ ପରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁଁ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଧର୍ମଶାଳା ଖୁଚୁରା ବଜାରରେ ଆଳୁ କିଲୋ ପ୍ରତି ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଛି। ଗତ କିଛି ସପ୍ତାହ ହେବ ଆଳୁ କିଲୋ ପ୍ରତି ୩୦ରୁ ୩୫ ଟଙ୍କାରେ ବିକ୍ରି ହେଉଥିବାବେଳେ ଗତ ୨ରୁ ୩ଦିନ ହେବ ଆଳୁ ଦର ହଠାତ ବୃଦ୍ଧି ପାଇଥିବା ହେତୁ ଖାଉଟି ପ୍ରଭାବିତ ହେଉଛନ୍ତି। ପଶ୍ଚିମବଙ୍ଗରୁ ଆଳୁ ନ ଆସିବା ଫଳରେ ଆଳୁ ଦର ବୃଦ୍ଧି ପାଇଥିବା ବ୍ୟବସାୟୀ କହିଛନ୍ତି। ଆଳୁ ଦର ନିୟନ୍ତ୍ରଣକୁ ଆଣିବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଖାଉଟି ମୂରଲୀଧର ବେହେରା, ସଚିତ୍ର ଦାସ ଓ ଆଳୁ ବ୍ୟବସାୟୀ ସଞ୍ଜୟ ରାଉତ ଦାବି କରିଛନ୍ତି। ବିଜେପି ସରକାର ଦରଦାମ ରୋକିବାରେ ଅସଫଳ ହୋଇଛନ୍ତି। ଯଥାଶିଘ୍ର ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ହ୍ରାସ କରା ନ ଗଲେ କଂଗ୍ରେସ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଧର୍ମଶାଳାର କଂଗ୍ରେସ ନେତା କିଶାନ ପଣ୍ଡା କହିଛନ୍ତି।

## ଅସ୍ୱାସ୍ଥ୍ୟକର ପରିବେଶରେ ନୂଆଗଡ଼ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ



**କବାଟବନ୍ଧ, ୨୬।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତସ୍ଥ ନୂଆଗଡ଼ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ପରିସର ଅସୁରକ୍ଷିତ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଏହି ବିଦ୍ୟାଳୟ ୨୦୦୮ରେ ସ୍ଥାପିତ ହୋଇଥିଲା। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି। ସ୍କୁଲ ପରିସରରେ ନଡ଼ିଆ ଚାରା, ନିମ୍ବ ଗଛ, ଦେବଦାରୁ ଓ କିଛି ରଙ୍ଗୀନ ଫୁଲ ଗଛ ଲଗାଯାଇଛି। ଲଗାଯାଇଥିବା ଗଛର ଚତୁଃପାର୍ଶ୍ୱରେ ଅନାବନା ଘାସ ସ୍କୁଲ ପରିସରକୁ ଘେରି ରହିଛି। ଛାତ୍ରଛାତ୍ରୀ ଖେଳାଖେଳି କରିବା ପାଇଁ ଅସୁବିଧା ସୃଷ୍ଟି ହେଉଛି। ବର୍ଷାଦିନ ହୋଇଥିବାରୁ ଅନାବନା ଗଛ ବହୁ ବଢ଼ିଯାଇଛି। ଏଥିସହ ସ୍କୁଲ ପରିସର ଓ ଏହା ଚାରିପଟେ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପରିବେଶକୁ ପରିଷ୍କାର ରଖିବା ପାଇଁ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ରହିଥିଲେ ମଧ୍ୟ ତାହା ଏଠାରେ ଦେଖିବାକୁ ମିଳୁନାହିଁ।

ପିଲାଙ୍କ ଖେଳିବା ପାଇଁ ସିମେଣ୍ଟ ଖସଡ଼ା ତିଆରି ହୋଇଛି। କିନ୍ତୁ ଏହା ଚାରିପାଖରେ ଅନାବନା ଗଛ ଘେରିଯାଇଛି। ଏହି ସ୍ଥାନରେ ବିଭିନ୍ନ ସରୀସୃପ ରହିବା ସମ୍ଭାବନା ରହିଛି। ଯାହାକି କୁନି କୁନି ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି। ରଜ ଛୁଟି ପରେ ଏହାକୁ ସଫା କରାଯାଇ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଛାତ୍ରଛାତ୍ରୀ ଏଭଳି ପରିବେଶରେ ଶିକ୍ଷାଲାଭ କରି ସ୍ୱଚ୍ଛ ପରିବେଶ କିପରି ତିଆରି କରିପାରିବେ। ଯାହାକୁ ନେଇ ଅଭିଭାବକ ଓ ଜନସାଧାରଣ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ସଚେତନ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସ୍କୁଲ ପରିସର ସଫା ହୋଇପାରିବ। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତିଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

## ହାତୀଦାନ୍ତ କାରବାର ଅଭିଯୋଗରେ ଆଦିବାସୀ ଯୁବନେତା ଗିରଫ

**ଟମକା, ୨୬।୭ (ସମିସ):** ହାତୀଦାନ୍ତ କାରବାର ଅଭିଯୋଗରେ ଟମକା ଥାନା ଅନ୍ତର୍ଗତ କିଆଝର ପଞ୍ଚାୟତ ଚମ୍ପାଝର ଗ୍ରାମର ଜଗନ୍ନାଥ ମାଝୀଙ୍କ ପୁଅ ମିଥୁନ୍‌କୁ ବନ ବିଭାଗ ଗିରଫ କରିଛି। ଗତ ଜାନୁଆରୀ ମାସରେ ହୋଇଥିବା ଏକ ହାତୀଦାନ୍ତ କାରବାରରେ ଉକ୍ତ ଯୁବକଙ୍କ ସମ୍ପୃକ୍ତି ଥିବା ଜାଣି ଆନନ୍ଦପୁର ବନ ବିଭାଗ ବୁଧବାର ବିଳମ୍ବିତ ରାତିରେ ଚମ୍ପାଝରସ୍ଥ ତାଙ୍କ ଘରେ ଚଢ଼ଉ କରି ମିଥୁନ୍‌କୁ ଉଠାଇ ନେଇଥିଲେ। ବନ ବିଭାଗର ଉପରିସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ମିଥୁନ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିବାବେଳେ ବିଭାଗ ତାକୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ମିଥୁନଙ୍କ ସହ ଘସିପୁରା ଥାନା ଅନ୍ତର୍ଗତ ହାଟଡିହି ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତ ଟିକର ଗ୍ରାମର ବିଶ୍ୱନାଥ ଜେନାଙ୍କୁ ମଧ୍ୟ ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।



## କୀଟନାଶକ ଖାଇ ଚାଷୀ ଗୁରୁତର

**ସୁକିନ୍ଦା, ୨୬।୭ (ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ଉପର ପଳାଶଖଳି ଗ୍ରାମର ଜଣେ ଚାଷୀ କୀଟନାଶକ ଖାଇ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତ ଅଧୀନ ଉପର ପଳାଶଖଳି ଗ୍ରାମର ସିନ୍ଧୁ ପୂର୍ତ୍ତି ପାରିବାରିକ ବିବାଦକୁ ନେଇ ରାଗରେ ବିଷାକ୍ତ କୀଟନାଶକ ଖାଇ ଦେଇଥିଲେ। କିଛି ସମୟ ପରେ ହଠାତ୍ ସେ ଗୁରୁତର ହୋଇଯିବା ଦେଖି ପରିବାର ଲୋକେ ତୁରନ୍ତ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ବିଂଝାରପୁର ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଆଗରେ ଚାଷୀଙ୍କ ଧାରଣା

ବିଂଝାରପୁର, ୨୬।୭ (ସମିସ)



ବିଂଝାରପୁର ବ୍ଲକର ଜନସାଧାରଣ ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ। ଏହି ବ୍ଲକର ୧୦ରୁ ଅଧିକ ପଞ୍ଚାୟତକୁ କେନାଲ ସଂଯୋଗ ହୋଇଥିବାରୁ ଚାଷୀ ଖରିଫ ଋତୁରେ ଚାଷ କାର୍ଯ୍ୟ ପାଇଁ କେନାଲ ପାଣି ଉପରେ ନିର୍ଭର କରନ୍ତି। କିଛି ବର୍ଷ କେନାଲର ପୁନରୁଦ୍ଧାର ହେଉଛି। ତେବେ କେନାଲ ପାଣି ଶେଷ ମୁଣ୍ଡ ପର୍ଯ୍ୟନ୍ତ ଆସିପାରୁନାହିଁ। ବହୁ ସ୍ଥାନରେ ପ୍ରଭାବଶାଳୀ ବ୍ୟକ୍ତି କେନାଲ ବନ୍ଧକୁ ସ୍ଥାୟୀ ଭାବେ ଜବରଦଖଲ କରି ଅବରୋଧ କରିଥିବାରୁ ଚାଷ ଜମିକୁ ପାଣି ଅସୁପାରୁନାହିଁ। କେନାଲ ମରାମତି ନାମରେ ଠିକାଦାର କେବଳ କେନାଲକୁ ଚାଞ୍ଛି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରୁଛନ୍ତି। କିନ୍ତୁ କେନାଲ ମରାମତି ହେଉନାହିଁ କି ସଫା ହେଉନାହିଁ। ଯଦ୍ୱାରା ସରକାରଙ୍କ ଅର୍ଥ ଆତ୍ମସାତ ହେବା ସହ କେନାଲରେ ଜଳ ପ୍ରବାହିତ ହେବାରେ ବାଧା ସୃଷ୍ଟି ହେଉଛି। ଉପର ମୁଣ୍ଡର ଚାଷୀ କେନାଲରେ ଗାତ କରି ପାଇପ ପକାଇ ପାଣି ବୋହି ନେଉଥିବାରୁ ପାଣିର ମଧ୍ୟ ସଙ୍କଟ ଦେଖାଦେଉଛି। ତଳ ମୁଣ୍ଡ ଜମିକୁ ପାଣି ଆସିପାରୁନାହିଁ। କେନାଲ ପାଣି ଉପରେ ଭରସା କରିଥିବା ଅରେଇ, ଇଞ୍ଜନପୁର, ଗୁହାଳି, ବାଙ୍କୀପାଳ, ମଇଁଦା, ସାଂସଦା, ପଦାସାହି, ସୟଦପୁର, କଏଣା, ଶାସନପଡ଼ା, ଚିକଣା ଆଦି ଗ୍ରାମର ହଜାର ହଜାର ଚାଷୀ ଚାଷ କାର୍ଯ୍ୟ କରି ନ ପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି। ପ୍ରତିବର୍ଷ କେବଳ ଜଳକର ଦେବା ବୃଥା ହେଉଛି। ଏହା ପ୍ରତିବାଦରେ ଆଜି ପୂର୍ବାହ୍ନରେ ଓଡ଼ିଶା କୃଷକ ବିକାଶ ମଞ୍ଚ ବିଂଝାରପୁର ଶାଖା ପକ୍ଷରୁ ଶତାଧିକ ଚାଷୀ ବିଂଝାରପୁର ଜଳସେଚନ ବିଭଗର ଉପଖଣ୍ଡ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ।

ବିଂଝାରପୁର ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମହାନ୍ତି, ବିଂଝାରପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ବିପିନ କୁମାର ସେଠୀ, ସିଂହପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ବିମଳ ଚନ୍ଦ୍ର ବେହେରା ଧାରଣା ସ୍ଥଳକୁ ଆସି ଚାଷୀଙ୍କ ଦାବିପତ୍ର ଗ୍ରହଣ କରିବା ସହିତ ଚାଷୀଙ୍କ ଏହି ମୌଳିକ ସମସ୍ୟା ପୂରଣ ନିମନ୍ତେ ସମାଧାନର ବାଟ ଫିଟିବାକୁ ଦୀର୍ଘ ଏକ ଘଣ୍ଟା କାଳ ଚାଷୀ ପ୍ରତିନିଧିଙ୍କ ସହିତ ଆଲୋଚନା କରିଥିଲେ। ଚଳିତ ଖରିଫ ଋତୁରେ ବିଂଝାରପୁର ଅଞ୍ଚଳରେ ବର୍ଷା ମାତ୍ରା କମ ଥିବାରୁ କେନାଲ ପାଣିର ଜରୁରି ଆବଶ୍ୟକ ଥିବାରୁ ଚାଷୀଙ୍କ ଜମିକୁ ପାଣି ଯେପରି ଆସନ୍ତା ୧୫ ଦିନ ଭିତରେ ପହଞ୍ଚିପାରିବ, ସେଥିନିମନ୍ତେ ଯୁଦ୍ଧକାଳୀନ ଭିତ୍ତିରେ କେନାଲ ସଫେଇ, ମରାମତି, ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରିବାକୁ ଚାଷୀ ସଂଗଠନକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଫଳରେ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ବିଂଝାରପୁର ଶାଖା ଓଡ଼ିଶା କୃଷକ ବିକାଶ ମଞ୍ଚ ସଭାପତି ସନାତନ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ରବୀନ୍ଦ୍ର ଜେନା, ରବୀନ୍ଦ୍ର ଧଳ, ଗୋବିନ୍ଦ ପରିଡ଼ା, ସୂର୍ଯ୍ୟନାରାୟଣ ଦାଶ, ଭୁବନାନନ୍ଦ ସାମଲ, ସୀମାନ୍ତ ପାତ୍ର, ଯଦୁମଣି ଧଳ, ବିଜୟ କୁମାର ଧଳ, କୃଷ୍ଣଚନ୍ଦ୍ର ପଣ୍ଡା, ରଞ୍ଜିତ ବେହେରା, ଧନେଶ୍ୱର ସାମଲ, ନିହାର ରଞ୍ଜନ ସାମଲ, ବାବୁଲି ସେଠୀ, ସାଜିଦ ଖାଁ, ଅର୍ଜୁନ ମିଶ୍ର, ସୁଧାଂଶୁ ସାମଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

ପଶ୍ଚିମବଙ୍ଗ ସରକାର-ଆଳୁ ବ୍ୟବସାୟୀ ମହାସଂଘ ମୁହାଁମୁହିଁ

# ନାକା ପଏଣ୍ଟରେ ଅଟକିଛି ଶହଶହ ଆଳୁ ଟ୍ରକ୍



ଜଳେଶ୍ୱର ବ୍ଲକ୍, ୨୬।୭ (ସମିସ): ଆଳୁ ରପ୍ତାନୀକୁ ନେଇ ପଶ୍ଚିମବଙ୍ଗ ସରକାର ଓ ସେଠାକାର ଆଳୁ ବ୍ୟବସାୟୀ ମହାସଂଘ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ନିଜ ରାଜ୍ୟର ଚାହିଦାକୁ ଲକ୍ଷ୍ୟ କରି ପଶ୍ଚିମବଙ୍ଗ ସରକାର ଆଳୁ ରପ୍ତାନୀ ଉପରେ ରୋକ୍ ଲଗାଇଥିବା ବେଳେ ବ୍ୟବସାୟୀ ମହାସଂଘ ଏହାକୁ ବିରୋଧ କରୁଛି। ମହାସଂଘର କହିବା କଥା ହେଲା, ବାହାର ରାଜ୍ୟକୁ ରପ୍ତାନୀ କରାନଗଲେ, ଶୀତଳ ଭଣ୍ଡାରରେ ଜମାଥିବା ଆଳୁ ନଷ୍ଟ ହେବ ଏବଂ ଏଥିପାଇଁ ଚାଷୀ ଓ ବ୍ୟବସାୟୀମାନଙ୍କୁ ବଡ଼ କ୍ଷତି ସହିବାକୁ ପଡ଼ିବ। ଅପରପକ୍ଷେ ଏହି ମୁହାଁମୁହିଁ ପରିସ୍ଥିତି ଯୋଗୁଁ ଏବେ ଓଡ଼ିଶା ସୀମାନ୍ତରେ ଶହଶହ ଆଳୁ ଟ୍ରକ୍ ଅଟକି ରହିଛି। ଆଜି ବ୍ୟବସାୟୀ ମହାସଂଘ ଓ ପଶ୍ଚିମବଙ୍ଗ ପ୍ରଶାସନ ମଧ୍ୟରେ ଉପରଠାଉରିଆ ଆଲୋଚନା ହୋଇଥିଲେ ମଧ୍ୟ ସେଥିରୁ କିଛି ନିଷ୍କର୍ଷ ବାହାରିପାରିନାହିଁ। ଫଳରେ ଉପାନ୍ତ ଅଞ୍ଚଳରେ ଥିବା ମୁଖ୍ୟ ରାସ୍ତାର ପୁଲିସ୍ ନାକା ପଏଣ୍ଟ, ଥାନା ଓ ତନଖି ଫାଟକଠାରେ ଛିଡ଼ା ହୋଇଥିବା ଶହଶହ ଆଳୁ ଟ୍ରକ୍ ଆଜି ବି ଆଗକୁ ଗଡ଼ିପାରିନାହିଁ।

ପଶ୍ଚିମବଙ୍ଗର ୨୧ଟି ଜିଲ୍ଲା ମଧ୍ୟରୁ ବର୍ଦ୍ଧମାନ, ବାଙ୍କୁଡା, ହୁଗୁଳି ଓ ମେଦିନୀପୁର ଜିଲ୍ଲାରେ ବ୍ୟାପକ ଆଳୁଚାଷ ହୋଇଥାଏ। ଏହି ସବୁ ଜିଲ୍ଲାରେ ଘରୋଇ ଓ ସରକାରୀ ଭାବେ ଶୀତଳଭଣ୍ଡାରରେ ଆଳୁ ଗଚ୍ଛିତ ରହେ। କେତେକ ଚାଷୀ ମିଳିତ ଭାବେ ଓ ଅନ୍ୟ କେତେକ ବ୍ୟବସାୟୀ ଏହି ସବୁ ଶୀତଳ ଭଣ୍ଡାରକୁ ଲିଜ୍‌ରେ ନେଇ ଆଳୁ ରଖିଥା'ନ୍ତି। ଆଳୁ ବ୍ୟବସାୟୀ ମହାସଂଘ ପରିସ୍ଥିତିକୁ ଲକ୍ଷ୍ୟ ରଖି ଆଳୁ ବିକ୍ରି ମୂଲ୍ୟର ଦାମ ଧାର୍ଯ୍ୟ କରିଥାଏ। ପଶ୍ଚିମବଙ୍ଗ ସରକାର ନିଜ ରାଜ୍ୟରେ ଖାଉଟିଙ୍କୁ ଆଳୁ ୨୦ ଟଙ୍କାରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଥିଲା ବେଳେ ବ୍ୟବସାୟୀ ସଂଘର ଜଣେ ମୁଖ୍ୟ ଦୁଲାଲ ଚରଣ ବାୟନ ଆଳୁର ଖର୍ଚ୍ଚ ବାବଦକୁ ପ୍ରାୟ ୨୩ ଟଙ୍କା ଖର୍ଚ୍ଚ ହେଉଥିବାରୁ କମ୍ ମୂଲ୍ୟରେ ଆଳୁ ବିକ୍ରି ସମ୍ଭବ ନୁହେଁ ବୋଲି କହିଥିଲେ। ଏହାକୁ ନେଇ ବିବାଦର ସୂତ୍ରପାତ ହେବାରୁ ୨୦ ତାରିଖ ପାଖରୁ ଓଡ଼ିଶାକୁ ଆଳୁ ପରିବହନ ବନ୍ଦ ରହିଛି। ତେଣୁ ଓଡ଼ିଶାରେ ଆଳୁର ମୂଲ୍ୟ ୫୦ ଟଙ୍କା ପହଞ୍ଚି ଯାଇଛି।

ଗତକାଲି ବ୍ୟବସାୟୀ ମହାସଂଘ ଓ ପଶ୍ଚିମବଙ୍ଗ ସରକାର ମଧ୍ୟରେ ଆପୋସ ସମାଧାନ ହୋଇଥିଲେ ମଧ୍ୟ ତାହା ବାସ୍ତବରେ କାର୍ଯ୍ୟକାରୀ ହୋଇନାହିଁ। ୬ଦିନ ପରେ ଗତରାତିରେ ଆଳୁ ଓଡ଼ିଶାକୁ ଆସିବା ଲାଗି ଟ୍ରକଗୁଡ଼ିକ ନିର୍ଦ୍ଦିଷ୍ଟ ସ୍ଥାନରୁ ଛାଡ଼ିଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଅଟକି ରହିଛି। ବିଶେଷତଃ ବାଇପାଟଣା, ଦାନ୍ତନ, ବେଲଦା, ନାରାୟଣଗଡ଼, ନୟାଗ୍ରାମ, ଖଡ଼ିକା, ମୋହନପୁର, ଦୀଘା, ଜାମଶୋଳ, ଚିରକୁଣ୍ଡା, କୁରୁଳିଆ, ମାଟିବେରୁଆଁ, ମକରମପୁର ଟୋଲ ପ୍ଲାଜା ଇତ୍ୟାଦି ସ୍ଥାନରେ ସରକାରଙ୍କ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଆଳୁ ଟ୍ରକଗୁଡ଼ିକୁ ଅଟକ ରଖିଛି।

ଏକ ହିସାବରୁ ଜଣାଯାଇଛି ଯେ ଓଡ଼ିଶାକୁ ପ୍ରାୟ ପ୍ରତିଦିନ ପଶ୍ଚିମବଙ୍ଗରୁ ୬୦୦ ଟ୍ରକ୍‌ରେ ୧୨ହଜାର ଟନ୍ ଆଳୁ ଆସିଥାଏ। କିନ୍ତୁ ଦୀର୍ଘଦିନ ଧରି ଆଳୁ ଆସୁ ନଥିବାରୁ ଓଡ଼ିଶାରେ ମୂଲ୍ୟ ଅମୂଲ ରହିଛି। ରାସ୍ତାର ପ୍ରତ୍ୟେକ ନାକା ପଏଣ୍ଟଠାରେ ଆଳୁ ଟ୍ରକ୍ ଛିଡ଼ା ହୋଇଛି। କେତେକ ଅସାଧୁ ବ୍ୟବସାୟୀ ବିଭିନ୍ନ ଉପାୟରେ ଉପାନ୍ତ ପଶ୍ଚିମବଙ୍ଗରୁ ଆଳୁଗୁଡ଼ିକୁ ଟ୍ରାକ୍ଟର୍, ଭୁଟୁଭୁଟି, ପିକ୍-ଅପ୍‌ରେ ଓଡ଼ିଶାକୁ ନେଉଛନ୍ତି। ଏ ବାବଦରେ ପୁଲିସ୍ ବ୍ୟାପକ ହାତଗୁଞ୍ଜା ନେଉଥିବାରୁ ଆଳୁ ଦର କମୁନଥିବା ଜଳେଶ୍ୱର ବ୍ୟବସାୟୀ ଶ୍ୟାମସୁନ୍ଦର ବେହେରା, ଅଭିଳାଷ ପାତ୍ର, ରବିନାରାୟଣ ମିଶ୍ର, ମହିନ୍ଦ୍ର ପ୍ରଧାନ, ବଂଶୀଧର ଘୋଷ, ହରିଶଙ୍କର ଗିରି ଓ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ କହିଛନ୍ତି।

ଓଡ଼ିଶା ସରକାର ପଶ୍ଚିମବଙ୍ଗ ସରକାରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରି ସମସ୍ୟାର ସମାଧାନ ନ କଲେ, ପରିସ୍ଥିତି ଅଣାୟତ୍ତ ହେବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ଆଳୁ ବ୍ୟବସାୟୀ ମହାସଂଘ ପକ୍ଷରୁ ବିଭିନ୍ନ ସ୍ଥାନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଛି।

■ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଗାଡ଼ି ପ୍ରବେଶ ସମ୍ପୂର୍ଣ୍ଣ ଠପ୍

# ପିକ୍‌ଅପ୍ ଛାଡ଼ିବାକୁ ୫ ହଜାର, ଟ୍ରକ୍ ପିଛା ୨୫ ହଜାର!

ଜଳେଶ୍ୱର ବ୍ଲକ, ୨୬।୭ (ସମିସ): ଓଡ଼ିଶାକୁ ଆଳୁ ଗାଡ଼ି ପ୍ରବେଶ ନେଇ ସୀମାନ୍ତରେ ବିବଦମାନ ପରିସ୍ଥିତି ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗରେ ଆଳୁ ଦରବୃଦ୍ଧି ହୋଇଥିବାରୁ ସେଠାକାର ଖାଉଟିଙ୍କୁ ୨୦ ଟଙ୍କା ମୂଲ୍ୟରେ ଯୋଗାଇବା ପାଇଁ ସରକାର ଆଳୁ ରପ୍ତାନୀ ଉପରେ ରୋକ୍ ଲଗାଇଛନ୍ତି। ଫଳରେ ଓଡ଼ିଶାରେ ଆଳୁ ଦରରେ ନିଆଁ ଲାଗିଛି। ଏପରି ସ୍ଥିତିରେ ସୀମାନ୍ତ ଫାଟକଗୁଡ଼ିକରେ ଏବେ ଦୋ-ନମ୍ବରୀ କାରବାର ଆରମ୍ଭ ହୋଇଯାଇଛି। ତନଖି ଫାଟକରେ ଥିବା କିଛି ଅଧିକାରୀ ଆଳୁ ବୋଝେଇ ଟ୍ରକ୍ ପିଛା ୨୫ହଜାର ଓ ପିକ୍-ଅପ୍ ଭ୍ୟାନ୍ ପିଛା ୫ ହଜାର ଟଙ୍କା ନେଇ ଆଳୁ ଗାଡ଼ିଗୁଡ଼ିକୁ ଓଡ଼ିଶାକୁ ଛାଡୁଛନ୍ତି।

ସୂଚନାଯୋଗ୍ୟ, ପ୍ରତିଦିନ ଲକ୍ଷ୍ମଣନାଥ ୬୦ ନମ୍ବର ଜାତୀୟ ରାଜପଥରେ ୮୦ ଟନ୍ ଓ ଭୋଗରାଇ ରାଜ୍ୟ ରାଜପଥରେ ୫୦ ଟନ୍ ଆଳୁ ଓଡ଼ିଶାକୁ ପ୍ରବେଶ କରିଥାଏ। କିନ୍ତୁ ସୋମବାରଠାରୁ ଆଳୁ ଗାଡ଼ି ପ୍ରବେଶ ଉପରେ ପ୍ରତିବନ୍ଧକ ଥିବା ବେଳେ ଶୁକ୍ରବାର ସକାଳେ ବହୁ ଗାଡ଼ି ଓଡ଼ିଶା ସୀମାରେ ପ୍ରବେଶ ପାଇଁ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଜଗନ୍ନାଥ ସଡ଼କ ସୁନା କଣିଆଠାରେ ୫୭ନଂ ରାଜ୍ୟ ରାଜପଥ ସଂଯୁକ୍ତ ମାଟି ବିରୁଆ ଗ୍ରାମଠାରେ ଓ ୬୦ ନମ୍ବର ଜାତୀୟ ରାଜପଥ ଲକ୍ଷ୍ମଣନାଥ ଟୋଲ୍‌ପ୍ଲାଜାଠାରୁ ୧୦୦ ମିଟର ଉତ୍ତର ସୀମାନ୍ତରେ ସମସ୍ତ ଗାଡ଼ି କଡ଼ାକଡ଼ି ଯାଞ୍ଚ କରାଯାଇଥିଲା। ଆଳୁ ଗାଡ଼ି ବ୍ୟତୀତ ସମସ୍ତ ଗାଡ଼ିକୁ ଓଡ଼ିଶା ପ୍ରବେଶ ଅନୁମତି ଦିଆଯାଉଛି। ଏଥିଯୋଗୁଁ କେତେକ ଆଳୁ ଗାଡ଼ି ପଶ୍ଚିମବଙ୍ଗ ଫେରିଯାଇଥିବା ବେଳେ କିଛି ଅଧିକାରୀ ଲାଞ୍ଚ ନେଇ ଗାଡ଼ିଗୁଡ଼ିକୁ ଓଡ଼ିଶା ଛାଡୁଛନ୍ତି। ସେମାନେ ଟ୍ରକ୍ ପିଛା ୨୫ ହଜାର ଟଙ୍କା ଏବଂ ପିକଅପ୍ ପିଛା ୫ ହଜାର ଟଙ୍କା ନେଉଥିବା ଚର୍ଚ୍ଚା ହେଉଛି।

ବଙ୍ଗଳା ନାକା ପଏଣ୍ଟରେ ଏ ସମ୍ପର୍କରେ ସୂଚନା ମାଗିବାରୁ କୌଣସି ଉତ୍ତର ଦେବାକୁ ଅଧିକାରୀମାନେ ଏଡ଼ାଇ ଯାଉଛନ୍ତି। କିନ୍ତୁ ନାକାପଏଣ୍ଟ ୨ ଶହ ମିଟର ଦୂରରେ ପଶ୍ଚିମବଙ୍ଗ ସରକାରଙ୍କ କେତେକ ଉଚ୍ଚପଦସ୍ଥ ଅଧିକାରୀ ଅବସ୍ଥାନ କରି ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କେତେକ ଯୁବକ ଓଡ଼ିଶା ଆସୁଥିବା ଆଳୁ ଗାଡ଼ିଗୁଡ଼ିକୁ ଅଟକାଇ ହଇରାଣ କରୁଥିବା ବେଳେ ଜଳେଶ୍ୱର ପୁଲିସ ପ୍ରଶାସନ ପାଟ୍ରୋଲିଂ କରୁଥିବା ଦେଖାଯାଇଛି।

୨୦୧୪ ମସିହାରେ ପଶ୍ଚିମବଙ୍ଗ ସରକାର ଏହି ପରି ଆଳୁ ରପ୍ତାନି ଉପରେ କଟକଣା ଲଗାଇଥିଲେ। ଫଳରେ ତତ୍କାଳୀନ ଜଳେଶ୍ୱର ଅଞ୍ଚଳର ଯୁବଗୋଷ୍ଠୀ ପକ୍ଷରୁ ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ଆନ୍ଧ୍ରରୁ ଆସୁଥିବା କଞ୍ଚା ପନିପରିବା, ମାଛ, ଅଣ୍ଡା ଭର୍ତ୍ତି ଆଦି ଟ୍ରକକୁ ଦୀର୍ଘ ସମୟ ଧରି ଅବରୋଧ କରାଯାଇଥିଲା। ଫଳରେ ବହୁ ପରିବା ଓ ମାଛ ପଚିଶଢ଼ି ନଷ୍ଟ ହେବା ସହିତ ପଶ୍ଚିମବଙ୍ଗର କେତେକ ଅଞ୍ଚଳ ଓ କୋଲକାତା ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଥିଲା। ବର୍ତ୍ତମାନ, ଓଡ଼ିଶା ବଜାରରେ ଆଳୁର ଦରବୃଦ୍ଧି ନେଇ ଖାଉଟି ଅଣନିଃଶ୍ୱାସୀ ହେବାକୁ ବସିଲେଣି।

ସୋମବାର ପାଖରୁ ଆଳୁ ଆମଦାନୀ କଟକଣା ପରେ ଏବେ ଜଳେଶ୍ୱର ବଜାର ସହିତ ଗ୍ରାମାଞ୍ଚଳ ଦୋକାନ ବଜାରରେ ୫୫ରୁ ୬୦ଟଙ୍କା ମୂଲ୍ୟ ରହିଛି। ସୀମାନ୍ତ ଅଞ୍ଚଳରେ କେତେକ ଖାଉଟି ଟେମ୍ପୋ ଓ ବାଇକ୍ ଯୋଗେ ପଶ୍ଚିମବଙ୍ଗରୁ ଲୁଚାଛପାରେ ଆଳୁ ଆଣୁଥିବା ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ଜଳେଶ୍ୱର ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେପି ନେତା ବ୍ରଜ ମୋହନ ପ୍ରଧାନ କହିଛନ୍ତି ସଙ୍ଘୀୟ ବ୍ୟବସ୍ଥାରେ ଦେଶର ସମସ୍ତ ଅଞ୍ଚଳକୁ ଖାଦ୍ୟ ସାମଗ୍ରୀ ଅବାଧରେ ପରିବହନ ବ୍ୟବସ୍ଥା ରହିଛି। କିନ୍ତୁ ପଶ୍ଚିମବଙ୍ଗ ସରକାରଙ୍କ ଏତାଦୃଶ ବୈମାତୃକ ମନୋଭାବକୁ ସେ ନିନ୍ଦା କରିବା ସହିତ ଦୃଢ଼ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ବଜ୍ରପାତରେ ଦୁଇ ମୃତ; ୩ ଗୁରୁତର

ଜଳେଶ୍ୱର ବ୍ଲକ/ରାଇବଣିଆ, ୨୬।୭ (ସମିସ): ବଜ୍ରପାତରେ ଆଜି ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଖୁଆଡ଼ ପଞ୍ଚାୟତ ଉପରକୁଣ୍ଡି ଗାଁର ଉତ୍ତମ ସୋରେନ ଏବଂ ପଶ୍ଚିମବଙ୍ଗ ଦାନ୍ତନ ଥାନା ଜେନାଦିଗ ଗ୍ରାମର ଦୁଇ ଭାଇ ଶାନ୍ତନୁ ଭଞ୍ଜ। ସେହିପରି ବଜ୍ରପାତରେ ଅନ୍ୟ ୩ଜଣ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ଉତ୍ତର ଆଜି ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ସେହିଠାରେ ହିଁ ଟଳି ପଡ଼ିଥିଲେ। ସେହିପରି ପଡ଼ୋଶୀ ପଶ୍ଚିମବଙ୍ଗର ଜେନାଦିଗ ଗ୍ରାମର ଦୁଇଭାଇ ଶାନ୍ତନୁ ଭଞ୍ଜ ଓ ଅତନୁ ଭଞ୍ଜ ବିଲରେ କାମ କରୁଥିବାବେଳେ ସେମାନଙ୍କ ଉପରେ ବଜ୍ରପାତ ହୋଇଥିଲା। ଉଭୟଙ୍କୁ ଜଳେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ଶାନ୍ତନୁଙ୍କୁ ମୃତ ଘୋଷଣା କରିଥିଲେ। ଅତନୁଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଅନୁରୂପ ଭାବେ ଶ୍ୟାମନଗର ପଞ୍ଚାୟତର ଶୁଖଯୋଡ଼ି ଗାଁର ଲବ ବାସ୍କେ ଓ ଆମ୍ବିଶୋଳ ଗାଁର ପାର୍ବତୀ ମୁର୍ମୁ ପଶ୍ଚିମବଙ୍ଗ ଦାନ୍ତନ ଥାନା ସାର୍ଥା ଅଞ୍ଚଳକୁ ମଜୁରି ଲାଗିବାକୁ ଯାଇଥିଲେ। ସେଠାରେ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ହାତୀଗର୍ଡ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି।

■ ଶାଳପଡ଼ା ଡାଏରୀ ଫାର୍ମରେ ଅଘଟଣ

## ଡ୍ରେନ୍‌ରେ ଭାସିଗଲା ୪ଶହ ଲିଟର ଘିଅ

ଆନନ୍ଦପୁର, ୨୬।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ଶାଳପଡ଼ାଠାରେ ଥିବା ଓମ୍‌ଫେଡ ଡାଏରୀ ଫାର୍ମରେ ଆଜି ପରିଚାଳନାଗତ ତ୍ରୁଟି ପାଇଁ ପ୍ରାୟ ୪ଶହ ଲିଟର ଘିଅ ଡ୍ରେନ୍‌ର ଆବର୍ଜନାରେ ଭାସିଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ତିନି ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସବୁଦିନ ପରି ଆଜି ଘିଅ ପ୍ଲାଣ୍ଟରେ ପ୍ରାୟ ୭ଶହ ଲିଟର ବଟର୍ ଭର୍ତ୍ତି କରାଯାଇ ଘିଅ ପ୍ରସ୍ତୁତି ପାଇଁ ହିଟର ଅନ୍ କରାଯାଇଥିଲା। ତେବେ ବଟର୍ ଟାଙ୍କିର ଘୋଡ଼ଣୀ ଦିଆଯାଇନଥିବାରୁ ତାହା ଉଚ୍ଛୁଳି ପଡ଼ି ଡ୍ରେନ୍‌ରେ ଭାସିଯାଇଥିଲା। ପ୍ରଡକସନ୍ ମ୍ୟାନେଜରଙ୍କ ଦାୟିତ୍ୱହୀନତା ପାଇଁ ଏପରି ଅଘଟଣ ଘଟିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି।

## ପୁଲିସ୍ ଇନଫର୍ମର୍ ସନ୍ଦେହରେ ଜଣଙ୍କୁ ହତ୍ୟା

ମାଲକାନଗିରି, ୨୬।୭ (ସମିସ): ପୁଲିସ୍ ଇନଫର୍ମର୍ ସନ୍ଦେହରେ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ପଖାଞ୍ଜୁର ଅଞ୍ଚଳରେ ଜଣେ ଗ୍ରାମବାସୀଙ୍କୁ ମାଓବାଦୀମାନେ ନିର୍ମମ ଭାବେ ହତ୍ୟା କରିଛନ୍ତି। ପୁଲିସ ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ, ଛତିଶଗଡ଼ର ପଖାଞ୍ଜୁର ଅଞ୍ଚଳର ଆରେୱାଡା ଗ୍ରାମର ଜୟରାମ କୁମେଟି। ହତ୍ୟା ପରେ ମାଓବାଦୀମାନେ ତାଙ୍କ ଶବକୁ ଗାଁ ରାସ୍ତାକଡ଼ରେ ଫିଙ୍ଗି ଦେଇଥିଲେ।

■ ଅନଲାଇନ୍ ବେଟିଂରେ କୋଟି କୋଟି ରୋଜଗାର

## ବଣାଇଁରେ ଇଡିର ବଡ଼ ଧରଣର ଚଢ଼ଉ



ଚଢ଼ଉରେ ୪୦ ଜଣିଆ ଟିମ୍
ଅଭିଯୁକ୍ତଙ୍କ ଘର ଦେଖି ଇଡି ଆଶ୍ଚର୍ଯ୍ୟ

ବଣାଇଁ, ୨୬।୭ (ସମିସ): ଶୁକ୍ରବାର ସକାଳେ ବଣାଇଁ ଥାନା ଅନ୍ତର୍ଗତ ବଡ଼ ଗୋଗୁଆ ଗ୍ରାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବଡ଼ ଧରଣର ଚଢ଼ଉ କରାଯାଇଛି। କୋଲକାତାରୁ ୮ଟି ଗାଡ଼ିରେ ପୁଲିସ ଫୋର୍ସ ସହ ୪୦ ଜଣିଆ ଟିମ୍ ପହଞ୍ଚି ଖୋଳତାଡ଼ ଆରମ୍ଭ କରିଛନ୍ତି। ଦୀର୍ଘଦିନ ଧରି ବଣାଇଁ ଅଞ୍ଚଳର ଗୋଗୁଆ, ଜାଙ୍ଗଡ଼ା, ଜକୈକଳା, ତଳିତା ଆଦି ବିଭିନ୍ନ ଗ୍ରାମରେ ଯୁବକମାନେ ଫ୍ରି'-ଉଇନ ନାମକ ଏକ ଅନଲାଇନ୍ ଗେମ୍ ମାଧ୍ୟମରେ କୋଟି କୋଟି ଟଙ୍କା କାରବାର କରିଥିବା ଇଡି ନିକଟରେ ସୂଚନା ରହିଥିଲା। ଏହି ସୂଚନା ଆଧାରରେ ଇଡି ଟିମ୍ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅରୁଣ ସାହୁ, ଶିଶିର ପ୍ରଧାନ, ଆଲୋକ କୁମାର ସାହୁ, ଅରୁଣ ରାଉତ, ନାରାୟଣ ପ୍ରଧାନ, ବିଜୟ ପ୍ରଧାନ ପ୍ରମୁଖ ୬ ଜଣଙ୍କ ଘରେ ପ୍ରଥମେ ଯାଞ୍ଚ ଆରମ୍ଭ କରିଥିଲା। ଅନ୍‌ଲାଇନ୍ ଗେମ୍‌ରେ କୋଟି କୋଟି ଟଙ୍କା ବେଟିଂ କରି ଅଭିଯୁକ୍ତମାନେ ନିର୍ମାଣ କରିଥିବା ବହୁତଳ ବିଶିଷ୍ଟ କୋଠା ଦେଖି ଇଡି ଟିମ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଏତେ ଟଙ୍କା କୁଆଡୁ ଆସୁଥିଲା, କିଏ ଏହି ଟଙ୍କା କାରବାର ପଛରେ ଅଛନ୍ତି, ସେନେଇ ତଦନ୍ତ ଆରମ୍ଭ କରିଥିଲା।

୫/୬ ବର୍ଷ ପୂର୍ବରୁ ଗୋଗୁଆ ଗ୍ରାମର କେତେକ ଯୁବକ ଏହି ଅନଲାଇନ୍ ଗେମ୍ ଖେଳିବା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା କାୟା ବିସ୍ତାର କରି ଆଖପାଖ ଗାଁକୁ ବ୍ୟାପିଯିବା ପରେ ଧୀରେଧୀରେ ସେଥିରେ ଅନେକ ଯୁବକ ସାମିଲ ହୋଇଥିଲେ। ମୁଖ୍ୟ ଅଭିଯୁକ୍ତମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ କୋଟି କୋଟି ଟଙ୍କା କାରବାର ହେବାରୁ ଏହା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସନ୍ଦେହଘେରକୁ ଆସିଥିଲା। କେତେକ ସ୍ଥାନରେ ବ୍ୟାଙ୍କ କର୍ତ୍ତୃପକ୍ଷ ଆକାଉଣ୍ଟ ସିଜ୍ କରିଦେଲେ ଅଭିଯୁକ୍ତମାନେ ଅନ୍ୟ ବ୍ୟାଙ୍କ୍‌ରେ ଆକାଉଣ୍ଟ ଖୋଲି କାରବାର ଜାରି ରଖୁଥିଲେ। ଉକ୍ତ ଟଙ୍କାରେ କୋଠାବାଡ଼ି, ଗାଡ଼ିମଟର ଆଦି କ୍ରୟ କରି ଲୋକଙ୍କ ଦୃଷ୍ଟି ଏଡ଼ାଇବା ପାଇଁ ଅଭିଯୁକ୍ତମାନେ ରାଉରକେଲା, ଦେବଗଡ଼, ଭୁବନେଶ୍ୱରରେ ରହି ଏହି କାର୍ଯ୍ୟ ଜାରି ରଖିଥିଲେ। ଅଭିଯୁକ୍ତମାନେ କେବେ ଗାଁକୁ ଆସନ୍ତି ଓ ଯାଆନ୍ତି ତାହା କେହି ଜାଣିପାରୁ ନ ଥିଲେ। ଦୀର୍ଘ ଦିନ ଧରି ଏସବୁ କାରବାର ଚାଲିଥିଲେ ମଧ୍ୟ ସବୁ ଜାଣି ସ୍ଥାନୀୟ ପୁଲିସ ଚୁପ୍ ରହିଥିବା ସେତେବେଳେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଚଢ଼ଉ ଜାରି ରହିଥିବା ବେଳେ ଏହା ରାତିତମାମ ଚାଲିବ ବୋଲି ସୂତ୍ରରୁ ଜଣାପଡ଼ିଛି। ଏହି ଚଢ଼ଉ ପରେ ବଣାଇଁର ଅନ୍ୟାନ୍ୟ ଗ୍ରାମରେ ଏହି ଖେଳରେ ସାମିଲ ଥିବା ଯୁବକମାନଙ୍କ ମନରେ ଛନକା ପଶିଛି।

## ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍

ମାଲକାନଗିରି, ୨୬।୭(ସମିସ): ମାଲକାନଗିରି ଜିଲ୍ଲା ଦୌରାଜଜ୍ କୋର୍ଟ ପରିସରରେ ଥିବା ସିଭିଲ-ଜଜ୍ ସିନିଅର୍ ଡିଭିଜନ୍ (ମହିଳା କୋର୍ଟ)ର ବିଚାରପତି ବବିତା ଦାସ ଶୁକ୍ରବାର ଏକ ଦୁଷ୍କର୍ମ ମାମଲାର ଶୁଣାଣି କରି ଆସାମୀଙ୍କୁ ୧୦ ବର୍ଷ ଜେଲ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଦୋଷୀଜଣଙ୍କ ହେଲା, ତରୁଣ ବାଲା। ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବର ୧୮ରେ ମାଲକାନଗିରି ଜିଲ୍ଲା ଓର୍କେଲ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ତରୁଣ ଦୁଷ୍କର୍ମ କରିଥିଲା।

## ସିଟି ନାମଲେଖା ପାଇଁ ଆବେଦନ ଆରମ୍ଭ

ଅଗଷ୍ଟ ୧୫ ଯାଏଁ ଆବେଦନ କରିପାରିବେ ଆଶାୟୀ

ଭୁବନେଶ୍ୱର, ୨୬।୭(ସମିସ): ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେସନ୍ (ଡିଇଏଲ୍‌ଇଡି) ବା ସିଟି ପାଠ୍ୟକ୍ରମ ନାମଲେଖା ପାଇଁ ଶୁକ୍ରବାରଠାରୁ ଆବେଦନ ଆରମ୍ଭ ହୋଇଛି। ଅଗଷ୍ଟ ୧୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ସାମ୍ସ୍ ୱେବ୍‌ସାଇଟ୍‌ରେ ଆବେଦନ କରିପାରିବେ ଆଶାୟୀ। ଏହି ସମୟ ମଧ୍ୟରେ ଆଶାୟୀମାନେ ଆବଶ୍ୟକ ଫି' ମଧ୍ୟ ଦାଖଲ କରିବେ। ଏନେଇ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଟିଇ ଆଣ୍ଡ ଏସ୍‌ସିଇଆର୍‌ଟି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ନାମଲେଖା ପାଇଁ ରାଜ୍ୟର ୬୮ଟି କଲେଜରେ ସମୁଦାୟ ୬୫୫୦ଟି ସିଟ୍ ରହିଛି। ସାମଗ୍ରିକ ଭାବେ ଅନ୍ୟୂନ ୫୦% ନମ୍ବର ଥିଲେ, ଛାତ୍ରଛାତ୍ରୀ ଆବେଦନ କରିପାରିବେ। ପଛୁଆ ବର୍ଗ, ଅନୁସୂଚିତ ଜାତି, ଜନଜାତି ଓ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍ୟୂନ ୪୫% ନମ୍ବର ଧାର୍ଯ୍ୟ କରାଯାଇଛି। ପ୍ରଥମ ଦିନରେ ପ୍ରାୟ ୩୫୦ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

## ଅର୍ଗସ ଟିଭି ଚ୍ୟାନେଲ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

ଶୂନ୍ୟକାଳରେ ପ୍ରସଙ୍ଗ ଉଠାଇଲେ ବିଜେଡି ବିଧାୟକ ଧ୍ରୁବଚରଣ ସାହୁ
ତ୍ରୁଟିପୂର୍ଣ୍ଣ ଖବର ପରିବେଷଣ ଯୋଗୁଁ ହୋଇଛି ସମ୍ମାନ ହାନି
ବାଚସ୍ପତି କହିଲେ, ଅଭିଯୋଗ ପାଇଛି; ଅନୁଧ୍ୟାନ କରିବି

ଭୁବନେଶ୍ୱର, ୨୬।୭(ସମିସ): ଘରୋଇ ବୈଦ୍ୟୁତିକ ଗଣମାଧ୍ୟମ ଅର୍ଗସ ଟିଭି ନାମରେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି ବିଜେଡି ବିଧାୟକ ଧ୍ରୁବଚରଣ ସାହୁ। ତାଙ୍କ ନାମରେ ଉକ୍ତ ଟିଭି ଚ୍ୟାନେଲ ତ୍ରୁଟିପୂର୍ଣ୍ଣ ଏବଂ ବିଭ୍ରାନ୍ତିକର ଖବର ପରିବେଷଣ କରିଥିବାରୁ ତାଙ୍କର ସମ୍ମାନ ହାନି ହୋଇଛି। ତେଣୁ ବାଚସ୍ପତି ତାଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଚ୍ୟାନେଲ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ବିଧାୟକ ଶ୍ରୀ ସାହୁ ଦାବି କରିଛନ୍ତି। ଶ୍ରୀ ସାହୁଙ୍କ ନୋଟିସକୁ ନେଇ ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି। ଆପଣଙ୍କର ଅଭିଯୋଗ ମୁଁ ପାଇଛି ଏବଂ ଏନେଇ ଅନୁଧ୍ୟାନ କରିବି ବୋଲି ବାଚସ୍ପତି କହିଛନ୍ତି।

ଆଜି ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ସାହୁ କହିଥିଲେ ଯେ ଗତ ୩ ତାରିଖରେ ତାଙ୍କ ବିରୋଧରେ ଅର୍ଗସ ଟିଭିରେ ଏକ ଖବର ପ୍ରସାରିତ ହୋଇଥିଲା। ଉକ୍ତ ଖବର ଅନୁସାରେ ଭିତରକନିକାରେ ଜଙ୍ଗଲ ଜମିରେ ସେ ସ୍ୱାଦ୍ ନାମକ ହୋଟେଲ ନିର୍ମାଣ କରିଥିବା ନେଇ ଉକ୍ତ ଚ୍ୟାନେଲ ଦାବି କରିଥିଲା। ଏପରିକି ଗତ ୧୦ ତାରିଖରେ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନେତୃତ୍ୱରେ ତାଙ୍କ ଘର ଉପରେ ଅଣ୍ଡା ଓ ପଥରମାଡ଼ ହୋଇଥିଲା ବୋଲି ଶ୍ରୀ ସାହୁ କହିଛନ୍ତି। ଏହି ଅଭିଯୋଗକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଏବଂ କେନ୍ଦ୍ରାପଡ଼ା ଡିଏଫ୍‌ଓ ତଦନ୍ତ କରିଛନ୍ତି। ସେହିପରି ହୋଟେଲର ମାଲିକାଣୀ ଏନେଇ କୋର୍ଟର ଦ୍ୱାରସ୍ଥ ହେବା ପରେ ଏ ପ୍ରକାରର ଖବର ପରିବେଷଣ ଉପରେ କୋର୍ଟ ରହିତାଦେଶ ଜାରି କରିଛନ୍ତି। ଏପରି ଖବର ପ୍ରସାରଣ ଯୋଗୁଁ ମୋ ସମ୍ମାନହାନି ହୋଇଛି। ଅତଏବ ଜିଲ୍ଲାପାଳ କରିଥିବା ତଦନ୍ତ ରିପୋର୍ଟକୁ ଆପଣ ଅନୁଧ୍ୟାନ କରନ୍ତୁ। ଏପରିକି ଦରକାର ପଡ଼ିଲେ ତାହା ଗୃହରେ ଉପସ୍ଥାପନ ହେଉ। ମୁଁ ଯଦି ଭୁଲ୍ କରିଥାଏ; ଦଣ୍ଡ ପାଇବାକୁ ପ୍ରସ୍ତୁତ ଅଛି ବୋଲି ଶ୍ରୀ ସାହୁ କହିଛନ୍ତି। ଅନ୍ୟଥା ତାଙ୍କୁ ସାମ୍ବିଧାନିକ ସୁରକ୍ଷା ପ୍ରଦାନ କରାଯିବା ସହ ଘଟଣାରେ ଉକ୍ତ ଟିଭି ଚ୍ୟାନେଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ବାଚସ୍ପତିଙ୍କ ନିକଟରେ ଦାବି ଜଣାଇଛନ୍ତି।

# ବାଲେଶ୍ୱରରେ ନକଲି ସାର କାରଖାନା ଠାବ



୩୦ କୁଇଣ୍ଟାଲ ନକଲି ପଟାସ ଜବତ
ଅଖା ସିଲେଇ ମେସିନ, ଓଜନ ମାପ ଯନ୍ତ୍ର ଓ ୪ ମୋବାଇଲ ଜବତ
ପରିବାର ସହ ମୁଖ୍ୟ ଅଭିଯୁକ୍ତ ଫେରାର୍

ବାଲେଶ୍ୱର, ୨୬।୭(ସମିସ): ବାଲେଶ୍ୱର କୃଷି ବିଭାଗ ଆଜି ବାଲେଶ୍ୱର ସହରରୁ ଆଜି ଏକ ନକଲି ସାର କାରଖାନା ଠାବ କରିଛି। ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ୩୦ ନମ୍ବର ୱାର୍ଡର ଭୋଟର ମିଲ ବାଡ଼ି ନିକଟରେ ଏହି ନକଲି ସାର ତିଆରି କାରଖାନା ଚାଲିଥିଲା। ଆଜି ପୁଲିସ ସହାୟତାରେ କୃଷି ବିଭାଗ ଅଧିକାରୀମାନେ ସେଠାରେ ଚଢ଼ଉ କରି ୩୦ କୁଇଣ୍ଟାଲର ୬୨ ପ୍ୟାକେଟ ନକଲି ପଟାସ ସାର, ୪ଟି ମୋବାଇଲ, ଗୋଟିଏ ଓଜନ ଯନ୍ତ୍ର ଓ ଗୋଟିଏ ଅଖା ସିଲେଇ ମେସିନ୍ ଜବତ କରିଛନ୍ତି। ଏହି କାରଖାନାର ମାଲିକ ମିଲବାଡ଼ି ନିକଟରେ ଥିବା ସ୍ୱର୍ଗତ କାନନ ମୋହନ ହାଜରାଙ୍କ ପୁଅ ସରୋଜ ହାଜରାଙ୍କ ବୋଲି ଜଣାଯାଇଛି। ତେବେ ଏହି ଚଢ଼ଉ ବେଳେ ସରୋଜ ଓ ତାଙ୍କ ପରିବାରଲୋକଙ୍କ ସମେତ କାରଖାନାରେ କାମ କରୁଥିବା ୪ଜଣ ଶ୍ରମିକ କୌଶଳକ୍ରମେ ଫେରାର୍ ହୋଇଯାଇଛନ୍ତି। ଦୀର୍ଘ ଦିନ ଧରି ସେ ଏହି ବେଆଇନ କାରବାର ଚଳାଇ ଆସୁଥିଲେ। ସରୋଜ ନିଜ ଘରେ ଏହି ନକଲି ସାର ତିଆରି କାରଖାନା କରି ଦୀର୍ଘଦିନ ଧରି ଚାଷୀଙ୍କୁ ନକଲି ପଟାସ ସାର ବିକ୍ରି କରୁଥିଲେ।

ଏ ସଂପର୍କରେ ଜିଲ୍ଲା କୃଷି ଅଧିକାରୀ ସରୋଜକାନ୍ତି ତୁଙ୍ଗ କହିଛନ୍ତି, ଫର୍ଟିଲାଇଜର ଇନ୍ସପେକ୍ଟର ଲିଜା ଦାସଙ୍କୁ ଜଣେ ଅଚିହ୍ନା ବ୍ୟକ୍ତି ଏହି ନକଲି ସାର ପ୍ରସ୍ତୁତ ସଂପର୍କରେ ସୂଚନା ଦେଇଥିଲେ। ପରେ ଜିଲ୍ଲାପାଳଙ୍କୁ ଏ ବାବଦରେ ସୂଚନା ଦିଆଯାଇ ଥିଲା। ତାଙ୍କ ନିର୍ଦ୍ଦେଶରେ ଏହି ଚଢ଼ଉ କରାଯାଇଛି। ଆଇନ ଅନୁସାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଭିଯୁକ୍ତ ଏହି ନକଲି ପଟାସ ସାର ପ୍ରସ୍ତୁତ କରିବା ପାଇଁ ଲୁଣ, ବାଲି, ଖତ ଓ ରଙ୍ଗକୁ ବ୍ୟବହାର କରୁଥିଲେ ବୋଲି ଶ୍ରୀ ତୁଙ୍ଗ କହିଛନ୍ତି। ଅଭିଯୁକ୍ତ ସରୋଜ ବିଜେପିର ଜଣେ ଆଗଧାଡ଼ିର ସକ୍ରିୟ କର୍ମୀ ବୋଲି ଜଣାଯାଇଛି।

ଆଜିର ଏହି ଚଢ଼ଉରେ କୃଷି ଅଧିକାରୀ ଶ୍ରୀ ତୁଙ୍ଗ, ଫର୍ଟିଲାଇଜର ଇନ୍ସପେକ୍ଟର୍ ଲିଜା ଦାସ, ସଦର ବ୍ଲକ୍ ଗୋଷ୍ଠୀ କୃଷି ଅଧିକାରୀ ଅଳକା ସାହୁ, ସହକାରୀ କୃଷି ଅଧିକାରୀ ସୂରଜ ମହାପାତ୍ରଙ୍କ ସମେତ ଅନ୍ୟ ଚାରିଜଣ ବିଭାଗୀୟ କର୍ମଚାରୀ ଏବଂ ସହଦେବଖୁଣ୍ଟା ପୁଲିସ୍ ସାମିଲ ଥିଲେ।

ପିଲାଙ୍କୁ ଅନ୍‌ଲାଇନ୍ ପାଠପଢ଼ା ଓ ମହିଳାଙ୍କୁ ରୋଜଗାର ପ୍ରଲୋଭନ

# 'ସୁଦୀକ୍ଷା' ଲୁଟିନେଲା ଲକ୍ଷାଧିକ ଟଙ୍କା



୭ ଶହରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଠକିଥିବା ଅଭିଯୋଗ
ରାଜଧାନୀରୁ ଗ୍ରାମାଞ୍ଚଳକୁ ଲମ୍ବିଛି ଚେର

ଗରଦପୁର, ୨୬।୭ (ସମିସ): ପିଲାଙ୍କୁ ଉନ୍ନତମାନର ଅନଲାଇନ୍ ଶିକ୍ଷା ଓ ମହିଳାଙ୍କୁ ମାସିକ ରୋଜଗାରର ପ୍ରଲୋଭନ ଦେଖାଇ ସୁଦୀକ୍ଷା ନାମକ ଏକ ସଂସ୍ଥା ୭ ଶହରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଠକିଥିବା ନେଇ ଅଭିଯୋଗ ହୋଇଛି। ଏହି ମହିଳାଙ୍କ ଜରିଆରେ ସଂସ୍ଥା ଲୋକଙ୍କଠାରୁ ଲକ୍ଷଲକ୍ଷ ଟଙ୍କା ଲୁଟି ନେଇଛି। ଗୋଟିଏ ପଞ୍ଚାୟତରେ ଜଣେ କିମ୍ବା ଦୁଇଜଣ ନୁହେଁ, ୫୦ରୁ ଊର୍ଦ୍ଧ୍ୱ ମହିଳା ଏହି ଠକାମିର ଶିକାର ହୋଇଛନ୍ତି। ମହିଳାଙ୍କୁ ମାସ ମାସ ଧରି କାର୍ଯ୍ୟରେ ଲଗାଇବା ପରେ ମଧ୍ୟ ସେମାନଙ୍କୁ ଦରମା ଦେବା ବଦଳରେ ସଂସ୍ଥାର କର୍ମଚାରୀମାନେ ଓଲଟି ଧମକଚମକ ଦେଇ ଭୟଭୀତ କରୁଛନ୍ତି। ଏନେଇ ଦେଢ଼ଶହରୁ ଊର୍ଦ୍ଧ୍ୱ ମହିଳା ନିକଟସ୍ଥ ଏକ ମନ୍ଦିରରେ ବୈଠକ କରି ଅଭିଯୋଗ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସଂସ୍ଥାର ଚେର ରାଜଧାନୀରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲମ୍ବିଛି। ସୁଦୀକ୍ଷାର ମୁଖ୍ୟ ତଥା ମାଷ୍ଟରମାଇଣ୍ଡ ପ୍ରତାପ ଚନ୍ଦ୍ର ସାହୁ ଗରଦପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଏହି ସଂସ୍ଥାରେ ଉଚ୍ଚ ପଦବୀରେ ଚାକିରି ଲୋଭ ଦେଖାଇ ଏହି ଠକେଇ କରିଥିବା ଅଭିଯୋଗ ହୋଇଛି।

ସଂସ୍ଥାର କର୍ମଚାରୀମାନେ ମହିଳାମାନଙ୍କୁ ମିଟିଂ ଜରିଆରେ ରୋଜଗାରର ପ୍ରଲୋଭନ ଦେଖାଇ ଅର୍ଥ ଆଦାୟ କରି ସଂସ୍ଥାକୁ ଦେବାକୁ କହିଥିଲେ। ଏହି ସଂସ୍ଥା ପ୍ରତି ପଞ୍ଚାୟତରେ ସ୍କୁଲ ଖୋଲି ପିଲାଙ୍କୁ ପାଠ୍ୟପୁସ୍ତକ ସହ ଅନଲାଇନ୍ କ୍ଲାସ ଜରିଆରେ ସହଜ ପାଠପଢ଼ା ଯୋଗାଇଦେବ ବୋଲି କହିଥିଲା। ଏହି ପାଠପଢ଼ା ବାବଦକୁ ପ୍ରଥମେ ଫର୍ମ ପୂରଣ କରିଥିବା ବ୍ୟକ୍ତିଙ୍କଠୁ ୪ରୁ ୫ହଜାର ଟଙ୍କା ଲେଖାଏଁ ଆଦାୟ କରିଛି। ଏହାସହ ସଂସ୍ଥାକୁ ଆହୁରି ଅଗ୍ରସର କରିବା ପାଇଁ ମହିଳାମାନଙ୍କୁ ବିଭିନ୍ନ ପଦ ପଦବୀ ପ୍ରଦାନ କରି ସେମାନଙ୍କୁ ପରିଚୟପତ୍ର ଦେଇଥିଲା। ବିଭିନ୍ନ ପଦବୀ ଅନୁସାରେ ୭୫୦୦ ରୁ ୨୫୦୦୦ ପର୍ଯ୍ୟନ୍ତ ଦରମା ଯୋଗାଇଦେବ ବୋଲି ସଂସ୍ଥା ପ୍ରତିଶ୍ରୁତି ଦେଇଥିଲା। ଏହିଭଳି ଗରଦପୁର ବ୍ଲକର ୭୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କଠୁ ଟଙ୍କା ନେଇ ସେମାନଙ୍କୁ ମାସ ମାସ ଧରି କାର୍ଯ୍ୟରେ ଲଗାଇ ମଧ୍ୟ ସଂସ୍ଥାର କର୍ମଚାରୀ ଆଉ ଧରାଛୁଆଁ ଦେଉନାହାନ୍ତି।

ଏନେଇ ସୁଦୀକ୍ଷାର ଏମ୍‌ଡି ପ୍ରତାପ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସଂସ୍ଥାଟି ସରକାରୀ ସ୍ୱୀକୃତିପ୍ରାପ୍ତ ସଂସ୍ଥା। ଏଥିରେ ଏକ ଆପ୍ ଲଞ୍ଚ କରାଯାଇଛି, ବିଭିନ୍ନ ଲୋକଙ୍କଠାରୁ ମଧ୍ୟ ଟଙ୍କା ଆଦାୟ ହୋଇଛି। ପିଲାଙ୍କୁ ଅନ୍‌ଲାଇନ୍ ଜରିଆରେ ସହଜ ଶିକ୍ଷା, ମହିଳାମାନଙ୍କୁ ରୋଜଗାରର ବ୍ୟବସ୍ଥା ହୋଇଛି। ଆମର ଠକେଇ କରିବାର କୌଣସି ଉଦ୍ଦେଶ୍ୟ ନାହିଁ, କିନ୍ତୁ ସଂସ୍ଥା ପକ୍ଷରୁ ନିଯୁକ୍ତି ଦିଆଯାଇଥିବା ମହିଳାମାନଙ୍କୁ ପାରିଶ୍ରମିକ ଦିଆଯାଇପାରିନାହିଁ।

ସକାଳ THE SAKALA

# ସମ୍ପାଦକୀୟ



ବୟସର ପ୍ରଭାବ ଶାରୀରିକ ତୁଳନାରେ ମାନସିକ ସ୍ତରରେ ଅଧିକ। ସେ ବିଷୟରେ ଚିନ୍ତା ନ କଲେ ତା'ର ପ୍ରଭାବ ଶରୀର ଉପରେ ପଡ଼ିବ ନାହିଁ।
-ମାର୍କ ଟ୍ୱେନ୍

## ସେହି ଜିନିଷ, ସେହି କାମ; ଏବେ କିନ୍ତୁ ନୂଆ ନାମ

ଓଡ଼ିଶାରେ ପ୍ରଥମଥର ପାଇଁ କ୍ଷମତାକୁ ଆସିଥିବା ବିଜେପି ସରକାର ତାଙ୍କର ୨୦୨୪-୨୫ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଗୁରୁବାର ବିଧାନସଭାରେ ଉପସ୍ଥାପନ କରିଛନ୍ତି। ନିର୍ବାଚନ ପୂର୍ବରୁ ବିଜେପି ଭୋଟରଙ୍କୁ ଯେଉଁସବୁ ଲୋଭନୀୟ ପ୍ରତିଶ୍ରୁତିମାନ ଦେଇଥିଲା, ତାହାକୁ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପୂରଣ କରିବେ ବୋଲି ଆଶା ବାନ୍ଧିଥିଲେ। ବିଜେପିର ସାଥୀ ସମର୍ଥକ କହି ବୁଲୁଥିଲେ ଯେ ମୋହନବାବୁ ଏଥର ମନମୋହନକାରୀ ବଜେଟ୍ ଆଣିବେ। ହେଲେ ଏହି 'ମୋହନ ବଜେଟ୍'କୁ ଦେଖିଲା ପରେ ପୁରୁଣାଦିନର 'ଟିନୋପାଲ'ର ଏକ ବିଜ୍ଞାପନ ମନେ ପଡ଼ିଲା। ଲୁଗା ସଫା ଓ ଅନ୍ୟାନ୍ୟ ସଫେଇ କାମରେ ବ୍ୟବହୃତ ଏହି ସାମଗ୍ରୀର ନାମ ବଦଳି 'ରାନିପାଲ' ହେବା ପରେ ଗ୍ରାହକଙ୍କ ସନ୍ଦେହ ଦୂର କରିବା ପାଇଁ କମ୍ପାନୀ ପକ୍ଷରୁ ଯେଉଁ ବିଜ୍ଞାପନ ରେଡିଓ ଓ ଛାପା ଗଣମାଧ୍ୟମରେ ଦିଆଗଲା, ତାହାର ସ୍ଲୋଗାନ ଥିଲା- 'ସେହି ଜିନିଷ, ସେହି କାମ; ଏବେ କିନ୍ତୁ ନୂଆ ନାମ'। ବାସ୍ତବରେ 'ମୋହନ ବଜେଟ୍' ଦେଖିବା ପରେ ଏହି କଥାର ସତ୍ୟତା ଅନୁଭୂତ ହେଲା।

ଏବେ ତ ଏହି ଆଠ ମାସିଆ ବଜେଟ୍, ଯାହାକୁ ପୂର୍ଣ୍ଣାଙ୍ଗ କୁହାଯାଉଛି, ତାହା ନବୀନ ସରକାରଙ୍କ ଚାରିମାସିଆ ବଜେଟ୍‌ର ଏକ ପରିବର୍ଦ୍ଧିତ ସଂସ୍କରଣ। ଏଥିରେ ବିଜେଡିର ନାମ ନିଶାଣକୁ ଲିଭାଇବା ପାଇଁ ଯେଉଁ ରଙ୍ଗବୋଳା ହୋଇଛି, ତାହା କିନ୍ତୁ ବେଶ ଫିକା ଓ ଅସ୍ପଷ୍ଟ। ବିଜେପି ଗୈରିକ ଆଦର୍ଶ ଓ ଆଚରଣ ତଳୁ ବିଜେଡିର ସଫଳତାର ଚିହ୍ନ ସ୍ପଷ୍ଟ ବାରି ହୋଇପଡୁଛି। ବିଜେଡି ସରକାରର ସଫଳତାକୁ ଲୁଚାଇବାକୁ ମୋହନ ସରକାର ଉଦ୍ୟମ କରିଥିଲେ ମଧ୍ୟ ତାହା ଲିଭିନାହିଁ। ବିଜେଡି ଦ୍ୱାରା ପ୍ରବର୍ତ୍ତିତ ପ୍ରାୟ ସବୁ ଯୋଜନାକୁ ନାମ ପରିବର୍ତ୍ତନ କରି ନୂଆ ବଜେଟରେ ବଜାୟ ରଖାଯାଇଥିବା ବେଳେ ନିଜର ପତିଆରା ଦେଖାଇବା ଓ ନିର୍ବାଚନ ପ୍ରତିଶ୍ରୁତିକୁ ପାଳନ କରିବାକୁ ଯେଉଁ କିଛି ନୂଆ ଯୋଜନା ଆରମ୍ଭ କରାଯାଇଛି, ତାହାକୁ ଅନୁଶୀଳନ କଲେ ଏହା ସାଧାରଣ ବା ମାମୁଲି ଲାଗେ।

ମୋହନ ବଜେଟ୍‌ରେ ନୂତନ ଦର୍ଶନ, ଦିଗ ଓ ଆଦର୍ଶ ନାହିଁ। ଏହା ଫିକା, ଅନ୍ତଃସାର ଶୂନ୍ୟ, କପିପେଷ୍ଟ ବଜେଟ୍। କେବଳ ସେତିକି ନୁହେଁ, ଓଡ଼ିଆ ସ୍ୱାଭିମାନ, ଯାହା ବିଜେପି ଭାଷାରେ ଅସ୍ମିତା, ତାହାକୁ ମଧ୍ୟ ବଜେଟ୍‌ରେ ତିଳତିଳ କରି ହତ୍ୟା କରାଯାଇଛି। ବିଜୁ ପଟ୍ଟନାୟକ କେବଳ ଓଡ଼ିଶାର ନୁହନ୍ତି, ବିଶ୍ୱର ବରପୁତ୍ର। ତାଙ୍କ ନାମରେ ନାମିତ ଯୋଜନାଗୁଡ଼ିକୁ ବଦଳା ଯାଇଥିବା ବେଳେ ବିଜେଡି ସରକାର ୪୨ଟି ଯୋଜନାର ନାମ ପରିବର୍ତ୍ତନ କରି ବିଜେପି ସରକାର ନିଜର ସଂକୀର୍ଣ୍ଣ ବିଚାରକୁ ପ୍ରଦର୍ଶନ କରିଛି। ଏପରିକି ଜନପ୍ରିୟ 'କାଳିଆ', 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା', 'ଲକ୍ଷ୍ମୀ', 'ବିଜୁ ସେତୁ', 'ବିଜୁ ପକ୍କାଘର', 'ମୋ କଲେଜ', 'ମିଲେଟ୍ ମିଶନ', 'ମେକ୍ ଇନ୍ ଓଡ଼ିଶା', 'ମୋ ସ୍କୁଲ', 'ଆମ ଓଡ଼ିଆ ନବୀନ ଓଡ଼ିଶା' ଭଳି ଯୋଜନାର ନାମ ବଦଳାଇ ନୂଆ ନାମରେ ତାହାକୁ ଚାଲୁ କରିବାର ପ୍ରୟାସ କରାଯାଇଛି। ଏଥିରେ ବିଜୁ ଓ ନବୀନଙ୍କ ପ୍ରତି ଅସହିଷ୍ଣୁତା ସ୍ପଷ୍ଟ। ଆହୁରି ମଧ୍ୟ ଓଡ଼ିଶାରେ ବରପୁତ୍ରଙ୍କ ଅଭାବ ନ ଥିବା ବେଳେ ଜନସଂଘର ଅନ୍ୟତମ ପ୍ରତିଷ୍ଠାତା ଦୀନ ଦୟାଲ ଉପାଧ୍ୟାୟ, ଯାହାଙ୍କର ଓଡ଼ିଶା ସହିତ କୌଣସି ସମ୍ପର୍କ ନାହିଁ, ତାଙ୍କ ନାମରେ ରାଜ୍ୟର ଯୋଜନାକୁ ନାମିତ କରିବା କେଉଁ ଅସ୍ମିତାର ପ୍ରମାଣ ବହନ କରେ? ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନାମ ବଦଳାଇ ଏଥିରେ ଆୟୁଷ୍ମାନ ଭାରତ ଯୋଜନାକୁ ଗୋପବନ୍ଧୁଙ୍କ ନାମ ସହିତ ଯୋଡ଼ି ନୂଆ ନାମ ଦିଆଯାଇଛି। ତେବେ ଏହାର ଉପଭୋକ୍ତା ବର୍ଗର ରୂପରେଖ ସ୍ପଷ୍ଟ କରାଯାଇନାହିଁ। ମେଟ୍ରୋରେଳ ପ୍ରକଳ୍ପ ଖର୍ଚ୍ଚ ଅପରିବର୍ତ୍ତିତ ରହିଥିବା ବେଳେ କାଳିଆକୁ ସିଏମ୍ କିଷାନ ନାମରେ ନାମିତ କରାଯାଇଛି। ହେଲେ ଏହାର ଲାଭାର୍ଥୀ କିଏ ହେବେ, ତାହା ସ୍ପଷ୍ଟ କରାଯିବା ଉଚିତ।

ବିଜେଡି ସରକାର ଯେଉଁ ଉତ୍ତମ ଅର୍ଥନୈତିକ ଭିତ୍ତିଭୂମି ଓ ପୂର୍ଣ୍ଣ ରାଜକୋଷ ଛାଡ଼ି ଯାଇଥିଲେ, ତାହାର ଫାଇଦା ବିଜେପିକୁ ମିଳିଛି। ବିଜୁ ଓ ନବୀନ ବିମୁଖତା ଛାଡ଼ି ମୋହନ ସରକାର ବଜେଟ୍‌ରେ ସେମିତି କିଛି ଅଭିନବତା ବା ନୂତନତ୍ୱ ଆଣି ନାହାନ୍ତି। ବଜେଟ୍‌ର ଆକାର ୧୫ ଶତାଂଶ ବଢ଼ିଥିଲେ ମଧ୍ୟ ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବାକୁ ମୋହନ ସରକାରଙ୍କୁ ପ୍ରାୟ ସାଢ଼େ ୪୩ ହଜାର କୋଟି ଟଙ୍କା ଋଣ କରିବାକୁ ପଡ଼ିବ। ଏହି ବର୍ଦ୍ଧିତ ବଜେଟ୍ ପୁଣି ବିଜେଡି ଦ୍ୱାରା ଉପସ୍ଥାପିତ କାମଚଳା ବଜେଟ୍ ପରିମାଣଠାରୁ ମାତ୍ର ୧୦ ହଜାର କୋଟି ଟଙ୍କା ଅଧିକ। ପ୍ରତିଶ୍ରୁତି ମୁତାବକ ବଜେଟରେ ଧାନର ଏମ୍‌ଏସ୍‌ପିକୁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବଢ଼ାଇ ୩୧୦୦ ଟଙ୍କା କରାଯାଇଛି। ସାମାଜିକ ସୁରକ୍ଷା ପେନ୍‌ସନ୍ ବୃଦ୍ଧି ପ୍ରତିଶ୍ରୁତିକୁ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକାରୀ କରିବାର ସମ୍ବଳ ନୂଆ ସରକାରଙ୍କ ପାଖରେ ନାହିଁ। କେବଳ ଯେଉଁମାନେ ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ଓ ୮୦ ଭାଗ ଭିନ୍ନକ୍ଷମ, ସେମାନଙ୍କୁ ମାସିକ ୩୫୦୦ ଟଙ୍କାର ଭତ୍ତା ବା ପେନ୍‌ସନ୍ ମିଳିବ। ଏମାନଙ୍କ ସଂଖ୍ୟା ମୋଟ ଭତ୍ତା ପାଉଥିବା ଲୋକଙ୍କ ସଂଖ୍ୟାର ପ୍ରାୟ ୩ ଭାଗ। ଫଳରେ ୩୦ ଲକ୍ଷ ହିତାଧିକାରୀ ଏହାଦ୍ୱାରା ପ୍ରତାରିତ ହୋଇଛନ୍ତି। ସୁଭଦ୍ରା ଯୋଜନାର ବ୍ୟୟବରାଦ ୧୦୦୦ ଟଙ୍କା ହୋଇଥିଲେ ମଧ୍ୟ ଏହାର ଲାଭାର୍ଥୀ କଲ୍ୟାଣ ବ୍ୟବସ୍ଥା ଅସ୍ପଷ୍ଟ ରହିଛି।

ସାମାଜିକ କ୍ଷେତ୍ରକୁ ବଜେଟ୍‌ରେ ୪୨ ପ୍ରତିଶତ ବ୍ୟୟ ବରାଦ ଭଲ ପ୍ରୟାସ ହୋଇଥିଲେ ମଧ୍ୟ ଏହାର ବାସ୍ତବ କାର୍ଯ୍ୟାନ୍ୱୟନ ଉପରେ ସବୁକିଛି ନିର୍ଭର କରୁଛି। ସେହିଭଳି ଚାଷୀ, ମହିଳା, ଯୁବବର୍ଗ ଓ ଗରିବଙ୍କ ପାଇଁ ଯେଉଁସବୁ ଯୋଜନା କରାଯାଇଛି, ତାହା ପୂର୍ବ ସରକାର ଯୋଜନାର ପରିବର୍ଦ୍ଧିତ କପି। ତେବେ ଏଥିପାଇଁ ଯେଉଁ ନଗଦନାରାୟଣର ଆବଶ୍ୟକତା ରହିଛି, ତାହା ଋଣ କିମ୍ବା କେନ୍ଦ୍ରୀୟ ପ୍ରଦତ୍ତ ଅର୍ଥ / ଅନୁଦାନ ଉପରେ ନିର୍ଭର କରିବ। କେବଳ ଧାନର ଏମ୍‌ଏସ୍‌ପି ବଢ଼ିବା ଫଳରେ ଅନ୍ୟ ଫସଲ ଉତ୍ପାଦନ ପ୍ରଭାବିତ ହେବ। ଚାଷୀ ଡାଲି, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ ଚାଷ କରିବାକୁ ଆଗ୍ରହୀ ହେବେ ନାହିଁ।

ଡବଲ ଇଞ୍ଜିନ୍ ସରକାରର ସ୍ଲୋଗାନ ଦେଉଥିବା ବିଜେପିଠାରୁ ଲୋକେ ଅଧିକ କିଛି ଆଶା କରିବା ଅନୁଚିତ ନୁହେଁ। ହେଲେ କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶାକୁ ବିଜେପି ନେତୃତ୍ୱରେ ପରିଚାଳିତ ସରକାର ନିରାଶ କରିବା ପରେ ରାଜ୍ୟ ବଜେଟ୍‌ରେ ଲୋକଙ୍କ ପାଇଁ କିଛି ହେବ ବୋଲି ଆଶା କରୁଥିଲେ। ତାହା କିନ୍ତୁ ନିରାଶାରେ ପରିଣତ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାଷାରେ ଏହା 'ଡବଲ ଇଞ୍ଜି, ଡବଲ ନିରାଶା' ପାଲଟିଛି। ଓଡ଼ିଶାବାସୀ ବିଜେପିକୁ ଯେଉଁ ବିପୁଳ ଜନାଦେଶ ଦେଇଥିଲେ, ଦଳ ତାହା ପ୍ରତି ଯଥାର୍ଥ ସମ୍ମାନ ପ୍ରଦର୍ଶନ କରିନାହିଁ।

ସତକଥା ହେଉଛି ଓଡ଼ିଶାର ବିଜେପି ସରକାର ତାହାର ନିର୍ବାଚନ ପ୍ରତିଶ୍ରୁତି ପାଳନ ପାଇଁ ଏହି ବଜେଟ୍‌ରେ ଏକପ୍ରକାର ବାଧ୍ୟ ହୋଇଛି ଏବଂ ଏମ୍‌ଏସ୍‌ପିକୁ ଛାଡ଼ି ଦେଲେ ଅନ୍ୟସବୁ ଘୋଷଣାକୁ ଆଂଶିକ ବା ଅସ୍ପଷ୍ଟ ଭାବେ ପୂରଣ କରିଛି। ବଜେଟ୍ ଏକ ବାର୍ଷିକ ଆୟବ୍ୟୟର ବିବରଣୀ ଏବଂ ଏଥିରେ ବିକାଶ ଓ ଜନକଲ୍ୟାଣ ସମ୍ପୃକ୍ତ। ପିଠା ଦେଖି ଚୂନା ଭଳି ଉପଲବ୍ଧ ଅର୍ଥ ବା ରାଜସ୍ୱକୁ ବିଚାରକୁ ନେଇ ଯୋଜନା କାର୍ଯ୍ୟକାରୀ କରିବା କେବଳ ସମ୍ଭବ। ଏହା 'ଆକାଶ କଇଁଆ ଚିଲିକା ମାଛ'ର ପ୍ରତିଶ୍ରୁତି ଭଳି କଥା ନୁହେଁ। ବଡ଼କଥା ହେଲା ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି ଯେ ପ୍ରଶାସନ ଓ ବିକାଶ ଏକ ନିରବଚ୍ଛିନ୍ନ ପ୍ରକ୍ରିୟା ଏବଂ ପୂର୍ବ ସରକାର ଦ୍ୱାରା ପ୍ରଣୀତ ତଥା କାର୍ଯ୍ୟକାରୀ ହେଉଥିବା ଭଲ ଯୋଜନାକୁ ସେ ଅବ୍ୟାହତ ରଖିବା ସହିତ ଏଥିସହିତ ନୂଆ କିଛି ଯୋଡ଼ିଛନ୍ତି। ଏଥିରେ କିଛି ଅସୁବିଧା ନାହିଁ। ତେବେ ପୁରୁଣା ଯୋଜନାର ନାମ ବଦଳାଇ ନୂଆ ଲେବୁଲ ଲଗାଇବା ଓ ନାମ ଦେବା ପଛରେ କେଉଁ ଆଦର୍ଶ କାମ କରୁଛି, ତାହା ବୁଝିବାକୁ ବାକି ରହୁନାହିଁ। ସଂକ୍ଷେପରେ କହିଲେ ଏଥରର ବଜେଟ୍ 'ସେହି ଜିନିଷ, ସେହି କାମ; ଏବେ କିନ୍ତୁ ନୂଆ ନାମ'। କେବଳ ନୂଆ ବୋତଲରେ ପୁରୁଣା 'ମାଲ୍' ଭର୍ତ୍ତି କରାଯାଇଛି। ●

**କେନ୍ଦ୍ରୀୟ ବଜେଟ୍: ୨୦୨୪-୨୫**

# ବିକାଶର ବିଭ୍ରାନ୍ତ ରୂପରେଖ

**ଗୌରୀ ପ୍ରସାଦ ମହାପାତ୍ର**
**ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦**

ରେକର୍ଡ ବଜେଟ୍ ବ୍ୟୟବରାଦ, ଚାତୁର୍ଯ୍ୟପୂର୍ଣ୍ଣ ଶବ୍ଦସମ୍ଭାର ଦୃଷ୍ଟିରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଉପସ୍ଥାପିତ ୨୦୨୪-୨୫ ଆର୍ଥିକ ବର୍ଷର ସାଧାରଣ ବଜେଟ୍ ପ୍ରଶଂସନୀୟ ନିଶ୍ଚୟ। କିନ୍ତୁ ବଜେଟ୍ ଅଭିଭାଷଣର କୁହୁକ କୁହାଟ ଭିତରୁ ବାହାରି ବିଶାଳ ଓ ଜଟିଳ ଗାଣିତିକ ହିସାବକୁ ଅନୁଧ୍ୟାନ କଲେ ବିକାଶ ଲକ୍ଷ୍ୟ ଏବଂ ଏହାକୁ ପୂରଣ କରିବା ପାଇଁ ପ୍ରସ୍ତୁତି ଭିତରେ କେତେକ ଅସଙ୍ଗତି ପରିଲକ୍ଷିତ ହୁଏ। କେତେକ ଯୋଜନାର ରୂପରେଖ ଏତେ ଜଟିଳ ଯେ ବାସ୍ତବ କ୍ଷେତ୍ରରେ ତାହାର ପ୍ରତିଫଳନ ଘେନି ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ବଜେଟ୍ ବ୍ୟୟ ବରାଦ ପରିମାଣକୁ ବାଦ୍ ଦେଇ ଯୋଜନାର ଶବ୍ଦବିନ୍ୟାସ ଓ ବାସ୍ତବ ପ୍ରତିଫଳନ ଦୃଷ୍ଟିରୁ ତୁଳନା କଲେ କେନ୍ଦ୍ର ସରକାରଙ୍କ ପୂର୍ବ ବଜେଟ୍‌ଠାରୁ ଚଳିତ ବଜେଟ୍‌ରେ ଭିନ୍ନତା ପରିଲକ୍ଷିତ ହୁଏ ନାହିଁ।

ସାଧାରଣ ନିର୍ବାଚନ ପୂର୍ବରୁ ଉପସ୍ଥାପିତ ଅନ୍ତରୀଣ ବଜେଟ୍‌ର ପ୍ରଧାନ ଲକ୍ଷ୍ୟ - 'ଗରିବ, ମହିଳା, ଯୁବବର୍ଗ ଓ କୃଷକ'ଙ୍କ ବିକାଶରେ କେନ୍ଦ୍ର ସରକାରଙ୍କ ସଫଳତାର ଦାବି ସହିତ ବଜେଟ୍ ଅଭିଭାଷଣ ଆରମ୍ଭ କରିଥିବା ଶ୍ରୀମତୀ ସୀତାରମଣ ଭବିଷ୍ୟତର ବିକାଶ ଯୋଜନା ପାଇଁ ଚଳିତ ବଜେଟ୍‌ରେ ୯ ସୂତ୍ରୀ କାର୍ଯ୍ୟକ୍ରମର ଅବତାରଣା କରିଛନ୍ତି। ଗରିବ ଓ କୃଷକଙ୍କ ବିକାଶ ଲକ୍ଷ୍ୟ ହାସଲ ଉପଲବ୍ଧି ପ୍ରମାଣ କରିବା ସେ ଯେଉଁ ତଥ୍ୟର ଅବତାରଣା କରିଛନ୍ତି ତାହା ହେଲା - ପୂର୍ବମାସରେ କେତେକ କୃଷିଜାତ ସାମଗ୍ରୀ ଉପରେ ଏମ୍‌ଏସ୍‌ପି ଘୋଷଣା ଏବଂ ଦେଶର ୮୦ କୋଟି ଲୋକଙ୍କୁ ମାସିକ ୫ କେଜି ଲେଖାଏଁ ମାଗଣା ରାସନ୍ ବଣ୍ଟନ କାର୍ଯ୍ୟକ୍ରମ। ବିସ୍ତୃତ ଉଲ୍ଲେଖ ଅନାବଶ୍ୟକ ଯେ ବର୍ଷକୁ ଦୁଇଥର ଏମ୍‌ଏସ୍‌ପି ଘୋଷଣା ଏକ ସ୍ୱାଭାବିକ ସରକାରୀ ପ୍ରକ୍ରିୟା ଏବଂ ଗତାନୁଗତିକ ବାଧ୍ୟବାଧକତା। ସେହିପରି ଏମ୍‌ଏସ୍‌ପି ସର୍ତ୍ତ ପୂରଣ କରିବା ପାଇଁ କେନ୍ଦ୍ର ସରକାର ଉତ୍ତର ଭାରତର ଚାଷୀଙ୍କଠାରୁ ଯେଉଁ ବିପୁଳ ପରିମାଣର ଶସ୍ୟ ସଂଗ୍ରହ କରନ୍ତି ତାହାର ଭଣ୍ଡାରଣ ଅଭାବ ସମସ୍ୟା ଯୋଗୁଁ ଗରିବ କଲ୍ୟାଣ ଆଳରେ ବାଣ୍ଟିବାକୁ ବାଧ୍ୟ ହୁଅନ୍ତି। ଅର୍ଥମନ୍ତ୍ରୀ ଯଦି ଦେଶର ତୃଣମୂଳସ୍ତରର ତେଲଲୁଣ ସଂସାରକୁ ନିକଟରୁ ଅନୁଧ୍ୟାନ କରିଥା'ନ୍ତେ ତେବେ ବୋଧହୁଏ ଜାଣିପାରିଥା'ନ୍ତେ ଯେ ବଞ୍ଚିବା ପାଇଁ କେବଳ ମାତ୍ର ମାସିକ ୫ କେଜି ଚାଉଳ କମ୍ବା ଗହମ ଯଥେଷ୍ଟ ନୁହେଁ। ଏଥିସହିତ ଡାଲି, ତେଲ, ପନିପରିବାର ଆବଶ୍ୟକତା ଅପରିହାର୍ଯ୍ୟ, ଯାହାର ମୂଲ୍ୟ ଏବେ ଆକାଶଛୁଆଁ। ଜଣେ ବ୍ୟକ୍ତି ବର୍ଷକୁ ନିଜ ଆୟର ପ୍ରାୟ ୭୦% ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଟିକସ ଆକାରରେ ସରକାରଙ୍କୁ ଦେଉଛି। ସେହିଭଳି କେବଳ ଏମ୍‌ଏସ୍‌ପି ବୃଦ୍ଧି ଘୋଷଣା ଦ୍ୱାରା ଯଦି କୃଷି ଓ କୃଷକଙ୍କ ସମସ୍ୟା ସମାଧାନ ହୋଇଯାଉଥା'ନ୍ତା ତେବେ ୧୯୭୦ରୁ ଦେଶର ରାଜନୀତିକୁ କୃଷିନୀତି ପ୍ରଭାବିତ କରୁ ନ ଥା'ନ୍ତା। ତେଣୁ କେବଳ ମାଗଣା ରାସନ୍ ଓ ଏମ୍‌ଏସ୍‌ପି ଦ୍ୱାରା ଦେଶର ଦୁଇ ବୃହତ୍ ସମସ୍ୟାର ସମାଧାନ ହୋଇଯାଇଛି ବୋଲି କହିବା ଆତ୍ମସନ୍ତୁଷ୍ଟି ହୋଇପାରେ, କିନ୍ତୁ ବାସ୍ତବରେ ଏହା ଆତ୍ମପ୍ରବଞ୍ଚନା ସହିତ ତୁଳନୀୟ।

ଏବେ ୨୦୨୪-୨୫ ବଜେଟ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିବା। ବଜେଟ୍ ଅଭିଭାଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଯେଉଁ ୯ ସୂତ୍ରୀ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରିଛନ୍ତି, ସେଥିମଧ୍ୟରେ ଅଗ୍ରାଧିକାର ପାଇଛି କୃଷି କ୍ଷେତ୍ରରେ ଉତ୍ପାଦକତା ଓ ନମନୀୟତା। ଅଥଚ ସାର ରିହାତି, ରାଜ୍ୟମାନଙ୍କୁ ଡାଲି ଓ ବିଭିନ୍ନ ଶସ୍ୟ ଆବଣ୍ଟନ ପାଇଁ ବ୍ୟୟବରାଦ, ପ୍ରଧାନମନ୍ତ୍ରୀ କିଷାନ୍ ମନ ଧନ ଯୋଜନା, ଶସ୍ୟ ବୀମା ଯୋଜନା, ମାର୍କେଟ୍ ଇଣ୍ଟରଭେନ୍‌ସନ୍ ସ୍କିମ୍ ବ୍ୟୟବରାଦକୁ ହ୍ରାସ କରାଯାଇଛି। ଅପରପକ୍ଷରେ ଜୈବିକ କୃଷି ପାଇଁ ପ୍ରୋତ୍ସାହନ ରାଶି ବଢ଼ିଛି। ଏଥିରୁ ଆପାତତଃ ଏହା ବୁଝାପଡୁଛି ଯେ ସବୁଜ ବିପ୍ଳବର ଧାରାରୁ ଭାରତୀୟ କୃଷି ଓ କୃଷକଙ୍କୁ ପାରମ୍ପରିକ ଜୈବିକ କୃଷି ଦିଗକୁ ନେଇଯିବା ପାଇଁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। କିନ୍ତୁ ବଜେଟ୍‌ରେ ଏ ବିଷୟରେ ସ୍ପଷ୍ଟ ଉଲ୍ଲେଖ ନାହିଁ। ଶ୍ରୀଲଙ୍କା ସ୍ଥିତିକୁ ସାମ୍ନାରେ ରଖି ବୋଧହୁଏ ଭାରତ ସରକାର କୃଷିର ପାରମ୍ପରିକ ସମ୍ପୂର୍ଣ୍ଣ ରୂପାନ୍ତରଣ ବିଷୟରେ ଦୃଢ଼ ଚିନ୍ତା କିମ୍ବା ଘୋଷଣା କରିପାରିନାହାନ୍ତି।

ପୁନଶ୍ଚ ଅର୍ଥମନ୍ତ୍ରୀ ମାଗଣା ରାସନ ବିତରଣ ଜରିଆରେ ଗରିବୀ ହଟିଛି ବୋଲି ଦାବି କରୁଥିବା ବେଳେ ଖାଦ୍ୟ, ବିଭିନ୍ନ ପୁଷ୍ଟିକର ଯୋଜନା, ରନ୍ଧନ ଗ୍ୟାସ୍ ଉପରେ ପୂର୍ବରୁ ଦେଉଥିବା ରିହାତିକୁ ଚଳିତ ଆର୍ଥିକ ବର୍ଷରେ କାଣ୍ଟଛାଣ୍ଟ କରିଛନ୍ତି। ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ସମେତ ପୋଷଣ ଯୋଜନା ଓ ଅଙ୍ଗନୱାଡ଼ି କାର୍ଯ୍ୟକ୍ରମରେ ବ୍ୟୟ ବରାଦ କମିଛି। ଏମ୍‌ନରେଗାରେ ବ୍ୟୟବରାଦ ପୂର୍ବବର୍ଷ ତୁଳନାରେ ଟଙ୍କାଟିଏ ମଧ୍ୟ ବଢ଼ିନାହିଁ। ଉଚ୍ଚଶିକ୍ଷା ବିଭାଗ ଓ ଦକ୍ଷତା ବିକାଶ ଯୋଜନା, ଷ୍ଟାର୍ଟ ଅପ୍ ଇଣ୍ଡିଆ, କ୍ରେଡିଟ୍ ଜେନେରେସନ୍ ଫଣ୍ଡ, ଦୀନ ଦୟାଲ୍ ଉପାଧ୍ୟାୟ ଅନ୍ତ୍ୟୋଦୟ ଯୋଜନାର ବ୍ୟୟବରାଦ ହ୍ରାସ କରି ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ବ୍ୟୟବରାଦ ଅପରିବର୍ତ୍ତିତ ରଖି ୯ ସୂତ୍ରୀ କାର୍ଯ୍ୟକ୍ରମର ଦ୍ୱିତୀୟ ଲକ୍ଷ୍ୟ - 'ନିଯୁକ୍ତି ଓ ଦକ୍ଷତା ବିକାଶ' କିପରି ହାସଲ କରାଯାଇପାରିବ ତାହା ସ୍ପଷ୍ଟ ହେଉନାହିଁ।

ସେହିପରି କାର୍ଯ୍ୟକ୍ରମର ତୃତୀୟ ଲକ୍ଷ୍ୟରେ ସମାବେଶୀ ମାନବ ସମ୍ବଳ ବିକାଶ ଓ ସାମାଜିକ ନ୍ୟାୟ କଥା କୁହାଯାଇଥିବା ବେଳେ ବିଧି ଓ ନ୍ୟାୟ ମନ୍ତ୍ରଣାଳୟର ବ୍ୟୟବରାଦ ହ୍ରାସ କରାଯାଇଛି। ବରିଷ୍ଠ ନାଗରିକଙ୍କ ପାଇଁ ଥିବା ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ଜନଜାତି ବିକାଶ ପାଇଁ ଉଦ୍ଦିଷ୍ଟ ପିଏମ୍ ଅଜୟ ଯୋଜନାର ବ୍ୟୟ ବରାଦ ମଧ୍ୟ ପୂର୍ବାପେକ୍ଷା ହ୍ରାସ ପାଇଛି।

ସାମଗ୍ରିକ ଭାବେ ବଜେଟ୍ ଆକାର ବଢ଼ିଥିଲେ ମଧ୍ୟ ସମାବେଶୀ ବିକାଶ ସହିତ ପ୍ରତ୍ୟକ୍ଷ ସମ୍ପର୍କ ଥିବା ବିଭାଗ ଏବଂ ସେଗୁଡ଼ିକ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ପ୍ରାୟୋଜିତ ଓ କେନ୍ଦ୍ରୀୟ ପାଣ୍ଠି ସହାୟତାରେ ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଓ ପ୍ରକଳ୍ପ ପାଇଁ ବ୍ୟୟବରାଦ ଚଳିତ ସାଧାରଣ ବଜେଟ୍‌ରେ ହ୍ରାସ କରାଯାଇ କେତେକ ରାଜନୈତିକ ସ୍ୱାର୍ଥ ସମ୍ବଳିତ ନୂଆ ଯୋଜନା ଆରମ୍ଭ କରାଯାଇଛି। ସାଧାରଣ ନିର୍ବାଚନ ପ୍ରଚାରରେ ପ୍ରଧାନମନ୍ତ୍ରୀଙ୍କ ସମେତ ବିଜେପିର ତୁଙ୍ଗ ନେତାମାନେ ଅସ୍ମିତା ସମ୍ମାନ ରକ୍ଷାର ଉଦ୍‌ଘୋଷଣା କରିଥିଲେ। ଅଥଚ ଏଥିସହିତ ଜଡ଼ିତ ସଂସ୍କୃତି ମନ୍ତ୍ରଣାଳୟର ବ୍ୟୟବରାଦ କାଣ୍ଟଛାଣ୍ଟ ହୋଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ବ୍ୟୟବରାଦ ହ୍ରାସ ପାଇଥିବାରୁ, ଭୁବନେଶ୍ୱର ଆନ୍ତର୍ଜାତିକ ବିମାନ ବନ୍ଦର ସମେତ ଦେଶର ଅନ୍ୟ କେତେକ ସହରରେ ଥିବା ବିମାନ ବନ୍ଦରର ଘରୋଇକରଣ ହେବ ବୋଲି ଯେଉଁ କଳ୍ପନାଜଳ୍ପନା ପ୍ରକାଶ ପାଉଛି, ସେଥିରେ ବାସ୍ତବତା ଅଛି ବୋଲି ଧାରଣା ସୃଷ୍ଟି ହେଉଛି। ଆଞ୍ଚଳିକ ଯୋଗାଯୋଗ ଯୋଜନା, ଉତ୍ତର-ପୂର୍ବ ଭାରତ, ଜାମ୍ମୁକାଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଆଦି କେତେକ ରାଜ୍ୟ ପାଇଁ ପୂର୍ବ ପ୍ରଚଳିତ କେତେକ ସ୍ୱତନ୍ତ୍ର ଭିତ୍ତିଭୂମି ବିକାଶ ଯୋଜନାକୁ ହ୍ରାସ କରାଯାଇ ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମର ନକ୍ସା ଅଙ୍କାଯାଇଛି। ବାଣିଜ୍ୟ, ସରକାରୀ ଉଦ୍ୟୋଗ, ଟେଲି କମ୍ୟୁନିକେସନ୍ ମନ୍ତ୍ରଣାଳୟର ବ୍ୟୟ ବରାଦ କମିଥିବା ବେଳେ ନିର୍ମାଣ ଓ ସେବାର ବିକାଶ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ କିପରି ସାଧିତ ହେବ ତାହା ବୁଝାପଡୁନାହିଁ।

ଚଳିତ ବଜେଟ୍‌ର ଆଉ ଦୁଇଟି ଅସ୍ପଷ୍ଟ ବିନ୍ଦୁ ହେଉଛି ଜେଣ୍ଡର ବଜେଟ୍ ଓ ନବନିଯୁକ୍ତି ପ୍ରୋତ୍ସାହନ ଯୋଜନା। ତିନି ଭାଗରେ ବିଭକ୍ତ ଜେଣ୍ଡର ବଜେଟ୍‌କୁ ବିଭିନ୍ନ ମନ୍ତ୍ରଣାଳୟ ମଧ୍ୟରେ ଏପରି ବାଣ୍ଟି ଦିଆଯାଇଛି ଯେ ସମ୍ପୃକ୍ତ ମନ୍ତ୍ରଣାଳୟର ବଜେଟ୍ ବ୍ୟୟବରାଦ ବୃଦ୍ଧି ଜେଣ୍ଡର ବଜେଟ୍‌ରେ ପ୍ରତିଫଳିତ ହେଉଛି। ଏଥିରେ ମଧ୍ୟ ଅନେକ ଅସଙ୍ଗତି ରହୁଛି। ଉଦାହରଣସ୍ୱରୂପ ଜେଣ୍ଡର ବଜେଟ୍‌ର ଦ୍ୱିତୀୟ ବିଭାଗରେ ଦର୍ଶାଯାଇଛି ଯେ ଶକ୍ତି ମନ୍ତ୍ରଣାଳୟରେ ନୂଆ କରି ଆରମ୍ଭ ହୋଇଥିବା ବିତରଣ ସଂସ୍କାର ଯୋଜନାରେ ୩୯୭୫ କୋଟି ଟଙ୍କା ଚଳିତ ବର୍ଷ ପାଇଁ ବ୍ୟୟବରାଦ କରାଯାଇଛି, କିନ୍ତୁ ଶକ୍ତି ମନ୍ତ୍ରଣାଳୟର ବ୍ୟୟବରାଦରେ ଏଥିପାଇଁ ପୂର୍ବବର୍ଷ ଓ ଚଳିତ ବର୍ଷ ୧୨ ହଜାର କୋଟି ଟଙ୍କା ଦର୍ଶାଯାଇଛି। ସେହିପରି ଗତବର୍ଷ ଜେଣ୍ଡର ବଜେଟ୍‌ର ଦ୍ୱିତୀୟ ଭାଗରେ 'ଜାତୀୟ ଗ୍ରାମୀଣ ଜୀବିକା ମିଶନ୍ - ଆଜୀବିକା'(୫୦ଭାଗ ବରାଦ) ରଖାଯାଇଥିବା ବେଳେ ଚଳିତ ବର୍ଷ ତାହାକୁ ପ୍ରଥମ ଭାଗ(୧୦୦% ବରାଦ)କୁ ସ୍ଥାନାନ୍ତରିତ କରାଯାଇଛି। ଏହାଫଳରେ ଜେଣ୍ଡର ବଜେଟ୍‌ର ପରିମାଣ ୭ ହଜାର କୋଟିଟଙ୍କା ବଢ଼ି ଯାଇଥିବା ବେଳେ 'ଆଜୀବିକା'ରେ ୧ ହଜାର କୋଟି ଟଙ୍କାରୁ କମ୍ ବଢ଼ିଛି। ଆଉ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଲା ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଏକୁଟିଆ ରହୁଥିବା ମହିଳାଙ୍କ ପାଇଁ ଭତ୍ତା, ଜଳ ଜୀବନ ମିଶନ୍, ଗରିବଙ୍କ ଏଲ୍‌ପିଜି ସଂଯୋଗ, କୁସୁମ, ପିଏମ୍ ବିଶ୍ୱକର୍ମା ଆଦି ଆହୁରି ଅନେକ ଯୋଜନା ପାଇଁ ଗତ ବର୍ଷ ବଜେଟ୍‌ରେ(ବଜେଟେଡ୍ ଏଷ୍ଟିମେଟ୍) ଆଦୌ ବରାଦ ହୋଇ ନ ଥିଲେ ମଧ୍ୟ ଚଳିତ ବର୍ଷ ବଜେଟ୍ ତାଲିକାରେ ତାହା ପୂର୍ବବର୍ଷର ସଂଶୋଧିତ ବରାଦ(ରିଭାଇଜ୍‌ଡି ଏଷ୍ଟିମେଟ୍) ଭାବେ ସ୍ଥାନିତ ହୋଇଛି। ସେହିପରି ସଂଗଠିତ କ୍ଷେତ୍ରରେ ସର୍ବାଧିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବେତନ ପାଉଥିବା ନବନିଯୁକ୍ତଙ୍କୁ ପ୍ରଥମ ମାସର ବେତନ ତିନିଟି କିସ୍ତିରେ(ସର୍ବାଧିକ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ) ପ୍ରୋତ୍ସାହନ ରାଶି ରୂପେ ଦିଆଯିବ ଏବଂ ବର୍ଷେ ମଧ୍ୟରେ ସେ ଚାକିରି ଛାଡ଼ିଲେ ତାହା ନିଯୁକ୍ତିଦାତାଙ୍କଠାରୁ ଭରଣା କରାଯିବ ବୋଲି ବଜେଟ୍‌ରେ ଘୋଷଣା ହୋଇଛି। ନବନିଯୁକ୍ତଙ୍କ ଇପିଏଫ୍ ପାଣ୍ଠିରେ ନିଯୁକ୍ତିଦାତାଙ୍କ ଅବଦାନକୁ(ସର୍ବାଧିକ ୩ ହଜାର ଟଙ୍କା) ଦୁଇବର୍ଷ ପର୍ଯ୍ୟନ୍ତ ସରକାର ଭରଣା କରିବେ ବୋଲି ମଧ୍ୟ ଉଲ୍ଲେଖ ରହିଛି, ଯାହା ବିଭ୍ରାନ୍ତ ସୃଷ୍ଟି କରିବାକୁ ଯଥେଷ୍ଟ। ●

# ପ୍ରାଣଘାତୀ ହେପାଟାଇଟିସ୍: ପ୍ରତିକାର ହିଁ ସୁରକ୍ଷା



**ପ୍ରଫେସର (ଡାଃ) ସୁଶାନ୍ତ କୁମାର ଜେନା**

ଯକୃତ ପ୍ରଦାହ ବା ହେପାଟାଇଟିସ୍ ଏକ ଭୂତାଣୁ ଜନିତ ରୋଗ। ପ୍ରାୟତଃ ଏହି ରୋଗ ୫ ପ୍ରକାର ଭୂତାଣୁ ଯୋଗୁଁ ହୋଇଥାଏ। ଏହି ଭୂତାଣୁମାନେ ହେଲେ ହେପାଟାଇଟିସ୍ ଏ, ହେପାଟାଇଟିସ୍ ବି, ହେପାଟାଇଟିସ୍ ସି, ହେପାଟାଇଟିସ୍ ଡି ଓ ହେପାଟାଇଟିସ୍ ଇ। ଏହି ଭୂତାଣୁମାନେ ଅତ୍ୟନ୍ତ ଭୟଙ୍କର। ବିଶେଷରୂପେ ହେପାଟାଇଟିସ୍ ବି ଓ ସି ଯକୃତକୁ ଦୀର୍ଘସମୟ ପାଇଁ ସଂକ୍ରମଣ କରିଥା'ନ୍ତି। ଯକୃତ ସିରୋସିସ୍ ଓ ଯକୃତ କର୍କଟ ରୋଗ ସୃଷ୍ଟିରେ ଏମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ତୁରନ୍ତ ଚିକିତ୍ସା ନ ହେଲେ ରୋଗୀର ମୃତ୍ୟୁ ସୁନିଶ୍ଚିତ। ତେଣୁ ଏହି ରୋଗର ଭୟାବହତା ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରାଯାଇଥାଏ। ନୋବେଲ ପୁରସ୍କାର ବିଜୟୀ ବୈଜ୍ଞାନିକ ବାରୁଚ୍ ସାମୁଏଲ୍ ବ୍ଲୁମ୍‌ବର୍ଗଙ୍କ ଜନ୍ମଦିନକୁ ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ପାଳନ କରାଯାଏ। ସେ ହେପାଟାଇଟିସ୍ ବି ଭୂତାଣୁ ଆବିଷ୍କାର କରିବା ସହ ଏହାର ପ୍ରତିଷେଧକ ଟିକା ମଧ୍ୟ ଉଦ୍ଭାବନ କରିଥିଲେ।

ସାଧାରଣତଃ, ସଂକ୍ରମିତ ଖାଦ୍ୟ ଓ ପାନୀୟ ଦ୍ୱାରା ହେପାଟାଇଟିସ୍ ଏ ଓ ହେପାଟାଇଟିସ୍ ସି ଭୂତାଣୁ ସଂକ୍ରମିତ ହୋଇଥାଏ। ଅପରପକ୍ଷରେ ସଂକ୍ରମିତ ରକ୍ତ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ହେପାଟାଇଟିସ୍ ବି ସଂକ୍ରମଣର ଆଶଙ୍କା ଥାଏ। ସଂକ୍ରମିତ ବ୍ୟକ୍ତିଙ୍କ ସହ ଅସୁରକ୍ଷିତ ଯୌନସମ୍ପର୍କ ରଖିବା, ବ୍ୟବହୃତ ସିରିଞ୍ଜ ବ୍ୟବହାର କରିବା, ସଂକ୍ରମିତ ବ୍ୟକ୍ତିଙ୍କ ଶରୀରରେ ବ୍ୟବହୃତ ଛୁଞ୍ଚିରେ ଟାଟୁ କରାଇବା, କୌଣସି କାରଣରୁ ସଂକ୍ରମିତ ଛୁଞ୍ଚି ଫୋଡ଼ି ହୋଇଯିବା ଦ୍ୱାରା ମଧ୍ୟ ହେପାଟାଇଟିସ୍ ବି ସଂକ୍ରମଣ ହୋଇଥାଏ। ବିଶେଷତଃ ସ୍ୱାସ୍ଥ୍ୟକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିମାନଙ୍କୁ ରୋଗୀମାନଙ୍କଠାରୁ ସଂକ୍ରମଣର ଅଧିକ ଆଶଙ୍କା ଥାଏ। ସଂକ୍ରମିତ ବ୍ୟକ୍ତିଙ୍କର କିଛି ବ୍ୟବହୃତ ପଦାର୍ଥ ଯଥା ଦାନ୍ତଘଷା ବ୍ରଶ, କ୍ଷୁର ଇତ୍ୟାଦିରୁ ମଧ୍ୟ ସୁସ୍ଥ ବ୍ୟକ୍ତିଙ୍କୁ ସଂକ୍ରମଣ ହେବାର ଆଶଙ୍କା ଥାଏ। ସେହିପରି ସଂକ୍ରମିତ ରକ୍ତ, ଅସୁରକ୍ଷିତ ଯୌନ ସମ୍ପର୍କ, ବ୍ୟବହୃତ ସଂକ୍ରମିତ ଛୁଞ୍ଚି ଦ୍ୱାରା ହେପାଟାଇଟିସ୍ ସି ଭୂତାଣୁ ସୁସ୍ଥ ବ୍ୟକ୍ତିର ଶରୀରକୁ ଯାଇଥାଏ।

ସଂକ୍ରମିତ ବ୍ୟକ୍ତିଙ୍କ ଲକ୍ଷଣଗୁଡ଼ିକ ହେଲା - ଆଖି ଓ ପରିସ୍ରା ହଳଦିଆ ଦେଖାଯିବା, କ୍ଲାନ୍ତ ଅନୁଭବ କରିବା, ଖାଇବାକୁ ଇଚ୍ଛା ନ ହେବା, ଦେହରେ ଅଳ୍ପ ଜ୍ୱର ରହିବା, ଗଣ୍ଠି ଓ ମାଂସପେଶୀରେ ଯନ୍ତ୍ରଣା ହେବା, ଓଜନ ହ୍ରାସ ହେବା, ମାନସିକ ଅବସାଦଗ୍ରସ୍ତ ହେବା ଆଦି।

ଆରମ୍ଭରୁ ନିଦାନ କରାଯାଇ ଚିକିତ୍ସା କରାଗଲେ ରୋଗୀ ଆରୋଗ୍ୟ ହେବାର ସମ୍ଭାବନା ଅଧିକ ଥାଏ। ସାଧାରଣତଃ ହେପାଟାଇଟିସ୍ ଏ ରେ ଆକ୍ରାନ୍ତ ବ୍ୟକ୍ତି ଅଧିକ ଗୁରୁତର ହୁଅନ୍ତି ନାହିଁ। ସଂକ୍ରମିତ ବ୍ୟକ୍ତି ଅନେକ ସମୟରେ ସ୍ୱତଃ ଠିକ୍ ହୋଇଯାଇଥା'ନ୍ତି। କିଛି ସଂକ୍ରମିତ ବ୍ୟକ୍ତିଙ୍କଠାରେ ଅଧିକ ଗୁରୁତର ଲକ୍ଷଣ ପ୍ରକାଶ ପାଏ। ଏହି ବ୍ୟକ୍ତିଙ୍କୁ ରୋଗର ଲକ୍ଷଣ ଅନୁସାରେ ଚିକିତ୍ସା କରାଯାଇଥାଏ। ଏହିରୋଗର ପ୍ରତିଷେଧକ ଟିକା ଉପଲବ୍ଧ। ତେଣୁ ଶୈଶବ ସମୟରୁ ଏହି ଟିକାକରଣ କଲେ ହେପାଟାଇଟିସ୍ ସଂକ୍ରମଣର ଆଶଙ୍କା ହ୍ରାସ ପାଇଥାଏ। ହେପାଟାଇଟିସ୍ ବି ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ବିଭିନ୍ନ ପ୍ରକାରର ଔଷଧ ଉପଲବ୍ଧ। ଏହି ଔଷଧ ସବୁର ପ୍ରୟୋଗ ଦ୍ୱାରା ଜଳଦୋରୀ ରୋଗ ଓ ଯକୃତ କର୍କଟର ଆଶଙ୍କା ମଧ୍ୟ ବହୁ ପରିମାଣରେ କମିଯାଇଥାଏ। ହେପାଟାଇଟିସ୍ ବି ପାଇଁ ମଧ୍ୟ ପ୍ରତିଷେଧକ ବ୍ୟବସ୍ଥା ଅଛି। ସେହିପରି ହେପାଟାଇଟିସ୍ ସି, ହେପାଟାଇଟିସ୍ ଡି, ହେପାଟାଇଟିସ୍ ଇ ସଂକ୍ରମିତ ରୋଗୀଙ୍କୁ ବିଭିନ୍ନ ଲକ୍ଷଣ ଦେଖି ସେହି ଅନୁସାରେ ଚିକିତ୍ସା କରାଯିବା ସହିତ ବିଭିନ୍ନ ଔଷଧ ପ୍ରୟୋଗ କରାଯାଇଥାଏ।

ଅବଶ୍ୟ ପ୍ରତିକାର ଓ ସଚେତନତା ଦ୍ୱାରା ଏହି ଭୂତାଣୁରୁ ଅନେକାଂଶରେ ସୁରକ୍ଷା ମିଳିପାରିବ। ମଳତ୍ୟାଗ ପରେ ସାବୁନ୍‌ରେ ଭଲ ଭାବରେ ହାତ ଧୋଇବା, ବାସି ଖାଦ୍ୟ ନ ଖାଇ ସଦ୍ୟ ରୋଷେଇ ହୋଇଥିବା ଖାଦ୍ୟ ଖାଇବା, ସିଝା ପାଣି ପିଇବା, କଞ୍ଚା ପରିବା ଭଲ ଭାବେ ଧୋଇ ଖାଇବା, ଇଞ୍ଜେକସନ୍ ନେବା ବେଳେ ନୂଆ ସିରିଞ୍ଜ ବ୍ୟବହାର କରିବା, ଟାଟୁ କଲା ବେଳେ ବିଶୋଧିତ ଛୁଞ୍ଚି ଓ ଉପକରଣ ବ୍ୟବହାର କରିବା, ସଂକ୍ରମିତ ରୋଗୀ ଅନ୍ୟକୁ ନିଜର ଦାନ୍ତଘଷା ବ୍ରସ୍, ନଖ କଟା ଯନ୍ତ୍ର, ରେଜର ବ୍ୟବହାର କରିବାକୁ ନ ଦେବା, ଦୂରସ୍ଥାନକୁ ଯାତ୍ରା କରିବା ବେଳେ ହେପାଟାଇଟିସ୍ ଟିକା ନେବା ଇତ୍ୟାଦି ଦ୍ୱାରା ଏହି ଆଶଙ୍କା ଅନେକାଂଶରେ ଟାଳି ଦିଆଯାଇପାରିବ। ●

**ବିଭାଗୀୟ ମୁଖ୍ୟ ଲିଭର ରୋଗ ବିଭାଗ (ହେପାଟୋଲୋଜି)**
**ଏସ୍‌ସିବି ମେଡକାଲ୍ କଲେଜ, କଟକ**

## ଲୋକମତ

### ଋଣ ବୋଝ ନେଉଛି ଜୀବନ

ଦେଶର ସବୁ ଲୋକଙ୍କ ନିକଟରେ ବ୍ୟାଙ୍କ ସୁବିଧା ପହଞ୍ଚାଇବା ଓ ରିହାତି ହାରରେ ଗରିବ ଓ ଅବହେଳିତଙ୍କୁ ଋଣ ସୁବିଧା ଯୋଗାଇଦେବା ଥିଲା ବ୍ୟାଙ୍କ ଜାତୀୟକରଣର ମୁଖ୍ୟ ଉଦ୍ଦେଶ୍ୟ। ତେବେ ଟାର୍ଗେଟ ଗୋଷ୍ଠୀଙ୍କୁ ଆବଶ୍ୟକୀୟ ଋଣ ଦେବାରେ ଏବେ ସୁଦ୍ଧା ବ୍ୟାଙ୍କମାନଙ୍କୁ ବହୁ ପଥ ଅତିକ୍ରମ କରିବାକୁ ବାକି ଅଛି। ଏହି ସୁଯୋଗରେ ଲୋକଙ୍କୁ, ବିଶେଷତଃ ଗ୍ରାମାଞ୍ଚଳରେ, ଋଣ ଯୋଗାଇଦେବାକୁ ବିଭିନ୍ନ ଘରୋଇ ସଂସ୍ଥା ଓ ସ୍ୱୟଂ ସହାୟକ ଗୋଷ୍ଠୀ ଆଗେଇ ଆସନ୍ତି। କେତେକ ଘରୋଇ୍ ଋଣ ପ୍ରଦାନକାରୀ ସଂସ୍ଥା, ଦେଶର ପ୍ରଚଳିତ ଆଇନ୍ ବ୍ୟବସ୍ଥାକୁ ନ ମାନି, ଗୁଣ୍ଡା ବାହିନୀ ଦ୍ୱାରା କିସ୍ତି ଆଦାୟ କରିଆସୁଛନ୍ତି। ଏହାଦ୍ୱାରା ପରିବାରରେ ଅଶାନ୍ତି ତଥା ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହାର ଉଦାହରଣ ଭୁବନେଶ୍ୱର ଉପକଣ୍ଠ ପଦ୍ମକେଶରୀପୁର ଗାଁ ଏବେ ଜନଶୂନ୍ୟ ହୋଇଯାଇଥିବା ବେଳେ କିଛିଦିନ ପୂର୍ବେ ନୀଳଗିରିରେ ଋଣବୋଝ ଓ ଋଣ ଆଦାୟକାରୀଙ୍କ ଜୁଲୁମ୍, ଦୁର୍ବ୍ୟବହାର ଜନିତ ଲୋକଲଜ୍ଜା ସହି ନ ପାରି ଗୋଟିଏ ପରିବାରର ତିନିଜଣଙ୍କ ଆତ୍ମହତ୍ୟା ଏହି ଋଣଚକ୍ରର ଭୟଙ୍କର ପରିଣତି। ଏହା କେବଳ ଆଇନ ଶୃଂଖଳା ବିଷୟ ନୁହେଁ, ସମାଜରେ ଅସମ ବିକାଶର ବିକଳ ଚିତ୍ର। ସାମାଜିକ ଅବକ୍ଷୟର କରୁଣ ପ୍ରତିଫଳନ। ●

**ପ୍ରତାପ ନାୟକ**
**ଭୁବନେଶ୍ୱର, ମୋ: ୭୭୫୦୮୫୨୮୧୯**

### ନୈରାଶ୍ୟଜନକ ବଜେଟ୍

କେବଳ ଆୟକର ଦାଖଲ ପାଇଁ ଥିବା ଷ୍ଟାଣ୍ଡାର୍ଡ ଡିଡକସନ୍‌ରେ ୨୫ ହଜାର ଟଙ୍କା ବୃଦ୍ଧି କରି ସରକାର କର୍ମଚାରୀ ଓ ପେନସନଭୋଗୀଙ୍କୁ ଖୁସି କରିବାକୁ ଚେଷ୍ଟା କରିବା ବ୍ୟତୀତ, ଚଳିତ ବଜେଟ ଉଭୟ ଶ୍ରମିକ-କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ସମ୍ପୂର୍ଣ୍ଣ ନୈରାଶ୍ୟଜନକ କହିଲେ ଅତ୍ୟୁକ୍ତି ହେବନାହିଁ। ସମସ୍ତଙ୍କର ଏକ ବଡ଼ ଆଶା ଥିଲା, ସରକାର ନିଶ୍ଚିତ ଭାବେ ଅଷ୍ଟମ ବେତନ ଆୟୋଗ ଗଠନ ପାଇଁ ଚଳିତ ବଜେଟରେ ଘୋଷଣା କରିବା ସହ ପେନସନ ଯୋଜନାରେ ପରିବର୍ତ୍ତନ ତଥା କୋଭିଡ ସମୟରୁ କାଟି ନେଇଥିବା ୧୮ ମାସର ବକେୟା ମହଙ୍ଗା ଭତ୍ତାକୁ ଫେରେଇ ଦେବା ପାଇଁ ପ୍ରାବଧାନ କରିବେ। କିନ୍ତୁ କର୍ମଚାରୀଙ୍କର ଏହି ତିନୋଟି ମୁଖ୍ୟ ଦାବି ଉପରେ ଚଳିତ ବଜେଟ ସମ୍ପୂର୍ଣ୍ଣ ନିରବ। କର୍ମଚାରୀଙ୍କ ସର୍ବନିମ୍ନ ବେତନ ନିର୍ଦ୍ଧାରଣ ଓ ପେନସନରେ ସୁଧାର ଆଣିବା ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନଙ୍କ ପାଇଁ ମାସିକ ୯ ହଜାର ଟଙ୍କା ସର୍ବନିମ୍ନ ପେନସନ ଘୋଷଣା ବିଳମ୍ବିତ ହେଉଥିବା ବେଳେ ଚଳିତ ବଜେଟରେ ନାବାଳକଙ୍କ ପାଇଁ 'ବାତ୍ସଲ୍ୟ' ଯୋଜନାର ପ୍ରଚଳନ ହାସ୍ୟାସ୍ପଦ। ଅଧିକନ୍ତୁ, ପାର୍ଲିଆମେଣ୍ଟାରୀ ଷ୍ଟାଣ୍ଡିଂ କମିଟି ଫେବୃଆରୀ ୨୦୨୪ରେ ୧୫୫ତମ ରିପୋର୍ଟ ଦାଖଲ କଲା ବେଳେ ପ୍ରଚଳିତ ସର୍ତ୍ତାବଳୀକୁ କୋହଳ କରି କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା(ସିଜିଏଚ୍‌ଏସ୍)ରେ ଅଧିକ ସଂଖ୍ୟକ ସ୍ୱାସ୍ଥ୍ୟ ମଙ୍ଗଳ କେନ୍ଦ୍ର ଖୋଲିବା ପାଇଁ ସୁପାରିସ କରିଥିଲେ ବି ଚଳିତ ବଜେଟରେ ସେଭଳି କିଛି ପ୍ରାବଧାନ ନାହିଁ କିମ୍ବା ଔଷଧପତ୍ର ଓ ବିଭିନ୍ନ ମେଡିକାଲ ସରଞ୍ଜାମର ଦରବୃଦ୍ଧିକୁ ଆଖିରେ ରଖି ନିର୍ଦ୍ଦିଷ୍ଟ ରୋଗର ଚିକିତ୍ସା ପାଇଁ ଧାର୍ଯ୍ୟ ସିଜିଏଚ୍‌ଏସ୍ ପ୍ୟାକେଜରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେଣୁ ଚଳିତ ବଜେଟକୁ କର୍ମଚାରୀ ବିରୋଧୀ କହିଲେ ଭୁଲ ହେବନାହିଁ। ●

**ବୃହସ୍ପତି ସାମଲ**
**ଭୁବନେଶ୍ୱର, ମୋ: ୯୪୩୭୦୨୨୬୬୯**

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଅବଶିଷ୍ଟାଂଶ...

## ଝଲସିଲା ପ୍ୟାରିସ୍...

ଅଂଶଗ୍ରହଣ ଏହାକୁ ଅଧିକ ରଙ୍ଗୀୟିତ କରିଛି। ଆମେରିକା କିମ୍ବଦନ୍ତୀ ଗାୟକ ଲେଡି ଗାଗା ଓ ସେଲିନ୍ ଡିଓନଙ୍କ ସଙ୍ଗୀତ ପରିବେଷଣ ଏହି ଉଦଘାଟନୀ ଉତ୍ସବକୁ ଅଧିକ ଗୌରବମୟ କରିଥିଲା। ସାଢ଼େ ୩ ଘଣ୍ଟା ଧରି ଏହି ଆୟୋଜିତ ଏହି ଉତ୍ସବରେ ଫ୍ରାନ୍ସର ଗୌରବମୟ କଳା ସଂସ୍କୃତି, ବିଜ୍ଞାନର ଉନ୍ନତି ଉପରେ କଳାକାରମାନେ ପ୍ରଦର୍ଶନ କରିଥିଲେ।

ଏହି ପ୍ରତିଯୋଗିତାରେ ମୋଟ ୩୨ଟି ଖେଳରେ ଇଭେଣ୍ଟ ଆୟୋଜିତ ହେବ। ମୋଟ ୩୨୯ଟି ମେଡାଲ ଇଭେଣ୍ଟ ଲାଗି ପ୍ରତିଦ୍ୱନ୍ଦ୍ୱିତା ହେବ। ଜୁଲାଇ ୧୧ ତାରିଖ ଯାଏ ହେବାକୁ ଥିବା ଏହି କ୍ରୀଡ଼ା ମହାକୁମ୍ଭରେ ୨୦୬ଟି ଅଲିମ୍ପିକ୍ ସଂଘର ୧୦,୨୭୪ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ପ୍ରଥମଥର ଲାଗି ପୁରୁଷ ଓ ମହିଳା ପ୍ରତିଯୋଗୀ ସମାନ ଭାବେ ଭାଗ ନେଇଥିଲେ। ଭାରତରୁ ୧୯ଟି ଇଭେଣ୍ଟରେ ୧୧୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ୨୦୨୧ ଟୋକିଓରେ ଭାରତ ୭ଟି ପଦକ ଜିତିଥିଲାବେଳେ ଏଥର ଏହାକୁ ଅତିକ୍ରମ କରିବ ବୋଲି ଆଶା ରଖିଛି। ହକି ତାରକା ଅମିତ ରୋହିଦାସ ଓ ଜାଭେଲିନ୍ ଫିଙ୍ଗାଳି କିଶୋର କୁମାର ଜେନା ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଛନ୍ତି।

## ରେଳ ଲାଇନରେ...

ଏସଏନସିଏଫ ଯାତ୍ରୀଙ୍କୁ ଅନୁରୋଧ କରିଛି। ରେଳ ଷ୍ଟେସନଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି। ଅଧିକାରୀମାନେ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ ଅଲମ୍ପିକରେ ବାଧା ସୃଷ୍ଟି କରିବା ପାଇଁ ଯୋଜନାବଦ୍ଧ ଭାବେ ଏହି ଷଡ଼ଯନ୍ତ୍ର କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ଗେବ୍ରିୟଲ ଅଟ୍ଟଲ କହିଛନ୍ତି। ପ୍ୟାରିସର ତିନୋଟି ମୁଖ୍ୟ ମାର୍ଗକୁ ନିଶାଣ କରାଯାଇଛି। ହାଇ-ସ୍ପିଡ ଟ୍ରେନ ନେଟୱର୍କକୁ ଅବରୋଧ କରିବା ପାଇଁ ଏପରି କରାଯାଇଛି। ଫ୍ରାନ୍ସ ପୁଲିସ ଏହି ମାମଲାର ତଦନ୍ତ କରୁଛି। ଏହି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

ସୂଚନାଯୋଗ୍ୟ ଯେ ରାତି ୧୧ଟା (ସ୍ଥାନୀୟ ସମୟ)ରେ ପ୍ୟାରିସରେ ଅଲମ୍ପିକ ଗେମ୍ସର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି ଗ୍ରୀଷ୍ମକାଳୀନ ଅଲମ୍ପିକ ଅଗଷ୍ଟ ୧୧ ପର୍ଯ୍ୟନ୍ତ ଚାଲିବ। ଏହି କ୍ରୀଡ଼ା ମହାକୁମ୍ଭରେ ୨୦୬ ଦେଶର ୧୦, ୫୦୦ ଖେଳାଳି ଭାଗ ନେଉଛନ୍ତି। ଏଥିରେ ଭାରତର ୧୧୭ ଜଣ ଖେଳାଳି ସାମିଲ ଅଛନ୍ତି।

## ଆଉ କେତେଦିନ...

ସମାଧାନ ହୋଇଯାଇଛି। ଆଗାମୀ ଦୁଇ ଦିନ ଭିତରେ ପଶ୍ଚିମବଙ୍ଗରୁ ଓଡ଼ିଶା ବଜାରକୁ ଆଳୁ ଆସିବା ସ୍ୱାଭାବିକ ହେବ ବୋଲି ମନ୍ତ୍ରୀ କହିଛନ୍ତି। ତେବେ ଏ ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ବ୍ୟବସାୟୀମାନେ ଆଳୁ ଦର ୩୨ ଟଙ୍କା ମଧ୍ୟରେ ରଖିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ଅମାନ୍ୟ କଲେ ଏବଂ ଆଳୁ ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରାଗଲେ, ରାଜ୍ୟସାରା ବ୍ୟାବସାୟିକ ପେଣ୍ଠଗୁଡ଼ିକ ଉପରେ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଥାଉ କି, ରାଜ୍ୟର ଜଣେ ଦୈନିକ ହାରାହାରି ୬୦ ଗ୍ରାମ୍ ଆଳୁ ଖାଉଥିବାବେଳେ ମୁଣ୍ଡ ପିଛା ମାସିକ ବ୍ୟବହାର ୧. ୮୩୦ ଗ୍ରାମ। ତେଣୁ ଓଡ଼ିଶାରେ ଦୈନିକ ୩ହଜାର ମେଟ୍ରିକ୍ ଟନ୍ ହିସାବରେ ବାର୍ଷିକ ଆଳୁର ଚାହିଦା ହେଉଛି ୧୨ ଲକ୍ଷ ମେଟ୍ରିକ୍ ଟନ୍। କିନ୍ତୁ ରାଜ୍ୟରେ ଆଳୁ ଉତ୍ପାଦନ ହେଉଛି ମାତ୍ର ୨.୧ଲକ୍ଷ ମେଟ୍ରିକ୍ ଟନ୍। ଅର୍ଥାତ ଆବଶ୍ୟକତାର ୪ ଭାଗରୁ ଭାଗେ ମଧ୍ୟ ରାଜ୍ୟରେ ଉତ୍ପାଦନ ହେଉନି। ତେଣୁ ଅବଶିଷ୍ଟ ଚାହିଦା ପୂରଣ କରିବା ପାଇଁ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡୁଛି। ଦୈନିକ ପଶ୍ଚିମବଙ୍ଗରୁ ରାଜ୍ୟକୁ ପ୍ରାୟ ୩ଶହ ଟ୍ରକ୍ ଆଳୁ ଆସେ; ମାତ୍ର ପଶ୍ଚିମବଙ୍ଗରେ ଶ୍ରମିକ ଆନ୍ଦୋଳନ ଯୋଗୁଁ ଓଡ଼ିଶାକୁ ଆଳୁ ଆସିବା ଠପ୍ ହୋଇଯାଇଛି। କଟକ ଛତ୍ରବଜାର ଓ ଭୁବନେଶ୍ୱର ଆଇଗେଣିଆରୁ ରାଜ୍ୟର ସିଂହଭାଗ ସ୍ଥାନକୁ ସ୍ଥାନକୁ ରପ୍ତାନୀ ହୁଏ। ଏବେ ଓଡ଼ିଶାରେ ଯେତିକି ଆଳୁ ଅଛି, ତାହା ଆଗାମୀ ୭ଦିନ ପର୍ଯ୍ୟନ୍ତ ଭରଣା କରିବ। ଏବେ ଯଦି ଓଡ଼ିଶାକୁ ଆଳୁ ଆସିବା ସ୍ୱାଭାବିକ ନ ହୁଏ, ତେବେ ଆଳୁ ମିଳିବା ସମ୍ଭବ ହେବନି ବୋଲି ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ ଆଜି ପଶ୍ଚିମବଙ୍ଗରୁ ଆସୁଥିବା ଶହ ଶହ ଆଳୁ ଗାଡ଼ି ଜଳେଶ୍ୱର ସୀମାନ୍ତରୁ ଫେରି ଯାଇଛି। ରାଜ୍ୟରେ ଦେଖାଦେଇଥିବା ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଉତ୍ତରପ୍ରଦେଶରୁ ଆଳୁ ଆଣିବା କଥା ଚିନ୍ତା କରୁଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଏହି ଉଦ୍ୟମ ରାଜ୍ୟର ଆବଶ୍ୟକତା ଓ ଚାହିଦା ମେଣ୍ଟାଇ ପାରିବନି ବୋଲି ରାଜ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। କାରଣ ଉତ୍ତର ପ୍ରଦେଶରୁ ଆଳୁ ଆମଦାନୀ କଲେ, ପରିବହନଜନିତ ଖର୍ଚ୍ଚ କିଲୋ ପିଛା ୪ଟଙ୍କା ବୃଦ୍ଧି ପାଇବ। ଏବେ ରାଜ୍ୟରେ ଆଳୁର ପାଇକାରୀ ଦର ୨୭ ଟଙ୍କା ଥିବାବେଳେ ଉତ୍ତରପ୍ରଦେଶରୁ ଆଳୁ ଆଣିଲେ ତାହା ୩୧ ଟଙ୍କାକୁ ବଢ଼ିଯିବ। ଏଥିସହ ସେଠୁ ଆସିବା ପାଇଁ ସଡ଼କ ପଥରେ ଅନ୍ୟୂନ ୪ଦିନ ସମୟ ଲାଗିବ। ତେଣୁ ଆଳୁ ପଚି ନଷ୍ଟ ହୋଇଯିବାର ଆଶଙ୍କା ମଧ୍ୟ ରହୁଛି। ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଉତ୍ତରପ୍ରଦେଶରୁ ଆଳୁ ଆଣିବାକୁ ଚାହୁ ନାହାନ୍ତି। ତେଣୁ ସରକାରୀ ସ୍ତରରେ ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା କରି ଆଳୁ ଆମଦାନୀ ବ୍ୟବସ୍ଥା କରିବାକୁ ବ୍ୟବସାୟୀ ସଂଘ ଦାବି କରିଛି।

## ମମତାଙ୍କ ହସ୍ତକ୍ଷେପ...

ଟ୍ରକ୍ ଅଟକି ରହିଥିବା ନେଇ ସେ ଗଣମାଧ୍ୟମରୁ ଜାଣିବାକୁ ପାଇଛନ୍ତି। ତେଣୁ ଏହି ଆଳୁ ଟ୍ରକ୍‌ଗୁଡ଼ିକ କିପରି ଓଡ଼ିଶାକୁ ଆସିବ, ସେନେଇ ପଦକ୍ଷେପ ନେବାକୁ ନବୀନ ଆଗ୍ରହ ପ୍ରକାଶ କରିଛନ୍ତି।

ନବୀନ ଆହୁରି ଲେଖିଛନ୍ତି ଯେ ଅତୀତରେ ଏଭଳି ସମସ୍ୟା ବେଳେ ଆପଣଙ୍କ ମହତ କାର୍ଯ୍ୟ ପାଇଁ ଓଡ଼ିଶାବାସୀ ଆପଣଙ୍କୁ ଅକୁଣ୍ଠ ଭଲପାଇବା ଦେଇଛନ୍ତି। ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ସାଂସ୍କୃତିକ ସାମଞ୍ଜସ୍ୟ ରହିଛି। ଉଭୟ ରାଜ୍ୟର ଲୋକେ ଜଗନ୍ନାଥଙ୍କ ଭକ୍ତ। ତେଣୁ ଆଳୁ ଯୋଗାଣ ସ୍ୱାଭାବିକ ପାଇଁ ହସ୍ତକ୍ଷେପ କରିବାକୁ ମମତାଙ୍କୁ ନବୀନ ଅନୁରୋଧ କରିଛନ୍ତି। ରାଜ୍ୟବାସୀଙ୍କ ପାଇଁ ମମତା ଏହି ଘଟଣାରେ ହସ୍ତକ୍ଷେପ କରିବେ ଏବଂ ଓଡ଼ିଶାକୁ ଆଳୁ ଯୋଗାଣ ସ୍ୱାଭାବିକ ହେବ ବୋଲି ନବୀନ ଆଶା ପ୍ରକଟ କରିଛନ୍ତି।

## କେରଳ, ପଶ୍ଚିମବଙ୍ଗ...

ପାଇଁ ଅଟକାଇ ରଖିଛନ୍ତି। ଏହା ବିରୋଧରେ ଉଭୟ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୁକ୍ରବାର ମାମଲାର ଶୁଣାଣି ସମୟରେ ପଶ୍ଚିମବଙ୍ଗ ପକ୍ଷରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ କହିଥିଲେ ଯେ ଏଭଳି ମାମଲାର ବିଚାରହେଲେ କିଛି ବିଲ୍‌କୁ ପାସ୍ କରିଦିଆଯାଉଛି। ତାମିଲନାଡୁରେ ଏପରି ହୋଇଥିବା ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ଏଭଳି କାର୍ଯ୍ୟ ଦ୍ୱାରା ରାଜ୍ୟବାସୀ ପ୍ରଭାବିତ ହେଉଛନ୍ତି। ରାଜ୍ୟପାଳଙ୍କ ଆଭିମୁଖ୍ୟ କେବଳ ଆଇନ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥା ବିରୋଧୀ ନୁହେଁ, ବରଂ ସମ୍ବିଧାନର ମୂଳ ସିଦ୍ଧାନ୍ତର ବିରୋଧୀ ମଧ୍ୟ। ୨୦୨୨ରେ ପାରିତ ବିଲ୍ ଲଟକାଇ ରଖିବା ଦ୍ୱାରା ବିଧାନସଭାର କାର୍ଯ୍ୟ ବିଫଳ ହୋଇଛି। ଏଭଳି ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତି ଅସାମ୍ବିଧାନିକ ସ୍ଥିତି ସୃଷ୍ଟି କରୁଛନ୍ତି। ରାଜ୍ୟପାଳଙ୍କ କର୍ତ୍ତବ୍ୟ ଏବଂ କ୍ଷମତା ତାଙ୍କୁ ଏପରି କରିବା ପାଇଁ ମଧ୍ୟ ଅଧିକାର ପ୍ରଦାନ କରୁନାହିଁ। ତେଣୁ ବିଲ୍‌ଗୁଡିକ ଉପରେ ନିଷ୍ପତ୍ତି ନେବା ପାଇଁ ସମୟସୀମା ଧାର୍ଯ୍ୟ କରିବାକୁ ଦାବି କରାଯାଉଛି। ଏ ନେଇ ରାଜ୍ୟପାଳଙ୍କ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ସେହିପରି କେରଳ ସରକାରଙ୍କ ପକ୍ଷରୁ ବରିଷ୍ଠ ଓକିଲ କେକେ ବେଣୁଗୋପାଳ କହିଛନ୍ତି ଯେ ବିଲ୍ ୮ ମାସ ହେଲା ପଡ଼ି ରହିଛି। ରାଜ୍ୟପାଳ ମନ ଇଛା ଏହାକୁ ଅଟକାଇ ରଖିଛନ୍ତି। ଗତ ବର୍ଷ ପଞ୍ଜାବ ଏବଂ ତାମିଲନାଡୁରେ ମଧ୍ୟ ଏପରି ସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ସିଜେଆଇ ରାଜ୍ୟପାଳଙ୍କୁ ତୀବ୍ର ଭର୍ତ୍ସନା କରିଥିଲେ। ଜନହିତରେ ଅଣାଯାଇଥିବା ବିଲ୍‌କୁ ଅଟକାଇ ରଖିବା ଉଚିତ ନୁହେଁ ବୋଲି କହିଥିଲେ।

## ୟୁନିଫର୍ମ ସେବାରେ...

କରିବାର ଯୋଗ୍ୟତା ହାସଲ କରିଛନ୍ତି। ଅଗ୍ନିବୀର୍ ଯୋଜନା ପ୍ରଧାନମନ୍ତ୍ରୀଙ୍କ ଏକ ଯୁଗାନ୍ତକାରୀ ଯୋଜନା। ଏହି ଯୋଜନା ଦେଶର ଯୁବସମାଜକୁ ଦକ୍ଷ, ସାହାସୀ ଓ ଯୋଗ୍ୟ କରିବାରେ ସହାୟକ ହୋଇଛି। ଜୀବନର ସବୁ କ୍ଷେତ୍ରରେ ଆହ୍ୱାନକୁ ଗ୍ରହଣ କରିପାରୁଥିବା ଯୁବସମାଜ ଗଠନରେ ଏହି ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ସ୍ଥାନୀୟ ନିଯୁକ୍ତି...

ବ୍ୟାସନଗର ତହସିଲଦାରଙ୍କ ମାଧ୍ୟମରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟପାଳ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଆରଡିସି, ଯାଜପୁର ସାଂସଦ ଓ କୋରେଇ ବିଧାୟକଙ୍କ ଗୋଚରାର୍ଥେ ଚିଠି ମାଧ୍ୟମରେ ନିବେଦନ କରାଯାଇଥିଲା। ତେବେ କେନ୍ଦ୍ରର ବିଜେପି ସରକାର କୌଣସି କଥାକୁ ଭ୍ରୂକ୍ଷେପ ନ କରି ଯାଜପୁର ଜିଲ୍ଲା ପ୍ରଶାସନ ଉପରେ ଚାପ ସୃଷ୍ଟି କରି ବିନା ଜନଶୁଣାଣିରେ ଏଠାରେ ଏତେ ବଡ ପ୍ରକଳ୍ପ କାର୍ଯ୍ୟକାରୀ କରାଇବା ନିମନ୍ତେ ଜମିର କିସମ ଓ ଲିଜ ଉପରୋକ୍ତ ସଂସ୍ଥା ନାମରେ କରିବା ପାଇଁ ନୋଟିସ ଜାରି କରିବା ସହିତ ପରବର୍ତ୍ତୀ ସମୟରେ ଏହାକୁ ଲାଗୁ କରିଥିଲେ। ଏହି ସ୍ଥାନର ଅନତି ଦୂରରେ ଗ୍ରାମ ଥିବାରୁ ଯେକୌଣସି ସମୟରେ ବିପଦ ରହିଥିବା ଆଶଙ୍କା କରି ସେ ସମୟରେ ସ୍ଥାନୀୟ ଗ୍ରାମବାସୀ ଓ ବୁଦ୍ଧିଜୀବୀ, ପ୍ରକୃତିପ୍ରେମୀ ସର୍ବୋପରି ଗୋ-ପ୍ରେମୀ ଏହି ପ୍ରକଳ୍ପକୁ ଜୋରଦାର ବିରୋଧ କରିଥିଲେ। ତେବେ ସ୍ଥାନୀୟ ଲୋକଙ୍କ ବୃହତ୍ତର ସ୍ୱାର୍ଥକୁ ଅଣଦେଖା କରି ସରକାର ଏଠାରେ ଗ୍ୟାସ ଷ୍ଟେସନ ପ୍ରତିଷ୍ଠା କଲେ। ଏହି ଗୋଚର ଜମିରେ ସ୍ଥାନୀୟ ଜନସାଧାରଣ ନିଜ ଗୃହପାଳିତ ପଶୁଙ୍କୁ ଚରାଇବା ସହିତ ସନ୍ନିକଟ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ଦ୍ୱାରା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଏଠାରେ ସମ୍ପାଦିତ ହୋଇଥାଏ। ପଶୁପାଳନକୁ ଜୀବିକା କରି ଚଳୁଥିବା ଚାଷୀ ଜୀବିକା ହରାଇବା ସହିତ ଗାଈଗୋରୁ, ଛେଳିମେଣ୍ଢାଙ୍କ ଚରିବା ନିମନ୍ତେ ଚାରଣଭୂମିର ଘୋର ଅଭାବ ପରିଲକ୍ଷିତ ହେବା ସହିତ ଏ ଅଞ୍ଚଳର ପାଣି, ପବନ, ମାଟି ପ୍ରଦୂଷିତ ହେଉଛି।

ଏହି ଗ୍ୟାସ ଷ୍ଟେସନ କାର୍ଯ୍ୟକ୍ଷମ ହେଲେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ ବୋଲି ସେତେବେଳେ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ଗ୍ୟାସ ଷ୍ଟେସନ କାର୍ଯ୍ୟକ୍ଷମ ପରେ ଏଠାରେ କେବଳ ଜଣେ ଦୁଇଜଣ ସ୍ଥାନୀୟ ଲୋକଙ୍କୁ ସୁରକ୍ଷାକର୍ମୀ ଭାବେ ନିଯୁକ୍ତି ଦେଇ ଲୋକଙ୍କ ଭାବାବେଗ ସହିତ କମ୍ପାନୀ କର୍ତ୍ତୃପକ୍ଷ ପ୍ରତାରଣା କରିଛି। ଏହି ଗ୍ୟାସ ଷ୍ଟେସନ କାର୍ଯ୍ୟକ୍ଷମ ହେବା ପରେ ଗତ ଫେବୃଆରୀ ମାସରେ ବଡଧରଣର ଦୁର୍ଘଟଣା ଘଟିବା ପରେ ସେହି ଦିନଠାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ଜୀବନଯାପନ କରୁଛନ୍ତି। ତେବେ ଛୋଟରାୟପୁରଠାରେ ଥିବା ଗେଲ୍ ଇଣ୍ଡିଆ ପକ୍ଷରୁ ନିର୍ମାଣଧୀନ ବିପିସିଏଲ ସିଟି ଗ୍ୟାସ ଷ୍ଟେସନର ସିଲିଣ୍ଡରରେ ଲିକେଜ୍ ହୋଇ ଗତ ଫେବୃଆରୀ ମାସ ୧୮ ତାରିଖ ରବିବାର ଅପରାହ୍ନ ପ୍ରାୟ ୩.୫୦ମିନିଟ ସମୟରେ ପ୍ରଚଣ୍ଡ ଶବ୍ଦ କରିଥିଲା। ଏଥିରେ ଗ୍ରାମବାସୀଙ୍କ ସମତେ ଆଖପାଖ ଅଞ୍ଚଳର ଲୋକେ ଭୟଭୀତ ହୋଇପଡିବା ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘଟଣାସ୍ଥଳରେ ସ୍ଥାନୀୟ ଅଞ୍ଚଳର ଶହଶହ ସଂଖ୍ୟାରେ ଲୋକେ ପହଞ୍ଚି ବିଭାଗୀୟ ଯନ୍ତ୍ରୀଙ୍କୁ ଘେରଉ କରିଥିଲେ। ସେତେବେଳେ ଏହି ନିର୍ଗତ ଗ୍ୟାସ କ୍ଷତିକାରକ ନ ଥିବା ଯନ୍ତ୍ରୀ କହିଥିବାବୋଲ ବାସ୍ତବରେ ଏହି ଗ୍ୟାସ ବିଷାକ୍ତ ବୋଲି ଜଣାପଡିଛି। ଇତିମଧ୍ୟରେ ଘଟଣାକୁ ୫ ମାସ ବିତିଯାଇଥିଲେ ମଧ୍ୟ ଦୈନିକ ଏହି ଗ୍ୟାସ ନିର୍ଗତ ହେବାରେ ଲାଗିଥିବାବେଳେ କାହାରି ଏଥିପ୍ରତି ନିଘା ନାହିଁ। ଏ ନେଇ ସ୍ଥାନୀୟ ଗ୍ରାମବାସୀ ଓ ପରିବେଶବିତ୍ କମ୍ପାନୀ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ ଫଳ ଶୂନ୍ୟ। ଫଳରେ ଯେକୌଣସି ସମୟରେ ଦୁର୍ଘଟଣା ଘଟି ସ୍ଥାନୀୟ ଲୋକଙ୍କ ଜୀବନ ଚାଲି ନ ଯିବ, ତାହା କିଏ କହିବ। ତେବେ ଜୀବନ ପ୍ରତି ବିପଦ ଥିବା ଜାଣି ଏହି ପ୍ରକଳ୍ପ ବନ୍ଦ କରିବାକୁ ବଡଧରଣର ଆନ୍ଦୋଳନ ପାଇଁ ସ୍ଥାନୀୟ ଗ୍ରାମବାସୀ ପ୍ରସ୍ତୁତ ହେଉଥିବା ଜଣାପଡିଛି। ଭାରତ ଗ୍ୟାସ ଲିମିଟେଡର ଅଧିକାରୀ ମୁଦିତଙ୍କୁ ଫୋନ କଲେ ସେ ଫୋନ ଉଠାଇ ନ ଥିବାବେଳେ ମନୋଜ ଯାଦବଙ୍କୁ ପଚାରିବାରୁ ସେ ଏହାର ଉତ୍ତର କିଛି ସମୟ ପରେ ଦେବେ କହି ଫୋନ କାଟିଦେଇଥଲେ। ଏହି ଘଟଣାରେ ଯାଜପୁର ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ଯୋଗାଯୋଗ କରାଯିବାରୁ ଏହି ଘଟଣା ଏକ ସ୍ୱର୍ଶକାତର ଘଟଣା ହୋଇଥିବାରୁ ସେ ଏହା ଉପରେ ତଦନ୍ତ କରି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ୩ ଦିନ ବର୍ଷା...

କହିଛନ୍ତି ଯେ ଶୁକ୍ରବାର ସକାଳେ ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ବଙ୍ଗଳାଦେଶ ଉପରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଅପରାହ୍ନ ୩ ଟା ସମୟରେ ଏହା କୋଲକାତା ଓ ସାଗର ଦ୍ୱୀପ ମଧ୍ୟମରେ ରହିଥିଲା। ଶନିବାର ସକାଳେ ଜାମସେଦପୁର ଓ ରାଉରକେଲା ମଧ୍ୟରେ ସମ୍ଭବତଃ ଏହା ଅବପାତର ରୂପ ନେବ ଏବଂ ରବିବାର ଏହା ମଧ୍ୟପ୍ରଦେଶ ଉପରେ ରହିବ। ଏହାଫଳରେ ରାଜ୍ୟରେ ୨୪ ଘଣ୍ଟା ଏବଂ ପଶ୍ଚିମ ଓଡ଼ିଶାରେ ୩୬ ଘଣ୍ଟା ବର୍ଷା ହୋଇପାରେ। ଶନିବାର ମଧ୍ୟାହ୍ନ ପରେ କେନ୍ଦ୍ରୀୟ ଓଡ଼ିଶା ଓ ଉପକୂଳ ଓଡ଼ିଶାରେ ବର୍ଷା ଛାଡ଼ିବାର ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସେହିପରି ମୟୂରଭଞ୍ଜ, ସୁନ୍ଦରଗଡ଼, କେନ୍ଦୁଝର ଆଦି ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ପଶ୍ଚିମ ଓଡ଼ିଶା ଓଡ଼ିଶାରେ ବିଶେଷ କରି ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗିର, ସୋନପୁର ଓ କଳାହାଣ୍ଡି ସହିତ ଭଦ୍ରକ, ଢେଙ୍କାନାଳ, ଅନୁଗୁଳ ଓ କୋରାପୁଟ ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ଆଶଙ୍କା ରହିଛି। ଗଜପତି, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, ନୟାଗଡ଼ ଓ ଉପକୂଳ ଗଞ୍ଜାମରେ କାଁ ଭାଁ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ରବିବାର ଓ ସୋମବାର ଦିନ ରାଜ୍ୟରେ ବିଶେଷ ବର୍ଷା ନ ଥିବା ବେଳେ ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପ (୧୫ ମିମି ପର୍ଯ୍ୟନ୍ତ) ବର୍ଷା ହୋଇପାରେ। ତେବେ ୩୦ରେ ସମ୍ଭବତଃ ବର୍ଷା କିଛି ବଢ଼ିବ। ମାସ ଶେଷ ସୁଦ୍ଧା ରାଜ୍ୟରେ ହାରାହାରି ସମୁଦାୟ ବର୍ଷା ୪୫-୫୦ ମିମି ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ସମ୍ପ୍ରତି ଲଘୁଚାପ ଯୋଗୁଁ ବର୍ତ୍ତମାନ ସମୁଦ୍ର ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଉତ୍ତର ବଙ୍ଗୋପସାଗରକୁ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। କୋରାପୁଟ ୫୭, ଯାଜପୁରରେ ୪୫, ନବରଙ୍ଗପୁର ୪୫, ସମ୍ବଲପୁର ୨୭ ଓ ବାରିପଦାରେ ୨୧ ମିମି ବର୍ଷା ଅନୁଭୂତ ହୋଇଛି।

## ବଞ୍ଚିତ ହେବେ...

ବିଜେପିର ପ୍ରମୁଖ ୨୧ ସଙ୍କଳ୍ପ ମଧ୍ୟରୁ କ୍ରମାଙ୍କ ୩ରେ ସ୍ଥାନ ପାଇଥିବା ସୁଭଦ୍ରା ଯୋଜନା ଥିଲା ଅନ୍ୟତମ। ଏଥିରେ ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷ ମଧ୍ୟରେ ଖର୍ଚ୍ଚ କରିବା ନିମନ୍ତେ ୫୦ ହଜାର ଟଙ୍କାର ନଗଦ ଭାଉଚର ଦିଆଯିବା କଥା କୁହାଯାଇଥିଲା। ମାତ୍ର ଏବେ ପ୍ରତ୍ୟେକ ମହିଳାଙ୍କ ପରିବର୍ତ୍ତେ କେବଳ ବାର୍ଷିକ ଦେଢ଼ ଲକ୍ଷ ଟଙ୍କାରୁ କମ୍ ଆୟ କରୁଥିବା ମହିଳାଙ୍କୁ ୫ ବର୍ଷରେ ଖର୍ଚ୍ଚ ପାଇଁ ୫୦ ହଜାର ଟଙ୍କାର ଭାଉଚର ଦେବାକୁ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏଥିରେ ରହିଥିବା ସର୍ତ୍ତ ଅନୁସାରେ ରାଜ୍ୟର ଅର୍ଦ୍ଧେକ ମହିଳା ସ୍ୱତଃ ଯୋଜନାରୁ ବଞ୍ଚିତ ହେବାକୁ ଯାଉଛନ୍ତି । ୨୧ ବର୍ଷରୁ ୫୯ ବର୍ଷର ମହିଳା ଏହି ଯୋଜନାରେ ଆର୍ଥିକ ସହାୟତା (ଭାଉଚର) ପାଇବେ ବୋଲି କୁହାଯାଉଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯିବ ବୋଲି ବିଜେପି ଘୋଷଣା କରିଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନ ସମାବେଶରେ ଦଳୀୟ ନେତାମାନେ ପ୍ରତ୍ୟେକ ପରିବାରର ଜଣେ ମହିଳାଙ୍କୁ ସୁଭଦ୍ରା ସହାୟତା ମିଳିବ ବୋଲି କହିଥିଲେ। ମାତ୍ର ସରକାର ଗଠନ ପରେ ଏଥିରେ ରଖାଯାଇଥିବା ସର୍ତ୍ତ ଓ ବଜେଟ୍ ବ୍ୟୟକୁ ଦେଖିଲେ ଯୋଜନାରୁ ଚାରି ପଞ୍ଚମାଂଶ ମହିଳା ବଞ୍ଚିତ ହେବା ଆପାତତଃ ସ୍ପଷ୍ଟ । ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ପରିବାର ସଂଖ୍ୟା ୯୬,୬୧,୦୮୫। ସମ୍ପ୍ରତି ଏହି ପରିବାର ସଂଖ୍ୟା ବୃଦ୍ଧି ପାଇ ୧.୦୫ କୋଟିରେ ପହଞ୍ଚିଛି । ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସହାୟତା ପ୍ରଦାନ କରାଗଲେ ସିଧାସଳଖ ୮୫ ଲକ୍ଷ ପରିବାରର ମହିଳାମାନେ ଏଥିରୁ ବଞ୍ଚିତ ହେବେ। ଯଦି ନିର୍ବାଚନୀ ଇସ୍ତାହାରରେ ପ୍ରତ୍ୟେକ ମହିଳାଙ୍କୁ ଭାଉଚର ପ୍ରଦାନ ପ୍ରସଙ୍ଗକୁ ଗ୍ରହଣ କରାଯାଏ ତେବେ ରାଜ୍ୟର ଦେଢ଼ କୋଟି ମହିଳା ଏହି ସହାୟତାରୁ ବଞ୍ଚିତ ହେବେ ।


**AFFIDAVIT**

I, Madhab Chandra Nayak S/O-Hadibandhu Naik, Resident of Plot No. 88 / 2, Acharya Vihar, Behind TTD Kalyanmandap, PO - RRL Campus, Bhubaneswar Dist-Khurda, PIN-751013, Odisha declare by this affidavit No. 1266 Dtd.-25/07/2024 that now onwards I shall be known as **Madhab Chandra Naik** for all future purposes.

**AFFIDAVIT**

I, Bhanja Palei, H/o-Pragyan Kumari Palai, resident of Vill-Chandipitha, Po-Bikrampur, Ps/Tahasil-Khallikot, Pin-761029, Dist-Ganjam, Odisha declare by this affidavit No.937, date-15/05/2024, that now onwards I shall be known as **BHANJA PALAI** for all future purposes.

**AFFIDAVIT**

By an affidavit on 22.07.2024 before the Notary Public, Bhubaneswar, I Puspalata Behera W/o Prafulla Kumar Behera, resident of plot no. 400/3226 Mahadev Nagar, Jharapada, Bhubaneswar, Dist: Khordha, Odisha declare that my actually name is Puspalata Behera but in Aadhar card my name has been wrongly mentioned as Mamatamayi Behera. So that Puspalata Behera & Mamatamayi Behera is one & the same person and now onwards I shall be known as Puspalata Behera for all purposes.

**AFFIDAVIT**

I, Mahesh Sethia, S/o-Late Kushal Chand Sethia, resident of At-Plot No. 688, Saheed Nagar, Bhubaneswar, Pin-751007, Dist-Khordha, Odisha declare by this affidavit No. 489, date-25/07/2024, that now onwards I shall be known as **MAHESH KUMAR SETHIA** for all future purposes.

**ବିଜ୍ଞପ୍ତି**

ପୂର୍ବରୁ ପରିବେଶ ପର୍ଯ୍ୟାବରଣ ପକ୍ଷରୁ ଜାରି ହୋଇଥିବା ମୌଜା-ଘାଟିକିଆ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାରେ ଏକ 2B+G+14 ଉଚ୍ଚତା ଆବାସିକ କୋଠା ନିର୍ମାଣ ନିମନ୍ତେ M/s Shuvam Construction (P) Ltd କୁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାୟନ ପ୍ରାଧିକରଣ (SEIAA) ଭାବେ ରାଜିନାମା କରାଯାଇଛି ଓ ଏହାଦ୍ୱାରା ତା. 22/07/2022 ରିଖରେ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଛି ଯାହାର EC ପରିଚୟ ସଂଖ୍ୟା-EC22B038OR134872, ଯାହାକି ତା.09/07/2024 ରିଖରେ SEIAA ପକ୍ଷରୁ ପ୍ରସ୍ତାବ SIA/OR/MIS/306106/2023 ଦିଆଯାଇ ସଂଶୋଧନ କରାଯାଇଛି।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact-Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

By virtue of an affidavit before the Notary Public, Chandikhole, I Dillip Behera, S/o- Kirtan Behera, Brahmabarada, Jajpur, swearing that my wife's name is recorded as Sarmistha Patra in her Aadhar & other Academical Certificates. But in my Passport No.- R4811367 it is recorded as Sarmistha Behera. Both is one and same person.

**AFFIDAVIT**

I, Sonali Giri, D/o- Sambhunath Giri, Resident of At-Jamunaposi, Po- Gudunia, Ps-champua, Dist.: Keonjhar, Odisha declare by this affidavit no- 2326 dated 3.07.2024 that now onwards I shall be known as SAMYABATI GIRI,D/o Sambhunath Giri for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Nimapara dated 01.07.2024 I Geetanjali Behera, D/o- Subash Behera, At/po-Gadakaramala, Ps.- Gop, Dist.-Puri, Pin-752116, Odisha. Declare that I have changed my name Lipsa Behera to Geetanjali Behera. Henceforth shall be known as Geetanjali Behera for all the purposes.

**NOTICE**

THAT THE PARTNERSHIP FIRM M/S PUJA INDANE GAS, REGD NO-26202000631/2020 OF 2020.HAVING IT PRINCIPAL PLACE OF BUSINESS AT/PO-KONARK, DIST-PURI. PIN-752111. THAT THE SAID FIRM EXECUTED IN IGR ON DATE-14TH JULY 2020 AND NOW THE FIRM HAS BEEN DISSOLVED WITH EFFECT FROM DATE 26/07/2024 AS FOLLOWS.

SWARNAPRAVA RATH — EXISTING PARTNER
MANOJ KUMAR SAHOO — EXISTING PARTNER

MAMATA SAHOO
PARTNER

**ओड़िशा केन्द्रीय विश्वविद्यालय, कोरापुट**
(केन्द्रीय विश्वविद्यालय अधिनियम 2009 के अंतर्गत स्थापित)
**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
NAD Post Office, Sunabeda, Dist. - Koraput, Odisha - 763 004

**Advertisement For Admission in PG Programmes**

Advertisement No. 02/2024 — Date : 25.07.2024

The Central University of Odisha inviting online application for admission into PG Programmes **(M.Sc. in Botany and M.Sc. in Zoology)** for the Academic Year 2024-25.

The starting date of receiving online application : **29.07.2024**
The end date of receiving online application : **16.08.2024**
For more details, please visit our website: **www.cuo.ac.in**

Sd/-
Controller of Examinations

**ZILLA SWASTHYA SAMITI, KALAHANDI** — E-144
Office of the Chief District Medical Officer (DPMU, NRHM), Kalahandi

Advt. No. 2034/DPMU/NHM/24 — Date: 26.07.2024

**TENDER CALL NOTICE FOR AIRBORNE INFECTION CONTROL KIT**

Sealed tenders are invited as per the prescribed format Agencies/Individuals for Supply of Airborne infection control kit by the office of CDM& PHO, Kalahandi. Details Eligibility criteria, format for submission of bid etc. are available in district. website: **www.kalahandi.gov.in**

The detail terms and conditions may be down loaded from the website: **www.kalahandi.gov.in**. The tenders (Superscripted tender for__________). through Regd.Post/Speed Post only on or before 08.08.2024 **(till 1:00 PM) to the Office of the CDM & PHO, Kalahandi PinCode-766001**. The tenders will be opened on **08.08.2024 4:00 PM**. The undersigned reserves the right to reject any or all the tenders without assigning any reason thereof.

OIPR-10076/11/0002/2425 — Sd/- **Chief District Medical & Public Health Officer, Kalahandi**

**GOVERNMENT OF ODISHA**
**AGRICULTURE DEPARTMENT**
**OFFICE OF THE EXECUTIVE ENGINEER (AGRIL.),**
**DHENKANAL DIVISION, DHENKANAL**
**INVITATION FOR BIDS (IFB)** — L-32
No. 560 — Date 25.07.2024
**e procurement notice**
Bid identification number/Tender call notice no-E E (A) D/D-02 of 2024-25

The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from 08.00 lakhs to 10.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 02.08.2024 at 10.00 hours to 13.08.2024 at 05.30 hours. The bid will be opened on 16.08.2024 at 11.30 PM in the 0/o Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.

Email ID:-eeagri.dhenkanal.@gmail.com
OIPR-01446/11/0002/2425
Executive Engineer (Agril)
Dhenkanal Division, Dhenkanal

**DISTRICT ATHLETIC ASSOCIATION SUNDARGARH**
**SUNDARGARH STADIUM- 770001**
**SPACE FOR RENT**

Hereby DAA, Sundargarh invites Tender for one (01) number of shop in DAA Complex, Sundargarh. Application for the same will be available in the DAA Office, Sundargarh from dated **30/07/2024 to 04/08/2024** by paying a non refundable amount of **Rs.3000/-(Rupees three thousand)** only . Details of the same is mentioned in the Application Form.
We will be grateful to you for publishing the advertisement.

**Sj. Prabhat Kumar Bhol**
Hony Gen. Secretary
Dist. Athletic Association Sundargarh

B-114
**WORKS DEPARTMENT**
OFFICE OF THE SUPERINTENDING ENGINEER,
BHADRAK (R&B) DIVISION
e-mail: - bhadrakrnbdivision@gmail.com
Government of Odisha "e" Procurement Notice
Bid Identification No. SE (R&B) BDK-10/2024-25
No. 4338/ Dt. 24.07.2024

1. Nature of work: - Building Work
2. Number of works: -1(One)
3. Amount put to Tender: - Rs. 78,31,901 /-
4. Class of Contractor: -"B"
5. Date & Time of availability of bid document in the portal: - 07.08.2024 11.00 AM
6. Last Date / Time of receipt of bid in the portal: - 16.08.2024up to 05.00 PM
7. Date of opening of bid: - Dt.17.08.2024 at 11.30 AM
8. Name & address of the Office inviting bid: - Superintending Engineer, Bhadrak (R&B) Division.
9. The bidders have to participate in ONLINE bidding only.
10. Further details can be seen from the e-procurement portal "http//tendersodisha.gov.in."
11. All future corrigendum will be available on ONLINE mode only.

OIPR-34079/11/0004/2425
Superintending Engineer
Bhadrak (R&B) Division

O-142 — Email- eerwel_bbsr@yahoo.co.in
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**
**e-Procurement Notice No. -EERWELBBSR-03/2024-25**

| | | |
|---|---|---|
| 1 | Name of the work | 5 Nos. of shifting work of 11Kv line LT line, Sub-Station due to PMGSY/MMSY road widening work and bridge work under RW Division Bhubaneswar |
| 2 | Estimated Cost | From 8.08 lakhs to 28.42 lakhs (Excluding GST) |
| 3 | Period of completion | 90 days |
| 4 | Bid Identification No. | EERWELBBSR-03/2024-25 |
| 5 | Date and time of availability of bid documents in the portal | From Dt. 01.08.2024 at 12.00 AM to dt. 07.08.2024 upto 5.00 PM |
| 6 | Date and time of opening of tender | Dt. 08.08.2024 at 01.00 PM |
| 7 | Procurement officer / Name and address of the officer inviting Bids | Executive engineer, RWEL Divn. BBSR, At- 1st floor of Divn. Complex, Rasulgarh, Behind Explanade Mall, Dist.- Khurda, Odisha, Pin-751010 |

Further detail can be seen from the Govt. Website www.tenderorissa.gov.in
Executive Engineer
Rural Work Electrical Division
Bhubaneswar
OIPR-25168/11/0001/2425

GOVT. OF ODISHA — A-181
DEPARTMENT OF WATER RESOURCES
OFFICE OF THE DIRECTOR ,
WATER AND LAND MANAGEMENT INSTITUTE
AT: PRATAPNAGARI, PO: TELENGAPENTHA,
DIST: CUTTACK, ODISHA
E-mail ID :- walmi@odisha.gov.in
'e' Procurement Notice No- WALMI-1/2024-25(Online)

The bid documents consisting of work, estimated cost, cost of tender paper, EMD, time of completion, class of contractor, the set of term & conditions of contract and other necessary documents can be seen in e- procurement portal www.tendersorissa.gov.in .The tender submission process will be completely online.

BIDDERS REGISTERED THEMSELVES UNDER CDMS PORTAL ONLY CAN PARTICIPATE IN THE BIDDING PROCESS AFTER 31.12.2020 AS PER WORKS DEPTT. LETTER NO- 9100 DATED 17.07.2020.

1. Nature of Work : **Building works**
2. Total No. of Works : 1 (one) work
3. Bid Identification No : WALMI-1/2024-25
4. Tender Cost : Approx. Rs. 4.05 lakhs
5. Class of Contractor : " D & C " Class
6. Period of completion : 2 (Two) Months
7. Other Details : As noted below
   a) Procurement Officer : Deputy Director, Water and Land Management Institute email: walmi@odisha.gov.in Ph:- 7749963486/9937924096
   b) Availability of Tender On-line for bidding : 11.00 Hours of 01.08.2024 to 17.30 Hours of 10.08.2024
   c) Last date & time of Submission of bid document : 17.30 Hours of 10.08.2024
   d) Date, time & place of Opening of Bid Document : 12.08.2024 at 11.30 Hours in the O/o the Director , Water and Land Management Institute, Pratapnagari, Cuttack
   e) Date of Lottery (if required) : To be intimated later on.

Further details can be seen from the Govt. web site "https://tendersodisha.gov.in"
OIPR-32228/11/0001/2425
Deputy Director , WALMI

### ଭଦ୍ରକ ରକ୍ତ କେନ୍ଦ୍ରରେ ରକ୍ତ ଅଭାବ

# ୮୦ ବଦଳରେ ରହୁଛି ୨୪ ୟୁନିଟ୍

ଭଦ୍ରକ, ୨୬।୭ (ସମିସ)




ଭଦ୍ରକ ହେଡ୍‌କ୍ୱାଟର ହସ୍ପିଟାଲ (ଡିଏଚ୍‌ଏଚ୍) ପରିସରରେ ଥିବା ରକ୍ତ କେନ୍ଦ୍ରରେ ଗତ ୫/୬ମାସ ହେବ ରକ୍ତ ସଂକଟ ସମସ୍ୟା ଦେଖାଦେଇଛି। ଫଳରେ ରୋଗୀ, ରୋଗୀଙ୍କ ସମ୍ପର୍କୀୟଙ୍କ ସହ ନିୟମିତ ରକ୍ତ ନେଉଥିବା ଥାଲାସେମିଆ ବା ସେହି ଧରଣର ରୋଗୀମାନେ ଦୁର୍ଦ୍ଦଶାରେ ସମ୍ମୁଖୀନ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ହ୍ରାସ ପାଇବା ପ୍ରମୁଖ କାରଣ
- ଓଡ଼ିଶା ମୋ ପରିବାରରୁ ବର୍ଷକୁ ଆସୁଥିଲା ୩୬ଶହ ୟୁନିଟ୍

ହେଉଥିବା ପରିଲକ୍ଷିତ ହେଉଛି। ତେବେ ଏହି ରକ୍ତ ସଂକଟ ସମସ୍ୟା ଜିଲ୍ଲାରେ ପୂର୍ବାପେକ୍ଷା ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହ ଶିବିର ବା କ୍ୟାମ୍ପର ହ୍ରାସ ପାଇବା ହିଁ ପ୍ରମୁଖ କାରଣ ବୋଲି କୁହାଯାଉଛି। ଗତ ୫ମାସ ହେବ ନଗଣ୍ୟ ରକ୍ତଦାନ ଶିବିର ହେଉଛି। ସାଧାରଣ ନିର୍ବାଚନ ଓ ରୌଦ୍ରତାପ ମଧ୍ୟ ଏହାର ଅନ୍ୟ ଏକ କାରଣ ବୋଲି ରକ୍ତକେନ୍ଦ୍ର ପରାମର୍ଶଦାତା ରତିକାନ୍ତ ବଳ ମତପ୍ରକାଶ କରିଛନ୍ତି। ଶ୍ରୀ ବଳ ଆହୁରି କରିଛନ୍ତି ଯେ, ପୂର୍ବରୁ 'ଓଡ଼ିଶା ମୋ ପରିବାର' ପକ୍ଷରୁ ମାସକୁ ୩ଶହ ୟୁନିଟ୍ ଓ ବର୍ଷକୁ ୩୬ଶହ ୟୁନିଟ୍‌ରୁ ଅଧିକ ପରିମାଣର ରକ୍ତ ସଂଗ୍ରହ ହୋଇ ଜିଲ୍ଲା ରକ୍ତ କେନ୍ଦ୍ରକୁ ଆସୁଥିଲା। ଯାହାକି ସର୍ବାଧିକ ପରିମାଣରେ ରକ୍ତ କେନ୍ଦ୍ରକୁ ମିଳୁଥିଲା। ତେବେ ନିର୍ବାଚନ ଘୋଷଣା ଠାରୁ ଏହା ଧିମେଇ ଯାଇ ଏକ ପ୍ରକାର ବନ୍ଦ ରହିଛି। ଫଳରେ ଭଦ୍ରକ ରକ୍ତ କେନ୍ଦ୍ରରେ ରକ୍ତ ସଂକଟ ଲାଗିଛି।

ଭଦ୍ରକ ରକ୍ତ କେନ୍ଦ୍ର ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଭଦ୍ରକ ରକ୍ତ କେନ୍ଦ୍ରରେ ୨ହଜାରରୁ ୨୫ଶହ ୟୁନିଟ୍ ରକ୍ତ ସଂଗ୍ରହ ହୋଇ ରହି ପାରିବାର କ୍ଷମତା ରହିଛି। ଜିଲ୍ଲା ହେଡ କ୍ୱାଟର ହସ୍ପିଟାଲର ରୋଗୀଙ୍କୁ ବ୍ୟତୀତ ଏଠାକାର ଘରୋଇ ନର୍ସିଂହୋମ ସମେତ ଆଖପାଖ ପଡୋଶୀ ଜିଲ୍ଲା ସରକାରୀ ହସ୍ପିଟାଲର ଆବଶ୍ୟକତାକୁ ଲକ୍ଷ୍ୟ କରି ରକ୍ତ ଦିଆଯାଇଥିଲା। ସେହିଭଳି ଜିଲ୍ଲାରେ ୪ଶହ ଭଳି ଥାଲାସେମିଆ ରୋଗୀ ନିୟମିତ ରକ୍ତ ନେଉଛନ୍ତି। ଦୈନିକ ୩୦ରୁ ୩୫ଜଣ ଥାଲାସେମିଆ ଓ ପ୍ରସୂତି ରୋଗୀ ନିୟମିତ ରକ୍ତ ନେଉଥିବା ବେଳେ ମୋଟ ୬୦ରୁ ୭୦ୟୁନିଟ୍ ରକ୍ତ ଭଦ୍ରକ ରକ୍ତ କେନ୍ଦ୍ରରୁ ଦିଆଯାଉଛି। ତେବେ ରକ୍ତକେନ୍ଦ୍ରକୁ ନିୟମିତ ଆସୁଛି ୨୦ରୁ ୨୫ୟୁନିଟ୍। ଗତ ୨୫ତାରିଖ ସୁଦ୍ଧା ରକ୍ତ କେନ୍ଦ୍ରରେ ମାତ୍ର ୨୪ ୟୁନିଟ୍ ରକ୍ତ ମହଜୁଦ ଥିଲା। ତେବେ ସୌଭାଗ୍ୟର କଥା ଆଜି ଏକ ସ୍ୱେଚ୍ଛାକୃତ କ୍ୟାମ୍ପରୁ ୯୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇ ଆସିବାରୁ ଏହି ସଂକଟ କିଛି ମାତ୍ରାରେ ଦୂର ହୋଇଛି। ସେହିଭଳି ଜିଲ୍ଲାରେ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଧ୍ୟରେ 'ଓଡ଼ିଶା ମୋ ପରିବାର' ପକ୍ଷରୁ ଭଦ୍ରକ, ଧାମନଗର, ବାସୁଦେବପୁର, ଖଇରା, ସିମୁଳିଆ ଓ ଯାଜପୁରରେ ଅନୁଷ୍ଠିତ 'ଓଡ଼ିଶା ମୋ ପରିବାର' ଶିବିରରୁ ଉପରୋକ୍ତ ରକ୍ତ ସଂଗ୍ରହ କରାଯାଇ ଭଦ୍ରକ କେନ୍ଦ୍ରକୁ ଆସୁଥିଲା। ଅନୁରୂପ ଭଦ୍ରକ ସତ୍ୟସାଇ ଅନୁଷ୍ଠାନ ୧ ଓ ୨ ସହ ୧୩ଟି ସ୍ୱେଚ୍ଛାସେବୀ ଅନୁଷ୍ଠାନ-ଆଦାନୀ ଫାଉଣ୍ଡେସନ ଧାମରା, ଅଖିଳ ଭାରତ ଦୁଃଖୀ ସମାଜ ଭଦ୍ରକ, ଭଦ୍ରକ କଲେଜ, ଟିପିଏନଓଡିଏଲ୍ ଭଦ୍ରକ, ସହିଦ ଭଗତ ସେନା ପ୍ରମୁଖଙ୍କ ଠାରୁ ଉକ୍ତ ରକ୍ତ ସଂଗ୍ରହ ହେଉଥିଲା। ତେବେ ଏବେ ଏହି କ୍ୟାମ୍ପ ହୋଇନାହିଁ। ଅନ୍ୟପକ୍ଷରେ ଦୈନିକ ୬୦ରୁ ୭୦ ୟୁନିଟ୍ ରକ୍ତର ଆବଶ୍ୟକତା ରହିଛି। ଡାକ୍ତରଖାନାର ରୋଗୀଙ୍କ ଲାଗି ୨୫ ୟୁନିଟ୍, ଥାଲାସେମିଆ ରୋଗୀଙ୍କୁ ୩୫ୟୁନିଟ୍, ନର୍ସିଂହୋମକୁ ୧୦ୟୁନିଟ୍ ରକ୍ତର ଆବଶ୍ୟକତା ଥିବା ରକ୍ତକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଭଦ୍ରକ ରକ୍ତ କେନ୍ଦ୍ରରେ ଏ ଓ ବି ପଜେଟିଭ ରକ୍ତ ନାହିଁ। ଏକ୍ସଚେଞ୍ଜ ହେଲେ ରୋଗୀଙ୍କୁ ଦିଆଯାଉଛି। ଏପରିସ୍ଥଳେ ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗଭର ହେବା ଜରୁରି ବୋଲି ମତପ୍ରକାଶ ପାଇଛି। ତେବେ ଆସନ୍ତା ଅଗଷ୍ଟ ମାସରେ ୧୨ଟି ଭଳି ସ୍ୱେଚ୍ଛାକୃତ ରକ୍ତଦାନ କ୍ୟାମ୍ପ ହେବାର ସୂଚନା ରକ୍ତ କେନ୍ଦ୍ର ପକ୍ଷରୁ ଦିଆଯାଇଛି। ଯାହା ରକ୍ତ ଅଭାବ ସମସ୍ୟାକୁ ଦୂର କରିବ ବୋଲି ଜଣାଯାଇଛି।

### ଭଦ୍ରକ କଲେଜରେ ରକ୍ତଦାନ ଶିବିର

## ୯୨ ୟୁନିଟ୍ ରକ୍ତ ସଂଗ୍ରହ




ଭଦ୍ରକ: ଭଦ୍ରକ ରକ୍ତ କେନ୍ଦ୍ରରେ ଗତ କିଛିମାସ ହେବ ରକ୍ତ ସଂକଟ ସମସ୍ୟା ଦେଖାଦେଇଛି। ଏହି ସମସ୍ୟାର ଦୂର ଲାଗି ଆଜି ଭଦ୍ରକ ସ୍ୱୟଂଶାସିତ କଲେଜ ପରିସରରେ ଏନଏସଏସ୍ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ହି ଶିବିରରେ ଏନଏସ୍‌ଏସ୍‌ର କାର୍ଯ୍ୟକର୍ତ୍ତା ଓ ଛାତ୍ରଛାତ୍ରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା, ଏହି ଶିବିରରେ ୨୪ଜଣ କଲେଜ ଛାତ୍ରୀ ରକ୍ତଦାନ କରିଛନ୍ତି। ଏହି ଶିବିରକୁ ଏନଏସ୍‌ଏସ୍ ପୋଗ୍ରାମ ଅଫିସର ଅଧ୍ୟାପକ ସୁଦର୍ଶନ ଦାସ ଓ ଅଧ୍ୟାପକ ଶୁଭେନ୍ଦୁ କୁମାର ବରାଳ ପରିଚାଳନା କରିଥିଲେ। ସେହିଭଳି ଭଦ୍ରକ ରକ୍ତକେନ୍ଦ୍ର ପକ୍ଷରୁ ଡାକ୍ତର ଶରତ ଆଚାର୍ଯ୍ୟ, ପରାମର୍ଶଦାତା ରତିକାନ୍ତ ବଳ, ଏଲ୍‌ଟି-ନୀଳିମା ସ୍ୱାଇଁ ମଙ୍ଗୁଲୁ ପ୍ରଧାନ ପ୍ରମୁଖ ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ତୁଲାଇଥିଲେ। ଏନଏସଏସ୍ ପକ୍ଷରୁ ଏହି ସ୍ୱେଚ୍ଛାକୃତ ରକ୍ତଦାନକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଧୂଷୁରୀକୁ ବ୍ଲକ୍ ମାନ୍ୟତା ଦାବି

**ଅସୁରାଳି, ୨୬।୭ (ସମିସ):** ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀକୁ ବ୍ଲକ ମାନ୍ୟତା ଦାବି ତୀବ୍ର ହେବାରେ ଲାଗିଛି। ଏହି ମାନ୍ୟତା ମିଳିଲେ ସମ୍ପୃକ୍ତ ଅଞ୍ଚଳର ବହୁ ମୌଳିକ ସମସ୍ୟାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଧୂଷୁରୀ ଅଞ୍ଚଳବାସୀ ପୂର୍ବରୁ ବ୍ଲକ ମାନ୍ୟତା ଦାବି କରି ଆସୁଥିବା ବେଳେ ମନ୍ତ୍ରିମଣ୍ଡଳରେ ଧାମନଗରର ପ୍ରତିନିଧିତ୍ୱ ମିଳିଥିବାରୁ ଧୂଷୁରୀକୁ ବ୍ଲକ ମାନ୍ୟତା ଦାବି ଜୋର୍‌ଧରିଛି। ଧୂଷୁରୀ ବଜାର ଧାମନଗର ବିଧାନସଭା କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ। ଏହା ବ୍ୟସ୍ତବହୁଳ ଓ ଜନଗହଳିପୂର୍ଣ୍ଣ ସ୍ଥାନ ଭାବେ ପରିଚିତ। ଧୂଷୁରୀ ନିକଟବର୍ତ୍ତୀ ପ୍ରାୟ ୨୦ଟି ଗ୍ରାମ, ପଡ଼ୋଶୀ ତିହିଡ଼ି ବ୍ଲକର ବହୁ ଅଞ୍ଚଳ ସମେତ ଯାଜପୁର ଜିଲ୍ଲାର ସୀମାନ୍ତ ଗ୍ରାମଗୁଡ଼ିକର ଲୋକେ ନିଜର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପନିପରିବା ଇତ୍ୟାଦି ପାଇଁ ଏହି ବଜାର ଉପରେ ନିର୍ଭରଶୀଳ। ରବି ଋତୁରେ ଧୂଷୁରୀ ଅଞ୍ଚଳର ପରିବା ଚାଷୀମାନେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ସବୁଜ ପରିବା ଯୋଗାଇଥା'ନ୍ତି। ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ଧୂଷୁରୀକୁ ଏକ ବ୍ଲକ ମାନ୍ୟତା ଦେବା ପାଇଁ ଦୀର୍ଘଦିନ ହେବ ଦାବି ହୋଇଆସୁଛି। ଏକ ବିସ୍ତୃତ ଅଞ୍ଚଳର ଜନସାଧାରଣ ନିଜର ସରକାରୀ କାର୍ଯ୍ୟ ପାଇଁ ବହୁ ଦୂରରେ ଥିବା ଧାମନଗର ବ୍ଲକ କାର୍ଯ୍ୟାଳୟ ଉପରେ ନିର୍ଭରଶୀଳ। ଧୂଷୁରୀକୁ ବ୍ଲକକୁ ମାନ୍ୟତା ବିଗତ ଦିନରେ ଏକ ରାଜନୈତିକ ପ୍ରସଙ୍ଗ ହୋଇଆସିଛି। ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ଏହି ଦାବି ଅତ୍ୟନ୍ତ ଯୁକ୍ତିଯୁକ୍ତ ବୋଲି ମତପ୍ରକାଶ କରିବା ସହ ଏହି ଦାବି ବାସ୍ତବ ରୂପ ନେବା ଦିଗରେ ଉଦ୍ୟମ କରାଯିବ ବୋଲି ବିଭିନ୍ନ ସମୟରେ ପ୍ରତିଶ୍ରୁତି ମିଳିଛି। କିନ୍ତୁ ଏହି ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଯାଇଛି। ଅପରପକ୍ଷରେ ଧୂଷୁରୀ ପରି ଏକ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ବହୁ ସମସ୍ୟା ଦେଇ ଗତି କରୁଛି। ଏଠାରେ ଟ୍ରାଫିକ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ପରିମଳ ବ୍ୟବସ୍ଥା କଥା ନକହିବା ଭଲ ସାପ୍ତାହିକ ହାଟ ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ। ଭଦ୍ରକ ଆଖଣ୍ଡଳମଣି ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ହାଟ ବସୁଛି। ଫଳରେ ହାଟକୁ ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଉକ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି। ପୁଲିସ ମଧ୍ୟ ଏହା ଦେଖି ନିରବଦ୍ରଷ୍ଟା ସାଜୁଛି। ପ୍ରାୟ ୧୫ ବର୍ଷ ପୂର୍ବେ ତତ୍କାଳୀନ ସରପଞ୍ଚ ସାପ୍ତାହିକ ହାଟକୁ ଧୂଷୁରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ସ୍ଥାନକୁ ଉଠାଇ ନେଇଥିଲେ। କିଛି ଦିନ ଚାଲିବା ପରେ ପୁଣି ବ୍ୟବସାୟୀମାନେ ସେ ସ୍ଥାନ ଛାଡ଼ି ମୁଖ୍ୟ ରାସ୍ତା ପାର୍ଶ୍ୱକୁ ପଳାଇ ଆସିଲେ। ଫଳରେ ଗ୍ରାହକମାନେ ରାସ୍ତା ଉପରେ ସାଇକେଲ୍, ବାଇକ୍ ରଖି କିଣାବିକା କରୁଥିବାରୁ ଟ୍ରାଫିକ୍ ସମସ୍ୟା ଅଧିକ ତୀବ୍ର ହୋଇଚାଲିଛି। ଏହି କାରଣରୁ ଧୂଷୁରୀ ବସଷ୍ଟାଣ୍ଡଠାରୁ ହାଇସ୍କୁଲ୍ ଛକ ପର୍ଯ୍ୟନ୍ତ ପ୍ରାୟ ୩୦୦ ମିଟର ରାସ୍ତା ପାର୍ ହେବା ପାଇଁ ବସ୍ ଓ ଅନ୍ୟାନ୍ୟ ଯାନଗୁଡ଼ିକୁ ୩୦ ମିନିଟ୍ ସମୟ ଲାଗୁଛି। ସ୍ଥାନୀୟ ଲୋକ ପ୍ରତିନିଧିମାନେ ଏ ଦିଗରେ ଦୃଷ୍ଟି ଦେଇ ଧୂଷୁରୀକୁ ବ୍ଲକ ମାନ୍ୟତା ଦେବାକୁ ସାଧାରଣରେ ଦାବି ହୋଇଛି।

## କାରଗିଲ୍ ବିଜୟ ଦିବସ ପାଳନ

**ଭଦ୍ରକ, ୨୬।୭ (ସମିସ):** କାରଗିଲ୍ ଯୁଦ୍ଧର ଏକ ଗୌରବମୟ ଇତିହାସକୁ ମନେ ପକାଇବା ପାଇଁ ରୋଟାରୀ କ୍ଲବ ମିଡ୍‌ଟାଉନ୍ ପକ୍ଷରୁ ଭଦ୍ରକ ସହିଦ୍ ସ୍ମୃତି ଭବନରେ କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଗୌରବ ଅଗ୍ରୱାଲଙ୍କ ସଭାପତିତ୍ୱ ଓ ପ୍ରୀତି ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚୈତାଳି ଖିଲାର ଓ ସମ୍ମାନିତ ବକ୍ତା ଭାବେ ସୁନୀତା ଗୁପ୍ତା ଯୋଗଦେଇଥିଲେ। ଚାନ୍ଦିପୁର ସ୍ଥିତ ଆଇଟିଆରର ପରିଚାଳନା ନିର୍ଦ୍ଦେଶକ ଡ.ନିଳାଦ୍ରୀ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭଦ୍ରକ ସିଟି ଡିଏସପି ଅଂଶୁମାନ ଦ୍ୱିବେଦୀ ମୁଖ୍ୟ ବକ୍ତା ଭାବେ କାରଗିଲ ଯୁଦ୍ଧରେ ଯବାନମାନଙ୍କ କଷ୍ଟସାଧ୍ୟ ସଫଳତା ବିଷୟରେ ଉଲ୍ଲେଖ କରିଥିଲେ। ପୂର୍ବତନ ରୋଟାରୀ ଜିଲ୍ଲା ସମ୍ପାଦକ, ସମାଜସେବୀ ଶିଶିର ମିଶ୍ର ନିଜର ବକ୍ତବ୍ୟ ରଖିଥିଲେ। ଉକ୍ତ ସଭାରେ ୬ଜଣ ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ୧୫ଟି ସ୍କୁଲରୁ ଆସିଥିବା ୫୫୦ ଜଣ ଛାତ୍ରଛାତ୍ରୀ ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ, ବକ୍ତୃତା ପ୍ରତିଯୋଗିତା ଓ ଅଭିନୟ ପରିବେଷଣ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏସବିଡିସ୍କୁଲ ପ୍ରଥମ, ସାଇ ବିନାୟକ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ସରକାରୀ ଉଚ୍ଚ ବିଦ୍ୟାଳୟକୁ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ନିରଞ୍ଜନ ମଲ୍ଲିକଙ୍କ ସହ ଇନ୍ଦ୍ରଜିତ୍ ସିଂ, ସନାତନ ଜେନା, ବେଦପ୍ରକାଶ ଗୁପ୍ତା, ସମିତା ମିଶ୍ର, ରତନଲାଲ ଗୁପ୍ତା, ପ୍ରମୋଦ ଲଖାନୀ, ରାହୁଲ ଖେରିଆ, ଅଶୋକ ଲଖାନୀ, ଅଶୋକ ବିଶ୍ୱାଳ, ସିଲୁ ଲଖାନୀ, ସଙ୍ଗୀତା ଦେ ଓ ପ୍ରତିଭା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଅତିସ୍ ବେହେରା ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦଶମୌଜା କେନାଲ ପାଣି ଅଟକ



**ତିହିଡି, ୨୬।୭ (ସମିସ):** ଦଶମୌଜା କେନାଲରେ ପାଣି ଛଡ଼ାଯାଇଛି ବୋଲି ବିଭାଗ କହୁଛି। ହେଲେ ପାଣି ତିହିଡ଼ିରେ ପହଞ୍ଚିନାହିଁ। ଫଳରେ ତିହିଡ଼ିରେ ଚାଷ କାର୍ଯ୍ୟ ଠପ ହୋଇଯାଇଛି। ଆଜି ଚାଷୀନେତା ଗୋବର୍ଦ୍ଧନ ନାୟକ, ପ୍ରକାଶ ଜେନା, ତିହିଡ଼ି ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ତିହିଡ଼ି ତହସିଲର ସୁପରଭାଇଜର ଓ ବିଭାଗୀୟ ଉପଖଣ୍ଡ ଅଧିକାରୀ ପ୍ରମୁଖ ଦଶମୌଜା କେନାଲର ଆରମ୍ଭ ଭଦ୍ରକ ବ୍ଲକର ତେମୁହାଁଣୀ, ଆହାରପଦା, ଭବାନୀବିନ୍ଧା, ପଦ୍ମପୁର ଆଦି ସ୍ଥାନରେ ପହଞ୍ଚି କେନାଲର ଅବସ୍ଥା ଅନୁଧ୍ୟାନ କରିଥିଲେ। ଏହି କେନାଲରେ ଆହାରପଦା, ଭବାନୀବିନ୍ଧା ଓ ପଦ୍ମପୁର ପାଖରେ ସ୍ଲୁଇସଗେଟ ନିର୍ମାଣ କରାଯାଇଛି ଏବଂ ପଦ୍ମପୁର ଠାରେ ସମସ୍ତ ଗେଟକୁ ପକାଯାଇ ପାଣିକୁ ଅଟକ ରଖାଯାଇଛି। ଗୋଟିଏ ପଟରେ କେନାଲରେ ପାଣି ଲହରି ଖେଳୁଥିବା ବେଳେ ତିହିଡ଼ି ପାର୍ଶ୍ୱରେ କେନାଲ ଶୁଖିଲା ପଡ଼ିଛି। ତଳକୁ ପାଣି ଆସିବାକୁ ହେଲେ ପଦ୍ମପୁର ଗେଟ ଖୋଲାଯିବା ସହ ପାଣି କିପରି ଶେଷମୁଣ୍ଡ ପର୍ଯ୍ୟନ୍ତ ଆସିବ

- ଉପରମୁଣ୍ଡ ପରିଦର୍ଶନ କଲେ ବିଭାଗୀୟ ଅଧିକାରୀ

ସେ ନେଇ ପ୍ରଶାସନ ନିଶ୍ଚିତ କରିବାର ଆବଶ୍ୟକତା ରହିଛି। ଅଧିକାରୀମାନେ କ୍ଷେତ୍ରୀୟ ତଦନ୍ତ କରିଥିଲେ ମଧ୍ୟ ସ୍ଥାନୀୟ ଚାଷୀ ବନ୍ଦ କରି ରଖିଥିବା ଗେଟ୍ କିପରି ଖୋଲାଯିବ ସେ ନେଇ କିଛି ପଦକ୍ଷେପ ନେଇ ନାହାନ୍ତି। ତିହିଡ଼ିରେ ଜମି ଶୁଖିଲା ପଡ଼ିଛି ଓ ଚାଷ କାର୍ଯ୍ୟ ବନ୍ଦ ରହିଛି। ଚଳିତ ଥର ଚାଷ ହେବ କି ନାହିଁ ସେ ନେଇ ଚାଷୀ ସନ୍ଦିହାନ ରହିଛି। ଏପରି କ୍ଷେତ୍ରରେ ଦଶମୌଜା କେନାଲ ଥାଇ ଯାହା ନଥାଇ ତାହା। ତିହିଡ଼ିର ଚାଷୀଙ୍କୁ ପାଣି ଦେବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁବୋଲି ଦାବି ହେଉଛି।

## କାରଗିଲ ଦିବସ ପାଳିତ



**ବାରିକପୁର, ୨୬।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ନିକଟ ରାଜେନ୍ଦ୍ରପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ୨୫ତମ କାରଗିଲ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ତପନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଭାରତୀୟ ସେନାର ଅବସରପ୍ରାପ୍ତ ସୁବେଦାର ଚିତରଞ୍ଜନ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କାରଗିଲ ଯୁଦ୍ଧ ସମୟରେ ଶ୍ରୀପଣ୍ଡା ନିଜର ଅନୁଭୂତିକୁ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏତଦବ୍ୟତୀତଦେଶମାତୃକାରସେବାପାଇଁଉପସ୍ଥିତଛାତ୍ରଛାତ୍ରୀଙ୍କୁସେଆହ୍ୱାନଦେଇଥିଲେ।ଏହିଅବସରରେଅବସରପ୍ରାପ୍ତ ଯୋଦ୍ଧାଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

## ଗଞ୍ଜେଇ ଜବତ; ଜଣେ ଗିରଫ

**ଭଦ୍ରକ, ୨୬।୭ (ସମିସ):** ଭଦ୍ରକ ଅବକାରୀ ଅଧିକ୍ଷକ ନରୋତ୍ତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଓ ଅବକାରୀ ନିରୀକ୍ଷକ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଭଦ୍ରକ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ମୁର୍ମୁ ଓ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସାବରଙ୍ଗ ଥାନା ଅନ୍ତର୍ଗତ ଅଣ୍ଡରେଇ ଛକ ନିକଟରେ ଚଢ଼ଉ କରିଥିଲେ। ଏହି ଚଢାଉରେ ୨୧.୧୬୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ସାବରଙ୍ଗ ଥାନା ଅନ୍ତର୍ଗତ ଅଣ୍ଡରେଇ ଗ୍ରାମର ଦୀନବନ୍ଧୁ ପାଣିଗ୍ରାହୀଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ଉରେ ଏସ୍‌ଆଇ ନଟବର ମଲ୍ଲିକ, ଏଏସ୍‌ଆଇ ରମେଶ ନାୟକ ଓ ଭବେଶ ଦାସ, କନଷ୍ଟେବଳ ଅଜିତ ସିଙ୍କୁ, ରୁଦ୍ରନାରାୟଣ ଦାସ, ସୁଦର୍ଶନ ପଲ୍ଲାଇ, ପରେଶ ଟୁଡୁ, ଜେମାମଣୀ ଜାମୁଡା, ଶୁଭ୍ରାମିନି ଦାସ ପ୍ରମୁଖ ସାମିଲ ଥିଲେ। ଏନେଇ ଭଦ୍ରକ ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଶ୍ରୀଅରବିନ୍ଦ ଦର୍ଶନ ପ୍ରବକ୍ତାଙ୍କ ପରଲୋକ

**ତିହିଡି, ୨୬।୭ (ସମିସ):** ଶ୍ରୀମା ଶ୍ରୀଅରବିନ୍ଦ ଦର୍ଶନର ବିଶିଷ୍ଟ ପ୍ରବକ୍ତା ଇନ୍ଦ୍ରମଣି ମହଲଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା। ତାଙ୍କ ଘର ତିହିଡ଼ି ବ୍ଲକ ଅଧୀନ ଦୋଳସାହି ଗ୍ରାମରେ। ହଦଗଡ଼, ତାଳଚେର, ରେଙ୍ଗାଲି ଓ ଇନ୍ଦ୍ରାବତୀ ପ୍ରକଳ୍ପରେ ସେ ବରିଷ୍ଠ ବୈଷୟିକ ସହାୟକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ତେବେ ସେ ଚାକିରି ସମୟରୁ ଶ୍ରୀଅରବିନ୍ଦ ଦର୍ଶନରେ ଅନୁପ୍ରାଣିତ ହୋଇ ସାଧନା କରୁଥିଲେ।



ସେହିପରି ସେ ବିଭିନ୍ନ ପାଠଚକ୍ର ଅନୁଷ୍ଠାନ ସହ ସମ୍ପୃକ୍ତ ରହି ଶ୍ରୀଅରବିନ୍ଦ ଦର୍ଶନ ଆଧାରରରେ ମାର୍ଗ ଦର୍ଶନ କରାଉଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତିହିଡ଼ି, ଭଦ୍ରକ ତଥା ରାଜ୍ୟର ବିଭିନ୍ନ ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠନ ତରଫରୁ ଶୋକ ପ୍ରକାଶ କରାଯାଇଛି।

## ବିଷ୍ଣୁପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ସର୍ବଶ୍ରେଷ୍ଠ ବିବେଚିତ

**ବାରିକପୁର, ୨୬।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ସ୍ୱାସ୍ଥ୍ୟ ଉପ କେନ୍ଦ୍ରଟି ଜିଲ୍ଲାର ସର୍ବଶ୍ରେଷ୍ଠ ବିବେଚିତ ହୋଇଛି। ଗତ ଏକ ସପ୍ତାହ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ଏକ କେନ୍ଦ୍ରୀୟ ପ୍ରତିନିଧି ଦଳ ବିଷ୍ଣୁପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ଏଠାରେ ଉତମ ଭିତିଭୂମି, ସ୍ୱଚ୍ଛ ନିର୍ମଳ ପରିବେଶ, ଅତ୍ୟାଧୁନିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଗ୍ରାମାଞ୍ଚଳ ରୋଗୀ ମାନଙ୍କ ପାଇଁ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ଥିବା କେନ୍ଦ୍ରୀୟ ପ୍ରତିନିଧି ଦଳ ଜାଣିବାକୁ ପାଇଥିଲେ। ପ୍ରତିନିଧି ମଣ୍ଡଳୀ ଜିଲ୍ଲାର ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକୁ ମଧ୍ୟ ପରିଦର୍ଶନ କରିଥିଲେ।



ତନ୍ମଧ୍ୟରୁ ବିଷ୍ଣୁପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ଜିଲ୍ଲାର ସର୍ବଶ୍ରେଷ୍ଠ ଭାବେ ମାନ୍ୟତା ମିଳିଛି। ପଞ୍ଚାୟତ ପକ୍ଷରୁ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମି ବିକାଶ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆର୍ଥିକ ଅନୁଦାନ ଯୋଗାଯାଇଥିବାରୁ ଉକ୍ତ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଟି ଆଜି ଶ୍ରେଷ୍ଠ ବିବେଚିତ ହୋଇପାରିଛି। ତେଣୁ ମେଡିକାଲର ସମସ୍ତ କର୍ମଚାରୀ ମାନେ ଆଜି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପହଞ୍ଚି ସରପଞ୍ଚ ଅମୂଲ୍ୟ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ଏହାଛଡା ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲଙ୍କୁ ମଧ୍ୟ କୃତଜ୍ଞତା ଜଣାଯାଇଛି।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ



**ବାରିକପୁର, ୨୬।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ନେରଡା ଗ୍ରାମ ପଞ୍ଚାୟତ ଯଶୋଟିକିରି ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଭାସ୍କର ଚନ୍ଦ୍ର ରାଉତଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ଶାନ୍ତିଲତା ରାଉତ, ପୁତ୍ରରା ତଥା ବିଜେଡି ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ପୁତ୍ର ତଥା ଯୁବ ଉଦ୍ୟୋଗୀ ବିରଞ୍ଚିନାରାୟଣ ରାଉତ, ପୁତ୍ର ବଧୂ ବିଳାସିନୀ, ବିଜୟା ଲକ୍ଷ୍ମୀ, ସରୋଜିନୀଙ୍କ ସମେତ ନାତିନାତୁଣୀ ଅଙ୍କିତା, ଶାଇଶ୍ରଦ୍ଧା, ଓମ୍ କ୍ରିଷ୍ଣା, ଓମ ସାଇ ପ୍ରମୁଖ ଉପସ୍ଥିତ ଥିଲେ। ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ବରିଷ୍ଠ ନାଗରିକ ଶରତ ଚନ୍ଦ୍ର ଜେନା, ବନମାଳୀ ପୃଷ୍ଟି, କୃପାସିନ୍ଧୁ ପୃଷ୍ଟି, ଯୁବନେତା ଲଳିତ ରାଉତ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ଯଶୋଟିକିରି ସ୍ଥିତ ବାସଭବନ ଠାରେ ପହଞ୍ଚି ପାର୍ଥିବ ଶରୀରରୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବୈତରଣୀ କୂଳ ଗାଁ ମଶାଣିରେ ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସାନ ପୁଅ ସୁଧାଂଶୁ ମୁଖାଗ୍ନି ଦେଇଛନ୍ତି।

### ଲଘୁଚାପଜନିତ ଲଗାଣ ବର୍ଷା

# ବୈତରଣୀକୁ ଧସିଲା ୨ଶହ ଫୁଟର ସୁରକ୍ଷା ବନ୍ଧ

ଭଦ୍ରକ/ଆରଡି, ୨୬।୭ (ସମିସ)





ଗତ ୩ଦିନ ହେଲା ଲଘୁଚାପଜନିତ ଲଗାଣ ବର୍ଷା ଓ ଧାମରା ନିକଟରେ ଅଶାନ୍ତ ସମୁଦ୍ରରୁ ଉଠୁଥିବା ଉଚ୍ଚ ଜୁଆର ଯୋଗୁ ତଳମୁଣ୍ଡରେ ଅର୍ଥାତ ଆରଡ଼ି ଅଞ୍ଚଳରେ ଉଛୁଳିବାରେ ଲାଗିଛି ବୈତରଣୀ ଓ ସାଳନ୍ଦୀ ନଦୀ। ଉଚ୍ଚ ଜୁଆର ପାଣିରେ ବୈତରଣୀ ନଦୀ ବୋଡ଼କ ଓ ସାଠିବାଙ୍କୁଡା ନିକଟରେ କୂଳ ଲଙ୍ଘିବା ଫଳରେ ସୁରକ୍ଷାବନ୍ଧ ପ୍ରାୟ ୨ଶହ ଫୁଟର ମାଟି ଅତଡ଼ା ନଦୀ ଗର୍ଭକୁ ଚାଲିଯାଇଛି।

ଏପରିକି ଜୁଆର ଢେଉ ଓ ବର୍ଷା ସମୟରେ କୂଳରୁ ଅତଡ଼ା ଖସୁଥିବାରୁ ବୈତରଣୀକୂଳ ଦେଇ ଯାଇଥିବା ଆଖଣ୍ଡଳମଣି-କୁଆଖିଆ ୨୦ନମ୍ବର ଜାତୀୟ ରାଜପଥ ବୋଡ଼କ ଗାଁ ନିକଟରେ ୨ଫୁଟ ଦବିଯିବା ସହ ବଡ଼ବଡ଼ ଖାଲ ସୃଷ୍ଟି ହୋଇ ବର୍ଷାପାଣି ଜମି ରହିଛି। ଯାହାଫଳରେ ଯାତାୟାତର ନାନା ଅସୁବିଧା ଦେଖା ଦେଇଛି। ଆଗକୁ ଯଦି ବୈତରଣୀନଦୀରେ ସାମ୍ଭାବ୍ୟ ବନ୍ୟା ପରିସ୍ଥିତି ଦେଖା ଦିଏ ତା' ହାଲେ ଉକ୍ତ ରାସ୍ତା ବିଚ୍ଛିନ୍ନ ହେବାର ଆଶଙ୍କା ସୃଷ୍ଟି କରିଛି। ପୂର୍ବରୁ ଉକ୍ତ ସ୍ଥାନରେ ବାରମ୍ବାର ରାସ୍ତାଟି ନଦୀକୁ ଧସୁଥିଲେ ମଧ୍ୟ ଜଳସେଚନ ବିଭାଗ କିମ୍ବା ଜାତୀୟ ରାଜପଥ ବିଭାଗ ପକ୍ଷରୁ ସ୍ଥାୟୀ ମରାମତି କରାଯାଉନଥିବାରୁ ବର୍ଷାଦିନ ଆସିଲେ ଦୀର୍ଘଦିନ ଧରି ରାସ୍ତାରେ ବର୍ଷାପାଣି ଓ ବନ୍ୟାପାଣି ପ୍ରବାହିତ ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳବାସୀ ଜଳବନ୍ଦୀ ହୋଇ ରହିବା ସହ ୨ଟି ଜିଲ୍ଲା ମଧ୍ୟରେ ଯାତାୟତ ଠପ୍ ହୋଇଯାଉଥିବା ସ୍ଥାନୀୟଲୋକମାନେ ସୂଚନା ଦେଇଛନ୍ତି।

- ଧାମରା ନିକଟରେ ଅଶାନ୍ତ ସମୁଦ୍ର
- ଜୁଆର ଢେଉରେ କୂଳ ଲଙ୍ଘୁଛି ବୈତରଣୀ
- ୨୦ନମ୍ବର ଜାତୀୟରାଜପଥ ବିପଦରେ
- ବିଚ୍ଛିନ୍ନ ହେବ ଆଖଣ୍ଡଳମଣି କୁଆଖିଆ ରାଜପଥ

# ପଶ୍ଚିମବଙ୍ଗରୁ ଆସୁନି; ବଜାରରେ ଆଳୁ ଚଡ଼କ

ଦୋବଲ,୨୬ ।୭ (ସମିସ)

ଗତ ଏକ ସପ୍ତାହ ହେଲା ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆଳୁ ଆସୁନାହିଁ। ଓଡ଼ିଆ ବେପାରୀ ଆଳୁ ପାଇଁ ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ ଓ ଶୀତଳଭଣ୍ଡାର ମାଲିକଙ୍କୁ ଫୋନ୍‌ରେ ଯୋଗାଯୋଗ କରିବା ବେଳକୁ ଉତ୍ତର ମିଳୁଛି ବଙ୍ଗ ସରକାର ଅଘୋଷିତ କଟକଣା ଜାରି କରିଛନ୍ତି। ତେଣୁ ଏବେ ଆଳୁ ରପ୍ତାନୀ ହୋଇ ପାରିବନି। ତେବେ ପଶ୍ଚିମବଙ୍ଗରୁ ଆଳୁ ଆସିବା ବନ୍ଦ ହେବା ପରେ ଓଡ଼ିଶା ବଜାରରେ ଆଳୁ ଦରରେ ନିଆଁ ଲାଗିଛି। ଗତ ସପ୍ତାହରେ ଧାମନଗରରେ ସମେତ ଆଖପାଖ ହାଟରେ ୩୫ ଟଙ୍କାରେ ଆଳୁ ବିକ୍ରି ହେଉଥିବା ବେଳେ ଆଜି ୪୫ ଟଙ୍କାରେ ବିକ୍ରି ହେଉଛି। ପଶ୍ଚିମବଙ୍ଗରୁ କେବଳ ଧାମନଗରକୁ ଓ ଆଖପାଖ ଅଞ୍ଚଳକୁ ଦୈନିକ ୪ରୁ ୫ ଟ୍ରକ୍ ଆଳୁ ଆସିଥାଏ। ତେବେ ଆଳୁର ଚାହିଦା ଥିବା ବେଳେ ପଶ୍ଚିମବଙ୍ଗର ବିଭିନ୍ନ ଶୀତଳଭଣ୍ଡାରରେ ସେହି ଅନୁସାରେ ଆଳୁ ମହଜୁଦ ନାହିଁ। ଚଳିତ ବର୍ଷ ପାଣିପାଗର ଅନିୟମିତତା କାରଣରୁ ଆଳୁ ଆଶାନୁରୂପ ଅମଳ ହୋଇନାହିଁ। ଫଳରେ ପଶ୍ଚିମବଙ୍ଗ ସରକାର ନିଜ ରାଜ୍ୟରେ ଆଳୁ ଦରରେ ସ୍ଥିରତା ଆଣିବା ପାଇଁ ରାଜ୍ୟ ବାହାରକୁ ଆଳୁ ରପ୍ତାନୀ ଉପରେ ଅଘୋଷିତ କଟକଣା ଲଗାଇଥିବା କୁହାଯାଉଛି। ଏପରିକି ପଶ୍ଚିମବଙ୍ଗର ନିର୍ଦ୍ଦିଷ୍ଟ କେତେକ ସ୍ଥାନରୁ ଆଳୁ ବୋଝେଇ ହୋଇ ଓଡ଼ିଶାକୁ ଆସୁଥିବା ବେଳେ ପଶ୍ଚିମବଙ୍ଗ ସୀମା ଦାରୁନ, ଆଙ୍ଗୁଆ, ସୁନାକଣିଆ, ମାଟିବିରୁଆ, ବୁଡ଼େଇ ଆଦି ସ୍ଥାନରେ ପଶ୍ଚିମବଙ୍ଗ ସରକାର ଗାଡ଼ିଗୁଡ଼ିକୁ ଅଟକ ରଖିଥିବା ଖବର ମିଳିଛି। କିନ୍ତୁ ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ ସଂଘ ସ୍ଥାନୀୟ ସରକାରଙ୍କ ଏପରି କଟକଣାକୁ ନେଇ କ୍ଷୁବ୍ଧ ଅଛି। ସେମାନେ ବର୍ଷ ସାରା ଆଳୁରୁ ଯେତିକି ରୋଜଗାର କରିଥାନ୍ତି ଏହାର ୭୦ ଭାଗ କେବଳ ଓଡ଼ିଶା ବଜାରରୁ ଜୁଲାଇରୁ ଅକ୍ଟୋବର ମଧ୍ୟରେ ରୋଜଗାର ହୋଇଥାଏ। ତେଣୁ କଟକଣା ହଟାଇ ନେବାକୁ ସେମାନେ ପଶ୍ଚିମବଙ୍ଗ ସରକାର ଉପରେ ଚାପ ପକାଉଛନ୍ତି। ମମତା ସରକାର କୋହଳ ମନୋଭାବ ପୋଷଣ ନକଲେ ଓଡ଼ିଶା ବଜାରରେ ଆଳୁର ଦର ଆହୁରି ବୃଦ୍ଧି ପାଇବ ବୋଲି ଧାମନଗର ଅଞ୍ଚଳର ପ୍ରମୁଖ ଆଳୁ ବ୍ୟବସାୟୀମାନେ ଅନୁମାନ କରୁଛନ୍ତି। ଶେଷଥର ପାଇଁ ୨୦୧୨ ମସିହାରେ ଅନୁରୂପ ଭାବେ ଆଳୁ ଦର ଅଣାୟତ ହୋଇଥିଲା। ଚଳିତ ବର୍ଷ ସେହି ଘଟଣାର ପୁନରାବୃତ୍ତି ହେବାର ଆଶଙ୍କା ଉପୁଜିଛି। ଧାମନଗର ବ୍ଲକରେ କିଛି ବେପାରୀ ଆଳୁର କଳାବଜାରୀ



କରୁଥିବାର ନଜର ଆସୁଛି ଯୋଗାଣ ବିଭାଗ ନଜରଦେବାକୁ ସାଧାରଣରେ ଦାବି ହେଉଛି।

## ଦୁଇ ଦିନରେ ଦୁଇଗୁଣା ବଢ଼ିଛି ଦର

**ବନ୍ତ/ଆଗରପଡ଼ା:** ଗତ କିଛିଦିନ ହେଲା ପନିପରିବା ଦର ଆକାଶଛୁଆଁ ଥିବାରୁ ଲୋକେ ତରକାରୀ ପାଇଁ ଆଳୁ ଉପରେ ନିର୍ଭର କରି ଚଳିଯାଉଥିଲେ। ମାତ୍ର ଶୁକ୍ରବାର ଠାରୁ ଆଗରପଡ଼ା ତଥା ଏହାର ଆଖପାଖ ବଜାର ଅଞ୍ଚଳରେ ହଠାତ୍ ଆଳୁ ଦର ଦୁଇ ଗୁଣ ହୋଇଛି। ଏଥିନେଇ ଗ୍ରାହକ ଓ ବ୍ୟବସାୟୀଙ୍କ ମଧ୍ୟରେ ବାକ୍‌ବିତଣ୍ଡା ପରି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିବାର ପରିଲକ୍ଷିତ ହୋଇଥିଲା। ପଶ୍ଚିମବଙ୍ଗରୁ ଆଳୁ ଯୋଗାଣବନ୍ଦ ହେବା ସୁଯୋଗରେ କିଛି ମୁନାଫାଖୋର ଆଳୁ ବ୍ୟବସାୟୀ ୩୦ଟଙ୍କାରୁ ୫୦ରୁ ୬୦ଟଙ୍କା ଚଢ଼ା ଦରରେ ଏହା ବିକ୍ରୀ କରୁଛନ୍ତି। ଆଳୁ ଲୋକଙ୍କ ପାଇଁ ଅନାବଶ୍ୟକ ସାମଗ୍ରୀ ହୋଇଥିବାରୁ ଆବଶ୍ୟକ ଠାରୁ କମ୍ ପରିମାଣରେ ଲୋକେ ଏହାକୁ କିଣୁଛନ୍ତି। କେତେକ ଅସାଧୁ ବ୍ୟବସାୟୀ ଆହୁରୀ ଅଧିକ ଚଢ଼ାଦରରେ ବିକ୍ରି କରିବାର ମସୁଧା କରି ଆଳୁ ନାହିଁ ବୋଲି ଗ୍ରାହକ ମାନଙ୍କୁ କହୁଥିବାର ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ୩୨ଟଙ୍କାରୁ ଅଧିକ ଦର ଦେଇ ଆଳୁ ନ କିଣିବାକୁ ଯୋଗାଣମନ୍ତ୍ରୀ ଗ୍ରାହାକମାନଙ୍କୁ ଅପିଲ କରୁଛନ୍ତି। କିନ୍ତୁ ଆଳୁ ନ କିଣିଲେ ଘରର ହାଣ୍ଡି ଶାଳ ଅଚଳ। ତେଣୁ ଲୋକେ ଏହାକୁ ବାଧ୍ୟବାଧ୍ୟବତାରେ କିଣୁଛନ୍ତି। ଏଥିପ୍ରତି ଯୋଗାଣ ବିଭାଗ ଦୃଷ୍ଟିଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।



## ଯୋଗାଣ ବିଭାଗ ଦ୍ୱାରା ଷ୍ଟକ୍ ଓ ଦର ତନଖି



**ଭଦ୍ରକ:** ଭଦ୍ରକ ସହରର ପରିବା ମାର୍କେଟରେ ଆଳୁ ପିଆଜର ଅସାଧୁ ବ୍ୟବସାୟ, ଅହେତୁକ ଦରବୃଦ୍ଧି, ବେନିୟମ ମହଜୁଦ ଆଦିକୁ ଯୋଗାଣ ବିଭାଗର ଏକ ସ୍କ୍ୱାର୍ଡ ଦ୍ୱାରା ତଦାରଖ କରାଯାଇଛି। ହୋଲ୍ ସେଲ ପଏଣ୍ଟରୁ ପାଇକାରି ବ୍ୟବସାୟ ପ୍ରତିଷ୍ଠାନକୁ ଆଳୁ ପିଆଜ ଠିକ୍‌ଭାବେ ଯୋଗାଇ ଦିଆଯାଉଛି କି ନାହିଁ ତନଖି କରାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାର୍ଡ ଦ୍ୱାରା ଅଚାନକ ଏହି ତନଖି କରାଯାଇଥିଲା। ଯାଞ୍ଚ କରାଯାଇଥିବା ହୋଲ୍‌ସେଲରଙ୍କ ନାମ ନୱା ଟ୍ରେଡର ଭଦ୍ରକ, ମାମାଜୀ ଟ୍ରେଡର ଭଦ୍ରକ, ବିସ୍‌ମିଲ୍ଲା ଖାଁ ଭଦ୍ରକ, ସାହୁ ଟ୍ରେଡ଼ର ଚରମ୍ପା। ଉପରୋକ୍ତ ଟ୍ରେଡର ମଧ୍ୟରୁ ନୱା ଟ୍ରେଡରଙ୍କ ପାଖରେ ୩୨ ପ୍ୟାକେଟ୍ ଆଳୁ ମହଜୁଦ ଥିବା ବେଳେ ସାହୁ ଟ୍ରେଡର ପାଖରେ ୪୦୦ ପ୍ୟାକେଟ୍ ମହଜୁଦ ଥିଲା। ଏହି ଷ୍ଟକ୍ ଖୁଚୁରା ବିକ୍ରେତାଙ୍କୁ ସୂଚାରୁ ରୂପେ ବଣ୍ଟନ କରିବାକୁ ପରାମର୍ଶ ଦିଆଯାଇଥିଲା। ଯେପରି ବହୁତ ଲୋକ ପାଇପାରିବେ ଯତ୍ନବାନ ହେବାକୁ ଜଣାଇ କୁହାଯାଇଥିଲା। କିଲୋପ୍ରତି ଆଳୁର ଦର ହୋଲ୍‌ସେଲରେ ୩୨ରୁ ୩୪ଟଙ୍କା ଥିବା ବେଳେ ସେହିପରି ପିଆଜ ଦର ହୋଲ୍‌ସେଲର ଠାରେ ୩୨ରୁ ୩୩ ଟଙ୍କା। ବଜାରରେ ପିଆଜ ସମସ୍ତ ହୋଲସେଲରଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିଛି। ସମସ୍ତ ହୋଲସେଲରଙ୍କୁ ରିଟେଲରମାନଙ୍କୁ କ୍ୟାସ୍ ମେମୋ ମାଧ୍ୟମରେ ଉପରୋକ୍ତ ସାମଗ୍ରୀ ବିକ୍ରୟ କରିବାକୁ ପରାମର୍ଶ ଦିଆଯାଇଛି। ଏହି ସ୍କ୍ୱାର୍ଡରେ ଥିବା ଅନ୍ୟ ଅଧିକାରୀମାନେ ହେଲେ ସହକାରୀ ଯୋଗାଣଧିକାରୀ ଶରତ ବେହେରା, ଭଦ୍ରକ ବ୍ଲକ ଓ ପୌରପାଳିକା ଯୋଗାଣ ନିରୀକ୍ଷକ ମଧୁସ୍ମିତା ସେନାପତି ଓ ଅଜୟ ଦାସ।

## ଗୋଟିଏ ଦିନରେ ୨ଟି ଅପମୃତ୍ୟୁ

**ଭଦ୍ରକ,୨୬ ।୭ (ସମିସ):** ଧାମରା ଅଞ୍ଚଳରେ ଗୋଟିଏ ଦିନରେ ୨ଟି ଅପମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପ୍ରାପ୍ତ ଖବର ଅନୁଯାୟୀ ଦୋସିଙ୍ଗା ପଞ୍ଚାୟତ ଅଧିନସ୍ଥ ସମିପାଟିଆ ଗ୍ରାମର ରାମକୃଷ୍ଣ ଭୂୟାଁ (୬୬) ନିଜ ପୋଖରୀରେ ମାଛ ଧରୁଥିବା ସମୟରେ ଗାଏବ ହୋଇଯାଇଥିଲେ। ବହୁ ସମୟ ପରେ ସଂପୃକ୍ତ ବ୍ୟକ୍ତିଙ୍କ ଶବ ପୋଖରୀରେ ଭାସୁଥିବାର ଦେଖି ତାଙ୍କୁ ତାଙ୍କର ପରିବାର ଧାମରା ମେଡିକାଲ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିବା ସହ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅନ୍ୟ ଏକ କେସରେ ଧାମରା ଥାନା ଅଧୀନସ୍ଥ ଝାଡକଟା ଗ୍ରାମର ତରୁଣ କୁମାର ଜେନା (୪୫) କୌଣସି ପାରିବାରିକ ସମସ୍ୟାକୁ ନେଇ ନିଜ ଘରେ ଫାଶି ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କ ପରିବାର ଲୋକ ତାଙ୍କୁ ଆଣି ଧାମରା ମେଡିକାଲରେ ପହଞ୍ଚିଥିଲେ ମଧ୍ୟ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିବା ଜଣାଯାଇଛି। ଏହି ୨ଟି ମୃତ୍ୟୁକୁ ନେଇ ଧାମରା ଥାନାରେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଧାମରା ଥାନାଧିକାରୀ ଶୋଭନ କୁମାର ସ୍ୱାଇଁଙ୍କ ଠାରୁ ପ୍ରକାଶ।

## ସରପଦାରେ ରାମେଶ୍ୱର ମନ୍ଦିର ପ୍ରତିଷ୍ଠା

**ଭଣ୍ଡାରିପୋଖରୀ,୨୬ ।୭ (ସମିସ):** ଏହି ବ୍ଲକ ଅଧିନ ସରପଦା ଗ୍ରାମର ସଙ୍କୀର୍ତନ ମଣ୍ଡଳୀ ନିକଟରେ ନୂତନ ରାମେଶ୍ୱର ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ଦିନ ଆରମ୍ଭ ହୋଇ ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ଗୁରୁବାର ଦିନ ସକାଳୁ ଶ୍ରଦ୍ଧାଳୁମାନେ ନୂଆନଈ କେନାଲରୁ ପବିତ୍ର ଜଳଘଟ ଶୋଭାଯାତ୍ରାରେ ଆଣିଥିଲେ ଓ ଏହିଦିନ ଅଙ୍କୁର ରୋପଣ ପୂଜାକାର୍ଯ୍ୟ କରାଯାଇଥିଲା। ଶୁକ୍ରବାର ଦିନ ପୂଜକ ପଣ୍ଡିତ ପରମେଶ୍ୱର ପଣ୍ଡା, ପଣ୍ଡିତ ସୂର୍ଯ୍ୟମଣି ପଣ୍ଡା, ପଣ୍ଡିତ ସୁଶାନ୍ତ ପଣ୍ଡା, ଉମେଶ ଚନ୍ଦ୍ର ପଣ୍ଡା, ବିଶ୍ୱଜିତ୍ ପଣ୍ଡା ପ୍ରମୁଖ ଷୋଡ଼ଶ ଉପଚାର ପୂଜାବିଧିରେ ବେଦମନ୍ତ୍ର ହୋମଯଜ୍ଞ କରିବା ସହ ରାମେଶ୍ୱରଙ୍କ ମୁଗୁନି ପ୍ରତିମା ଲିଙ୍ଗ ଓ ବାସୁଆ ବଳଦ ମୂର୍ତ୍ତି ପ୍ରତିଷ୍ଠା ପୂର୍ବକ ଶିବ ପାର୍ବତୀ ପୂଜା, ପାର୍ଶ୍ୱ ଦେବତା, ବୃଷଭ ପୂଜା କରାଯାଇଥିଲା। କର୍ତ୍ତା ଜ୍ଞାନେନ୍ଦ୍ର ରାଉତ ଓ କର୍ତ୍ତ୍ରୀ ପୁଷ୍ପରାଣୀ ରାଉତ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଇଞ୍ଜିନିୟର ଜ୍ୟୋତି ରଞ୍ଜନ ରାଉତଙ୍କ ସହ ସ୍ଥାନୀୟ ଭକ୍ତ ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

**ଭଣ୍ଡାରିପୋଖରୀ,୨୬।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକର ରାଜେନ୍ଦ୍ରପୁର ପଞ୍ଚାୟତ ସାରୋ ଗ୍ରାମର ଧର୍ମପରାୟଣା ମହିଳା ତୁଳସୀ ନାୟକଙ୍କର ଗତ ମଙ୍ଗଳବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂଙ୍କ ସମେତ ପରିବାର ଲୋକେ, ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁଅ ଅନନ୍ତ ଚରଣ ନାୟକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।



### କାଦବରାଙ୍ଗ ହାଇସ୍କୁଲକୁ ଯୁକ୍ତ ୨ ମାନ୍ୟତା ପ୍ରସଙ୍ଗ

## ଆରମ୍ଭ ହେଲା ନାମ ଲେଖା; ଛିଡୁନି ଶ୍ରେଣୀ ଗୃହ ସମସ୍ୟା

**ବନ୍ତ/ଆଗରପଡ଼ା,୨୬।୭ (ସମିସ):** ପ୍ରଥମ ଥର ଯୁକ୍ତ ୨ ମାନ୍ୟତା ପାଇଥିବା ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଦବରାଙ୍ଗ ନୋଡ଼ାଲ ହାଇସ୍କୁଲରେ ନାମ ଲେଖାଇବା ପାଇଁ ପ୍ରଥମ ପସନ୍ଦରେ ଆବେଦନ କରିଥିବା ୬୫ଜଣଙ୍କ ମଧ୍ୟରୁ ୬୧ ଜଣ ନାମ ଲେଖାଇସାରିଲେଣି। ତେବେ ନାମ ଲେଖାର ଶେଷ ତାରିଖ ଶନିବାର ବୋଲି ଜଣାପଡ଼ିଛି। ସରକାରଙ୍କ ନିର୍ଦ୍ଦେଶାନୁସାରେ ୨୦୨୪-୨୫ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ୧୨୮ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳାରେ ଓଡ଼ିଆ, ଇଂରାଜୀ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର ଏବଂ ତର୍କ ଶାସ୍ତ୍ର ବିଷୟରେ ଶିକ୍ଷାଲାଭ କରିବାର ସୁଯୋଗ ପାଇବେ।

ତେବେ ଏହି ବିଦ୍ୟାଳୟରେ ଶିକ୍ଷାଲାଭ କ୍ଷେତ୍ରରେ ଶ୍ରେଣୀ ଗୃହ ମୁଖ୍ୟ ସମସ୍ୟା ଥିବା ବେଳେ ଆଜି ପର୍ଯ୍ୟନ୍ତ ଏହାର କୌଣସି ସ୍ଥାୟୀ ସମାଧାନ ହୋଇ ପାରିନଥିବା ଜଣାପଡ଼ିଛି। ଆଉ ଦିନ କେଇଟା ପରେ ଯୁକ୍ତ ୨ ପାଠ୍ୟକ୍ରମ ଆରମ୍ଭ ହେବାକୁ ଥିବା ବେଳେ ଶ୍ରେଣୀ ଗୃହ ସମସ୍ୟା ଛିଡ଼ି ପାରୁନଥିବାରୁ ଏହାକୁ ନେଇ ଅଭିଭାବକମାନେ ଚିନ୍ତାରେ ଥିବା ଜଣାପଡ଼ିଛି। ଗତ ଜୁନ ୨୬ ତାରିଖରେ ରାଜ୍ୟ ସରକାରୀ ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ କାଦବରାଙ୍ଗ ନୋଡ଼ାଲ ହାଇସ୍କୁଲକୁ ଯୁକ୍ତ ୨ ମାନ୍ୟତା ଦେଇଥିଲେ। ୧୯୬୫ ମସିହାରେ ପ୍ରତିଷ୍ଠିତ ଉକ୍ତ ହାଇସ୍କୁଲରେ ଚଳିତ ଶିକ୍ଷାବର୍ଷରେ ୫୩୬ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୧ମ.ରୁ ୮ମ. ଶ୍ରେଣୀ ପର୍ଯ୍ୟନ୍ତ ୨୪୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୯ମ.ରେ ୧୪୬ ଓ ୧୦ମ.ରେ ୧୪୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଭିନ୍ନ ଦୃଷ୍ଟିକୋଣରୁ ଉକ୍ତ ହାଇସ୍କୁଲଟି ବ୍ଲକରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ମଧ୍ୟ ଏଠାରେ ବର୍ତ୍ତମାନ ଶ୍ରେଣୀଗୃହ ମୁଖ୍ୟ ସମସ୍ୟା ପାଲଟିଛି। ଶ୍ରେଣୀ ଗୃହ ଅଭାବରୁ ୮ମ. ଶ୍ରେଣୀରେ ଚଳିତବର୍ଷରେ ଅଧ୍ୟୟନ କରୁଥିବା ୧୦୧ଜଣ ଛାତ୍ରଛାତ୍ରୀ ଗୋଟିଏ ଶ୍ରେଣୀ ଗୃହରେ ଶିକ୍ଷାଲାଭ କରୁଛନ୍ତି। ସେହିପରି ୯ମ. ଓ ୧୦ମ. ଶ୍ରେଣୀରେ ଅଧ୍ୟୟନ କରୁଥିବା ପିଲାଙ୍କ ସଂଖ୍ୟା ଅନୁଯାୟୀ ଶ୍ରେଣୀଗୃହର ଅଭାବ ପରିଲକ୍ଷିତ ହେଉଛି। ଶ୍ରେଣୀଗୃହ ଅଭାବରୁ ବିଭାଗ ବଣ୍ଟନ ମଧ୍ୟ ସୂଚାରୁରୂପେ କରାଯାଇପାରୁନଥିବା ଜଣାପଡ଼ିଛି। ଶିକ୍ଷାଦାନ ପାଇଁ ଶିକ୍ଷକଙ୍କ ଅଭାବ ମଧ୍ୟ ଲାଗିରହିଛି। ତେଣୁ ହାଇସ୍କୁଲଟିରେ ଲାଗିରହିଥିବା ଶ୍ରେଣୀଗୃହ ସମସ୍ୟାର ଯଥାଶୀଘ୍ର ସମାଧାନ କରାନଗଲେ ଯୁକ୍ତ ୨ ପିଲାଙ୍କୁ କିପରି ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ ତାକୁ ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି।



ତେବେ ପୂର୍ବରୁ ବାଳିକା ହାଇସ୍କୁଲ ଥିବା ଗୃହ ଏବେ ବାବା ଧବଳେଶ୍ୱର ପଞ୍ଚାୟତ ମହିଳା ମହାସଂଘର କାର୍ଯ୍ୟାଳୟ ପାଲଟିଛି। ତେଣୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ସ୍କୁଲକୁ ସେହି ଗୃହ ଫେରାଇ ଦେବାକୁ ସାଧାରଣରେ ଦାବି ହେଉଛି। ଅପରପକ୍ଷରେ ଯୁକ୍ତ ୨ର ପାଠପଢା ଆରମ୍ଭ ପୂର୍ବରୁ ଶ୍ରେଣୀ ଗୃହ ସମସ୍ୟାକୁ ଦୂର କରିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ମଧ୍ୟ ଜିଲ୍ଲାପାଳ, ବିଡିଓ ଏବଂ ଡିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଅଦ୍ୟାବଧି କୋ÷ଣସି ସୁଫଳ ପାଇପାରିନଥିବା ଜଣାପଡ଼ିଛି।

### କାମରେ ଆସୁନି କାଡ଼ା ନାଳ

## ପାଣି ପଞ୍ଚାୟତକୁ ମୋହରା କରି ଲୁଟୁଛନ୍ତି କୋଟି କୋଟି ଟଙ୍କା

**ବାରିକପୁର,୨୬ ।୭ (ସମିସ):** ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ ଅଞ୍ଚଳରେ ଦୀର୍ଘ ବର୍ଷ ହେବ ଚାଷ ଜମି ଗୁଡ଼ିକୁ କାଡ଼ା ନାଳ ନିର୍ମାଣ ହେଉଥିଲେ ସୁଦ୍ଧା ଏହା ଦ୍ୱାରା ଚାଷୀ ମାନେ ଉପକୃତ ହେଉନଥିବା ଜଣାଯାଇଛି। କେତେବେଳେ ନିର୍ମାଣର ଅଳ୍ପ କିଛି ଦିନ ପରେ ଏହା ଭାଙ୍ଗି ଯାଉଛି ତ ପୁଣି କେତେବେଳେ ଜରାଜୀର୍ଣ୍ଣ ନାଳର ପୁନଃରୁଦ୍ଧାର ପାଇଁ କେହି ଦୃଷ୍ଟି ଦେଉନାହାନ୍ତି। କେବଳ ପାଣି ପଞ୍ଚାୟତକୁ ମୋହରା କରି ସେଚାଞ୍ଚଳ ବିଭାଗ ବର୍ଷକୁ ବର୍ଷ ଏଥିରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏହାଦ୍ୱାରା କିନ୍ତୁ ଲାଭନ୍ୱିତ ହେଉଛନ୍ତି ବିଭାଗୀୟ ଯନ୍ତ୍ରୀ ଓ ପେଟି ଠିକାଦାର। ସୂଚନା ଅନୁଯାୟୀ ଆଖୁଆପଦା ଜଳସମ୍ପଦ ବିଭାଗ ହାତରେ ଚାରିଗୋଟି ପାଣି ପଞ୍ଚାୟତ ରହିଥିବା ବେଳେ ଭଣ୍ଡାରିପୋଖରୀ ଜଳସେଚନ ବିଭାଗ ହାତରେ ୧୦, ବାରିକପୁର ଜଳସମ୍ପଦ ବିଭାଗ ହାତରେ ୧୦, ଭଦ୍ରକ ଜଳସମ୍ପଦ ବିଭାଗ ହାତରେ ୫, ଧାମନଗର ଜଳସମ୍ପଦ ବିଭାଗ ହାତରେ ୧୨ଗୋଟି ପାଣି ପଞ୍ଚାୟତ ରହିଛି। ସେହିଭଳି ପଡୋଶୀ ହାଟଡିହି ବ୍ଲକ ଶାଳଣିଆ ଜଳସମ୍ପଦ ବିଭାଗ ଅଧୀନ ବନ୍ତ ଓ ମଞ୍ଜୁରୀରୋଡ଼ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ ମୋଟ ୭୮ଟି ପାଣି ପଞ୍ଚାୟତ ରହିଛି। ଏହାଛଡା ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ମଧ୍ୟ ପାଣି ପଞ୍ଚାୟତ ରହିଥିବା ବେଳେ ନିୟମ ଅନୁଯାୟୀ ଜଳସମ୍ପଦ ବିଭାଗ ଏଗୁଡ଼ିକର ନିର୍ବାଚନ କାର୍ଯ୍ୟ ସମାପ୍ତ ସହିତ ପାଣି ପଞ୍ଚାୟତ ଗଠନ କରି ସେଚାଞ୍ଚଳ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରି ଦେଇଥାଏ। ଏହାପରେ ପାଣି ପଞ୍ଚାୟତ ପରିଚାଳନା ଅବଧି ସମୟ ମଧ୍ୟରେ ସେଚାଞ୍ଚଳ ବିଭାଗ ଏଥିରେ ଟଙ୍କା ଖର୍ଚ୍ଚ କରି ଚାଷ ଜମିରେ କାଡା ନାଳ ନିର୍ମାଣ କରିଥାଏ। ଦୀର୍ଘ ୧୨/୧୪ବର୍ଷ ହେବ ଭଦ୍ରକ ସ୍ଥିତ ସେଚାଞ୍ଚଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ ସମସ୍ତ ପାଣି ପଞ୍ଚାୟତ ଗୁଡିକର କାର୍ଯ୍ୟ ହେଉଥିଲେ ସୁଦ୍ଧା ତାହା କିନ୍ତୁ ଧର୍ମକୁ ଆଖିଠାର ଭଳି ହେଉଛି। ପାଣି ପଞ୍ଚାୟତ ସଭାପତି ଓ ସମ୍ପାଦକଙ୍କ ନାମରେ କାଡାନାଳ ନିର୍ମାଣ ହେଉଥିବା କାଗଜପତ୍ରରେ ଉଲ୍ଲେଖ ରହୁଥିଲେ ସୁଦ୍ଧା ପ୍ରକୃତପକ୍ଷେ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ପେଟି ଠିକାଦାର କାଡା ନାଳ ନିର୍ମାଣ କରିଥାନ୍ତି। ଏଥିପାଇଁ ପ୍ରତ୍ୟକ ବର୍ଷ ବିଭାଗୀୟ ଯୋଜନା ଓ ଏନଆରଇଜିଏସରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ନିର୍ମିତ କାଡା ନାଳ କିନ୍ତୁ ଚାଷୀଙ୍କ କାମରେ ଆସୁନାହିଁ। ପ୍ରସ୍ତୁତ ହୋଇଥିବା ଆକଳନ ପତ୍ର ଅନୁଯାୟୀ କୃଷି କ୍ଷେତ୍ରରେ ସଠିକ୍ ନାଳ ନିର୍ମାଣ ହେଉନଥିବା ବେଳେ କାର୍ଯ୍ୟ ବି ଅତି ନିକୃଷ୍ଟ ମାନର ହେଉଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି। ପରିସ୍ଥିତି ଏଭଳି ହେଉଛି ଯେ କିଛି ନାଳରେ ପାଣି ଆସୁନଥିବା ବେଳେ ଅନେକ ମଧ୍ୟ ନିର୍ମାଣର କିଛି ଦିନ ପରେ ଭାଙ୍ଗିତୁଟି ମାଟିରେ ମିଶି ଯାଉଛି। ଯଦିଓ କେତେକ କାଡା ନାଳ ଦେଖିବାକୁ ମିଳୁଛି ରକ୍ଷଣାବେକ୍ଷଣ ଅଭାବରୁ ସେଥିରେ ଘାସ ଲତା ମାଡିଯାଇ ଖରିଫ ଧାନ ଚାଷ ସମୟରେ ସେଥିରେ ଘୋର ସମସ୍ୟା ସୃଷ୍ଟି କରୁଛି। ଏ ବାବଦରେ ଯଦି କେହି ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରେ, ତେବେ ସେ କୁହନ୍ତି ପାଣି ପଞ୍ଚାୟତ ଏହାର ରକ୍ଷଣାବେକ୍ଷଣ କରିବ। ଯନ୍ତ୍ରୀଙ୍କ ଏଭଳି ଉତର କାଉ ଖାଇବ ପଣସ ବଗ ମୁଣ୍ଡରେ ଅଠା ଭଳି ସଦୃଶ ହୋଇଥାଏ। ସେ ଯାହାବି ହେଉ ବର୍ଷକୁ ବର୍ଷ କୋଟି କୋଟି ଟଙ୍କା ବ୍ୟୟ ହୋଇ ଚାଷୀ ମାନଙ୍କ ନାମରେ କାଡା ନାଳ ନିର୍ମାଣ ହେଉଥିବା ବେଳେ ଏହାର କାଣିଚାଏ ଉପକାର ମିଳୁନଥିବା କୁହାଯାଉଛି। ତେଣୁ ଏହା ଉପରେ ବିଭାଗୀୟ ସଚିବ ଦୃଷ୍ଟି ଦେବାକୁ ବିଭିନ୍ନ ଅଞ୍ଚଳର ଚାଷୀ ମାନେ ଦାବି କରିଛନ୍ତି।



# ମଲ୍ଲିମାହାରା ପୋଲ ନିର୍ମାଣରେ ନିୟୋଜିତ ଶ୍ରମିକଙ୍କୁ ଠିକାଦାରଙ୍କ ଶୋଷଣ

ଦୋବଲ,୨୬।୭ (ସମିସ)

ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତର ଉତ୍ତେଇପୁର ମଲ୍ଲିମାହାରା ଏସକେପ୍ ଉପରେ ପୋଲ ନିର୍ମାଣରେ ନିୟୋଜିତ ମହିଳା ଶ୍ରମିକଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଠିକାଦାର ଶ୍ରମିକଙ୍କୁ ସେମାନଙ୍କ ପ୍ରାପ୍ୟ ନ ଦେଇ ଯଥେଷ୍ଟ କମ୍ ପାରିଶ୍ରମିକ ଦେଉଥିବା ଅଭିଯୋଗ କରିଛନ୍ତି ୨୦ରୁ ଅଧିକ ମହିଳା। ପ୍ରାୟ ୧୦ ଦିନ ଧରି ଉତ୍ତେଇପୁର ଗାଁର ୨୦ରୁ ଅଧିକ ମହିଳାଙ୍କୁ ଠିକାଦାର ଏଠାରେ ବାଲି ବୋହିବାକୁ ନିୟୋଜିତ କରିଥିଲେ। ମହିଳାମାନେ ୧୦୦ ମିଟର ଦୂରରେ ଥିବା ବୈତରଣୀ ନଦୀରୁ ବାଲି ଉଠାଇ ଠିକାଦାରଙ୍କୁ ଦେବା କଥା ହୋଇଥିଲା। ଏଥିଲାଗି ଦୈନିକ ୫ ଘଣ୍ଟା ପରିଶ୍ରମ କରିବେ ଓ ୭୦୦ ଟଙ୍କା ଦିଆଯିବ ବୋଲି ଠିକାଦାର ମୌଖିକ ଭାବେ କହିଥିଲେ। ଘର ପାଖରେ କାମ ମିଳୁଛି। କିଛି ଟଙ୍କା ରୋଜଗାର ହୋଇଯିବା ଆଶାରେ ଉତ୍ତେଇପୁର ଅଞ୍ଚଳର ମହିଳାମାନେ ଠିକାଦାରଙ୍କ କଥାରେ ରାଜି ହୋଇ ବାଲି ଉଠାଇଥିଲେ। ସକାଳ ୬ରୁ ଦିନ ଗୋଟାଏ ଯାଏ ଜଣେ ମହିଳା ୧୨୦ ବସ୍ତା ବାଲି ଉଠାଇଥାନ୍ତି। ପାଣି ଭିତରୁ ଗରା, ମାଠିଆରେ ବାଲି ଉଠାଇ ନଦୀ ପଠାରେ ଜମା କରନ୍ତି। ତା' ପରେ ଠିକାଦାରଙ୍କ ପାଖରେ ଥିବା ଟ୍ରାକ୍ଟର ଯାଇ ସେହି ବାଲି ନେଇ ଆସିଥାଏ। ପ୍ରଥମେ କଥା ହୋଇଥିଲା ଯେଉଁଦିନ କାମ କରିବେ, ସେହିଦିନ ସନ୍ଧ୍ୟାରେ ମୂଲ ନେଇଯିବେ। ହେଲେ ପେଟି ଠିକାଦାର ପରେ ଅରାଜି ହେଲେ। କହିଲେ, ପ୍ରତି ୧୦ ଦିନରେ ଟଙ୍କା ଦିଆଯିବ। ଏଣୁ ମହିଳାମାନେ ୧୦ ଦିନ ଅପେକ୍ଷା କଲେ। ଶୁକ୍ରବାର ସକାଳେ ୧୦ ଦିନ ପୂରିଯିବା ପରେ କାମକୁ ଯିବା ପୂର୍ବରୁ ଠିକାଦାରଙ୍କୁ ପାରିଶ୍ରମିକ ମାଗିଥିଲେ। ଠିକାଦାରଙ୍କ ବଦଳରେ କାମ କରୁଥିବା ପେଟି ଠିକାଦାର ମହିଳାମାନଙ୍କୁ ୧୨୦ ବସ୍ତା ବାଲିକୁ ୩୦୦ ଟଙ୍କା ହିସାବରେ ୧୦ ଦିନର ପାରିଶ୍ରମିକ ବାବଦରେ ୩୦୦୦ ଟଙ୍କା ଲେଖାଏଁ ଦେଇଥିଲେ। ଧାର୍ଯ୍ୟ ପାରିଶ୍ରମିକଠାରୁ ଯଥେଷ୍ଟ କମ୍ ଟଙ୍କା ମିଳିବାରୁ ମହିଳା ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ପ୍ରକଳ୍ପସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗଣମାଧ୍ୟମ ପ୍ରତିନିଧିମାନେ ପହଞ୍ଚିବା ପରେ କାମ କରିଥିବା ମହିଳାମାନେ ନିଜ ନିଜର କ୍ଷୋଭ ପ୍ରକାଶ କରିଥିଲେ। ଏ ସଂପର୍କରେ ଠିକାଦାରଙ୍କୁ ପଚାରିବାରୁ ସେ ଶୋଷଣ ଅଭିଯୋଗକୁ ଖଣ୍ଡନ କରିଥିଲେ। କହିଥିଲେ, ମୂଳରୁ ସେମାନଙ୍କ ସହ ୩୦୦ ଟଙ୍କା ଲେଖାଏଁ ଦେବାକୁ କଥା ଛିଡ଼ିଥିଲା। ଅନ୍ୟପକ୍ଷରେ ପ୍ରକୃତ ହିସାବ ଦେଖିବାକୁ ଗଲେ ୧୨୦ ବସ୍ତା ବାଲି ହେଉଛି ଟ୍ରାକ୍ଟରରେ ୩ ଟ୍ରିପ୍ ବାଲି। ନଦୀଠାରୁ ମାତ୍ର ୧୦୦ ମିଟର ଦୂରରେ କାମ ହେଉଛି। ଏଣୁ ବାଲି ଟ୍ରିପକୁ ରୟାଲଟି ବାବଦରେ ୧୨୦, ତା ସାଙ୍ଗକୁ ଲୋଡିଂ ୧୦୦ ଟଙ୍କା ଓ ଟ୍ରାନ୍ସପୋର୍ଟ ୧୦୦ ଟଙ୍କା। ଏହି ହିସାବକୁ ଦେଖିଲେ ପ୍ରକଳ୍ପ ନିର୍ମାଣ ସ୍ଥଳରେ ବାଲି ଟ୍ରିପକୁ ୩୨୦ ଟଙ୍କାରେ ପହଞ୍ଚିବ। ସେପଟେ ମହିଳାମାନେ ୩ ଟ୍ରିପ୍ ବାଲି ଉଠାଉଛନ୍ତି। ଟ୍ରାନ୍ସପୋର୍ଟଂକୁ ଛାଡ଼ିଦେଲେ ବାଲି ଟ୍ରିପକୁ ୨୨୦ ଟଙ୍କା ପଡ଼ିବ ଓ ୩ ଟ୍ରିପକୁ ୬୬୦ ଟଙ୍କା। ହେଲେ ଠିକାଦାର ଜଣକ ମାତ୍ର ୩୦୦ ଟଙ୍କା ଦେଉଥିବା ମହିଳା କହିଛନ୍ତି। ଅଧିକ ଟଙ୍କା ମାଗିଲେ ଆଉ କାମ ନ ଦେବାକୁ ମଧ୍ୟ ଧମକ ଦେଉଛନ୍ତି। ସେପଟେ ଏଭଳି ଘଟଣା ନେଇ କୌଣସି ସୂଚନା ମିଳିନାହିଁ ବୋଲି ଭଦ୍ରକ ଜିଲ୍ଲା ଶ୍ରମ ଅଧିକାରୀ କହିଛନ୍ତି। ସେପଟେ ଜଳ ସଂପଦ ବିଭାଗ ଅଧିକାରୀ ମଧ୍ୟ ଏ କଥା ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଟେକ୍ନିକାଲ ସ୍ପେସିଫିକେସନ ଓ ଡିପିଆର ଅନୁସାରେ ବାଲି କିଣାଯିବାର ବ୍ୟୟବରାଦ ରହିଛି। ଏଣୁ ଠିକାଦାର କୌଣସି ସ୍ୱକୃତିପ୍ରାପ୍ତ ବାଲିଘାଟ ବା ଭେଣ୍ଡରଙ୍କଠାରୁ ବାଲି କିଣି ପାରିଥାନ୍ତେ। ଏଭଳି କରିବା ଠିକ୍ ନୁହଁ ବୋଲି ଜଳସଂପଦ ଅଧିକାରୀ କହିଛନ୍ତି।



# ଅଙ୍ଗନବାଡ଼ି କର୍ମୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ,୨୬।୭ (ସମିସ):** ଷୋଳମପୁର ପଞ୍ଚାୟତ ଚାଙ୍ଗୁଆ-ବାହାଣିଆ ଅଙ୍ଗନବାଡି କର୍ମୀ ଅମୀୟବାଳା ନାୟକଙ୍କୁ ନିଖିଳ ଓଡିଶା ଅଙ୍ଗନବାଡି କର୍ମୀ ସଂଘ ପକ୍ଷରୁ ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶିଶୁ ବିକାଶ ଅଧିକାରିଣୀ ନିର୍ଝରିଣୀ ରାଉତଙ୍କ ଉପସ୍ଥିତିରେ ଅଙ୍ଗନବାଡି କର୍ମୀ ସଂଘ ସଭାନେତ୍ରୀ ତପସ୍ୱିନୀ ମହାନ୍ତି, ସମ୍ପାଦିକା ପଦ୍ମାବତୀ ବେହେରା, ବରିଷ୍ଠ ସୁପରଭାଇଜର ଦୀପାଳି ମିଶ୍ର, ସେକ୍ଟର ସୁପରଭାଇଜର ଆଶାମଣି ବେହେରା ଅବସରପ୍ରାପ୍ତ କର୍ମୀ ଆଶାମଣୀଙ୍କ ଦୀର୍ଘ ୨୩ ବର୍ଷର ନିଷ୍ଠାପର ସେବା ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କର ଅବସରକାଳୀନ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ସଂଘ ଓ ସେକ୍ଟର ପକ୍ଷରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ବିଦାୟୀ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂପୃକ୍ତ ସେକ୍ଟର ଅନ୍ତର୍ଗତ ବିଭିନ୍ନ ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ସମ୍ବର୍ଦ୍ଧନା ପରିଚାଳନା କରିଥିଲେ।



## ସରୁନି ମାର୍ଥାପୁର-ଚକୁଆ ନଦୀବନ୍ଧ ମରାମତି

# ନଦୀକୂଳିଆ ଲୋକେ ଆତଙ୍କିତ

ଯଖପୁରା, ୨୬।୭ (ସମିସ)



ବର୍ଷାଦିନ ପୂର୍ବରୁ ସମସ୍ତ ନଦୀବନ୍ଧ ମରାମତି ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବର୍ଷା ଦିନରେ ନଦୀବନ୍ଧ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ଯୋଗୁଁ ନଦୀକୂଳିଆ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସାଧାରଣତଃ ବର୍ଷାଦିନ ହେଲା ପରେ ନଦୀରେ ବନ୍ୟା ଆସିବା ଦେଖାଯାଏ। ମାର୍ଥାପୁର-ଚକୁଆ ନଦୀବନ୍ଧ ମରାମତି କାମ ସରୁନି। ଫଳରେ ନଦୀକୂଳିଆ ଲୋକଙ୍କ ମନରେ ଛନକା ପଶିଲାଣି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ଦାନଗଦି ବ୍ଲକ ଅଧୀନସ୍ଥ ଖପୁରିଆପଦା ପଞ୍ଚାୟତର ମାର୍ଥାପୁର-ଚକୁଆ ନଦୀବନ୍ଧ ରାସ୍ତାକୁ ଏପର୍ଯ୍ୟନ୍ତ ମରାମତି କରାଯାଇନାହିଁ। ଫଳରେ ନଦୀବନ୍ଧ ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। ବ୍ରାହ୍ମଣୀ ନଦୀ କୂଳେ କୂଳେ ଅବସ୍ଥିତ ଥିବା ଏହି ପଞ୍ଚାୟତର ଅନେକ ଗ୍ରାମ ରହିଛି। ନଦୀ ବଢ଼ି ସମୟରେ ଗାଁ ଗାଁରେ ଲୋକଙ୍କ ମଧ୍ୟରେ ଛନକା ରହିଥାଏ। ନଦୀବନ୍ଧ ଭୁଶୁଡ଼ିଲେ ଅନେକ ଧନ ଜୀବନ ନଷ୍ଟ ହେବାର ସମ୍ଭାବନା ରହିଥାଏ। ସେଥିପାଇଁ ବର୍ଷାଦିନ ପୂର୍ବରୁ ଏହି ନଦୀବନ୍ଧକୁ ମରାମତି କରିବାର ଆବଶ୍ୟକତା ରହିଥିବାବେଳେ ଏ ପର୍ଯ୍ୟନ୍ତ ଏହାର ମରାମତି କରାଯାଇନାହିଁ। ନଦୀବନ୍ଧ ରାସ୍ତା ଖାଲଖମାରେ ପୂର୍ଣ୍ଣ। ବିପଦସଙ୍କୁଳ ଅବସ୍ଥାରେ ରହିଛି ନଦୀବନ୍ଧ ରାସ୍ତା। ପ୍ରତ୍ୟେକ ଦିନ ଏହି ରାସ୍ତା ଉପରେ ଆଖପାଖ ୫/୭ଟି ପଞ୍ଚାୟତ ଲୋକେ ନିର୍ଭର କରନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ଲୋକ ଯାତାୟାତ କରିଥା'ନ୍ତି। ଯେହେତୁ ରାସ୍ତାଟି ଶିଳ୍ପାଞ୍ଚଳ ସହିତ ସଂଯୋଗ ରହିଛି, ତେଣୁ ଏହା ଅନେକାଂଶରେ ଗୁରୁତ୍ୱ ବହନ କରେ। ତା'ସହିତ ଏହି ନଦୀବନ୍ଧ ରାସ୍ତା ଦୁଇ ଦୁଇଟି ଜାତୀୟ ରାଜପଥ ସହିତ ସଂଯୋଗ କରିଛି। କୁଆଖିଆଠାରୁ ଆରମ୍ଭ କରି ଡୁବୁରୀ ପର୍ଯ୍ୟନ୍ତ ଲମ୍ବିଛି। ଫଳରେ ପ୍ରତ୍ୟେକ ଦିନ ବାହାର ଅଞ୍ଚଳର ଲୋକଙ୍କ ପ୍ରମୁଖ ରାସ୍ତା ପାଲଟିଛି ଏହି ନଦୀବନ୍ଧ ରାସ୍ତା। ବ୍ୟାସନଗର ଭଳି ସହରକୁ ସଂଯୋଗ କରୁଛି ଏହି ରାସ୍ତା। ଫଳରେ ସ୍ଥାନୀୟ ଲୋକଙ୍କ ଡାକ୍ତରଖାନାଠାରୁ ଆରମ୍ଭ କରି ସ୍କୁଲ କଲେଜ ପିଲାଙ୍କ ଯିବା ଆସିବାର ରାସ୍ତା ପାଲଟିଛି ଏହି ନଦୀବନ୍ଧ। ନଦୀବନ୍ଧକୁ ଦେଖିବାକୁ ଗଲେ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରିଥାଏ। ଶହ ଶହ ଲୋକଙ୍କ ମୁଖ୍ୟ ନଦୀବନ୍ଧ ରାସ୍ତାଟି ସଙ୍କଟାପନ୍ନ ଅବସ୍ଥାରେ ପଡ଼ିରହିଛି। ଏମିତିକି ବ୍ରାହ୍ମଣୀ ନଦୀରେ ବଢ଼ି ଆସିଲେ ନଦୀର ଜଳ ଏହି ନଦୀବନ୍ଧକୁ ଛୁଇଁଥାଏ। ଯାହାକୁ ନେଇ ଲୋକେ ଭୟରେ ଦିନ କାଟିଥା'ନ୍ତି। ବନ୍ୟା ସମୟରେ ସ୍ଥାନୀୟ ବାସିନ୍ଦାଙ୍କ ସାହାଭରସା ସାଜିଥାଏ ଏହି ନଦୀବନ୍ଧ। ଘରେ ପାଣି ପଶିବା ଭୟରେ ଲୋକଙ୍କଠାରୁ ଆରମ୍ଭ କରି ଗୋରୁଗାଇ ସମସ୍ତେ ଆଶ୍ରୟ ନିଅନ୍ତି ଏହି ନଦୀବନ୍ଧ ଉପରେ। ପ୍ରତ୍ୟେକ ବର୍ଷ ଏହି ନଦୀବନ୍ଧକୁ ମରାମତି କରାଯାଉଥିବାବେଳେ ଏ ବର୍ଷ ତାହା ହୋଇପାରିନାହିଁ। ନଦୀବନ୍ଧ ରାସ୍ତାକୁ ସମ୍ପ୍ରସାରଣ ପାଇଁ ରାସ୍ତାର ଉଭୟ ପଟକୁ ଖୋଳି ଦିଆଯାଇଛି। ଯାହା ବୋଝ ଉପରେ ନଳିତା ବିଡା ସଦୃଶ। ରାସ୍ତାଟି ଖାଲଖମାରେ ପୂର୍ଣ୍ଣ ଥିବାବେଳେ ଉଭୟ ପଟକୁ ଖୋଳି ଦିଆଯାଇଛି। ଅସମ୍ପୂର୍ଣ୍ଣ ଭାବେ ରାସ୍ତାଟି ପଡ଼ିରହି ପଥଚାରୀଙ୍କୁ ବିପଦରେ ପକାଉଛି। ଯଥାଶୀଘ୍ର ନଦୀବନ୍ଧ ସହିତ ରାସ୍ତାକୁ ସମ୍ପୂର୍ଣ୍ଣ ଠିକ୍ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଖଗେଶ୍ୱର ଚାନ୍ଦଙ୍କୁ ସ୍ୱେଚ୍ଛାସେବୀ ସଂଗଠନର ସହାୟତା



**ମଙ୍ଗଳପୁର, ୨୬।୭ (ସମିସ):** ବିଂଝାରପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିଂଝାରପୁର ହେଲ୍ପିଂ ଗ୍ରୁପ ଅଫ ପିପୁଲ ବିଟିସିଏ ଖଗେଶ୍ୱର ଚାନ୍ଦଙ୍କୁ ସହଯୋଗର ହାତ ବଢ଼ାଇଛି। ଗତ ରଥଯାତ୍ରା ସମୟରେ ବିଂଝାରପୁର ବ୍ଲକର ଗୌଡସାହି ଗ୍ରାମର ଖଗେଶ୍ୱର ଚାନ୍ଦଙ୍କ ଗୋଡ ରଥ ଚକ ତଳେ ଚାପି ହୋଇଯାଇଥିଲା। ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ଚିକିତ୍ସା ପାଇଁ ବିଭିନ୍ନ ଡାକ୍ତରଖାନା ଗଲେ। କୌଣସି ସୁଫଳ ପାଇଲେ ନାହିଁ। ରାଜ୍ୟ ସରକାର ଯୋଗାଇ ଦେଇଥିବା ବିଜୁ ସ୍ୱାସ୍ଥ୍ୟ କାର୍ଡ ବ୍ୟବହାର କରିବା ସତ୍ତ୍ୱେ ଆରୋଗ୍ୟ ଲାଭ ହୋଇପାରିଲାନାହିଁ। ଡାକ୍ତର ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଗରିବ ପରିବାରର ହୋଇଥିବାରୁ ତାଙ୍କ ପାଖରେ ଅର୍ଥର ଅଭାବ ଦେଖାଦେବାରୁ ତାଙ୍କ ଚିକିତ୍ସା ପାଇଁ ସେ ବିଭିନ୍ନ ସହାୟତା ସଂଗଠନକୁ ନିବେଦନ କରିଥିଲେ। ବିଟିସିଏ ସଂଗଠନ ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛି। ଏଥିପାଇଁ ଖଗେଶ୍ୱରଙ୍କ ପରିବାର ପକ୍ଷରୁ ସମ୍ପୃକ୍ତ ଅନୁଷ୍ଠାନକୁ ଧନ୍ୟବାଦ ଦିଆଯାଇଛି।

# ପ୍ରତି ପଞ୍ଚାୟତରେ ନିର୍ମାଣ ହେବ ମିଶନ ଶକ୍ତି ବଜାର



**କୁଆଖିଆ, ୨୬।୭ (ସମିସ):** ରସୁଲପୁର ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ ମିଶନ ଶକ୍ତି ବଜାର ଖୋଲିବାକୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମିଶନ ଶକ୍ତି ବଜାର ନିର୍ମାଣ ପାଇଁ ପଞ୍ଚାୟତ ଦ୍ୱାରା ୩୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ କୋଠା ନିର୍ମାଣ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଘର ନିର୍ମାଣ ପାଇଁ ପଞ୍ଚାୟତ ପକ୍ଷରୁ ଜମି ଚିହ୍ନଟ କରାଯିବା ପାଇଁ ସରପଞ୍ଚଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଉପଯୁକ୍ତ ଜମି ଚିହ୍ନଟ କରି ଜଣାଇଲେ ରସୁଲପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରି ପ୍ରମାଣପତ୍ର ପ୍ରଦାନ କରିବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ରସୁଲପୁର ବିଡିଓ ସୂଚନା ଦେଇଥିଲେ। ଏଥିସହ ପଞ୍ଚାୟତରେ କାର୍ଯ୍ୟରତ ଏମବିକେ, ପଞ୍ଚାୟତ ସ୍ତରୀୟ ଫେଡେରେସନର ସଭାନେତ୍ରୀ ଓ ସମ୍ପାଦିକାଙ୍କୁ ନେଇ ପଞ୍ଚାୟତରେ ବୈଠକ ଜରିଆରେ ବଜାର ସମ୍ପର୍କରେ ଆଲୋଚନା କରିବେ। ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ସରପଞ୍ଚ, ପିଇଓ, କନିଷ୍ଠ ଯନ୍ତ୍ରୀ, ରାଜସ୍ୱ କର୍ମଚାରୀଙ୍କୁ ନେଇ କମିଟି ଗଠନ କରାଯିବ। କାର୍ଯ୍ୟ ଆରମ୍ଭରୁ ଶେଷ ଯାଏଁ କମିଟି ପକ୍ଷରୁ ବିଭିନ୍ନ ସ୍ତରରେ ନିର୍ମାଣ କାର୍ଯ୍ୟର ସ୍ଥିତିକୁ ଯାଞ୍ଚ କରିବେ ବୋଲି କୁହାଯାଇଥିଲା। ପଞ୍ଚାୟତ ପକ୍ଷରୁ ଜମିଜମା ସଂକ୍ରାନ୍ତରେ ସୂଚନା ହସ୍ତଗତ ହେବା ପରେ ତହସିଲ ପକ୍ଷରୁ ଖୁବ୍ ଶିଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ତହସିଲଦାର ରାଜ ନାୟକ ସୂଚନା ଦେଇଥିଲେ।

ରସୁଲପୁର ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସଂଯୁକ୍ତା ଘଡ଼ାଇ ମହିଳା ଗୋଷ୍ଠୀଙ୍କ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ଉଦ୍ଦିଷ୍ଟ ୱାଚ ଏଣ୍ଡ ୱାର୍ଡ ପଦବୀ ପାଇଁ ଫର୍ମ ଆବେଦନ କରାଯାଉଥିବା ନେଇ ସୂଚନା ଦେଇଥିଲେ। ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ସରାକରୀ ଯୋଜନାକୁ ନେଇ ସୂଚନା ପ୍ରଦାନ କରିବା ଦିଗରେ ପଞ୍ଚାୟତ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଗୁରୁତର ସହ ନିଆଯାଇ ଆସନ୍ତା ଦିନରେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ଉପରେ ଧ୍ୟାନ ଦିଆଯିବ ବୋଲି ବିଡିଓ ସାହୁ ପ୍ରକାଶ କରିଥିଲେ। ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ସୁମିତ୍ରା ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ ଓ ଜୀବିକା ମିଶନ ବ୍ଲକ ସଂଯୋଜିକା ମଧୁସ୍ମିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବ୍ଲକସ୍ତରୀୟ ଫେଡେରେସନର ସଭାନେତ୍ରୀ, ଏମବିକେ, ପଞ୍ଚାୟତସ୍ତରୀୟ ଫେଡେରେସନର ସଭାନେତ୍ରୀ, ସମ୍ପାଦିକା ପ୍ରମୁଖ ଉପସ୍ଥିତ ଥିଲେ।

# ବିପଦଜନକ ଅବସ୍ଥାରେ ଟ୍ରାନ୍ସଫର୍ମର; ଲୋକେ ଭୟଭୀତ



**ବରୀ, ୨୬।୭ (ସମିସ):** ଟାଟା ପାୱାର ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ସେବା ଯୋଗାଇବା ସହ ଲୋକଙ୍କ ସୁରକ୍ଷା ପାଇଁ ଅତ୍ୟାଧୁନିକ ପଦ୍ଧତି ମାଧ୍ୟମରେ ପଦକ୍ଷେପ ଗ୍ରହଣ କରାଯାଉଛି। ତେବେ ଦୁଃଖ ଓ ପରିତାପର ବିଷୟ ବରୀ ବିଦ୍ୟୁତ ବିଭାଗ ଅଧୀନସ୍ଥ ବାଲିବିଲ ଗ୍ରାମରେ ଥିବା ଏକ ଟ୍ରାନ୍ସଫର୍ମର ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ଟ୍ରାନ୍ସଫର୍ମରରୁ ମଣିକ ଛକ ପର୍ଯ୍ୟନ୍ତ ୧୧ କେଭି ବିଦ୍ୟୁତ୍ ତାର ଆସ୍ତରଣ ବିହୀନ ହୋଇଥିବା ଓ ବାରମ୍ବାର ଛିଣ୍ଡି ପଡ଼ିବା ଯୋଗୁଁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଟାଟା ପାୱାର ବିଦ୍ୟୁତ୍ ଦେୟ ଆଦାୟକୁ ଗୁରୁତ୍ୱ ଦେଉଥିବାବେଳେ ଏଭଳି ବିପଦଜନକ ଅବସ୍ଥାରେ ଥିବା ଟ୍ରାନ୍ସଫର୍ମର ଚାରିପଟେ ଗାର୍ଡ ୱାଲ ନିର୍ମାଣ କରା ନ ଯିବା ଓ ୧୧ କେଭି ତାରକୁ କେବୁଲ କରା ନ ଯିବାକୁ ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ଟ୍ରାନ୍ସଫର୍ମରରୁ ମାତ୍ର ୫୦ ମିଟର ଦୂରରେ ଗତବର୍ଷ ଅଙ୍ଗାଲୋ ପଞ୍ଚାୟତ ଡିଅବାରିଙ୍ଗି ଗ୍ରାମର ଯୁବକ ଗଣେଶ ମୂର୍ତ୍ତି ନେଇ ଯାଉଥିବାବେଳେ ବିଦ୍ୟୁତ ତାର ଲାଗି ଜଣେ ଯୁବକଙ୍କ ପ୍ରାଣହାନି ଘଟିଥିଲା। ବାରମ୍ବାର ଏହି ଟ୍ରାନ୍ସଫର୍ମରରୁ ମଣିକ ଛକ ପର୍ଯ୍ୟନ୍ତ ଥିବା ୧୧ କେଭି ତାର ଛିଣ୍ଡି ରାସ୍ତାରେ ପଡୁଥିବାରୁ ଟାଟା ପାୱାର ଅସ୍ଥାୟୀ ଭାବେ ମରାମତି କରି ନିରବତା ଅବଲମ୍ବନ କରୁଛି। ଘଟଣାକୁ ଗୁରୁତ୍ୱ ଦେଇ ଟ୍ରାନ୍ସଫର୍ମର ନିକଟରେ ଗାର୍ଡ ୱାଲ ନିର୍ମାଣ କରିବା ଓ ବିପଦଜନକ ଅବସ୍ଥାରେ ଥିବା ତାରକୁ କେବୁଲ କରାଯାଇ ସ୍ଥାୟୀ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ଶ୍ରାଦ୍ଧୋତ୍ସବ



**ଜାରକା, ୨୬।୭ (ସମିସ):** ଧର୍ମଶାଳା ବ୍ଲକ ଜାରକା ଷ୍ଟାଡ଼ିୟମରେ ପୂର୍ବତନ ମନ୍ତ୍ରୀ ତଥା ଧର୍ମଶାଳାର ପୂର୍ବତନ ବିଧାୟକ କଳ୍ପତରୁ ଦାସଙ୍କ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳ୍ପତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ଡ. ପ୍ରୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ସାଂସଦ ରୀତା ତରାଇ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ଭୂଷଣ ସାହୁ, ଚକ୍ରଧର ବେହେରା, ଜିଲ୍ଲା ପରିଷଦ ସଭ୍ୟା ପ୍ରଣତୀ ଲେଙ୍କା, ସ୍ମୃତିରେଖା ବେହେରା ଓ ୩୪ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ମମତା ଖୁଣ୍ଟିଆ ଯୋଗଦେଇ ସ୍ୱର୍ଗତ ଦାସଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ କହିଲେ, ମୋ' ବାପା ସ୍ୱର୍ଗତ କଳ୍ପତରୁ ଦାସଙ୍କ ଧର୍ମଶାଳାବାସୀଙ୍କ ପାଇଁ ଅବଦାନ ରହିଛି। ସେ ଯେତେବେଳେ ଧର୍ମଶାଳାର ବିଧାୟକ ଥିଲେ, ସେତେବେଳେ ସେ ଧର୍ମଶାଳାର ବିକାଶର ସ୍ୱପ୍ନ ଦେଖିଥିଲେ ଓ ମୁଁ ୨୦୧୪ରେ ବିଧାୟକ ହେବାପରେ ଧର୍ମଶାଳାବାସୀଙ୍କ ପାଇଁ ବହୁତ କିଛି କରିଛି। ମୋ' ବାପାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଧର୍ମଶାଳା ବିକାଶର ପ୍ରୟୋଗଶାଳାକୁ ମୁଁ ଆଗକୁ ନେଇଛି। ଧର୍ମଶାଳାବାସୀଙ୍କ ଭଲ ପାଇବା ଏ ପର୍ଯ୍ୟନ୍ତ ମୋ ପ୍ରତି ରହିଛି ଓ ଜୀବନର ଶେଷ ରକ୍ତବିନ୍ଦୁ ଥିବା ଯାଏଁ ଧର୍ମଶାଳାବାସୀଙ୍କ ସେବା କରିବି। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଆଶୀର୍ବାଦ ରହିଥିଲେ କିଛି ପଦବୀ ନ ଥିଲେ ମଧ୍ୟ ଧର୍ମଶାଳାକୁ ଆଗକୁ ନେଇପାରିବି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳଧର ସାହୁ, ଲୋକନାଥ ପଣ୍ଡା, ସନ୍ତୋଷ କୁମାର ଜେନା, ଦୁଃଶାସନ ସାହୁ, ଅମରେନ୍ଦ୍ର ରାୟ, ରେଣୁବାଳା ଶତପଥୀ, ମମତା ଦଣ୍ଡପାଟ, କ୍ଷିତୀଶ ନାୟକ, ଜଗଦାନନ୍ଦ ରାଉତ, ସୌମ୍ୟପ୍ରକାଶ ବିଶ୍ୱାଳ, କ୍ଷୀରାବ୍ଧି ତନୟା ମଲ୍ଲିକ, ନିର୍ମଳ ପ୍ରଧାନଙ୍କ ସମେତ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ବ୍ଲକ ଓ ଜିଲ୍ଲା କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିରଞ୍ଜନ ବଳ ଧନ୍ୟବାଦ ଦେଇଥିଲେ।

## ଟ୍ରେନ୍‌ରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ

**ଜାରକା, ୨୬।୭ (ସମିସ):** ଧର୍ମଶାଳା ବ୍ଲକ ହରିଦାସପୁର ଓ ଗଡ଼ମଧୁପୁର ରେଳ ଷ୍ଟେସନ ମଧ୍ୟମ ସ୍ଥଳ ପାଖର ଗ୍ରାମ ନିକଟରେ ଆଜି ଏକ ଚଳନ୍ତା ଟ୍ରେନରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଶିଖାହାଟ ଅଞ୍ଚଳର ସୁଶାନ୍ତ ପଲେଇ (୨୭) ବୋଲି ଜଣାପଡ଼ିଛି। ସୁଶାନ୍ତ ୨ ଦିନ ତଳେ କୌଣସି କାମରେ ଘରୁ ଆସି ଆଜି ମୁଜାଫରନଗର ଟ୍ରେନରେ ଘରକୁ ଫେରୁଥିବାବେଳେ ସକାଳ ପ୍ରାୟ ସାଢ଼େ ୮ଟା ସମୟରେ ଅସାବଧାନତା ବଶତଃ ପାଖର ନିକଟରେ ଚଳନ୍ତା ଟ୍ରେନରୁ ଖସିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶାନ୍ତଙ୍କ ପରିବାର ଲୋକେ ପହଞ୍ଚି ଯାଜପୁରରୋଡ୍ ଜିଆରପି ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଜିଆରପି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଜିଆରପି ଅଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି।

## ଧର୍ମଶାଳା ବ୍ଲକ୍‌ରେ ଦିବ୍ୟାଙ୍ଗ ପରୀକ୍ଷଣ ଶିବିର



**ଜାରକା, ୨୬।୭ (ସମିସ):** ଧର୍ମଶାଳା ବ୍ଲକ ପରିସରରେ ଭାରତ ସରକାରଙ୍କ ଏଆଇଡିପି ଯୋଜନାରେ ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ପ୍ରଦାନ ନିମନ୍ତେ ଏକ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ଆଲମିକୋ ଓ ଜିଲ୍ଲା ସାମାଜିକ ସୁରକ୍ଷାର ମିଳିତ ସହଯୋଗରେ ଅନୁଷ୍ଠିତ ଶିବିରରେ ବ୍ଲକର ୪୫ଟି ପଞ୍ଚାୟତରୁ ପଞ୍ଜିକୃତ ୧୭୮ ଜଣ ଦିବ୍ୟାଙ୍ଗ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡାକ୍ତର ଗୌରୀ ଶଙ୍କର ବେହେରା ଦିବ୍ୟାଙ୍ଗଙ୍କୁ ପରୀକ୍ଷା କରିଥିଲେ। ପଞ୍ଜିକୃତ ଏହି ଦିବ୍ୟାଙ୍ଗଙ୍କ ପରୀକ୍ଷଣ ପରେ ସେମାନଙ୍କୁ ଆବଶ୍ୟକ ହୁଇଲଚେୟାର, ଶ୍ରବଣ ଯନ୍ତ୍ର, ଆଶାବାଡ଼ି, କୃତ୍ରିମ ଅଙ୍ଗ, ସ୍ମାର୍ଟ ଫୋନ ଆଦି ଯୋଗାଇ ଦିଆଯିବ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଅସିତ କୁମାର ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବେହେରା, କନିଷ୍ଠ ସହାୟିକା ରାଜଲକ୍ଷ୍ମୀ ମହାପାତ୍ର, କାର୍ଯ୍ୟକ୍ରମ ସହାୟକ ତାପସ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗଙ୍କ ପରୀକ୍ଷଣରେ ସହାୟତା କରିଥିଲେ।

## ତୃତୀୟ ଇଣ୍ଡିଆନ୍ ରିଜର୍ଭ ବାଟାଲିୟନରେ ଚାରାରୋପଣ

**ସୁକିନ୍ଦା, ୨୬।୭ (ସମିସ):** ସୁକିନ୍ଦାସ୍ଥ ତୃତୀୟ ଇଣ୍ଡିଆନ ରିଜର୍ଭ ବାଟାଲିୟନ ପରିସରରେ ୫ ଶହରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଛି। ଆଇଆରବି ଓ ସାହା ଚାରିଟେବୁଲ୍ ଟ୍ରଷ୍ଟର ମିଳିତ ସହଯୋଗରେ ଏହି ଚାରା ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବାଟାଲିୟନ ଦୁର୍ଗପତି ଲୋଚନ ପଶାୟତ ପ୍ରକାଶ କରିଛନ୍ତି। ଟ୍ରଷ୍ଟ ପକ୍ଷରୁ ସମସ୍ତ ଚାରା ଯୋଗାଇ ଦିଆଯାଇଥିବାବେଳେ ବାଟାଲିୟନର ଦୁର୍ଗପତି ଲୋଚନ ପଶାୟତ, ସହକାରୀ ଦୁର୍ଗପତି ରମେଶ ଖଟୁଆ, ଦିଲ୍ଲୀପ ସ୍ୱାଇଁ, ନରେଶ ବେହେରା, ଇନ୍ସପେକ୍ଟର ନାରାୟଣ ଚନ୍ଦ୍ର ମିଶ୍ର, ବି.ଡି. ଜେନା, କୈଳାସ ଚନ୍ଦ୍ର ଖଟୁଆ, ଏ. ନାୟକ, ଏସ.କେ. ନାୟକଙ୍କ ସମେତ ସମସ୍ତ ଯବାନ ଚାରାରୋପଣ କରିଥିଲେ। କେବଳ ଚାରାରୋପଣ ନୁହେଁ ଏହାକୁ ବୃକ୍ଷରେ ପରିଣତ କରିବା ଆମର କର୍ତ୍ତବ୍ୟ ବୋଲି ଦୁର୍ଗପତି ଶ୍ରୀ ପଶାୟତ ଉପସ୍ଥିତ ଯବାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଦୀର୍ଘ ୧୦ ବର୍ଷ ଧରି ସାହା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଚାରା ରୋପଣ କାର୍ଯ୍ୟକ୍ରମ ଜାରି ରହିଛି। ପରିବେଶ ସନ୍ତୁଳନ ସହ ମନୁଷ୍ୟ, ଜୀବଜନ୍ତୁ ସମସ୍ତେ ସୁସ୍ଥ ଜୀବନ ବଞ୍ଚିବା ପାଇଁ ସବୁଜ ବନାନୀ ହିଁ ଏକମାତ୍ର ଉପାୟ ବୋଲି ଟ୍ରଷ୍ଟ ମୁଖ୍ୟ ଜୀବନ ଦାଦା ପ୍ରକାଶ କରିଛନ୍ତି। ସମାଜ କଲ୍ୟାଣ ଲକ୍ଷ୍ୟରେ ଏହି ପ୍ରୟାସ ଜାରି ରହିଛି ବୋଲି କହିଛନ୍ତି।

# ପୂର୍ବ ସରକାରଙ୍କ ଯୋଜନାର ନାମ ପରିବର୍ତ୍ତନ କରି ପ୍ରଶଂସା ସାଉଣ୍ଟିବା ଉଦ୍ୟମ

ବ୍ୟାସନଗର, ୨୬।୭ (ସମିସ)

**ରାଜ୍ୟ ସରକାରଙ୍କ ବଜେଟ୍**

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗୁରୁବାର ରାଜ୍ୟ ସରକାର ଆଗତ କରିଥିବା ବଜେଟରେ ପୂର୍ବର ନବୀନ ସରକାରଙ୍କ ବିଭିନ୍ନ ଯୋଜନାକୁ କେବଳ ନାମ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳିଛି। ବିଶେଷକରି ନବୀନ ସରକାରଙ୍କ ନାରୀ ସଶକ୍ତିକରଣର ଉଦାହରଣ ସୃଷ୍ଟି କରିଥିବା ମିଶନ ଶକ୍ତିର କାର୍ଯ୍ୟକାରିତା ତଥା ମହିଳାଙ୍କୁ ସରକାର ପ୍ରତି ଆକର୍ଷିତ କରିବାକୁ ଅର୍ଥ ବରାଦ କରି ସେମାନଙ୍କୁ ଖୁସି କରିବାକୁ ଚେଷ୍ଟା କରିଛନ୍ତି। ତେବେ ନିର୍ବାଚନ ପୂର୍ବରୁ ଓ ପରେ ଦରଦାମ ବୃଦ୍ଧି, ଖାଦ୍ୟ ସଂରକ୍ଷଣ ନିମନ୍ତେ ଶୀତଳଭଣ୍ଡାର ନିର୍ମାଣ, ଏହାର ରକ୍ଷଣାବେକ୍ଷଣ ନେଇ ପୂର୍ବର ନବୀନ ସରକାରକୁ ଘେରୁଥିବାବେଳେ ଏବେ ବଜେଟରେ ସେ ନେଇ ଚୁପ୍ ରହିବାକୁ ରାଜ୍ୟବାସୀଙ୍କ ମନରେ ବିଶେଷକରି ଖାଉଟି ଓ ପରିବା ଚାଷୀ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖାଲିଥିବା ଶିକ୍ଷକ/ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ନିଯୁକ୍ତି ପ୍ରତି ଚଳିତ ବଜେଟରେ ଧ୍ୟାନ ନ ଦେବା ସରକାରଙ୍କ ଶିକ୍ଷା ପ୍ରତି ବିତୃଷ୍ଣା ଭାବକୁ ସୂଚାଉଛି।

ଏହି ବଜେଟକୁ ନେଇ ଯାଜପୁରରୋଡ ଚାମ୍ବର ଅଫ କମର୍ସର ସମ୍ପାଦକ ସଦାଶିବ ଦାଶ କହିଛନ୍ତି, ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଆଣିଥିବା ବଜେଟରେ ରାଜ୍ୟ ଅର୍ଥନୀତିର ବିକାଶ, ମହିଳା, ଶ୍ରମିକ, ଛାତ୍ରଛାତ୍ରୀ ଓ ଯୁବକଙ୍କୁ ଖୁସି କରିବାକୁ ଚେଷ୍ଟା କରିଥିବାବେଳେ ନିର୍ବାଚନ ପ୍ରତିଶ୍ରୁତି ରକ୍ଷା କରି ଚାଷୀର ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା କରିବାକୁ ଘୋଷଣା କରିଛନ୍ତି। ତେବେ ଚାଷୀ, ସ୍ୱାସ୍ଥ୍ୟ ଓ ଏ ସମ୍ବନ୍ଧୀୟ ବିଭିନ୍ନ ପୂର୍ବ ସରକାରଙ୍କ ଯୋଜନାର ନାମ ବଦଳାଇବାକୁ ନେଇ ସାଧାରଣ ଜନତାଙ୍କ ତାଚ୍ଛଲ୍ୟର ଶିକାର ହୋଇଛନ୍ତି। ରାଜ୍ୟରେ ହୁ ହୁ ହୋଇ ବଢୁଥିବା ଦରଦାମ ନିୟନ୍ତ୍ରଣ ଓ ଖାଦ୍ୟ ସଂରକ୍ଷଣ ନିମନ୍ତେ ଶୀତଳଭଣ୍ଡାର ନିର୍ମାଣ ଓ ପୂର୍ବରୁ ରହିଥିବା ଶୀଳତଭଣ୍ଡାରର ମରାମତି ନେଇ ଦୃଷ୍ଟି ନ ଦେବା ଚାଷୀ ପ୍ରତି ସରକାରଙ୍କ ମନୋଭାବ ବାରି ହୋଇପଡୁଛି। ଶିକ୍ଷକ ଓ ଅଧ୍ୟାପକ ନିଯୁକ୍ତି ପ୍ରତି ଦୃଷ୍ଟି ଦିଆଯାଇ ନ ଥିବାବେଳେ ଯାଜପୁରରେ ସ୍ଥାପିତ ଯଯାତି କେଶରୀ ମେଡିକାଲ କଲେଜରେ ଚଳିତବର୍ଷ ନାମଲେଖା ହେଉଥିବାରୁ କେନ୍ଦ୍ର ସରକାର ଏହାର ସିଟ ସଂଖ୍ୟା ୧୦୦ରୁ ୫୦କୁ କମାଇ ଦେଇଥିବାରୁ ରାଜ୍ୟରେ ପୁଣି ଡାକ୍ତରଜନିତ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି। ରାଜ୍ୟ ସରକାର କେନ୍ଦ୍ର ସହ ଆଲୋଚନା କରି ମେଡିକାଲ କଲେଜ ସିଟ୍ ସଂଖ୍ୟା ବୃଦ୍ଧି କରିବା ଉଚିତ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି।



ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସିଏସନର ସଭାପତି ବିବେକାନନ୍ଦ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଜେଟକୁ ଏକ ଲୋକାଭିମୁଖୀ ବଜେଟ କହିବା ସହିତ ସରକାର ଏହାକୁ ଏକ ବିକାଶମୁଖୀ ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ତିନିଦିନ ପୂର୍ବେ କେନ୍ଦ୍ର ଅର୍ଥମନ୍ତ୍ରୀ ଆଗତ କରିଥିବା ବଜେଟ୍‌ରେ ଓଡ଼ିଶାବାସୀଙ୍କ ନିମନ୍ତେ ଆଖିଦୃଶିଆ ବ୍ୟୟ ବରାଦ ନ ଥିବାରୁ ଆମେ ନିରାଶ ହୋଇଥିବାବେଳେ ଉକ୍ତ ବଜେଟ୍‌ଟି କିଛି ମାତ୍ରାରେ ଆଶ୍ୱସ୍ତ ଦେଇଛି ବୋଲି କହି ହେବ। ନୂତନ ରାଜ୍ୟ ବଜେଟ୍‌ରେ ଖର୍ଚ୍ଚ ଆକଳନ ପ୍ରସ୍ତାବ ପ୍ରତ୍ୟେକ ଦିଗ ଓ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଗତବର୍ଷ ବ୍ୟୟବରାଦର ୧୫ ପ୍ରତିଶତ ବୃଦ୍ଧି ସ୍ୱାଗତଯୋଗ୍ୟ। ସ୍ୱାସ୍ଥ୍ୟସେବା କ୍ଷେତ୍ରର ଭିତ୍ତିଭୂମି ସୁଦୃଢ଼ ସହିତ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ମୋହନ ସରକାର କିଛି ଠୋସ ପ୍ରସ୍ତାବ ରଖିଛନ୍ତି। ତେବେ ମୋହନ ସରକାର ବହୁ ପୁରୁଣା ଯୋଜନାକୁ ନାମ ପରିବର୍ତ୍ତନ କରି ନୂଆ ନାମ ଦେଇ ବଜେଟ୍‌ରେ ସ୍ଥାନିତ କରିଥିବାରୁ ଉଚିତ ପଦେକ୍ଷପ ହୋଇ ନ ଥିବାବେଳେ ମଦ ନୀତି ଅପରିବର୍ତ୍ତିତ ରଖିବା ଓଡ଼ିଶାବାସୀଙ୍କୁ ନିରାଶ କରିଛି।



ବାମପନ୍ଥୀ ନେତା ସନ୍ତୋଷ ଦାସ କହିଛନ୍ତି, ବିଜେପି ସରକାରର ଖଡ଼ିଛୁଆଁ ବଜେଟ ଭାଷଣ ଆକାର ଦୃଷ୍ଟିରୁ ଦୀର୍ଘ। ମାତ୍ର ଦୃଷ୍ଟିଭଙ୍ଗୀ ଦିଗରୁ ସଂକୀର୍ଣ୍ଣ। ବୃଦ୍ଧି ପାଉଥିବା ରାଜସ୍ୱ ଓ ଋଣଲବ୍ଧ ଆୟର ଖର୍ଚ୍ଚ ତାଲିକା ହେଉଛି ଏହି ବଜେଟର ନିର୍ଯ୍ୟାସ। ଏହାର ବିଶେଷତ୍ୱ ହେଲା, କିଛି ନୂତନ ଯୋଜନା ସଂଯୋଗ ଓ ପୁରୁଣା ଯୋଜନାର ନାମ ପରିବର୍ତ୍ତନ। ଅସହାୟ ବୁଢ଼ାବୁଢ଼ୀ, ବିଧବା ଓ ଭିନ୍ନକ୍ଷମଙ୍କୁ ଏହି ବଜେଟ ପ୍ରତାରିତ କରିଛି। ତିନି ହଜାର ଟଙ୍କା ଭତ୍ତା ପାଇବା ଆଶା ସେମାନଙ୍କର ମଉଳି ଯାଇଛି। ୮୦ ବର୍ଷ ବୟସରୁ ଊର୍ଦ୍ଧ୍ୱ କିମ୍ବା ଶରୀରର କୌଣସି ଅଙ୍ଗ ୮୦ ଭାଗ ଅକାମୀ ହୋଇଥିବା ବ୍ୟକ୍ତିଙ୍କ ପାଇଁ ଯେଉଁ ଭତ୍ତାକୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି, ଯେଉଁମାନେ ଉପକୃତ ହେବେ ସେମାନଙ୍କ ସଂଖ୍ୟା ଖୁବ୍ ସୀମିତ। ଖାଲି ପଡ଼ିଥିବା ପଦବୀ ମଧ୍ୟରୁ ଆଗାମୀ ଦୁଇବର୍ଷ ମଧ୍ୟରେ ୬୫ ହଜାର ପୂରଣ କରିବାକୁ ଘୋଷଣା କରିଛନ୍ତି। ଏଥିରେ ବିଶେଷ ଉନ୍ନତି ଆସିବନାହିଁ। ଏହି ଦୁଇବର୍ଷରେ ୬୫ ହଜାରରୁ ଅଧିକ ଅବସର ଗ୍ରହଣ କରିବେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କା ବୋନସ ଘୋଷଣା କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ବାବଦରେ ରାଜକୋଷରୁ ଖର୍ଚ୍ଚ ହେବ ୪୪୮ କୋଟି ଟଙ୍କା। ତେବେ ଧାନ ସଂଗ୍ରହକୁ କିପରି ପରିଚାଳନା କରାଯିବ ଓ କେତେ ଧାନ ସଂଗ୍ରହ କରାଯିବ, ଭବିଷ୍ୟତ ହିଁ ତାର ପ୍ରମାଣ ବହନ କରିବ ବୋଲି କହିଛନ୍ତି।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୭୫ • ପାଉଣ୍ଡ ୧୦୭.୦୨
- ୟୁରୋ ୯୦.୪୨ • ୟେନ୍ ୦.୫୪

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା: ୬୩,୦୦୦ (ଭୁବନେଶ୍ୱର)
- ରୁପା : ୮୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୧,୩୩୨.୦୦
- ନିଫ୍ଟି ୨୪,୮୩୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ବର୍ଷକରେ ବିମାନ ଭଡ଼ା ୨୦% ମହଙ୍ଗା

ନୂଆଦିଲ୍ଲୀ,୨୬।୭(ଏଜେନ୍ସି)

ଦେଶରେ କ୍ରମଶଃ ବିମାନ ଯାତ୍ରା ମହଙ୍ଗାହେ୍ୱାରେ ଲାଗିଛି। ଆଗାମୀ ଦିନରେ ଏହା ଆହୁରି ମହଙ୍ଗା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାର କାରଣ ହେଉଛି ବେଙ୍ଗାଲୁରୁ, କୋଚି ଏବଂ ଅହମ୍ମଦାବାଦ ସମେତ ଦେଶର ୧୬ ଟି ପ୍ରମୁଖ ବିମାନବନ୍ଦରରେ ୟୁଜର୍ ଡେଭଲପମେଣ୍ଟ ଫି (ୟୁଡିଏଫ୍) ୨% ରୁ ୨୨୩% କୁ ବୃଦ୍ଧି ପାଇଛି। ପାଟନା ବିମାନ ବନ୍ଦରରେ ଏହି ଶୁଳ୍କ ୨୦୪ରୁ ୬୬୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି କାରଣରୁ ବିମାନ ଭଡ଼ା ୪୫୬ ଟଙ୍କା ବୃଦ୍ଧି ପାଇପାରେ। ଭାରତୀୟ ପର୍ଯ୍ୟଟନ ସଂଘର ସଭାପତି ଜ୍ୟୋତି ମାୟାଲଙ୍କ ଅନୁଯାୟୀ ଉଚ୍ଚ ବିକାଶ ଶୁଳ୍କ ବିମାନବନ୍ଦରର ପରିଚାଳନା ତଥା ରକ୍ଷଣାବେକ୍ଷଣ ପାଇଁ ଉପଯୁକ୍ତ , କିନ୍ତୁ ଏହାର ଭାର ଯାତ୍ରୀମାନଙ୍କ ଉପରେ ପଡୁଛି। ବିମାନ ଚଳାଚଳ ବିଶେଷଜ୍ଞ ଗୌରଙ୍ଗ ଶାହା କହିଛନ୍ତି ଯେ ନୂତନ ବିମାନବନ୍ଦର ନିର୍ମାଣ ଏବଂ ଟାୟାର ୨-୩ ସହରରେ ସଂଯୋଗ ଏବଂ ବିମାନ ଉଡ଼ାଣରେ ବୃଦ୍ଧି ହେତୁ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି।

ବିମାନ ଅଭାବ ହେତୁ ଶିଳ୍ପ ଏହି ଚାହିଦା ପୂରଣ ପାଇଁ ସଂଘର୍ଷ କରୁଛି। ସୁବିଧା ବୃଦ୍ଧି ହେତୁ ବିମାନବନ୍ଦର କର୍ତ୍ତୃପକ୍ଷ ବିକାଶ ଶୁଳ୍କ ବୃଦ୍ଧି କରୁଛନ୍ତି।ଏହାଦ୍ୱାରା ବିମାନ ଭଡା ଆହୁରି ବୃଦ୍ଧି ପାଇପାରେ, କିନ୍ତୁ ଯାତ୍ରୀ ସଂଖ୍ୟା ପ୍ରଭାବିତ ହେବ ନାହିଁ। ଗତ ବର୍ଷର ସମାନ ଅବଧି ତୁଳନାରେ ଏହି ତ୍ରୈମାସିକ ଭଡା ୨୦% ଅଧିକ। ଥୋମାସ୍ କୁକ୍‌ର ଏକ ରିପୋର୍ଟ ଅନୁଯାୟୀ, ଦିଲ୍ଲୀରୁ ଚଣ୍ଡିଗଡ଼କୁ ବିମାନ ଭଡ଼ା ୨୦% ମହଙ୍ଗା ପଡିଛି। ମୁମ୍ବାଇରୁ ଉଦୟପୁର, ଗୋଆ ଏବଂ ଜୟପୁର ପର୍ଯ୍ୟନ୍ତ ଭଡା ୧୩% ବୃଦ୍ଧି ପାଇଛି। ବେଙ୍ଗାଲୁରୁରୁ ଗୋଆ, ଚଣ୍ଡିଗଡ଼, ଲେ ଏବଂ ଶ୍ରୀନଗର ପର୍ଯ୍ୟନ୍ତ ଭଡା ୫-୧୧% ବୃଦ୍ଧି ହୋଇଛି।ଆଗାମୀ ଦିନରେ ଏହି ଭଡା ଆହୁରି ବଢ଼ିପାରେ। ଆହୁରି ମଧ୍ୟ ଆଗକୁ ସ୍ୱାଧୀନତା ଦିବସ, ଜନ୍ମାଷ୍ଟମୀ, ଓନମ୍ ଏବଂ ଗଣେଶ ଚତୁର୍ଥୀ ଭଳି ପର୍ବପର୍ବାଣୀ ରହିଛି। ଏହି ସମୟ ମଧ୍ୟରେ ଚାହିଦାରେ ବେଶ ବୃଦ୍ଧି ଦେଖାଦେବ।

ସମଗ୍ର ବିଶ୍ୱରେ ଯାତ୍ରୀଙ୍କ ଚାହିଦା ବୃଦ୍ଧି ହେତୁ ବିମାନ କମ୍ପାନୀଗୁଡିକ ସେମାନଙ୍କର ଉଡ଼ାଣ ସଂଖ୍ୟାରେ ବୃଦ୍ଧି ଘଟାଉଛନ୍ତି। ଏହି କାରଣରୁ ଟିକେଟ୍ ମୂଲ୍ୟ ହ୍ରାସ ପାଉଛି। ବିଶେଷ କରି ଏସିଆ ଏବଂ ୟୁରୋପ କ୍ଷେତ୍ରରେ ବିମାନ ଯାତ୍ରା ଶସ୍ତା ଦିନକୁ ଦିନ ଶସ୍ତା ହେଉଛି। ଟ୍ରାଭେଲ ଗ୍ରୁପ୍ ଫ୍ଲାଇଟ୍ ସେଣ୍ଟରର ଏକ ରିପୋର୍ଟ ଅନୁଯାୟୀ, ଅନୁଯାୟୀ ୨୦୨୪ର ପ୍ରଥମାର୍ଦ୍ଧରେ ବିମାନ ଭଡ଼ା ଗତ ବର୍ଷ ତୁଳନାରେ ୬% ହ୍ରାସ ପାଇଛି। ଉଦାହରଣ ସ୍ୱରୂପ ଅଷ୍ଟ୍ରେଲିଆରୁ ଇଣ୍ଡୋନେସିଆ ଯାଏ ଭଡ଼ା ୧୮% ହ୍ରାସ ପାଇଛି। ଅଷ୍ଟ୍ରେଲିଆରୁ ୟୁରୋପ ଏବଂ ଆମେରିକା ପର୍ଯ୍ୟନ୍ତ ଭଡା ୧୧% କମିଛି। ତେବେ ବିମାନ ଭଡ଼ା ବୃଦ୍ଧି ଭାରତରେ ଏହା ଏକ ଟ୍ରେଣ୍ଡରେ ପରିଣତ ହୋଇଛି। ଅପରପକ୍ଷେ ଏହି ସମୟରେ ଅନ୍ତର୍ଜାତୀୟ କ୍ଷେତ୍ରରେ ବିମାନ ଭଡ଼ା ହାରାହାରି ୧୦% ହ୍ରାସ ପାଇଛି।

- ଡେଭଲପମେଣ୍ଟ ଫି ୨୨୪% ବଢ଼ାଇଲେ ୧୬ ବିମାନ ବନ୍ଦର
- ଜୟପୁର ବିମାନ ବନ୍ଦର ସବୁଠାରୁ ଅଧିକ ୮୦୫ ଟଙ୍କା ଫି' ଅସୁଲ କରୁଛି
- ଦିଲ୍ଲୀରୁ ଚଣ୍ଡିଗଡ଼ ଭଡ଼ା ୨୦% ବଢ଼ିଛି
- ଏସିଆ, ୟୁରୋପରେ ଶସ୍ତା ହେଉଛି ବିମାନ ଯାତ୍ରା




## ଜୁଏଲାରୀ ବ୍ୟବସାୟରେ ପ୍ରବେଶ କରିବ ଆଦିତ୍ୟ ବିର୍ଲା ଗ୍ରୁପ୍

ADITYA BIRLA GROUP | INDRIYA ADITYA BIRLA | JEWELLERY

**ନୂଆଦିଲ୍ଲୀ, ୨୬।୭(ଏଜେନ୍ସି):** ପେଣ୍ଟ ପରେ ଏବେ ଜୁଏଲାରୀ ବ୍ୟବସାୟରେ ପ୍ରବେଶ କରିବ ଆଦିତ୍ୟ ବିର୍ଲା ଗ୍ରୁପ। ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ଆଜି ଗ୍ରୁପର ଗହଣା ଖୁଚୁରା ବ୍ୟବସାୟର ଶୁଭାରମ୍ଭ ଘୋଷଣା କରିଛନ୍ତି। ଏହା ଫଳରେ କମ୍ପାନୀ ଦ୍ରୁତ ଗତିରେ ବିସ୍ତାରିତ ଦେଶର ୬.୭ ଲକ୍ଷ କୋଟିର ଗହଣା ବଜାରରେ ପ୍ରବେଶ କରିଛି। ଏହି ପଦକ୍ଷେପ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିଛି କାରଣ ଗ୍ରୁପ୍ ଏହାର ଶକ୍ତିଶାଳୀ ବ୍ରାଣ୍ଡ ଶକ୍ତି ଏବଂ ଗଭୀର ବଜାର ବୁଝାମଣାକୁ ଉପଯୋଗ କରି ଏହାର ଉପଭୋକ୍ତା ପୋର୍ଟଫୋଲିଓକୁ ସୁଦୃଢ଼ କରିଛି। ଇନ୍ଦ୍ରିୟ ବ୍ରାଣ୍ଡ ଅଧୀନରେ ଆରମ୍ଭ ହୋଇଥିବା ଏହି ଗହଣା ବ୍ୟବସାୟ ଆଗାମୀ ୫ ବର୍ଷ ମଧ୍ୟରେ ଭାରତର ଶ୍ରେଷ୍ଠ ୩ଟି ଅଳଙ୍କାର ରିଟେଲରଙ୍କ ମଧ୍ୟରେ ସ୍ଥାନ ସୁରକ୍ଷିତ କରିବାକୁ ଲକ୍ଷ୍ୟ ରଖିଛି। ଭାରତରେ ଅଳଙ୍କାର ଖୁଚୁରା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଆଦିତ୍ୟ ବିର୍ଲା ଗ୍ରୁପର ପ୍ରତିବଦ୍ଧତାକୁ ଦର୍ଶାଇ ଏହି ମହତ୍ୱାକାଂକ୍ଷୀ ଉଦ୍ୟୋଗକୁ ୫,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରଦାନ କରିଛି। କୁମାର ମଙ୍ଗଳମ୍ ବିର୍ଲାଙ୍କ ମତରେ ଭାରତୀୟ ଉପଭୋକ୍ତା ଦ୍ରୁତ ଗତିରେ ବଢୁଛନ୍ତି ଏବଂ ଭାରତ ବୋଧହୁଏ ବିଶ୍ୱର ସବୁଠାରୁ ଆଶାଜନକ ଉପଭୋକ୍ତା ଗୋଷ୍ଠୀ। ଚଳିତ ବର୍ଷ ଆମେ ଭାରତୀୟ ଉପଭୋକ୍ତାଙ୍କ ଗତିଶୀଳତା ଉପରେ ଆମର ବାଜିକୁ ଦ୍ୱିଗୁଣିତ କରି ଦୁଇଟି ପ୍ରମୁଖ ନୂତନ ଉପଭୋକ୍ତା ରଙ୍ଗ ଏବଂ ଅଳଙ୍କାର ବର୍ଗରେ ଆରମ୍ଭ କରିଛୁ। ଅଣଆନୁଷ୍ଠାନିକ କ୍ଷେତ୍ରରୁ ଆନୁଷ୍ଠାନିକ କ୍ଷେତ୍ରକୁ ଚାଲିଥିବା ମୂଲ୍ୟ ସ୍ଥାନାନ୍ତର, ଶକ୍ତିଶାଳୀ, ବିଶ୍ୱସ୍ତ ବ୍ରାଣ୍ଡଗୁଡିକ ପାଇଁ ଗ୍ରାହକଙ୍କ ବଢୁଥିବା ପସନ୍ଦ ଏବଂ କ୍ରମାଗତ ବୃଦ୍ଧି ପାଉଥିବା ବିବାହ ବଜାର କାରଣରୁ ଅଳଙ୍କାର ବ୍ୟବସାୟରେ ପ୍ରବେଶ କରିବା ଜରୁରୀ। ସେ ଆହୁରି ମଧ୍ୟ କହିଛନ୍ତି ଯେ ୨୦ ବର୍ଷରୁ ଅଧିକ ସମୟ ଧରି ଫ୍ୟାଶନ ରିଟେଲ ଏବଂ ଲାଇଫଷ୍ଟାଇଲ ଶିଳ୍ପରେ ଥିବା ଗ୍ରୁପ୍ ପାଇଁ ଏହି ପ୍ରବେଶ ଏକ ସ୍ୱାଭାବିକ ସମ୍ପ୍ରସାରଣ। ରିଟେଲ, ଡିଜାଇନ୍ ଏବଂ ବ୍ରାଣ୍ଡ ପରିଚାଳନାରେ ଆମେ ଯେଉଁ ଦୃଢ଼ ଦକ୍ଷତାହାସଲ କରିଛୁ ତାହା ଆମ ସଫଳତାର ସ୍ତମ୍ଭ ଭାବେ କାମ କରିବ। ପ୍ରତ୍ୟେକ ଅଳଙ୍କାର କାରିଗରୀର ଏକ ଅନନ୍ୟ କାହାଣୀ କହିଥାଏ ବୋଲି ବୁଝିବା ଉପରେ ଏହା ନିର୍ମିତ। ସ୍ୱତନ୍ତ୍ର ଉତ୍ପାଦ, ଅସାଧାରଣ ଗ୍ରାହକ ଅଭିଜ୍ଞତା ଏବଂ ଚମତ୍କାର କ୍ରୟ ଯାତ୍ରା ଶେଷରେ ଅଳଙ୍କାର ମାଧ୍ୟମରେ ଆତ୍ମ-ଅଭିବ୍ୟକ୍ତି ଖୋଲିବାକୁ ସକ୍ଷମ କରୁଛି।

## ଏସିଆର ପ୍ରଥମ ଲୋ କାର୍ବନ ଗ୍ରୀନ୍ ଜିଙ୍କ୍ ଇକୋଜେନ୍ ଶୁଭାରମ୍ଭ କଲା ହିନ୍ଦୁସ୍ତାନ ଜିଙ୍କ୍




**ଭୁବନେଶ୍ୱର, ୨୬।୭(ସମିସ):** ଜିଙ୍କ୍ ଉତ୍ପାଦନକାରୀ ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡ୍ ଆଜି ଏହାର କମ୍ କାର୍ବନ ଗ୍ରୀନ ଜିଙ୍କ୍ ବ୍ରାଣ୍ଡ ଇକୋଜେନ୍‌କୁ ଉନ୍ମୋଚନ କରିଛି। ଏସ ଆଣ୍ଡ ପି ଗ୍ଲୋବାଲ ସିଏସଏ ଅନୁଯାୟୀ ବିଶ୍ୱର ସବୁଠାରୁ ସ୍ଥାୟୀ ଧାତୁ ଏବଂ ଖଣି କମ୍ପାନୀ ଭାବରେ ସ୍ୱୀକୃତି ପାଇଥିବା କମ୍ପାନୀ ବିଶ୍ୱବ୍ୟାପୀ ଏହାର ଗ୍ରାହକଙ୍କ ପାଇଁ ଏସିଆର ପ୍ରଥମ ଲୋ କାର୍ବନ ଗ୍ରୀନ ଜିଙ୍କ୍ ଅଫର ଶୁଭାରମ୍ଭ କରିଛି। ଇକୋଜେନ୍ କୁ ଏକ ପ୍ରସିଦ୍ଧ ବିଶ୍ୱ ସ୍ଥାୟୀତ୍ୱ ପରାମର୍ଶଦାତା ସଂସ୍ଥା ଲାଇଫ୍ ସାଇକେଲ୍ ଆସେସମେଣ୍ଟ (ଏଲସିଏ) ମାଧ୍ୟମରେ କମ୍ କାର୍ବନ ଜିଙ୍କ୍ ଭାବରେ ସାର୍ଟିଫିକେଟ୍ ଦେଇଛି ଏବଂ ଉତ୍ପାଦିତ ଜିଙ୍କର ଟନ୍ ପିଛା ଏକ ଟନ୍ ରୁ କମ୍ କାର୍ବନ ଫୁଟପ୍ରିଣ୍ଟ ରହିଛି। ଅକ୍ଷୟ ଶକ୍ତି ବ୍ୟବହାର କରି ନିର୍ମିତ ଇକୋଜେନ୍‌ର କାର୍ବନ ଫୁଟପ୍ରିଣ୍ଟ ବିଶ୍ୱର ହାରାହାରି ତୁଳନାରେ ପ୍ରାୟ ୭୫% କମ୍। ଇକୋଜେନ୍ ହିନ୍ଦୁସ୍ତାନ ଜିଙ୍କ୍ ର କାର୍ଯ୍ୟକୁ ଡିକାର୍ବୋନାଇଜ୍ କରିବା ସହିତ ଏହାର ଗ୍ରାହକମାନଙ୍କୁ ଅଧିକ ସ୍ଥାୟୀ ବିକଳ୍ପ ପ୍ରଦାନ କରିବା ପାଇଁ ଏକ ଅତୁଳନୀୟ ପ୍ରତିଯୋଗିତାମୂଳକ ସୁବିଧା ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଏ। ହିନ୍ଦୁସ୍ତାନ ଜିଙ୍କ୍ ର ଇକୋଜେନ୍ ସହିତ ଏକ ଟନ୍ ଇସ୍ପାତ ଉତ୍ପାଦନ କରିବାରେ ଏହି ନୂତନ ଅଫର ସେମାନଙ୍କ ମୂଲ୍ୟ ଶୃଙ୍ଖଳାରେ ପ୍ରାୟ ୪୦୦ କିଲୋଗ୍ରାମ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରିବ।

### ପାଞ୍ଚ ଦିନ ପରେ ସେୟାର ବଜାରରେ ଫେରିଲା ଦମ୍

## ସେନ୍ସେକ୍ସ ୧୨୯୩ ପଏଣ୍ଟ ଉଠିଲା



**ନିଫ୍ଟି ୨୫ ହଜାର ପଏଣ୍ଟ ଛୁଇଁବ**

**ନିବେଶକ କମାଇଲେ ୭ ଲକ୍ଷ କୋଟି**

ମୁମ୍ବାଇ,୨୬।୭ (ଏଜେନ୍ସି

କେନ୍ଦ୍ର ବଜେଟ ଆଗତ ହେବାର ୫ ଦିନ ପରେ ଘରୋଇ ପୁଞ୍ଜି ବଜାରରେ ପୁଣିଥରେ ଉତ୍ସାହ ଫେରିଛି। ଫଳସ୍ୱରୂପ ଆଜି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍ସେକ୍ସରେ ପାଖାପାଖି ୧୨୯୩ ପଏଣ୍ଟ ବୃଦ୍ଧି ଘଟିଛି। ଆମେରିକାର ଜିଡିପି ତଥ୍ୟ ଆଶାଠାରୁ ଭଲ ରହିବାର ପ୍ରଭାବ ଯୋଗୁ ସେନ୍ସେକ୍ସରେ ଏଭଳି ବୃଦ୍ଧି ଦେଖିବାକୁ ମିଳିଛି। ଶୁକ୍ରବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍ସେକ୍ସରେ ୧୨୯୩ ପଏଣ୍ଟ ବୃଦ୍ଧି ଘଟି ୮୧,୩୩୨.୭୨ ପଏଣ୍ଟରେ କାରବାର ଶେଷ ହୋଇଛି। ତେବେ ଦିନର କାରବାର ମଧ୍ୟରେ ଏଥିରେ ସର୍ବାଧିକ ୧୩୮୭.୩୮ ପଏଣ୍ଟ ବୃଦ୍ଧି ଘଟି ସର୍ବାଧିକ ୮୧,୪୨୭.୧୮ ପଏଣ୍ଟ ଛୁଁଥିଲା। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୪୨୮.୭୫ ପଏଣ୍ଟ ବୃଦ୍ଧି ଘଟି ୨୪,୮୩୪.୮୫ ପଏଣ୍ଟରେ କାରବାର ଶେଷ ହୋଇ ସର୍ବକାଳୀନ ରେକର୍ଡ ୨୫ ହଜାର ପଏଣ୍ଟ ଛୁଇଁବାକୁ ବସିଛି। ଶୁକ୍ରବାର କାରବାରରେ ଆଇଟି, ଫାର୍ମା, ବନ୍ଦସର, ଇସ୍ପାତ, ଅଟୋ ଏବଂ ଧାତବ ଆଦି କ୍ଷେତ୍ରର ସେୟାର ମୂଲ୍ୟରେ ଅଧିକ ବୃଦ୍ଧି ପରିଲକ୍ଷିତ ହୋଇଥିଲା।

## ସିଆଇଆଇ ଲଜିଷ୍ଟିକ୍ସ କଲୋକ୍ୟୁମ୍-୨୦୨୪




ଭୁବନେଶ୍ୱର,୨୬।୭(ସମିସ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରରେ ଲଜିଷ୍ଟିକ୍ କଲୋକ୍ୟୁମ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବ୍ୟାଙ୍କର ଉପଦେଷ୍ଟା ତଥା ଗେଟୱେ ରେଲ୍ ଫ୍ରେଟ୍ ଲିମିଟେଡର ପୂର୍ବତନ ସିଇଓ ତଥା ନିର୍ଦ୍ଦେଶକ ସଚିନ ଭାନୁଶାଳୀ ବର୍ତ୍ତମାନର ସଡ଼କ ପରିବହନ ବ୍ୟବସ୍ଥାରେ ବିଭିନ୍ନ ଆହ୍ୱାନ ସମ୍ପର୍କରେ ଆଲୋକପାତ କରିବା ସହ ପାଶ୍ଚାତ୍ୟ ମାନକ ଭଳି ଉନ୍ନତ ନିୟନ୍ତ୍ରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣର ଅଧ୍ୟକ୍ଷ ବିଜୟ କୁମାର ପରିବହନର ଏକ ସ୍ଥାୟୀ ମାଧ୍ୟମ ଭାବରେ ଜାତୀୟ ଜଳପଥର ଭୂମିକା ଉପରେ ଆଲୋକପାତ କରିଥିଲେ। ଆଦାନୀ ପୋର୍ଟସ୍ ଆଣ୍ଡ ସ୍ପେଶାଲ ଇକୋନୋମିକ୍ ଜୋନ ଲିମିଟେଡର ସଭାପତି ସୁବ୍ରତ ତ୍ରିପାଠୀ ଯୋଗଦେଇ ପାରାଦୀପ ବନ୍ଦର ସମେତ ବିଭିନ୍ନ ବନ୍ଦରରେ କଣ୍ଟେନର କ୍ଷେତ୍ରରେ ଉଲ୍ଲେଖନୀୟ ବିକାଶ ଘଟୁଥିବା କହିଥିଲେ। ଏଥିରେ କନକୋରର ଏରିଆ ହେଡ୍ ରବି ପ୍ରକାଶ ଚତୁର୍ବେଦୀ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଡା. ପ୍ରଦୀପ୍ତ ମହାନ୍ତି, ବେଦାନ୍ତ ଗ୍ରୁପର ସିଇଓ ଆଶିଷ ଗୁପ୍ତା ପ୍ରମୁଖ ଯୋଗଦେଇଥିଲେ।

## ଜିନ୍ଦଲ୍ ଷ୍ଟେନଲେସ୍ ପୁରସ୍କୃତ



**ଭୁବନେଶ୍ୱର,୨୬।୭(ସିମସ):** ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍ ଚଣ୍ଡିଗଡ଼ରେ ଅନୁଷ୍ଠିତ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ)ର ଜାତୀୟ ଶକ୍ତି ଦକ୍ଷତାସର୍କଲ ପ୍ରତିଯୋଗିତାର ଅଷ୍ଟମ ସଂସ୍କରଣରେ ୬ଟି ପୁରସ୍କାର ହାସଲ କରିଛି। ହିସାର, ହରିୟାଣା ଏବଂ ଓଡ଼ିଶାର ଯାଜପୁରରେ ଥିବା ଏହାର ଉତ୍ପାଦନ ୟୁନିଟରେ ନିରନ୍ତର ବିକାଶ ଏବଂ ଶକ୍ତି ସମ୍ବଳର ଦକ୍ଷ ବ୍ୟବହାର ଦିଗରେ ପ୍ରତିବଦ୍ଧତା ପାଇଁ କମ୍ପାନୀକୁ ପୁରସ୍କୃତ କରାଯାଇଛି। ଜିନ୍ଦଲ ଷ୍ଟେନଲେସ୍ ହିସାର ୟୁନିଟ୍ 'ଲୋ କାର୍ବନ ଏବଂ କାର୍ବନ ନ୍ୟୁଟ୍ରାଲ ପଦକ୍ଷେପ ଉପରେ ସର୍ବୋତ୍ତମ କେସ୍ ଷ୍ଟଡି' 'ଶ୍ରେଷ୍ଠ ଶକ୍ତି ଦକ୍ଷତା କେସ ଷ୍ଟଡି', 'ଶକ୍ତି ଦକ୍ଷତାରେ ଉଦ୍ଭାବନ' ଏବଂ 'ଆଇଏସ୍‌ଓ ୫୦୦୦୧: ଏନର୍ଜି ମ୍ୟାନେଜମେଣ୍ଟ ସିଷ୍ଟମର ପ୍ରଭାବଶାଳୀ କାର୍ଯ୍ୟକାରିତା›ବର୍ଗରେ ବିଜୟୀ ହୋଇଛି। ଯାଜପୁର ୟୁନିଟ୍ 'ଶ୍ରେଷ୍ଠ ଶକ୍ତି ଦକ୍ଷତା ସଂସ୍ଥା' ଏବଂ 'ଆଇଏସ୍‌ଓ ୫୦୦୦୧ (ଏନ୍ ଏମ୍ ଏସ୍ ସିଷ୍ଟମ୍)ର ଶ୍ରେଷ୍ଠ କାର୍ଯ୍ୟକାରିତା' ପୁରସ୍କାର ହାସଲ କରିଛି। ସିଆଇଆଇ ପ୍ରତିଯୋଗିତାରେ ଧାତୁ ଏବଂ ସିମେଂଟ ସମେତ ଦେଶର ବିଭିନ୍ନ କ୍ଷେତ୍ରର ଶୀର୍ଷ ସ୍ତରୀୟ ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଅଭ୍ୟୁଦୟ ଜିନ୍ଦଲ ଏହି ସଫଳତା ସମ୍ପର୍କରେ ମନ୍ତବ୍ୟ ଦେଇ କହିଛନ୍ତି, "ଶକ୍ତି ଦକ୍ଷତା ପ୍ରତି ଆମର ପ୍ରତିବଦ୍ଧତାକୁ ସିଆଇଆଇ ସ୍ୱୀକୃତି ଦେଇଥିବାରୁ ଆମେ ଗର୍ବିତ।

## କେନ୍ଦ୍ରାପଡ଼ାରେ 'ଲମ୍ୟାନ୍'ର ପ୍ରଥମ ଷ୍ଟୋର

**ଭୁବନେଶ୍ୱର,୨୬।୭(ସମିସ):** କେୱାଲ କିରଣ କ୍ଲୋଦିଂ ଲିମିଟେଡ୍ (କେକେସିଏଲ୍)ର ଐତିହାସିକ ମେନସ୍ ସୁଲଭ ବିଳାସପୂର୍ଣ୍ଣ ଫ୍ୟାସନ୍ ବ୍ରାଣ୍ଡ 'ଲମ୍ୟାନ୍' ଆଜି ଓଡ଼ିଶା ବଜାରରେ ଏହାର ଥାପିଛି। କେନ୍ଦ୍ରାପଡ଼ାର କେନ୍ଦ୍ରସ୍ଥଳରେ ଥିବା ଏହି ବ୍ରାଣ୍ଡ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ଲମ୍ୟାନ୍ ଚଳିତ ଆର୍ଥିକବର୍ଷ ଶେଷ ସୁଦ୍ଧା ରାଜ୍ୟରେ ୫୦ଟି ଷ୍ଟୋର ଯୋଡ଼ିବାକୁ ଯୋଜନା ରଖିଛି। ସ୍ମାର୍ଟ, ଷ୍ଟାଇଲିସ୍ ଏବଂ ଆରାମଦାୟକ ପୋଷାକ ପିନ୍ଧିବା ପାଇଁ ଓଡ଼ିଶାର ଫ୍ୟାଶନ ଫରୱାର୍ଡ ପୁରୁଷଙ୍କ ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲମ୍ୟାନର ଏହି ଦ୍ରୁତ ସମ୍ପ୍ରସାରଣ ଯୋଜନା ଆସିଛି। କେନ୍ଦ୍ରାପଡ଼ା ଦୁହୁରିଆ ଛକ ସ୍ଥିତ ରାଜ କିଶୋର ମାର୍କେଟ କମ୍ପେ୍ଲକ୍ସରେ ଥିବା ଲମ୍ୟାନ୍ସ ନୂଆ ଷ୍ଟୋରରେ ଶ୍ରେଷ୍ଠ ଟ୍ରେଣ୍ଡିଂ ଡିଜାଇନ୍, ନୂଆ ଯୁଗର କପଡ଼ା, ପୁରୁଷଙ୍କ କ୍ୟାଜୁଆଲ୍, ୱାର୍କ ଓ ପାର୍ଟି ପୋଷାକର ମାନ ବୃଦ୍ଧି କରାଯାଇଛି। ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ଉପଯୁକ୍ତ ଏହି ଷ୍ଟୋରରେ ଦିନରୁ ରାତି ପର୍ଯ୍ୟନ୍ତ ଗ୍ରାହକଙ୍କ ଫ୍ୟାଶନ ପୋଷାକ ଯାତ୍ରାକୁ ଅନ୍ତର୍ଭୁକ୍ତ କରି ଏକ ସମ୍ପୂର୍ଣ୍ଣ ୱାର୍ଡ୍ରୋବ୍ ସମାଧାନ ପ୍ରଦାନ କରାଯାଇଥାଏ। ଷ୍ଟୋରରେ ସର୍ଟସ, ଟି-ସାର୍ଟ, ଜିନ୍ସ, କ୍ୟାଜୁଆଲ ସାର୍ଟ, କାଜୁଆଲ ପ୍ୟାଟ୍, କାର୍ଗୋ ଏବଂ ଟ୍ରାଭେଲ ପଟ୍ଟକୁ ନେଇ ଏକ ଟ୍ରେଣ୍ଡି ପୋଷାକ ଲାଇନ୍ ରହିଛି। କେୱାଲ କିରଣ କ୍ଲୋଦିଂ ଲିମିଟେଡର ନିର୍ଦ୍ଦେଶକ ଦିନେଶ ଜୈନ (ନିର୍ଦ୍ଦେଶକ) କହିଛନ୍ତି ଯେ "କେନ୍ଦ୍ରାପଡ଼ାରେ ଆମର ନୂଆ ଷ୍ଟୋର ଖୋଲିବା ନେଇ ଘୋଷଣା କରି ଆମେ ଆନନ୍ଦିତ।




### ଆସୋଚାମ୍ ଓଡ଼ିଶା ସିଏସ୍ଆର୍ ଏବଂ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ

## 'ସିଏସ୍ଆର୍ କେବଳ ଅନୁପାଳନରେ ସୀମିତ ନ ରହୁ'

ଭୁବନେଶ୍ୱର,୨୬।୭(ସିମସ)



ସମାଜର ଉନ୍ନତି ପାଇଁ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଅତ୍ୟନ୍ତ ଜରୁରୀ। ପ୍ରାନ୍ତବର୍ତ୍ତୀ ଅଞ୍ଚଳର ବିକାଶ କରିବା କମ୍ପାନୀଗୁଡ଼ିକର ଦାୟିତ୍ୱ। ପ୍ରତ୍ୟେକ କର୍ପୋରେଟ ସଂସ୍ଥା ସିଏସଆର କାର୍ଯ୍ୟକଳାପରେ ନିବେଶ କରୁଛନ୍ତି। ସିଏସଆର ଖର୍ଚ୍ଚ କେବଳ ଅନୁପାଳନରେ ସୀମିତ ରହିବା ଉଚିତ ନୁହେଁ। ଖଣି ପାରିପାଶ୍ୱିକ ଅଞ୍ଚଳରେ ମହିଳା ସଶକ୍ତୀକରଣ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ଉପରେ ଧ୍ୟାନ ଦେବା ଉଚିତ୍। ବହୁରାଷ୍ଟ୍ରୀୟ କମ୍ପାନୀ ବିଶେଷ କରି ଓଡ଼ିଶାରୁ ଯଥେଷ୍ଟ ଲାଭ ପାଉଥିବା କମ୍ପାନୀଗୁଡିକ ଏଠାରେ ଅଧିକ ପାଣ୍ଠି ଆବଣ୍ଟନ କରିବା ଉଚିତ ବୋଲି ଦ ଆସୋସିଏଟେଡ୍ ଚାମ୍ବର୍ସ ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ ଇଣ୍ଡିଆ (ଆସୋଚାମ୍) ପକ୍ଷରୁ ଓଡ଼ିଶା ସିଏସଆର ଏବଂ ସଷ୍ଟେନେବିଲିଟି ଏକ୍ସଲେନ୍ସ ଆୱାର୍ଡ ସମାରୋହରେ ଯୋଗଦେଇ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି।

କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଫରେଷ୍ଟ(ସି)ର ଉପମହାନିର୍ଦ୍ଦେଶକ ଏ.ଟି.ମିଶ୍ର କହିଛନ୍ତି ଯେ, ଏସଆର ସ୍କୁଲ କୋଠା କିମ୍ବା ଡାକ୍ତରଖାନା ନିର୍ମାଣଠାରୁ ଆଗକୁ ଯିବା ଉଚିତ। ଆମକୁ ଫଳାଫଳ ଉପରେ ଧ୍ୟାନ ଦେବା ଏବଂ ନିରନ୍ତର ଉନ୍ନତି ପାଇଁ ପ୍ରୟାସ କରିବା ଆବଶ୍ୟକ। ପୃଥିବୀ ଉପରେ ଶିଳ୍ପର ପ୍ରଭାବକୁ ହ୍ରାସ କରିବା ପାଇଁ ଆମକୁ ଅଧିକ ବୃକ୍ଷରୋପଣ ଏବଂ ସ୍ଥାୟୀ ପଦକ୍ଷେପର ଆବଶ୍ୟକତା ରହିଛି। ଆସୋଚାମ୍ ଓଡ଼ିଶାର ଅଧ୍ୟକ୍ଷ ପଙ୍କଜ ଲୋଚନ ମହାନ୍ତି ସ୍ୱାଗତ ଭାଷଣ ଦେଇ କହିଛନ୍ତି, ଆସୋଚାମ୍ ବିଶ୍ୱାସ କରେ ଯେ ଅଭିବୃଦ୍ଧିର ଚାରୋଟି ପ୍ରମୁଖ ସ୍ତମ୍ଭ ହେଉଛି ସ୍ଥାୟୀତ୍ୱ, ସଶକ୍ତୀକରଣ, ଉଦ୍ୟୋଗ ଏବଂ ଡିଜିଟାଲାଇଜେସନ୍। ଏଗୁଡ଼ିକ ହେଉଛି ଭବିଷ୍ୟତ ପାଇଁ ପ୍ରସ୍ତୁତ ଅର୍ଥନୀତିର ମୂଳଦୁଆ। ଅର୍ଥନୈତିକ ବିକାଶ ଏବଂ ସାମାଜିକ ଦାୟିତ୍ୱବୋଧକୁ ସନ୍ତୁଳିତ କରିବା ପାଇଁ ଆମେ ସରକାର, ସମୁଦାୟ ଏବଂ ଶିଳ୍ପ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରୁଛୁ। ଏଥିରେ ଆସୋଚାମ ଓଡ଼ିଶା ରାଜ୍ୟ ସିଏସଆର ଆଣ୍ଡ ସଷ୍ଟେନେବିଲିଟି କାଉନସିଲର ଅଧ୍ୟକ୍ଷ ପ୍ରଶାନ୍ତ ହୋତା, ଏସବିଆଇର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥି, ଆସୋଚାମ ପୂର୍ବ ଏବଂ ଉତ୍ତର ପୂର୍ବର ବରିଷ୍ଠ ନିର୍ଦ୍ଦେଶକ ପରମିନ୍ଦର ଜିତ କୌର, ଆସୋଚାମ୍ ଓଡ଼ିଶା ରାଜ୍ୟ ଖଣି ଓ ଇସ୍ପାତ ପରିଷଦର ଅଧ୍ୟକ୍ଷ ପ୍ରବୋଧ ମହାନ୍ତି ଏବଂ ଏଚସିଏଲ ଟେକ୍ ସିଏସଆର ପରାମର୍ଶଦାତା ଡା. ସୁରଭି ଯାଦବ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ରଥଯାତ୍ରାରେ ୧ ଲକ୍ଷରୁ ଅଧିକ ଭକ୍ତ ଆଶୀର୍ବାଦ 'ଆୟୋଡିନର ଚିତା' ଲଗାଇଲେ




**ଭୁବନେଶ୍ୱର,୨୬।୭(ସମିସ):** ଓଡ଼ିଶାର ବିଶାଳ ପୁରୀ ରଥ ଯାତ୍ରା ଅବସରରେ ଆଶୀର୍ବାଦ ଲୁଣ ତାହାର 'ଆଶୀର୍ବାଦ ଆୟୋଡିନ୍ ର ଚିତା (ତିଲକ)' ପ୍ରୟାସ ସହିତ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇଥିଲା ଏବଂ ଏହା ୧ ଲକ୍ଷରୁ ଅଧିକ ଭକ୍ତଙ୍କ ନିକଟରେ ପହଞ୍ଚିଥିଲା। ସ୍ୱାଭାବିକ ଅଭିବୃଦ୍ଧି ଓ ମସ୍ତିଷ୍କର କାର୍ଯ୍ୟକାରିତା କ୍ଷେତ୍ରରେ ଆୟୋଡିନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋକପାତ କରି ଆଶୀର୍ବାଦ ଲୁଣ 'ଆୟୋଡିନ ତିଲକ' ଜରିଆରେ ୧.୦୨ ଲକ୍ଷ ଆୟୋଡିନ ଡୋଜ୍ ଯୋଗାଇ ଦେଇଥିଲା। ପ୍ରଚାର ଅଭିଯାନ ପ୍ରୟାସ ଅଧୀନରେ ରଥ ଯାତ୍ରାରେ ଭକ୍ତମାନଙ୍କ କପାଳରେ ସ୍ୱତନ୍ତ୍ର 'ଆୟୋଡିନ ତିଲକ' ଲଗାଯାଇଥିଲା। ଏହି ତିଳକରେ ଅର୍ଗାନିକ ଚନ୍ଦନ ଓ ଆୟୋଡିନ ଦ୍ରବଣର ମିଶ୍ରଣ କରାଯାଇଥିଲା, ଯାହା ଶରୀର ଦ୍ୱାରା ଅବଶୋଷିତ ହେବା ନିମନ୍ତେ ଡିଜାଇନ କରାଯାଇଥିଲା ଏବଂ ତଦ୍ଵାରା ସେମାନଙ୍କୁ ଆୟୋଡିନ ଡୋଜ୍ ଯୋଗାଇ ଦେଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେ, ସେମାନେ ଦୈନନ୍ଦିନ ସେମାନଙ୍କର ଖାଦ୍ୟାଭ୍ୟାସରେ ଆଶୀର୍ବାଦ ଲୁଣ ଭଳି ଆୟୋଡିନଯୁକ୍ତ ଲୁଣ ନିୟମିତ ଖାଇବା ନିମନ୍ତେ ଶପଥ ନେବାକୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା, ଯାହା ସେମାନଙ୍କ ଆୟୋଡିନ ଆବଶ୍ୟକତାକୁ ସମର୍ଥନ ଯୋଗାଇଦେବାରେ ସହାୟକ ହେବ। ୧୧ ହଜାରରୁ ଅଧିକ ଭକ୍ତ ଏହି ଶପଥ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ।

# ଅଲିମ୍ପିକ୍ସ ପଦକ ଆଶାୟୀ ୧୦ ଭାରତୀୟ




**ଶୁକ୍ରବାରଠାରୁ ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହୋଇଯାଇଛି ଭାରତ ଏଥର ତା'ର ପଦକ ସଂଖ୍ୟାରେ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୪ କାଂସ୍ୟ ସହ ମୋଟ୍ ୭ଟି ପଦକ ଜିତିଥିଲା। ଏଥର ୧୦ ଜଣ ଭାରତୀୟ ଖେଳାଳି ପଦକ ଜିତିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଏମାନଙ୍କ ମଧ୍ୟରେ ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରାଙ୍କ ନାମ ପ୍ରଥମେ ଆସିବ।**

### ନୀରଜ ଚୋପ୍ରା (ପୁରୁଷ ଜାଭେଲିନ୍)

ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଜାଭେଲିନ ତାରକା ନୀରଜ ଚୋପ୍ରା ଏଥର ମଧ୍ୟ ପଦକ ହାସଲ କରିବେ ବୋଲି ଆଶା କରାଯାଉଛି। ଟୋକିଓରେ ୮୭.୫୮ ମିଟର ଜାଭେଲିନ ଫିଙ୍ଗି ସେ ଇତିହାସ ସୃଷ୍ଟି କରିଥିଲେ। ୮୯.୯୪ ହେଉଛି ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ତେବେ ଚଳିତ ବର୍ଷ ସେ ଦୋହାରେ ୮୮.୩୬ମି ଜାଭେଲିନ ଫିଙ୍ଗି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଫର୍ମ ଓ ଫିଟ୍‌ନେସ୍‌କୁ ଦେଖିଲେ ସେ ଏଥର ମଧ୍ୟ ବାଜି ମାରିବେ ବୋଲି ଆଶା କରାଯାଉଛି।

### ନିଖତ ଜରିନ (ବକ୍ସିଂ- ମହିଳା ୫୦ କେଜି)

ମହିଳା ବକ୍ସିଂରେ ଭାରତର ନିଖତ ଜରିନ ୫୦ କେଜି ବର୍ଗରେ ପଦକ ଜିତିବେ ବୋଲି ଆଶା କରାଯାଉଛି। ବିଶ୍ୱ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ ନିଖତ ହାଙ୍ଗଝୋଉ ଏସୀୟ କ୍ରୀଡ଼ାରେ କାଂସ୍ୟ ଜିତି ଦେଶ ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି।

### ଲଭଲିନା ବୋରୋଗୋହାଇଁ (ବକ୍ସିଂ- ୭୫ କେଜି)

ଟୋକିଓ ଅଲିମ୍ପିକ୍ସରେ ଲଭଲିନା ବୋରୋଗୋହାଇଁ ପଦାର୍ପଣ କରି କାଂସ୍ୟ ଜିତିଥିଲେ। ସେ ମହିଳା ବକ୍ସିଂରେ ୬୪- ୬୯ କେଜି ବର୍ଗରେ ପଦକ ଜିତି ବିଜେନ୍ଦର ସିଂ ଓ ମେରିକମଙ୍କ ପରେ ତୃତୀୟ ଭାରତୀୟ ବକ୍ସର ଭାବେ ଅଲିମ୍ପିକ୍ସ ପଦକ ହାସଲ କରିଥିଲେ। ଏଥର ସେ ୭୫ କେଜି ବର୍ଗରେ ଅଂଶଗ୍ରହଣ କରି ପଦକ ଜିତିବେ ବୋଲି ଆଶା କରାଯାଉଛି।

### ସାତ୍ତ୍ୱିକ-ଚିରାଗ (ବ୍ୟାଡମିଣ୍ଟନ ପୁରୁଷ ଯୁଗଳ)

ବ୍ୟାଡମିଣ୍ଟନ ପୁରୁଷ ଯୁଗଳ ଇଭେଣ୍ଟରେ ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଏଥର ଭାରତ ପାଇଁ ପଦକ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରାୟ ସବୁ ପ୍ରକାର ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଏହି ଯୋଡି ପଦକ ହାସଲ କରିଛନ୍ତି ଓ ଏଥର ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିବେ ବୋଲି ଆଶା କରାଯାଉଛି।

### ପିଭି ସିନ୍ଧୁ (ବ୍ୟାଡମିଣ୍ଟନ ମହିଳା ଏକକ)

ରିଓ ଅଲିମ୍ପିକ୍ସରେ ରୌପ୍ୟ ଓ ଟୋକିଓରେ କାଂସ୍ୟ ପଦକ ଜିତିଥିବା ମହିଳା ତାରକା ପିଭି ସିନ୍ଧୁ ଏଥର ପ୍ୟାରସ୍‌ରେ ମଧ୍ୟ ବ୍ୟାଡମିଣ୍ଟନ ମହିଳା ଏକକରେ ପଦକ ଜିତିବାର ସମ୍ଭାବନା ରହିଛି। ଅବଶ୍ୟ ୨୯ ବର୍ଷୀୟ ସିନ୍ଧୁଙ୍କ ପାଇଁ ଫିଟ୍‌ନେସ ସମସ୍ୟା କଣ୍ଟା ସାଜିବ। ତେବେ ସେ ଏହାକୁ ଅତିକ୍ରମ କରିବେ ବୋଲି ଆଶା କରାଯାଉଛି।

### ଅନ୍ତିମ ପଙ୍ଘାଲ (କୁସ୍ତି- ମହିଳା ୫୩ କେଜି)

ପ୍ୟାରିସରେ ମହିଳା କୁସ୍ତି ଇଭେଣ୍ଟରେ ଅନ୍ତିମ ପଙ୍ଘାଲ ୫୩ କେଜି ବର୍ଗରେ ପଦକ ଜିତିବା ଆଶା କରାଯାଉଛି। ବିଶ୍ୱ ଚାମ୍ପିଅନସିପ୍‌ରେ କାଂସ୍ୟ ଜିତିଥିବା ଅନ୍ତିମଙ୍କୁ ଚତୁର୍ଥ ସିଡ୍ ମାନ୍ୟତା ମିଳିଛି। ସେ ଏ ବର୍ଷ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତରେ ଭଲ ପ୍ରଦର୍ଶନ କରି ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି।

### ବୋପାନ୍ନା-ବାଲାଜୀ (ପୁରୁଷ ଯୁଗଳ ଟେନିସ)

ଅଲିମ୍ପିକ୍ସ ଟେନିସ ଇଭେଣ୍ଟରେ ରୋହନ ବୋପାନ୍ନା ଓ ଏନ୍ ଶ୍ରୀରାମ ବାଲାଜୀ ଏଥର ପଦକ ଜିତିବେ ବୋଲି ଆଶା କରାଯାଉଛି। ତେବେ ବୋପାନ୍ନା ବିଶ୍ୱସ୍ତରୀୟ ଖେଳାଳି ହୋଇଥିବା ବେଳେ ବାଲାଜୀ ତାଙ୍କୁ ଉଚିତ ସହାୟତା ପ୍ରଦାନ କରିବାର ଆବଶ୍ୟକତା ରହିଛି। ବାଲାଜୀ ଅନ୍ତର୍ଜାତୀୟ ସ୍ତରରେ ବିଶେଷ ସଫଳତା ହାସଲ କରିବାରେ ସମର୍ଥ ହୋଇନାହାନ୍ତି।

### ମୀରାବାଈ ଚାନୁ (ଭାରୋତ୍ତୋଳନ-ମହିଳା ୪୯ କେଜି)

ଟୋକିଓରେ ରୌପ୍ୟ ପଦକ ଜିତିଥିବା ଭାରୋତ୍ତୋଳିକା ମୀରାବାଈ ଚାନୁ ପ୍ୟାରିସରେ ପଦକ ଜିତିବା ଏକ ପ୍ରକାର ନିଶ୍ଚିତ ମନେ ହେଉଛି। ସେ ମହିଳା ୪୯ କେଜି ବର୍ଗରେ ଭାଗ ନେବେ।

### ଭାରତୀୟ ପୁରୁଷ ହକି ଦଳ

ଟୋକିଓରେ କାଂସ୍ୟ ପଦକ ଜିତି ଭାରତୀୟ ପୁରୁଷ ହକି ଦଳ ଇତିହାସ ସୃଷ୍ଟି କରିଥିଲା। ଦୀର୍ଘ ୪୧ ବର୍ଷ ପରେ ଭାରତ ପଦକ ହାସଲ କରିଥିଲା। ଭାରତ ଭଲ ଫର୍ମରେ ରହିଥିବାରୁ ଏଥର ମଧ୍ୟ ପଦକ ଜିତିବ ବୋଲି ଆଶା କରାଯାଉଛି। ପୁରୁଷ ହକିରେ ଭାରତ ଅଲିମ୍ପିକ୍ସରେ ସର୍ବାଧିକ ୮ ଥର ସ୍ୱର୍ଣ୍ଣପଦକ ଜିତିଥିଲେ ମଧ୍ୟ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଶେଷଥର ସ୍ୱର୍ଣ୍ଣିମ ସଫଳତା ପାଇଥିଲା।

### ସିଫ୍ଟ କୌର ସମରା (ସୁଟିଂ- ମହିଳା ୫୦ମି ରାଇଫଲ ୩)

ଅଲିମ୍ପିକ ସୁଟିଂରେ ମହିଳା ସୁଟର ୨୨ ବର୍ଷୀୟା ସିଫ୍ଟ କୌର ସମରା ଏସୀୟ କ୍ରୀଡ଼ାରେ ୪୬୯.୬ ପଏଣ୍ଟ ହାସଲ କରି ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ଜିତିଥିଲେ। ଅଲିମ୍ପିକ୍ସ ସିଲେକ୍ସନ ଟ୍ରାଏଲ୍ସରେ ସେ ଶୀର୍ଷରେ ରହିଥିଲେ।

### ମାନୁ ଭାକର

ଅତ୍ୟନ୍ତ ପ୍ରତିଭା ସମ୍ପନ୍ନ ପୁରୁଷ ସୁଟର ମାନୁ ଭାକର ଟୋକିଓରେ ଫେଲ୍ ମାରିଥିଲେ। ଏଥର ସେ ତାଙ୍କ ବିଫଳତାକୁ ପଛରେ ପକାଇ ପଦକ ଜିତିବେ ବୋଲି ଆଶା କରାଯାଉଛି।

## ମୋହନ ବାଗାନ-ଡାଉନଟାଉନ ହିରୋସ୍ ଉଦ୍‌ଘାଟନୀ ମ୍ୟାଚ୍

**ଆଜିଠୁ ୧୩୩ତମ ଡୁରାଣ୍ଡ କପ୍**



**କୋଲକାତା, ୨୬।୭ (ଏଜେନ୍ସି):** ଏସିଆ ମହାଦେଶର ସର୍ବପୁରାତନ ଫୁଟ୍‌ବଲ ପ୍ରତିଯୋଗିତା ଡୁରାଣ୍ଡ କପ୍‌ର ୧୩୩ତମ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିଅନ ମୋହନ ବାଗାନ ସୁପର୍ ଜାଏଣ୍ଟସ ଓ ଜାମ୍ମୁ କାଶ୍ମୀର କ୍ଲବ ଡାଉନଟାଉନ ହିରୋସ୍ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଏଥର ଟାଇଟଲ୍ ପାଇଁ ୨୪ ଦଳ ମଧ୍ୟରେ ରାଉଣ୍ଡରବିନ ଓ ନକ୍‌ଆଉଟ୍ ପର୍ଯ୍ୟାୟକୁ ମିଶାଇ ମୋଟ୍ ୪୩ ମ୍ୟାଚ୍ ଖେଳାଯିବ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦଳକୁ ୬ଟି ଗ୍ରୁପ୍‌ରେ ଭାଗ କରାଯାଇ ରାଉଣ୍ଡରବିନ ଭିତ୍ତିରେ ମ୍ୟାଚ୍ ଅନୁଷ୍ଠିତ ହେବ। ରାଜ୍ୟର ଏକମାତ୍ର ଦଳ ଭାବେ ଓଡ଼ିଶା ଏଫ୍‌ସି ଗ୍ରୁପ୍-ଇ'ରେ ସ୍ଥାନ ପାଇଛି। ଅଗଷ୍ଟ ୩ରେ ବିଏସ୍‌ଏଫ୍ ଦଳ ସହ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଭାରତୀୟ ସେନା ପକ୍ଷରୁ ମିଳିତ ଭାବେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍), ଆଇ-ଲିଗ୍, ଭାରତୀୟ ସେନା ଦଳ, ନେପାଳ ଦଳ ଏଥର ଭାଗନେଉଛନ୍ତି। ବାଂଲାଦେଶରେ ଛାତ୍ର ଆନ୍ଦୋଳନ ଚାଲିଥିବାରୁ ବାଂଲାଦେଶ ଆର୍ମି ଶେଷ ମୁହୂର୍ତ୍ତରେ ଏଥର ଓହରିଯାଇଛି। ଫଳରେ ଆସାମ ରାଇଫଲ୍‌କୁ ବଦଳ ଦଳ ଭାବେ ସାମିଲ କରାଯାଇଛି।

## ଲାଙ୍କାଶାୟର ପକ୍ଷରୁ ଖେଳିବେ ଭେଙ୍କଟେଶ



**ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଯୁବ ଭାରତୀୟ କ୍ରିକେଟର୍ ଭେଙ୍କଟେଶ ଆୟର ଇଂଲିଶ କାଉଣ୍ଟି କ୍ରିକେଟ୍ କ୍ଲବ ଲଙ୍କାଶାୟର ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ସେ ଇଂଲଣ୍ଡର ଘରୋଇ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା 'ୱାନ-ଡେ କପ୍' ସମେତ କାଉଣ୍ଟି ଚାମ୍ପିଅନସିପ୍‌ର କିଛି ମ୍ୟାଚ୍ ଲଙ୍କାଶାୟର କ୍ଲବ ପକ୍ଷରୁ ଖେଳିବେ। ରବିବାର ଲାଙ୍କାଶାୟର ଓ କେଣ୍ଟ ମଧ୍ୟରେ ୱାନ-ଡେ କପ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଖେଳି ୨୯ ବର୍ଷୀୟ ଭେଙ୍କଟେଶ କାଉଣ୍ଟି କ୍ରିକେଟ୍‌ରେ ପଦାର୍ପଣ କରିବେ। ସେ କାଉଣ୍ଟି କ୍ରିକେଟ୍‌ରେ ୫ ସପ୍ତାହ ଖେଳି ସେପ୍ଟେମ୍ବର ୫ରୁ ଆରମ୍ଭ ହେବାକୁ ଥିବା ଦୁଲୀପ୍ ଟ୍ରଫି ପୂର୍ବରୁ ସ୍ୱଦେଶ ଫେରିଆସିବେ। ଗତ ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସକୁ ଚାମ୍ପିଅନ କରାଇବାରେ ଭେଙ୍କଟେଶ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୧୪ ମ୍ୟାଚ୍ ଖେଳି ୪୬ରୁ ଊର୍ଦ୍ଧ୍ୱ ହାରରେ ୩୭୦ ରନ କରିଥିଲେ। ଯେଉଁଥିରେ ୪ଟି ଅର୍ଦ୍ଧଶତକୀୟ ପାଳି ସାମିଲ ଥିଲା।

**ମହିଳା ଆନ୍ତଃ ଜିଲ୍ଲା କ୍ରିକେଟ**

## ବୌଦ୍ଧ, ସୁନ୍ଦରଗଡ଼, ଭୁବନେଶ୍ୱର ବିଜୟୀ









**କଟକ,୨୬।୭ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ ବରିଷ୍ଠ ମହିଳା ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ୩ଟି ମ୍ୟାଚ ଖେଳାଯାଇଥିଲା। ଏଥିରେ ବୌଦ୍ଧ, ସୁନ୍ଦରଗଡ ଏବଂ ଭୁବନେଶ୍ୱର ବିଜୟୀ ହୋଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୧ରେ ବୌଦ୍ଧ ୧ରନରେ ଝାରସୁଗୁଡ଼ାକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଝାରସୁଗୁଡ଼ା ୯ ୱିକେଟ ହରାଇ ୪୫ରନ ସଂଗ୍ରହ କରିଥିଲା। ଶୀତଲ ଜୈସୱାଲ ସର୍ବାଧିକ ୧୮ ରନ କରିଥିଲେ। ବୌଦ୍ଧ ପକ୍ଷରୁ ଲିଳିମା ସୁନା ଏବଂ ଚିଲିକା ପ୍ରଧାନ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ। ୫ ଓଭରରେ ୩ ୱିକେଟ ହରାଇ ବୌଦ୍ଧ ୧୫ରନ ସଂଗ୍ରହ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ବନ୍ଦ ରହିଥିଲା। ଫଳରେ ଡିଏଲଏସ୍ ପଦ୍ଧତି ଦ୍ୱାରା ବୌଦ୍ଧକୁ ୧ରନରେ ବିଜୟୀ ଘୋଷିତ କରାଯାଇଥିଲା। ଲିଳିମା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ବିଡାନାସୀ ଗ୍ରାଉଣ୍ଡରେ ସୁନ୍ଦରଗଡ଼ ଏବଂ ପୁରୀ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସୁନ୍ଦରଗଡ଼ ୧୩ରନରେ ପୁରୀକୁ ପରାସ୍ତ କରିଛି। ଓଦା ଆଉଟଫିଲ୍ଡ ଯୋଗୁଁ ମ୍ୟାଚ୍ ୯ ଓଭର ବିଶିଷ୍ଟ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ୬ ୱିକେଟ ହରାଇ ୩୭ରନ କରିଥିଲା। ସୁକନ୍ୟା ସାହୁ ୯ରନ ଏବଂ ଦିବ୍ୟ ରାଉତରାୟ ୮ରନ କରିଥିଲେ। ପୁରୀ ତରଫରୁ ତନୁଶ୍ରୀ ତ୍ରିପାଠୀ ଏବଂ ଚିରଶ୍ରୀ ରାଉତରାୟ ଯଥାକ୍ରମେ ୨ଟି ଏବଂ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ନିର୍ଦ୍ଧାରିତ ୯ ଓଭରରେ ପୁରୀ ୫ ୱିକେଟ ହରାଇ ୨୪ରନ କରିଥିଲା। ଅବତାହି ମହାନ୍ତ ଅପରାଜିତ ୬ରନ କରିଥିଲେ। ବିଜୟୀ ସୁନ୍ଦରଗଡ଼ ପକ୍ଷରୁ ପ୍ରାଞ୍ଜଳ ସିଂହ ଏବଂ ସଲୋନୀ ରାମ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ। ସଲୋନୀଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

ରେଭେନ୍ସା ଗ୍ରାଉଣ୍ଡ-୧ରେ ସମ୍ବଲପୁର ଏବଂ ଭୁବନେଶ୍ୱର ଦଳ ମୁହାଁମୁହିଁ ହୋଇଥିଲେ। ଉକ୍ତ ମ୍ୟାଚ୍ ୭ ଓଭର ବିଶିଷ୍ଟ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୮ ୱିକେଟ ହରାଇ ମାତ୍ର ୧୩ରନ ସଂଗ୍ରହ କରିଥିଲା। ଶ୍ରୀୟା ଚକ୍ର ସର୍ବାଧିକ ୫ରନ କରିଥିଲେ। ଭୁବନେଶ୍ୱର ପକ୍ଷରୁ ସୁଜାତା ମଲ୍ଲିକ ୨ଟି, ନିବେଦିତା ନାଏକ ଏବଂ ପ୍ରିୟଙ୍କା ସାହୁ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୧.୨ ଓଭରରେ କୌଣସି ୱିକେଟ ନହରାଇ ଭୁବନେଶ୍ୱର ବିଜୟୀ ହୋଇଥିଲା। ସୁଜାତା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ମହିଳା ଏସିଆ କପ୍**

## ୯ମ ଥର ଫାଇନାଲରେ ଭାରତ



**ଦାମ୍ବୁଲା,୨୬।୭ (ଏଜେନ୍ସି):** ଶ୍ରୀଲଙ୍କାରେ ଚାଲିଥିବା ମହିଳା ଏସିଆ କପ୍‌ରେ ଭାରତ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବାବିଲାରେ ଭାରତ ୧୦ ୱିକେଟରେ ବାଂଲାଦେଶକୁ ପରାସ୍ତ କରି ରେକର୍ଡ ୯ମଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ଭାରତ ଏବେ ଟାଇଟଲ ପାଇଁ ରବିବାର ଏହି ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲର ବିଜେତା ଦଳ ପାକିସ୍ତାନ କିମ୍ବା ଘରୋଇ ଶ୍ରୀଲଙ୍କାକୁ ଭେଟିବ। ୨୦୦୪ରେ ମହିଳା ଏସିଆ କପ୍ ଆରମ୍ଭ ହୋଇଥିଲା ଓ ଭାରତ ପ୍ରଥମ ଟାଇଟଲ ଜିତିଥିଲା। ୨୦୦୪ ସମେତ ଭାରତ ୨୦୦୫, ୨୦୦୬, ୨୦୦୮, ୨୦୧୨, ୨୦୧୬ ଓ ୨୦୨୨ରେ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। କଞ୍ଜୁସ୍ ବୋଲିଂ କରି ୩ ୱିକେଟ ନେଇଥିବା ଦ୍ରୁତ ବୋଲର ରେଣୁକା ସିଂ ଠାକୁର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ଭାରତ ଏପର୍ଯ୍ୟନ୍ତ ଅପରାଜେୟ ରହିଛି। ଭାରତ ଗ୍ରୁପ୍ ଏ'ରେ ସାମିଲ ରହିଥିଲା ଓ ଗ୍ରୁପ୍ ପର୍ଯ୍ୟାୟରେ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ୭ ୱିକେଟରରେ ପରାସ୍ତ କରିବା ପରେ ଦ୍ୱିତୀୟ ମୁକାବିଲାରେ ୟୁଏଇକୁ ୭୮ ରନରେ ଓ ତୃତୀୟ ମ୍ୟାଚ୍‌ରେ ନେପାଳକୁ ୮୨ ରନରେ ପରାସ୍ତ କରି ଶୀର୍ଷରେ ରହିବା ସହ ସେମିଫାଇନାଲରେ ପ୍ରବେଶ କରିଥିଲା। ଏସିଆ କପ୍‌ରେ ଭାରତୀୟ ମହିଳା ଦଳ ସବୁବେଳେ ଦମ୍‌ଦାର ପ୍ରଦର୍ଶନ କରି ଆସିଛି।

### ରେଣୁକା, ରାଧାଙ୍କୁ ୩ଟି ଲେଖାଏ ୱିକେଟ

ସ୍ଥାନୀୟ ରଣଗିରୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ ହରାଇ ମାତ୍ର ୮୦ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୧୧ ଓଭରରେ ବିନାକ୍ଷତିରେ ୮୩ ରନକରି ଅତି ସହଜରେ ବିଜୟ ହାସଲ କରିନେଇଥିଲେ। ବାଂଲାଦେଶ ଏହି ମ୍ୟାଚ୍‌ରେ ଏକ ପ୍ରକାର ଆତ୍ମସମର୍ପଣ କରିଥିଲା। ଭାରତ ଦୁଇ ଓପନର ଶେଫାଳୀ ବର୍ମା ୨୬ (୨୮ ବଲ, ୨ ଚୌକା) ଓ ସ୍ମୃତି ମନ୍ଧାନା ୩୯ ବଲର ସମ୍ମୁଖୀନର ହୋଇ ୯ ଚୌକା ଓ ୧ ଛକା ସହ ୫୫ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଅପରାଜିତ ରହିବା ସହ ଭାରତକୁ ଜିତାଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ତରଫରୁ ଅଧିନାୟିକା ନିଗାର ସୁଲତାନା ସର୍ବାଧିକ ୩୨ ଓ ସ୍ୱର୍ଣ୍ଣ ଅକତାର ଅପରାଜିତ ୧୯ ରନ କରିଥିବା ବେଳେ ଅନ୍ୟ ବ୍ୟାଟରମାନେ ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ବୋଲିଂରେ ଭାରତ ପାଇଁ ରେଣୁକା ସିଂ ଓ ରାଧା ଯାଦବ ୩ଟି ଲେଖାଏ ଏବଂ ପୂଜା ବସ୍ତ୍ରକାର ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

**ଭାରତ-ଶ୍ରୀଲଙ୍କା ପ୍ରଥମ ମୁକାବିଲା ଆଜି**

## ଟି-୨୦ରେ ଭାରତର ନୂଆ ଯୁଗ ଆରମ୍ଭ



**ପାଲେକେଲ,୨୬।୭ (ଏଜେନ୍ସି):** ନୂଆ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ସୀମିତ ଓଭର କ୍ରିକେଟ ନୂଆ ଯୁଗରେ ପ୍ରବେଶ କରିଛି। ବିରାଟ କୋହଲି, ରୋହିତ ଶର୍ମା, ଓ ରବୀନ୍ଦ୍ର ଜାଡେଜାଙ୍କ ଭଳି ସୁପରଷ୍ଟାର ଟି-୨୦ ଫର୍ମାଟରୁ ଅବସର ନେବା ପରେ ଯୁବ ଖେଳାଳିଙ୍କ ହାତକୁ ଯାଇଛି କ୍ରିକେଟର ଏହି ସବୁଠାରୁ ଛୋଟ ଫର୍ମାଟ୍। ସ୍ଥାନୀୟ ପାଲେକେଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଗମ୍ଭୀର ଓ ସୂର୍ଯ୍ୟଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କୋହଲି ଓ ରୋହିତଙ୍କ ବିନା ଭାରତ ଟି-୨୦ ମ୍ୟାଚ୍ ଖେଳିବ। ଆନ୍ତର୍ଜାତୀୟ ଟି-୨୦ ମାନ୍ୟତାରେ ଭାରତ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଶ୍ରୀଲଙ୍କା ଅଷ୍ଟମ ସ୍ଥାନରେ ରହିଛି। ଦୃଢ଼ ବ୍ୟାଟିଂ ଲାଇନଅପ୍, କ୍ୱାଲିଟି ସ୍ପିନର, ଦ୍ରୁତ ବୋଲରଙ୍କୁ ନେଇ ଭାରତ ଶକ୍ତିଶାଳୀ ମନେହେଉଛି ଓ ଫେବରାଇଟ୍ ବିବେଚିତ ହେଉଛି।

ଭାରତ ୩ ସ୍ପିନର ୱାଶିଂଟନ ସୁନ୍ଦର, ଅକ୍ଷର ପଟେଲ ଓ ରବି ବିଷ୍ଣୋଇଙ୍କୁ ନେଇ ପଡିଆକୁ ଓହ୍ଲାଇବ। ଶୁବମାନ ଗିଲ ଓ ଯଶସ୍ୱୀ ଜୟସ୍ୱାଲ ଇନିଂସ ଓପନ୍ କରିବେ। ସୂର୍ଯ୍ୟଙ୍କୁ ବାଦ୍ ଦେଲେ ଦଳରେ ଯୁବ ଫିନିଶର ରିଙ୍କୁ ସିଂ, ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା, ସୁନ୍ଦର ଓ ପଟେଲଙ୍କ ଭଳି ଅଲରାଉଣ୍ଡର ରହିଥିବାରୁ ଭାରତର ବ୍ୟାଟିଂ ଲାଇନ୍ ବେଶ୍ ଦୃଢ ମନେହେଉଛି। ସେହିପରି ଦ୍ରୁତ ବୋଲର ଅର୍ଶଦୀପ ସିଂ, ରବି ବିଷ୍ଣୋଇ ଓ ମହମ୍ମଦ ସିରାଜଙ୍କ ଭଳି ଦ୍ରୁତ ବୋଲର ପ୍ରଭାବୀ ସାବସ୍ତ୍ୟ ହେବେ ବୋଲି ଆଶା କରାଯାଉଛି। ଅପରପକ୍ଷରେ ପଥୁମ ନିଶାଙ୍କା, କୁଶଲ ମେଣ୍ଡିସ, ଚରିତ ଆଶାଲଙ୍କା ଓ ଅଭିଷ୍କା ଫର୍ଣ୍ଣାଣ୍ଡୋଙ୍କ ଭଳି ବ୍ୟାଟର ଘରୋଇ ଦଳର ବ୍ୟାଟିଂ ଲାଇନକୁ ମଜବୁତ କରିଛନ୍ତି। ସେହିପରି ମାଥିସା ପଥିରାନା ଓ ୱାନିନ୍ଦୁ ହସରଙ୍ଗାଙ୍କ ଭଳି ଦ୍ରୁତ ବୋଲର ଭାରତକୁ ସମସ୍ୟାରେ ପକାଇବେ। କ୍ୱାଲିଟି ସ୍ପିନର ଓ ଅଲରାଉଣ୍ଡରଙ୍କୁ ନେଇ ଶ୍ରୀଲଙ୍କା ଦଳ ବେଶ୍ ସନ୍ତୁଳିତ ମନେହେଉଛି। ତେଣୁ ଶ୍ରୀଲଙ୍କାକୁ ଭାରତ ଆଦୌ ହାଲ୍‌କା ଭବେ ନେବ ନାହିଁ।

ଦୁଇ ଦଳ ଏପର୍ଯ୍ୟନ୍ତ ପରସ୍ପରକୁ ୨୯ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରେ ଭାରତ ୧୯ଟିରେ ଓ ଶ୍ରୀଲଙ୍କା ୯ଟିରେ ବିଜୟୀ ହୋଇଥିବା ବେଳେ ଗୋଟିଏ ମ୍ୟାଚ୍ ଫଳାଫଳ ମିଳିପାରି ନାହିଁ। ଏହି ପିଚ୍‌ରେ ବ୍ୟାଟରଙ୍କ ପାଇଁ ସୁଯୋଗ ରହିଛି। ତେବେ ଦ୍ରୁତ ବୋଲର ଓ ସ୍ପିନରମାନେ ମଧ୍ୟ ଏଠାରେ ଉପଯୋଗୀ ସାବ୍ୟସ୍ତ ହେବେ। ଟସ ଜିତିବା ଦଳ ଫିଲ୍ଡିଂ କରିବାକୁ ପସନ୍ଦ କରିବ।

**ଭାରତୀୟ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମାନ ଗିଲ୍ (ଉପ-ଅଧିନାୟକ), ଖଲିଲ ଅହମ୍ମଦ, ଅର୍ଶଦୀପ ସିଂ, ଶିବମ ଦୁବେ, ଯଶସ୍ୱୀ ଜୟସ୍ୱାଲ, ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା, ଋଷଭ ପନ୍ତ, ରିୟାନ ପରାଗ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ସଞ୍ଜୁ ସାମସନ, ରିଙ୍କୁ ସିଂ ଓ ୱାସିଂଟନ ସୁନ୍ଦର।

**ଶ୍ରୀଲଙ୍କା ଦଳ:** ଚରିତ ଆଶାଲଙ୍କା (ଅଧିନାୟକ), ଦୀନେଶ ଚାଣ୍ଡିମଲ, ବିନୁରା ପର୍ଣ୍ଣାଣ୍ଡୋ, ଅସିଥ ଫର୍ଣ୍ଣାଣ୍ଡୋ, ୱାନିନ୍ଦୁ ହସରଙ୍ଗା, ଦିଲସାନ ମଦୁଶଙ୍କା, କାମିନ୍ଦୁ ମେଣ୍ଡିସ, କୁଶଲ ମେଣ୍ଡିସ, ପଥୁମ ନିଶାଙ୍କା, ମାଥିସା ପଥିରାନା, କୁଶଲ ପେରେରା, ଦସୁନ ସନକା, ମହିଶ ଥିକସାନା, ଦୁନିଥ ୱେଲାଲାଗେ ଓ ଚାମିନ୍ଦୁ ବିକ୍ରମାସିଂଘେ।

**ମ୍ୟାଚ୍ ଆରମ୍ଭ:** ସନ୍ଧ୍ୟା ୭ଟା
**ସ୍ଥାନ:** ପାଲିକଲ ଅନ୍ତର୍ଜାତୀୟ ଷ୍ଟାଡିୟମ
**ପ୍ରସାରଣ:** ସୋନୀ ଟିଭି ସ୍ପୋର୍ଟ୍ସ ନେଟ୍‌ୱର୍କ



# ଶୁଆ କହେ ରାମ, ଶୁଆ କହେ ରାବଣ



ସୁଧାଂଶୁ ଶେଖର ଦ୍ୱିବେଦୀ

ଜଣେ ରାଜାଙ୍କର ପୋଷା ଶୁଆଟି ମରିଗଲା। ଶୂନ୍ୟ ପଞ୍ଜୁରିକୁ ଦେଖିବା କ୍ଷଣି ରାଜାଙ୍କ ମନ ବ୍ୟାକୁଳିତ ହୁଏ। ନିଜର ବ୍ୟାକୁଳ ମନକୁ ବୁଝେଇବା ଲାଗି ମନ୍ତ୍ରୀଙ୍କୁ ଆଦେଶ ଦେଇ କହିଲେ-ମନ୍ତ୍ରୀ ବର ! ମୋ ସୁନା ପଞ୍ଜୁରି ଶୂନ୍ୟ ପଡ଼ିଗଲା। ଆପଣ ଯେଉଁଠାରୁ ହେଉ ଯଥାଶୀଘ୍ର ଅନ୍ୟ ଏକ ଶୁଆ ଆଣନ୍ତୁ। ରାଜାଜ୍ଞା ପାଳନ କରିବାକୁ ହେବ। ମନ୍ତ୍ରୀବର ତୁରନ୍ତ ଅନ୍ୟ ଏକ ଶୁଆର ଅନୁସନ୍ଧାନରେ ବାହାରି ପଡ଼ିଲେ। ଜଙ୍ଗଲ ରାସ୍ତାରେ ଯାଉଯାଉ ଦେଖିଲେ ଆଶ୍ରମ ନିବାସୀ ଜଣେ ସାଧୁଙ୍କ ପ୍ରାଙ୍ଗଣରେ ଶୁଆଟିଏ ପିଞ୍ଜରା ମଧ୍ୟରେ ଅଛି। ମନ୍ତ୍ରୀଙ୍କ ନଜର ଶୁଆଟି ଉପରେ ଯେମିତି ପଡିଛି, ସାଧୁଙ୍କ ନିକଟକୁ ଯାଇ ଅନୁରୋଧ କରି କହିଲେ- ହେ ସାଧୁ ମହାତ୍ମା ! ମୁଁ ଏ ରାଜ୍ୟର ମହାମନ୍ତ୍ରୀ। ରାଜାଙ୍କ ଆଦେଶରେ ଗୋଟେ ସୁନ୍ଦର ଶୁଆ ଖୋଜି ନେଇଯିବାକୁ ଆସିଛି। ଆପଣ କୃପା କରି ନିଜର ପାଳିତ ଶୁଆକୁ ମୋତେ ଦେଲେ କୃତାର୍ଥ ହୁଅନ୍ତି। ସାଧୁ ଭାବିଲେ-ଅନେକ ସମୟରେ ନିରୀହ ପକ୍ଷୀଟିର ସମୁଚିତ ଯତ୍ନ ସେ ନେଇ ପାରୁନାହିଁ। ରାଜ ଉଆସକୁ ଗଲେ ସେ ସୁନା ପଞ୍ଜୁରିରେ ରହିବ। ସ୍ୱାଦିଷ୍ଟ ଭୋଜନ କରିବା ସହିତ ସୁଖରେ ରହିବ। ମନ କଥା ମନରେ ରଖି ସାଧୁ ମନ୍ତ୍ରୀଙ୍କୁ କହିଲେ- ମନ୍ତ୍ରୀ ମହୋଦୟ ! ଆପଣ ମୋ' ପାଳିତ ଶୁଆକୁ ନେଇ ଯାଆନ୍ତୁ। ଶୁଆଟିକୁ ନେଇ ମନ୍ତ୍ରୀ ରାଜ ଉଆସରେ ପହଞ୍ଚିବା ପରେ ରାଜା ସୁନା ପଞ୍ଜୁରିରେ ରଖି ତା' ପାଇଁ ସବୁପ୍ରକାର ସୁଖ ସୁବିଧା ଖଞ୍ଜିଦେଲେ। ବ୍ରାହ୍ମମୁହୂର୍ତ୍ତରେ ଶୁଆ ବୋଲିଲା-ରାମ !ରାମ !ଉଠ ରାଜା,ଉଠ ମହାରାଣୀ। ଦୁର୍ଲ୍ଲଭ ଜୀବନ ପାଇଛ। ଏ ଜୀବନ ଶୋଇବା ପାଇଁ ନୁହେଁ। ପ୍ରତ୍ୟୁଷରେ ଭଜନ କୀର୍ତ୍ତନ ରାମନାମ ସଂକୀର୍ତ୍ତନ କର। ଏହା ସହ୍ୱେ ପ୍ରତିଦିନ ଗୀତା ଶ୍ଳୋକରୁ ଦୁଇ ଧାଡ଼ି କି ରାମାୟଣରୁ ଦୁଇ ପଦ ଶୁଆଠାରୁ ଶୁଣିବାକୁ ମିଳିଲା। ସମସ୍ତ ରାଜପରିବାର ପ୍ରତ୍ୟୁଷରୁ ଉଠି ଶୁଆର ବାଣୀ ମନ ଲଗେଇ ଶୁଣନ୍ତି। ଏହାଦ୍ୱାରା ରାଜପରିବାରର ସଭିଙ୍କ ମନରେ ଆଧାତ୍ମିକ ଚେତନା ଜାଗ୍ରତ ହୁଏ। କିଛି ବର୍ଷ ଅତିବାହିତ ହେଲା। ପ୍ରତ୍ୟେକ ପ୍ରାଣୀର ଏକ ନିଶ୍ଚିତ ଆୟୁ ଥାଏ। ହଠାତ୍ ଦିନେ ଶୁଆଟି ମରିଗଲା। ରାଜା,ରାଣୀ ଏବଂ ରାଜପରିବାରର ଅନ୍ୟ ସଦସ୍ୟମାନେ ଦୁଃଖରେ ଭାଙ୍ଗି ପଡିଲେ। ଏପରି କି ପୂରା ରାଜ୍ୟରେ ଶୁଆ ନିମନ୍ତେ ଗୋଟେ ସପ୍ତାହ ଶୋକପାଳନ କରାଗଲା। ରାଜନଅର ଉପରେ ଉଡୁଥିବା ସାଙ୍କେତିକ ପତାକାକୁ ନିମୀଳିତ ରଖାଗଲା। ବହୁଦିନ ଧରି ରାଜପରିବାର ଶୋକ ସନ୍ତପ୍ତ ରହିବା ପରେ ରାଜକାର୍ଯ୍ୟରେ ମନ ଲଗାଇଲେ। ପୁଣି ଦିନେ ରାଜା ମନ୍ତ୍ରୀଙ୍କୁ ଆଦେଶ ଦେଲେ- ମନ୍ତ୍ରୀବର! ପଞ୍ଜୁରିକୁ ଦେଖିଲେ ଶୂନ୍ୟଶୂନ୍ୟ ମନେ ହେଉଛି। ଆଉ ଏକ ଶୁଆ ଆଣିବାର ବ୍ୟବସ୍ଥା କରନ୍ତୁ। ରାଜାଙ୍କ ଆଦେଶ ଅନୁସାରେ ମନ୍ତ୍ରୀ କେତେକେତେ ସ୍ଥାନରେ ଶୁଆଟିଏ ପାଇବା ଲାଗି ଖୋଜିଲେ। ଶେଷରେ ଜଣେ କଂସେଇ ପିଣ୍ଡାରେ ଅବିକଳ ପୂର୍ବ ଶୁଆ ଭଳି ଶୁଆଟିଏ ପଞ୍ଜୁରୀରେ ଟଙ୍ଗା ହୋଇଥାଏ। ମନ୍ତ୍ରୀ କଂସେଇକୁ କହିଲେ- ଭାଇ ! ତୋ ଶୁଆଟିକୁ ଦେଇ ଦେ,ରାଜପରିବାରରେ ରହିବ। ରାଜାଙ୍କର ମନକାମନା ପୂର୍ଣ୍ଣ ହେବ। କଂସେଇ କହିଲା-ଏ ରାଜ୍ୟର ମୁଁ ଜଣେ ପ୍ରଜା। ରାଜାଙ୍କ ଇଚ୍ଛାପୂରଣ କରିବା ମୋର କର୍ତ୍ତବ୍ୟ। ଥରେ ଜଣେ ଶିକାରୀ ଗୋଟେ ବୃକ୍ଷର କୋରଡ଼ରୁ ଦୁଇଟି ଶୁଆ ଛୁଆ ଧରିଥିଲା। ଗୋଟେ ଶୁଆ ଜଣେ ସାଧୁ ନେଇଗଲେ ଆଉ ଗୋଟେ ମୁଁ ନେଇ ଆସିଥିଲି। ରାଜା ଯଦି ଚାହୁଁଛନ୍ତି ଶୁଆକୁ ନିଜ ପାଖରେ ରଖିବେ ତେବେ ନେଇ ଯାଆନ୍ତୁ। ସେଠି ଭଲରେ ରହିବ। ଭଲ ଭଲ ଖାଦ୍ୟ ଖାଇବ। କଂସେଇ ପ୍ରଦତ୍ତ ଶୁଆ ରାଜାଙ୍କ ପଞ୍ଜୁରିକୁ ଆସିଗଲା। ତାକୁ ଦେଖି ରାଜ ପରିବାରର ସମସ୍ତ ସଦସ୍ୟ ଅତ୍ୟନ୍ତ ଖୁସି ହେଲେ। ସମସ୍ତଙ୍କୁ ଜଣା ଯାଉଥାଏ ପୂର୍ବର ଶୁଆ ଯେମିତି ଫେରି ଆସିଛି। ଦୁହିଙ୍କର ନାକ, ଡେଣା, ଥଣ୍ଟ, ରଙ୍ଗ, ଆକାର ଏକାପରି ହୋଇଥାଏ। କିନ୍ତୁ ଦୁଃଖର କଥା ଯେ, ସକାଳୁ ସକାଳୁ ଶୁଆଟି ରାଜାଙ୍କୁ ଏଭଳି ଭାବେ ବୋଲିଲା ଯେମିତି କଂସେଇ ତା' ଚାକରକୁ ଉଠାଇବାକୁ ଡାକ ମାରେ- ଏ-ଉଠ୍ ! ରାବଣ ଭଳି ଶୋଇଛି। ଯାଆ- ମୋ ପାଇଁ ଅଣ୍ଡା ଆଣିବୁ। ରାଜା ଶୁଆର ବୋଲ ଶୁଣି ଏତେ କ୍ରୋଧିତ ହୋଇଗଲେ ଯେ, ତୁରନ୍ତ ପଞ୍ଜୁରିରୁ ବାହାର କରି ମୁଣ୍ଡକୁ ମୋଡ଼ି ଫିଙ୍ଗିଦେଲେ। ଦୁଇଟି ଶୁଆ ଭାଇ ଭାଇ ଥିଲେ। ଗୋଟେ ପାଇଁ ରାଜକୀୟ ପତାକା ନିମୀଳିତ କରାଗଲା,ଅନ୍ୟଟିର ମୁଣ୍ଡ ମୋଡ଼ାଗଲା। ■

ସଲଟ୍‌ଲେକ୍,କୋଲକାତା
ମୋ- ୯୬୮୧୩୭୩୫୧୨

## କୁନି ତାରକା



ଅର୍ପିତା

---

ଶିଶୁ ପ୍ରତିଭା

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ
# ତିନି ବର୍ଷର ଅତୁଲ୍ୟା

**ବୟସ ମାତ୍ର ୩ ବର୍ଷ ୪ ମାସ । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ପିଲାଦିନରୁ ତାଙ୍କ ପ୍ରତିଭା ବିକଶିତ ହୋଇଥିଲା । ନିଜର ବିଚକ୍ଷଣ ବୁଦ୍ଧି ଏବଂ ଅସୀମ ସ୍ମରଣ ଶକ୍ତି ଯୋଗୁଁ ସେ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି । ଏହି ବିସ୍ମୟ ବାଳିକା ଜଣକ ହେଉଛନ୍ତି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଗ୍ରାମ ପଣସପୁର ସାହିର ବିଜୟ କୁମାର ଜେନା ଓ ସଂଯୁକ୍ତା କୁମାରୀ ସାହୁଙ୍କ ଝିଅ ଅତୁଲ୍ୟା ଜେନା ।**



୨୦୨୦ ଡିସେମ୍ବର ୩୦ ତାରିଖରେ ଅତୁଲ୍ୟା ଜନ୍ମଗ୍ରହଣ କରିଥିଲେ। ଅତୁଲ୍ୟାଙ୍କ ମାଆ ସଂଯୁକ୍ତା ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପିକା ହୋଇଥିବାବେଳେ ବାପା ବିଜୟ ଜଣେ ବ୍ୟବସାୟୀ। ଅତୁଲ୍ୟା ମାତ୍ର ୭ ମାସ ବୟସରୁ କଥା କହିବା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ସେ ବିଭିନ୍ନ ବିଷୟରେ କହିବା ଆରମ୍ଭ କରିଥିଲେ । ସେ ସମସ୍ତ ଦେବଦେବୀ, ପଶୁପକ୍ଷୀଙ୍କୁ ଦେଖି ନାଁ କହିପାରନ୍ତି । ଏହା ବ୍ୟତୀତ ମାନଚିତ୍ର ଦେଖି ରାଜ୍ୟଗୁଡ଼ିକ ଚିହ୍ନଟ କରିବା ସହ ସମସ୍ତ ରାଜ୍ୟର ନାମ, ସାତ ଦିନ, ଜାତୀୟ ପଶୁ, ପକ୍ଷୀ, ଫୁଲ ଆଦି ବିଷୟରେ ଶୁଣି ଥରକେ ମନେ ରଖି କହିପାରନ୍ତି । ମାତ୍ର ତିନି ବର୍ଷ ବୟସରେ ସେ ଅତି ସୁନ୍ଦର ଭାବରେ ଜାତୀୟ ସଙ୍ଗୀତ, ୯ଟି ସଂସ୍କୃତ ଶ୍ଳୋକ, ରାଜ୍ୟ ଓ ତା'ର ରାଜଧାନୀର ନାମ, ୫ଟି ଇନ୍ଦ୍ରିୟର ନାମ, ୨ଟି ହିନ୍ଦୀ କବିତା, ୨ଟି ଓଡ଼ିଆ କବିତା, ୫ଟି ଇଂରାଜୀ ଗୀତ, ବିଭିନ୍ନ ରୋଗ ଓ ଔଷଧ ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳଗୁଡ଼ିକର ନାମକୁ ଅତି ନିର୍ଭୁଲ ଭାବରେ କହିପାରୁଛନ୍ତି। ତାଙ୍କର ଏହି ଅସାଧାରଣ ପ୍ରତିଭା ପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଏନେଇ ଅତୁଲ୍ୟାଙ୍କ ବାପା ବିଜୟ କୁହନ୍ତି, 'ପିଲାଦିନେ ସେ ଗୀତ ଶୁଣି ଧୀରେ ଧୀରେ ଗୁଣୁଗୁଣୁ କରି ଗାଇବା ଆରମ୍ଭ କରି ଦେଉଥିଲା। ସେତେବେଳେ ସେ ଯାହା କିଛି ଶୁଣେ, ତାହାକୁ ସେ ପରେ କହିବା ଆରମ୍ଭ କରିଦିଏ। ଏହାଦେଖି ଆମେ ଆଶ୍ଚର୍ଯ୍ୟ ହୋଇ ଯାଉଥିଲୁ। ମୋ' ପତ୍ନୀ ପ୍ରଥମେ ଶରୀରର ବିଭିନ୍ନ ଅଂଶକୁ ତାକୁ ଓଡ଼ିଆ ଓ ଇଂରାଜୀ କହିବା ପରେ ସେ ମଧ୍ୟ ତାହା ଶୁଣି ପରବର୍ତ୍ତୀ ସମୟରେ ତାହାକୁ ଚିହ୍ନଟ କରି କହିବାକୁ ଲାଗିଲା । ଏପରିକି ବିପରୀତ ଶବ୍ଦ, ସପ୍ତ ରଙ୍ଗ, ପଶୁପକ୍ଷୀ, ଦେବଦେବୀଙ୍କ ଚିତ୍ର ଦେଖି ତାହାର ନାମ କହିବାକୁ ଲାଗିଲା ।' ଅତୁଲ୍ୟାର ବିଚକ୍ଷଣ ସ୍ମରଣ ଶକ୍ତି ଦେଖି ବିଜୟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପାଇଁ ଆବେଦନ କଲେ। ଏଇ ୨୦୨୪ ମଇ ୧୧ ତାରିଖରେ ଏହି ଅନୁଷ୍ଠାନର ବିଚାରକ ମଣ୍ଡଳୀ ତାଙ୍କର ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିଥିଲେ । ଶେଷରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପକ୍ଷରୁ ଅତୁଲ୍ୟାଙ୍କୁ ପ୍ରଦାନ କରାଯାଇଥିବା ଅନୁମୋଦିତ ପ୍ରମାଣପତ୍ର, ଏକ ବହି, ମେଡାଲ, ବ୍ୟାଚ୍, ପେନ୍, ପରିଚୟ ପତ୍ର ପ୍ରଭୃତି ସେ ଗ୍ରହଣ କରିଛନ୍ତି । ଅତୁଲ୍ୟାଙ୍କ ମା' ସଂଯୁକ୍ତା କୁହନ୍ତି, 'ଆମ ଝିଅ ପାଇଁ ଆମେ ଗର୍ବିତ । ପ୍ରତ୍ୟେକ ଶିଶୁଙ୍କ ଭିତରେ କିଛି ନା କିଛି ପ୍ରତିଭା ରହିଛି। ତାକୁ ଜାଣି ଅଭିଭାବକମାନେ ସେଦିଗରେ କାମ କରିବା ଜରୁରି। ଶିଶୁ ମାଟିପିଣ୍ଡୁଳା ସଦୃଶ। ତାକୁ ଆପଣ ଯେମିତି ଗଢ଼ିବେ, ସେ ଭବିଷ୍ୟତରେ ସେମିତି ହେବ। ଶିଶୁର ମାନସିକ,ଶାରୀରିକ, ବୌଦ୍ଧିକ ବିକାଶ ଦିଗରେ ପ୍ରତ୍ୟେକ ଅଭିଭାବକମାନଙ୍କ ଗୁରୁ ଦାୟିତ୍ୱ ରହିଛି। ଏଥିପ୍ରତି ଧ୍ୟାନ ଦେଲେ ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ରହିଥିବା ପ୍ରତିଭା ଆଗକୁ ଆସିପାରିବ ।' ■

-ଦୁର୍ଗାପ୍ରସାଦ ଦାସ
କାଲୁପଡ଼ାଘାଟ, ଟାଙ୍ଗି

## ସୁନ୍ଦର ଆମ ବହି



ଚନ୍ଦନ କୁମାର ଦାସ

ବହିଟି ଆହା କେଡ଼େ ସୁନ୍ଦର
ଆମରି ପରା ମିତ
ସାଥେ ସେ ଥିଲେ ଆନନ୍ଦ ମନେ
ଗାଉରେ ଆମେ ଗୀତ ।
ଆମ ପିଠିରେ ନାଉ ହୋଇ ସେ
ବିଦ୍ୟାଳୟକୁ ଆସେ
ଆମ ସାଥିରେ ଶ୍ରେଣୀ ଗୃହରେ
ନିଇତି ସିଏ ବସେ ।
ଖୋଲିଲେ ତାକୁ ମହକି ଉଠେ
ମଧୁର ବାସ ତାର
ଭୁଲି ଯାଉରେ ଆମରି ଦୁଃଖ
କିଏ ଆପଣା ପର ।
ରଙ୍ଗ ରଙ୍ଗିଆ ଛବି ଦେଖାଇ
ଭୁଲାଇ ଦିଏ ଭିତି
ଶିଖାଏ ସିଏ ସବୁରି ମନ
କେମିତି ହୁଏ ଜିତି ।
ଯେଉଁଠି ଗଲେ ଆମରି ସାଥେ
ସାଥୀ ସେ ହୋଇଥାଏ
ସୁଖ-ଦୁଃଖରେ ସୁବାସ ହୋଇ
ହୃଦୟେ ଆମ ବହେ । ■



ଭୋଗରାଇ
ମୋ-୮୧୧୪୩୪୫୯୮୮

## ବେଙ୍ଗୁଲୀ ରାଣୀ ଲୋ ବେଙ୍ଗୁଲୀ ରାଣୀ



ନଳିନୀ ଦାଶ

ବେଙ୍ଗୁଲୀ ରାଣୀ ଲୋ ବେଙ୍ଗୁଲୀ ରାଣୀ
ଆକାଶୁ ଝରୁଛି ବରଷା ପାଣି
ସାରୁ ଗଛମୂଳେ ବସିଥା ଜାଣି
ବରଷାର ଗୀତ ଗାଇଦେ ଚାରିମେଘ ଡାକିଆଣି ।
ତୋ ପରିବାରକୁ ସାଥିରେ ଧରି
ବୋବାଉ ଲୋ କେଁ କଟର କରି
କମ୍ପିଯାଏ ଚଉଦିଗକୁ ଧରି
ବର୍ଷା ହେଲେ ଜଳ ସମ୍ପଦ ଯାଏଟି ଧାରାରେ ଭରି ।
ପାଣି କାଦୁଅରେ ତୁ ଭିଜିଯାଉ
ଫକ୍ ଫକ୍ ହୋଇ ତୁ ଡେଇଁ ଥାଉ
ଖରାଦିନେ କହ କେଉଁଠି ରହୁ
ବରଷା ଦିନରେ ଗଛମୂଳେ ବସି ତୂରୀ ବଜାଉ ।
ତୋ ନାଆଁରେ ଅଛି ଗପ କାହାଣୀ
ରାମାୟଣ ମହାଭାରତ ଜାଣି
ବହିରେ କବିତା ଚାତୁରୀ ପୁଣି
ତୁଲୋ ରାଜରାଣୀ ପିଲାଏ ପଢ଼ନ୍ତି ବହିକୁ କିଣି ।
ବେଙ୍ଗୁଲୀ ରାଣୀ ଲୋ ବେଙ୍ଗୁଲୀ ରାଣୀ
କଟକଟ ତୋର ଡାକରା ଶୁଣି
ଇନ୍ଦ୍ରରାଜା ଢ଼ାଳି ଦେଲେଣି ପାଣି
ଖୁସିରେ ଝରଣା କୁଳୁକୁଳୁ ଗୀତ ଗାଇ ଦେଲାଣି ।
ଗାଇଦେଉ ବସି ବରଷା ଗୀତ
ବରଷା ପରା ତୋ ପରମ ମିତ
କରିଥାଉ ତୁ ଜଗତ ହିତ
ବରଷା ଦିନରେ କେଉଁଠି ରହି ତୁ ଗାଉ ସଙ୍ଗୀତ । ■



- ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ-୯୨୩୮ ୯୯୬୬୪୯

## ସକାଳ ଶିଶୁ କୁଇଜ୍-୧୨୮

(୧) ଭାରତୀୟ ସମ୍ବିଧାନର ଜନକ କାହାକୁ କୁହାଯାଏ?
ଉତ୍ତର : ____________________

(୨) ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ କେଉଁ ମହାପୁରୁଷ ଜନ୍ମଗ୍ରହଣ କରିଥିଲେ?
ଉତ୍ତର : ____________________

(୩) ଦକ୍ଷିଣ ଆମେରିକାର ସବୁଠୁ ବଡ଼ ଦେଶର ନାମ କ'ଣ?
ଉତ୍ତର : ____________________

(୪) ବିଶ୍ୱ ସ୍ୱାସ୍ଥ୍ୟ ଦିବସ କେବେ ପାଳନ କରାଯାଏ?
ଉତ୍ତର : ____________________

(୫) ଚାର୍‌ମିନାର ଭାରତର କେଉଁ ସହରରେ ରହିଛି ?
ଉତ୍ତର : ____________________

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

### ଗତ ସପ୍ତାହର କୁଇଜ୍ ବିଜେତା

- ବଳରାମ ବାରିକ, ବାଲେଶ୍ୱର
- ଝାନ୍‌ସୀରାଣୀ ପ୍ରଧାନ, କେନ୍ଦୁଝର
- ପଦ୍ମନାଭ ବିଶ୍ୱାଳ, ନୀଳଗିରି


### ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର,
ଭୁବନେଶ୍ୱର-୭୫୧୦୧୯


ଦୈନିକ 'ସକାଳ'ର ଶିଶୁ ପୃଷ୍ଠା 'ସୁମନ' ପାଇଁ ଶିଶୁଭିତ୍ତିକ ଗଳ୍ପ, କବିତା, ସାଧାରଣଜ୍ଞାନ ସମ୍ପର୍କିତ ଲେଖା, ପ୍ରହେଳିକା, କୁନି କୁନି ପିଲାଙ୍କ ସ୍ୱଲିଖିତ କବିତା, ଗପ, ଚିତ୍ରାଙ୍କନ, କୁନି ମଡେଲ ପାଇଁ ଫଟୋ sakalasishu@gmail.comକୁ ପଠାଇ ପାରିବେ।

## ପ୍ରହେଳିକା



- ଲିଙ୍ଗରୂପେ ପ୍ରଭୁ ପୂଜା ପାଆନ୍ତି
ଶ୍ରାବଣରେ ଜଳ ଲାଗି ହୁଅନ୍ତି
କୈଳାଶ ପର୍ବତେ ବାସ କରନ୍ତି
ମସ୍ତକରୁ ଗଙ୍ଗାମାତା ଝରନ୍ତି
ନାମ ତାଙ୍କରି
କହିଦିଅ ପିଲେ ନ କରି ଡେରି ।
ଉତ୍ତର :-ଶିବ

- ଶ୍ରାବଣ ମାସରେ ଦଳ ଦଳ ହୋଇ
କାନ୍ଧରେ କାଉଡ଼ି ଧରି
ଖାଲି ପାଦେ ଚାଲି ଚାଲି ଯାଉଥାନ୍ତି
ଶିବ ଶିବ ଜପ କରି
ଅରୁଆ ଖାଆନ୍ତି ପବିତ୍ର ରୁହନ୍ତି
ସାତ୍ତ୍ୱିକ ଭାବକୁ ବହି
ଜାଣିଥିଲେ ପିଲେ ନ କରି ବିଳମ୍ବ
ତାଙ୍କ ନାମ ଦିଅ କହି !
ଉତ୍ତର :-କାଉଡିଆ



- ନୁହେଁ ସେ ବଳଦ ନୁହେଁ ସେ ଗାଇ
ଗୋମାତାର ଅଂଶ ବିଶେଷ ହୋଇ
ଶିବଙ୍କର ପ୍ରିୟ ବାହାନ ସିଏ
ତା'କାନରେ ଭକ୍ତ ଦୁଃଖ ଜଣାଏ
ନାମଟି କୁହ
ଶିବଙ୍କ ପ୍ରସାଦ ଖୁସିରେ ପାଅ !
ଉତ୍ତର :-ବୃଷଭ



- ଜଗଦୀଶ ସାହୁ
ସଞ୍ଚପଡ଼ା, ଢେଙ୍କାନାଳ
ମୋ :-୯୦୭୮୧୮୫୬୧୬



ସମୀର କୁମାର ବିନ୍ଧାଣୀ
ପଞ୍ଚମ ଶ୍ରେଣୀ
କାହ୍ନୁପୁର ପ୍ରାଥମିକ ବିଦ୍ୟାଳୟ
ମୟୂରଭଞ୍ଜ





ନନ୍ଦିନୀ କୁମାରୀ
ଚତୁର୍ଥ ଶ୍ରେଣୀ
ବର୍ମା ପ୍ରାଥମିକ ବିଦ୍ୟାଳୟ
ସୁନାବେଡ଼ା





ନନ୍ଦିତା ରକ୍ଷିତ
ଷଷ୍ଠ ଶ୍ରେଣୀ
ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ
ବାଲେଶ୍ୱର





ଶୁଭଲକ୍ଷ୍ମୀ ମହାରଣା
ସପ୍ତମ ଶ୍ରେଣୀ
ପବିତ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ
ମଣିଜଙ୍ଗ, ପୁରୀ



# ଇତିହାସ ସୃଷ୍ଟି କଲା ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବ

## ସିନ୍ ନଦୀ ଉପରେ ହେଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଭାଗନେଲେ ୨୦୬ ଅଲିମ୍ପିକ୍ସ ସଂଘର ୧୦ ହଜାର ପ୍ରତିଯୋଗୀ



**ପ୍ୟାରିସ୍, ୨୬।୭(ଏଜେନ୍ସି):** ବିଶ୍ୱବିଖ୍ୟାତ ପ୍ୟାରିସ୍‌ର ସିନ୍ ନଦୀ ଉପରେ ଉଦ୍‌ଘାଟନୀ ଉତ୍ସବ ସହ ଇତିହାସ ସୃଷ୍ଟିକରି ଆରମ୍ଭ ହୋଇଛି ବିଶ୍ୱର ସର୍ବବୃହତ କ୍ରୀଡ଼ା ପ୍ରତିଯୋଗିତା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ। ପ୍ରଥମଥର ଏହି କ୍ରୀଡ଼ା ମହାକୁମ୍ଭର ଉଦ୍‌ଘାଟନୀ ଉତ୍ସବ କୌଣସି ଷ୍ଟାଡିୟମ୍‌ରେ ଆୟୋଜିତ ହୋଇ ନ ଥିବାରୁ ଏହା ଇତିହାସ ସୃଷ୍ଟି କରିଛି। ଏହି ଉତ୍ସବକୁ ନଦୀର ଦୁଇ କୂଳରେ ଉପସ୍ଥିତ ସର୍ବାଧିକ ଦର୍ଶକ ଉପଭୋଗ କରିବା ମଧ୍ୟ ଆଉ ଏକ ରେକର୍ଡ ବୋଲି କୁହାଯାଉଛି। ନଦୀକୂଳରେ ୬ ଲକ୍ଷ ଦର୍ଶକ ଉପସ୍ଥିତ ଥିଲେ ବୋଲି ରିପୋର୍ଟରେ କୁହାଯାଇଛି। ଏଭଳି ଏକ କ୍ରୀଡ଼ା ମହାକୁମ୍ଭରେ ୧୦,୦୦୦ରୁ ଅଧିକ ପ୍ରତିଯୋଗୀ ନୌକାରେ ପରେଡ କରିବା ମଧ୍ୟ ରୋମାଞ୍ଚ ଭରିଦେଇଛି। ଏହାକୁ ମଧ୍ୟ ଭାସମାନ ଉଦ୍‌ଘାଟନୀ ଉତ୍ସବ ଆଖ୍ୟା ଦିଆଯାଉଛି। ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ାବିତ୍, ଡଜନ ଡଜନ ପ୍ରଭାବଶାଳୀ ବିଶ୍ୱ ନେତୃବୃନ୍ଦ, ୩,୦୦୦ରୁ ଅଧିକ କଳାକାର, ୪୫, ୦୦୦ ସ୍ୱେଚ୍ଛାସେବୀଙ୍କ ଅଂଶଗ୍ରହଣ, ଆମେରିକା କିମ୍ବଦନ୍ତୀ ଗାୟକ ଲେଡି ଗାଗା ଓ ସେଲିନ୍ ଡିଓନଙ୍କ ସଙ୍ଗୀତ ପରିବେଷଣ ଏହି ଉଦଘାଟନୀ ଉତ୍ସବକୁ ଅଧିକ ଗୌରବମୟ କରିଥିଲା।

ଅଲିମ୍ପିକ୍ସର ଉଦଘାଟନୀ ଉତ୍ସବ କେବଳ ନଦୀ ଉପରେ ପ୍ରଥମଥର ଆୟୋଜିତ ହୋଇ ନ ଥିଲା ଏଥିରେ ଅନେକ ଘଟଣା ଅଲିମ୍ପିକ୍ ଇତିହାସରେ ପ୍ରଥମଥର ଅନୁଷ୍ଠିତ ହୋଇଥିଲା। ନଦୀକୂଳରେ ପ୍ରଥମଥର ୬ କିଲୋମିଟରରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ୧୦,୫୦୦ରୁ ଅଧିକ ଆଥଲେଟ ଅଂଶଗ୍ରହଣ କରିଥିଲେ। ପରମ୍ପରା ଅନୁଯାୟୀ ପରେଡ୍‌ରେ ପ୍ରଥମେ ଗ୍ରୀସ୍ ଦେଶ ଆସିଥିଲା। ଭାରତ ୮୪ତମ ସ୍ଥାନରେ ଓ ଆୟୋଜକ ଫ୍ରାନ୍ସ ଶେଷରେ ଆସିଥିଲା। ଡବଲ ଅଲିମ୍ପିକ୍ ପଦକ ବିଜୟିନୀ ପିଭି ସିନ୍ଧୁ ଓ ଟେନିସ ତାରକା ଶରତ କମଲ ଭାରତର ଧ୍ୱଜା ବାହକ ସାଜିଥିଲେ।

ବିଶ୍ୱପ୍ରସିଦ୍ଧ ଏଫିଲ ଟାୱାର ନିକଟରେ ଥିବା ସିନ୍ ନଦୀକୂଳରେ ଆରମ୍ଭ ହୋଇଥିଲା ଏହି ଉଦ୍‌ଘାଟନୀ ଉତ୍ସବ। ଏଥିରେ ୯୧ଟି ବଡ଼ ଦେଶର ପ୍ରତିଯୋଗୀମାନେ ପରେଡ୍‌ରେ ମୁଖ୍ୟ ଉତ୍ସବସ୍ଥଳକୁ ପରେଡ କରି ଆସିଥିଲେ। ଏହି ପରେଡ ଅଷ୍ଟରଲିଜ୍ ପୋଲ ନିକଟରୁ ଆରମ୍ଭ ହୋଇଥିଲା। ବଡ଼ ବଡ଼ ଡଙ୍ଗାରେ ଆଥଲେଟମାନେ ନଦୀ ମଧ୍ୟରେ ଭାସମାନ ପରେଡ କରି ଉତ୍ସବସ୍ଥଳକୁ ଆସିଥିଲେ। ପରେଡ ଯାତ୍ରା ସମୟରେ ଅନେକ ଅଲିମ୍ପିକ୍ ଇଭେଣ୍ଟ ଭେନ୍ୟୁକୁ ମଧ୍ୟ ଆଥଲେଟମାନେ ଅତିକ୍ରମ କରିଥିଲେ। ସମସ୍ତ ଡଙ୍ଗାରେ ଉଚ୍ଚକୋଟୀର କ୍ୟାମେରା ଲାଗିଥିଲା। ଯାହା ଫଳରେ ପ୍ରସାରଣ କରିବାରେ କୌଣସି ଅସୁବିଧା ହୋଇ ନ ଥିଲା।

ପ୍ରଥମଥର ଲାଗି ଉଦ୍‌ଘାଟନୀ ଉତ୍ସବକୁ ସର୍ବାଧିକ ଦର୍ଶକ ନିଜ ସମ୍ମୁଖରେ ଉପଭୋଗ କରିଥିଲେ। ଟେଲିଭିଜନରେ ଏହା ସମଗ୍ର ଫ୍ରାନ୍ସ ଓ ବିଶ୍ୱର ଦର୍ଶକ ଦେଖିବାର ସୁଯୋଗ ସୃଷ୍ଟି କରାଯାଇଥିଲା। ପ୍ରଥମଥର ଉଦ୍‌ଘାଟନୀ ଉତ୍ସବରେ ଆଥଲେଟଙ୍କ ସବୁଥିରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯାଇଥିଲା। ଯାହା ଫଳରେ ପରମ୍ପରାକୁ ଭାଙ୍ଗିଦିଆଯାଇଥିଲା।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆମେରିକାର ପ୍ରଥମ ମହିଳା ଜିଲ ବାଇଡେନ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଲିମ୍ପିକ୍ ମଶାଲ ପ୍ରଜ୍ୱଳିତ ହେବା ସହ ଏହି ଅଲିମ୍ପିକ୍‌ର ଶୁଭାରମ୍ଭ ହୋଇଥିଲା। ଆମେରିକା ରାପ୍ପର ଡୋଗ ଶେଷରେ ଅଲିମ୍ପିକ୍ ମଶାଲ ଆଣିବା ପରେ ତାହାକୁ ପ୍ରଜ୍ୱଳିତ କରାଯାଇଥିଲା।

ଏହି ପ୍ରତିଯୋଗିତାରେ ମୋଟ ୩୨ଟି ଖେଳରେ ପ୍ରତିଯୋଗିତା ଆୟୋଜିତ ହେବ। ମୋଟ ୩୨୯ଟି ମେଡାଲ ଇଭେଣ୍ଟ ଲାଗି ପ୍ରତିଦ୍ୱନ୍ଦ୍ୱିତା ହେବ। ଜୁଲାଇ ୧୧ ତାରିଖ ଯାଏ ହେବାକୁ ଥିବା ଏହି କ୍ରୀଡ଼ା ମହାକୁମ୍ଭରେ ୨୦୬ଟି ଅଲିମ୍ପିକ୍ ସଂଘର ୧୦,୨୭୪ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ପ୍ରଥମଥର ଲାଗି ପୁରୁଷ ଓ ମହିଳା ପ୍ରତିଯୋଗୀ ସମାନ ଭାବେ ଭାଗ ନେଇଥିଲେ। ଭାରତରୁ ୧୯ଟି ଇଭେଣ୍ଟରେ ୧୧୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

### ଉଦ୍‌ଘାଟନୀ ସମାରୋହ

ଉଦଘାଟନୀ ସମାରୋହ ଫ୍ରାନ୍ସ ଓ ଅଲିମ୍ପିକ୍ ପତାକା ଉତ୍ତୋଳନରୁ ଆରମ୍ଭ ହୋଇଥିଲା। ଏହା ପରେ ଫରାସୀ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହା ପରେ ୬ କିଲୋମିଟର ଦୂର ଅଷ୍ଟରଲିଜ୍ ପୋଲରକୁ ଆଥ୍‌ଲେଟଙ୍କ ବର୍ଣ୍ଣାଢ୍ୟ ପରେଡ ଆରମ୍ଭ ହୋଇଥିଲା। ପ୍ରଥମଥର ଲାଗି ଆଥ୍‌ଲେଟ ଷ୍ଟାଡିୟମ୍‌କୁ ଚାଲି ଚାଲି ନ ଆସି ଡଙ୍ଗାରେ ଚଢ଼ି ଆସିଥିଲେ। ଷ୍ଟାଡିୟମ୍ ପରିବର୍ତ୍ତେ ଏହି ଉତ୍ସବଟି ଏଫିଲ ଟାୱାର ସାମ୍ନାରେ ଥିବା ସିନ୍ ନଦୀ ଉପରେ ଆୟୋଜିତ ହେଉଥିବାରୁ ସର୍ବାଧିକ ଦର୍ଶକ ଉପଭୋଗ କରିଥିଲେ। ଅଲିମ୍ପିକ୍ ମଶାଲ ପ୍ରଜ୍ୱଳିତ ହେବା ସହ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

କ୍ରମାଗତ ଚତୁର୍ଥଥର ଲାଗି ମାଇକ୍ ଟିରିକୋ, ଗ୍ରାମି ପୁରସ୍କାର ବିଜେତା କେଲି କ୍ଲାର୍କସନ ଓ ପେଟନ ମାନିଂ ଉତ୍ସବ ପରିଚାଳନା କରିଥିଲେ। ଉତ୍ସବରେ ଫ୍ରାନ୍ସର ଗୌରବମୟ କଳା ସଂସ୍କୃତି ପ୍ରଦର୍ଶନ କରାଯାଇଥିଲା। ବିଶ୍ୱ ପ୍ରସିଦ୍ଧ ଗାୟକ ଲେଡି ଗାଗା, ସେଲିନ୍ ଡିଓନ ଓ ଉଦୀୟମାନ ଆୟା ନାକାମୋରା ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ରଙ୍ଗାରଙ୍ଗ ନୃତ୍ୟ ଓ ସଙ୍ଗୀତ ବିଶ୍ୱବାସୀଙ୍କ ମନ ମୋହିଥିଲା।

## ଧ୍ୱଜାବାହକ ତାଲିକାରେ ସିନ୍ଧୁ, ଶରତ

**ପ୍ୟାରିସ, ୨୬।୭ (ଏଜେନ୍ସି):** ବହୁପ୍ରତୀକ୍ଷାର ଅନ୍ତ ଘଟିଛି। ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଶୁକ୍ରବାର ରାତିରେ ଧୁମ୍‌ଧାମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସିନ୍ ନଦୀରେ ଆୟୋଜିତ ପ୍ୟାରେଡରେ ୮୫ଟି ବୋଟ୍‌ରେ ୨୦୬ ରାଷ୍ଟ୍ରର ପାଖାପାଖି ୧୧ ହଜାର କ୍ରୀଡ଼ାବିତ୍ ଉପସ୍ଥିତ ଲକ୍ଷାଧିକ ଦର୍ଶକଙ୍କୁ ଅଭିବାଦନ ଜଣାଇଯାଇଥିଲେ। ଏହି ଅବସରରେ ଭାରତୀୟ ଦଳ ଆସିଥିବା ବୋଟ୍‌ରେ ବ୍ୟାଡ୍‌ମିଣ୍ଟନ ତାରକା ପିଭି ସିନ୍ଧୁ ଓ ଶରତ କମଲ ଧ୍ୱଜା ବାହକ ଭୂମିକା ତୁଲାଇଥିଲେ। ଏଥିସହ ଅଲିମ୍ପିକ ଇତିହାସରେ ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ ଦଳର ଧ୍ୱଜା ବାହକ ରହିଥିବା କ୍ରୀଡ଼ାବିତ୍‌ଙ୍କ ତାଲିକାରେ ସିନ୍ଧୁ ଓ ଶରତ ଯୋଡ଼ି ହୋଇଯାଇଛନ୍ତି। ଏହି ତାଲିକାରେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦ ଓ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ବିଜେତା ଅଭିନବ ବିନ୍ଦ୍ରା ରହିଛନ୍ତି। ଅଲିମ୍ପିକ୍ସ ଇତିହାସରେ ଉଦ୍‌ଘାଟନୀ ଉତ୍ସବରେ ଭାରତର ପ୍ରଥମ ଧ୍ୱଜା ବାହକ ହେବାର ସୌଭାଗ୍ୟ ଲାଭ କରିଥିଲେ ପୂର୍ମ ବାନାର୍ଜୀ। ୧୯୨୦ ଅନ୍ତୱର୍ପ ଅଲିମ୍ପିକ୍ସ ଉଦ୍‌ଘାଟନୀରେ ପୂର୍ମ ଭାରତୀୟ ଦଳର ପତାକା ଧରିଥିଲେ। ସେହିଭଳି ଦେଶ ସ୍ୱାଧୀନ ହେବାପରେ ୧୯୪୮ ଅଲିମ୍ପିକ୍ସରେ ଫୁଟ୍‌ବଲ ଖେଳାଳି ତାଲିମେରେନ ଆଓ ଉଦ୍‌ଘାଟନୀରେ ତ୍ରିରଙ୍ଗା ଧରିଥିଲେ।

## ଅଲିମ୍ପିକ୍ସ ଟେନିସ୍: କଷ୍ଟକର ଡ୍ର’ରେ ନାଗଲ



**ପ୍ୟାରିସ,୨୬।୭(ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସର ଟେନିସ ଇଭେଣ୍ଟ ପାଇଁ ଡ୍ର ଘୋଷିତ ହୋଇଛି। ଭାରତୀୟ ଶ୍ରେଷ୍ଠ ଟେନିସ ତାରକା ସୁମିତ ନାଗଲ କଷ୍ଟକର ସ୍ଥିତି ସୃଷ୍ଟି ହୋଇଥିବା ବେଳେ ପୁରୁଷ ଯୁଗଳ ଯୋଡି ରୋହନ ବୋପାନ୍ନା ଓ ଏନ୍ ଶ୍ରୀରାମ ବାଲାଜୀ ଫ୍ରେଞ୍ଚ୍ ଯୋଡି ଫାବିଏନ ରେବୋଉଲ ଓ ଏଡୋୱାର୍ଡୋ ରୋଜର- ଭାସେଲିନଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ। ୨୦୧୬ ରିଓ ଅଲିମ୍ପିକ୍ସରେ ବୋପାନ୍ନା ଓ ସାନିଆ ମିର୍ଜା ମିଶ୍ରିତ ଯୁଗଳ ଇଭେଣ୍ଟରେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ ଓ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ପୁରୁଷ ଏକକ ଇଭେଣ୍ଟରେ ନାଗଲ ଫ୍ରାନ୍ସର ମୌଟେଟ କୋର୍ଟେନଙ୍କ ବିପକ୍ଷରୁ ଅଭିଯାନ ଆରମ୍ଭ କରିବେ। ନାଗଲ ପ୍ରଥମ ରାଉଣ୍ଡରେ ବିଜୟୀ ହେଲେ ବିଶ୍ୱର ୬ ନଂ ଖେଳାଳି ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ଭେଟିବେ। ନାଗଲ ଏବେ ଏଟିପି ମାନ୍ୟତାର ୮୦ ନଂ ସ୍ଥାନରେ ରହିଛନ୍ତି। ସେହିପରି ମୌଟେଟ୍ ନାଗଲଠାରୁ ୧୨ଟି ସ୍ଥାନ ଉପରେ ରହିଛନ୍ତି। ନାଗଲ ଓ ମୌଟେଟ ମଧ୍ୟରେ ୨-୨ ହେଡ୍ ଟୁ ହେଡ୍ ବରାବର ରେକର୍ଡ ରହିଛି।

## ଭାରତୀୟ ସୁଟିଂ ଦଳରେ ବିଧାୟିକା ଶ୍ରେୟସୀ ସିଂ



**ନୂଆଦିଲ୍ଲୀ, ୨୬।୭(ଏଜେନ୍ସି):** ଅନ୍ତର୍ଜାତୀୟ ସୁଟିଂ ମହାସଂଘର ଅନୁମୋଦନ କ୍ରମେ ବିଧାୟିକା ତଥା ଟ୍ରାପ୍ ସୁଟର ଶ୍ରେୟସୀ ସିଂ ଶେଷ ମୁହୂର୍ତ୍ତରେ ପ୍ୟାରିସ୍ ଅଲିମ୍ପିକ୍ସ ଭାରତୀୟ ସୁଟିଂ ଦଳରେ ସ୍ଥାନ ପାଇଥିଲେ। ଭାରତର ଶ୍ରେଷ୍ଠ ଆଶା ମାନୁ ଭାକର ଅଲିମ୍ପିକ୍ସରେ ଗୋଟିଏ କୋଟା ଛାଡ଼ିଦେବା ପରେ ତାହାକୁ ଟ୍ରାପ୍ ଇଭେଣ୍ଟ ପ୍ରତିଯୋଗୀଙ୍କୁ ଦେବାକୁ ଭାରତର ରାଇଫଲ ସୁଟିଂ ସଂଘ ଅନୁରୋଧ କରିଥିଲା। ଭାରତର ଅନୁରୋଧ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ ମହାସଂଘ ଦ୍ୱାରା ଗୃହୀତ ହେବା ଫଳରେ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜେତା ଶ୍ରେୟସୀ ସିଂଙ୍କୁ ଏହା ଦିଆଯାଇଥିଲା। ଯାହା ଫଳରେ ୩୨ ବର୍ଷିୟା ବିହାର ବିଜେପି ଦଳର ବିଧାୟିକା ଶ୍ରେୟସୀଙ୍କର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ସ୍ୱପ୍ନ ସାର୍ଥକ ହୋଇଥିଲା। ୨୦୨୦ ବିହାର ବିଧାନସଭା ନିର୍ବାଚନରେ ଶ୍ରେୟସୀ ବିଜେପି ଟିକଟରେ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ଏହା ପୂର୍ବରୁ ସେ ୨୦୧୮ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏଥର ପ୍ୟାରିସ୍ ଅଲିମ୍ପିକ୍ସରେ ସେ ଡବଲ ଟ୍ରାପ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

### ପ୍ୟାରିସରେ ଭାରତର ଶନିବାର କାର୍ଯ୍ୟସୂଚୀ

| ସମୟ | କ୍ରୀଡ଼ା | ଇଭେଣ୍ଟ | ରାଉଣ୍ଡ | ଖେଳାଳି/ଟିମ୍ |
|---|---|---|---|---|
| ଅପରାହ୍ନ ୧୨ଟା ୩୦ | ରୋଇଂ | ପୁରୁଷ ଏକକ ସ୍କଲ | ହିଟ୍ସ | ବଲରାଜ ପନୱର |
| ଅପରାହ୍ନ ୧୨ଟା ୩୦ | ସୁଟିଂ | ୧୦ମି. ଏୟାର ରାଇଫଲ୍ ମିକ୍ସଡ ଟିମ୍ | ଯୋଗ୍ୟତା ପର୍ଯ୍ୟାୟ | ଏଲଭେନିଲ,ସନ୍ଦୀପ,ଅର୍ଜୁନ, ରମିତା |
| ଅପରାହ୍ନ ୨ଟା | ସୁଟିଂ | ପୁରୁଷ ୧୦ମି ଏୟାର ପିସ୍ତଲ | ଯୋଗ୍ୟତା ପର୍ଯ୍ୟାୟ | ସରବଜୋତ୍ ସିଂ, ଅର୍ଜୁନ ଚିମା |
| ଅପରାହ୍ନ ୪ଟା | ସୁଟିଂ | ମହିଳା ୧୦ମି. ଏୟାର ପିସ୍ତଲ | ଯୋଗ୍ୟତା ପର୍ଯ୍ୟାୟ | ମନୁ ଭାକର,ରିଥମ ସାଙ୍ଗୱାନ |
| ସନ୍ଧ୍ୟା ୪ଟା ୪୫ | ଟେନିସ | ପୁରୁଷ ଯୁଗଳ | ରାଉଣ୍ଡ-୩୨ | ବୋପାନ୍ନା ଓ ବାଲାଜୀ |
| ରାତି ୭ଟା ୧୦ | ବ୍ୟାଡ୍‌ମିଣ୍ଟନ | ପୁରୁଷ ଏକକ | ଗ୍ରୁପ୍ ପର୍ଯ୍ୟାୟ | ଲକ୍ଷ୍ୟ ସେନ |
| ରାତି ୭ଟା ୧୫ | ଟେବଲ୍ ଟେନିସ | ପୁରୁଷ ଏକକ | ରାଉଣ୍ଡ-୧୨୮ | ହର୍‌ମିତ୍ ଦେଶାଇ |
| ରାତି ୮ଟା | ବ୍ୟାଡ୍‌ମିଣ୍ଟନ | ପୁରୁଷ ଯୁଗଳ | ଗ୍ରୁପ୍ ପର୍ଯ୍ୟାୟ | ସାତ୍ତ୍ୱିକ ଓ ଚିରାଗ |
| ରାତି ୯ଟା | ହକି | ପୁରୁଷ ଟିମ୍ | ଗ୍ରୁପ୍ ପର୍ଯ୍ୟାୟ | ଭାରତ-ନ୍ୟୁଜିଲାଣ୍ଡ |
| ରାତି ୧୧ଟା ୩୦ | ବକ୍ସିଂ | ମହିଳା ୫୪ କିଗ୍ରା | ରାଉଣ୍ଡ-୩୨ | ପ୍ରୀତି ପାୱାର |
| ରାତି ୧୧ଟା ୫୦ | ବ୍ୟାଡ୍‌ମିଣ୍ଟନ | ମହିଳା ଯୁଗଳ | ଗ୍ରୁପ୍ ପର୍ଯ୍ୟାୟ | ଅଶ୍ୱିନୀ ପୋନାପ୍ପା ଓ ତନିଶା |

## ୧୨ବର୍ଷର ପଦକ ମରୁଡ଼ି ଶେଷ କରିବା ଲକ୍ଷ୍ୟରେ ଭାରତୀୟ ସୁଟର୍

**ପ୍ୟାରିସ,୨୬।୭(ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସରେ ଏଥର ଭାରତୀୟ ସୁଟର ପଦକ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଅଲିମ୍ପିକ୍ସ ଇତିହାସରେ ଭାରତ ଏପର୍ଯ୍ୟନ୍ତ ୩୫ଟି ପଦକ ହାସଲ କରିଥିବା ବେଳେ ସୁଟିଂରୁ ୪ଟି ପାଇଛି। କିନ୍ତୁ ଗତ ୧୨ବର୍ଷ ହେବ ଅର୍ଥାତ ଗତ ଦୁଇଟି ସଂସ୍କରଣ ଯଥା ଟୋକିଓ ଓ ରିଓ ଅଲିମ୍ପିକ୍ସରେ ଭାରତୀୟ ସୁଟରମାନେ ପଦକ ହାସଲ କରିବାରେ ବିଫଳ ହୋଇଛନ୍ତି ଓ ଖାଲି ହାତରେ ଘରକୁ ଫେରିଛନ୍ତି। ଏଥର ଅଲିମ୍ପିକ୍ସରେ ଭାରତର ୨୧ ଜଣିଆ ସୁଟର ଦଳ ଅଂଶଗ୍ରହଣ କରିବ। ଫଳରେ ଭାରତୀୟ ସୁଟରଙ୍କ ଉପରେ ଅତିରିକ୍ତ ଚାପ ସୃଷ୍ଟି ହୋଇଛି। ଜାତୀୟ ରାଇଫଲ ମହାସଂଘ (ଏନ୍‌ଆରଏଆଇ) ଭାରତ ସୁଟିରେ ପଦକ ଜିତିବା ନେଇ ଆଶାବାଦୀ ରହିଛି। ଅଲିମ୍ପିକ୍ସର ସବୁ ୧୫ଟି ଯାକ ଇଭେଣ୍ଟର ଭାରତୀୟ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ୨୨ ବର୍ଷୀୟା ମହିଳା ସୁଟର ମନୁ ଭାକର ଓ ସିଫ୍ଟ କୌର ସମରାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ସେ ୩ଟି ଇଭେଣ୍ଟ ଯଥା ୧୦ମି ଏୟାର ପିସ୍ତଲ, ୨୫ମିଟର ପିସ୍ତଲ ଓ ୧୦ମି ଏୟାର ପିସ୍ତଲ ମିକ୍ସଡ ଟିମ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ସେ ଅତିକମ୍‌ରେ ଗୋଟିଏ ଇଭେଣ୍ଟରେ ପଦକ ହାସଲ କରିବେ ବୋଲି ଆଶା କରାଯାଉଛି। ଏଥର ଭାରତ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଚୀନ୍। ଚୀନ୍ ମଧ୍ୟ ୨୧ ଜଣିଆ ସୁଟର ଦଳ ପ୍ୟାରିସ ପଠାଇଛି।

## ରବିବାର ତୀରନ୍ଦାଜୀ ମହିଳା ଦଳ କ୍ୱାର୍ଟର ଖେଳିବ



**ପ୍ୟାରିସ୍,୨୬।୭(ଏଜେନ୍ସି):** ଭାରତ ତୀରନ୍ଦାଜୀ ଦଳ ପାଇଁ ପ୍ୟାରିସ ଅଲିମ୍ପିକ୍ସରେ ପଦକ ହାସଲର ସୁଯୋଗ ସୃଷ୍ଟି ହୋଇଛି। ଭଜନ କୌର, ଦୀପିକା କୁମାରୀ ଓ ଅଙ୍କିତା ଭକତଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ଆଉ ଦୁଇଟି ମୁକାବିଲରେ ବିଜୟୀ ହେଲେ ପଦକ ହାସଲ କରି ଇତିହାସ ସୃଷ୍ଟି କରିବ। ଏହି ଦଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ଶ୍ରେଷ୍ଠ ଚତୁର୍ଥ ସ୍ଥାନରେ ରହି କ୍ୱାର୍ଟରକୁ ଉଠିଛନ୍ତି। ଫଳରେ ଭାରତ ପରବର୍ତ୍ତୀ ରାଉଣ୍ଡରେ ଶକ୍ତିଶାଳୀ କୋରିଆ ଦଳକୁ ନ ଭେଟିବା ସ୍ପଷ୍ଟ ହୋଇଛି। ତେଣୁ ଭାରତ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ରବିବାର କ୍ୱାର୍ଟରରେ ଭାରତୀୟ ମହିଳା ଦଳ ଫ୍ରାନ୍ସ କିମ୍ବା ନେଦରଲାଣ୍ଡସକୁ ଭେଟିବ। କ୍ୱାର୍ଟର ଜିତିଲେ ଭାରତ ସେମିଫାଇନାଲରେ ପ୍ରବେଶ କରିବ। ମହିଳା ଦଳ ୧୯୮୩ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଥିଲା। ଯଦି ଭାରତ କ୍ୱାର୍ଟରରେ ବିଜୟୀ ହୁଏ ତେବେ କୋରିଆକୁ ଭେଟିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି ଧୀରଜ ବୋମ୍ମାଦେବରା, ତରୁଣଦୀପ ରାୟ ଓ ପ୍ରବୀଣ ଯାଦବଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ତୀରନ୍ଦାଜୀ ଦଳ ୨୯ ତାରିଖ ଅର୍ଥାତ ସୋମବାର କ୍ୱାର୍ଟର ଫାଇନାଲ ଖେଳିବ ଓ ବିଜୟୀ ହେଲେ ଏହି ଦିନ ସେମିଫାଇନାଲ ଖେଳିବ।

# ପ୍ୟାରିସ ଅଲିମ୍ପିକ୍ସ କ୍ରୀଡ଼ା ଗ୍ରାମ

**ପ୍ୟାରିସ,୨୬।୭(ଏଜେନ୍ସି):** ଶୁକ୍ରବାରଠାରୁ ପ୍ୟାରିସ ଅଲିମ୍ପିକ୍ସ ଆୟୋଜନ ହେବାକୁ ଯାଉଥିବା ବେଳେ କ୍ରୀଡ଼ାଗ୍ରାମରେ ଆଥଲେଟମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ଓ ଭିତ୍ତିଭୂମିର ଭିଡିଓ ଓ ଫଟୋ ଭାଇରାଲ ହୋଇଛି। ଏହାକୁ ଇଣ୍ଟରନେଟ୍ ୟୁଜରମାନେ ବେଶ୍ ପସନ୍ଦ କରିଛନ୍ତି। ଏହି ଅତ୍ୟାଧୁନିକ କ୍ରୀଡ଼ାଗ୍ରାମ ବେଶ୍ ଉଚ୍ଚକୋଟୀର ହୋଇଛି ଓ ଆଥଲେଟମାନେ ଏଠାରେ ବେଶ୍ ଖୁସିରେ ଅଛନ୍ତି।

### ସିଟି ସେଣ୍ଟରଠାରୁ ୬ କିମି ଦୂରରେ

ପ୍ୟାରିସର ସେଣ୍ଟ-ଡେନିସ୍‌ରେ ଏହି କ୍ରୀଡ଼ାଗ୍ରାମ ୧୩୪ ଏକର ଜମି ଉପରେ ନିର୍ମାଣ କରାଯାଇଛି। ପ୍ୟାରିସ ସିଟି ସେଣ୍ଟରଠାରୁ ଏହି କ୍ରୀଡ଼ାଗ୍ରାମ ୬ କିମି ଦୂରରେ ଅବସ୍ଥିତ। ଏହି କ୍ରୀଡ଼ାଗ୍ରାମ ଉଚ୍ଚକୋଟୀର ଓ ଆଥଲେଟମାନଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରାଇବାରେ ସହାୟ ହେବ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ତରଫରୁ କୁହାଯାଇଛି।

### ଖେଳାଳିଙ୍କ ପାଇଁ କାର୍ଡବୋର୍ଡ ବିଛଣା

ଆଥଲେଟଙ୍କ ପାଇଁ ସେମାନଙ୍କ କୋଠାରୀରେ କାର୍ଡବୋର୍ଡ ବେଡ୍ ବା ବିଛଣା ବ୍ୟବସ୍ଥା କରାଯାଇଛି ଓ ଏହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଏହି ବିଛଣାକୁ ‘ଆଣ୍ଟି ସେକ୍ସ ବେଡ୍’ ମଧ୍ୟ କୁହାଯାଉଛି। ଏହି ବିଛଣାର ଉପରି ଭାବେ ଅତ୍ୟନ୍ତ କଠିନ ହୋଇଥିବାରୁ ଏହାର ନାମକରଣ ଏପରି କରାଯାଇଛି। ଗତ ଟୋକିଓ ଅଲିମ୍ପିକ୍ସରେ ଏହି ପ୍ରକାର ବିଛଣାର ବ୍ୟବହାର ହୋଇଥିଲା।

### ଆଥଲେଟଙ୍କ ପାଇଁ ମାଗଣା ୩ ଲକ୍ଷ କଣ୍ଡମ

ଅଲିମ୍ପିକ୍ସରେ ଭାଗନେବାକୁ ଥିବା ଆଥଲେଟମାନଙ୍କ ପାଇଁ ଆୟୋଜକମାନେ ୩ ଲକ୍ଷ କଣ୍ଡମର ବ୍ୟବସ୍ଥା କରିଛନ୍ତି। ସୁରକ୍ଷିତ ଯୌନ ସମ୍ପର୍କ ରକ୍ଷା ପାଇଁ ଏପରି ବ୍ୟବସ୍ଥା କରାଯାଇଛି। ଆୟୋଜକଙ୍କ ଏହି ବ୍ୟବସ୍ଥାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।



### ରେଷ୍ଟୁରାଣ୍ଟରେ ଦିନକୁ ୪୦ ହଜାର ଥାଳିର ବ୍ୟବସ୍ଥା

କ୍ରୀଡ଼ାଗ୍ରାମର ମୁଖ୍ୟ ରେଷ୍ଟୁରାଣ୍ଟ ୨୪ ଘଣ୍ଟା ଖୋଲା ରହିବ ଓ ପ୍ରତିଦିନ ୪୦,୦୦୦ ଥାଳି ଭୋଜନର ବ୍ୟବସ୍ଥା ହୋଇଛି। କ୍ରୀଡ଼ାଗ୍ରାମ୍‌ରେ ଫିଟ୍‌ନେସ ସେଣ୍ଟର ମଧ୍ୟ ସ୍ଥାପନ କରାଯାଇଛି। ଏଠାରେ ୧୧ଟି ଲଣ୍ଡ୍ରିର ବ୍ୟବସ୍ଥା କରାଯାଇଛି ଓ ଦିନକୁ ଏଠାରେ ୧୮ ହଜାର ପାଉଣ୍ଡର କପଡା ସଫା ହୋଇପାରିବ।

### ବିଭିନ୍ନ ଧର୍ମାବଲମ୍ବୀଙ୍କ ପାଇଁ ପ୍ରାର୍ଥନାର ବ୍ୟବସ୍ଥା

ବିଭିନ୍ନ ଧର୍ମକୁ ଅନୁସରଣ କରୁଥିବା ଆଥଲେଟ୍ ତଥା ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ପ୍ରାର୍ଥନା ଗୃହର ବ୍ୟବସ୍ଥା କରାଯାଇଛି। ଇସଲାମ, ଇହୁଦୀ, ବୌଦ୍ଧ, ହିନ୍ଦୁ ଧର୍ମର ଖେଳାଳି ଓ ବ୍ୟକ୍ତିମାନେ ପ୍ରାର୍ଥନ କରିବାକୁ ସୁବିଧା ସୁଯୋଗ ପାଇବେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

# ପ୍ୟାରିସ୍ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବର ଝଲକ୍
































